# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ପୃଷ୍ଠା–୮+୮

ଭୁବନେଶ୍ୱର, ଶନିବାର, ଜାନୁଆରୀ ୧୦/୨୦୨୬ (୮+୮=୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, January 10/2026 Page 16 ₹ 7.00

୫୨ଶ ଭାଗ ୪୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 48 ମୂଲ୍ୟ ₹୭/-







## ସୌରଶକ୍ତି ପାଇଁ ୧୦ହଜାର କୋଟି ନିବେଶ ହେବ

### ୧୧ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍‌ର ଅନୁମୋଦନ

ଭୁବନେଶ୍ୱର,୯।୧
(ରବିନାରାୟଣ ଜେନା)

ରାଜ୍ୟ କ୍ୟାବିନେଟ ଶୁକ୍ରବାର ୧୧ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି। ଲୋକସେବା ଭବନର ତୃତୀୟ ମହଲାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଗଣମାଧ୍ୟମକୁ କହିଛନ୍ତି, ୮ ବିଭାଗ ପକ୍ଷରୁ ଆଗତ ସମସ୍ତ ୧୧ ପ୍ରସ୍ତାବକୁ ମଞ୍ଜୁରି ମିଳିଛି। ସେଥିମଧ୍ୟରେ ଶିଳ୍ପ ବିଭାଗର ଟାଟା ପାୱାର ନବୀକରଣୀୟ ଶକ୍ତି ଲିମିଟେଡ୍‌ର ସମନ୍ୱିତ ସୌର ଉତ୍ପାଦନ ସୁବିଧାକୁ କ୍ୟାବିନେଟ ଅନୁମୋଦନ କରିଛି। ଏହା ଇନ୍‌ଗଟ୍ ଏବଂ ୱାଫେର୍ ନିର୍ମାଣଠାରୁ ସୌର ସେଲ୍ ଉତ୍ପାଦନ ପର୍ଯ୍ୟନ୍ତ ଭ୍ୟାଲୁଚେନ୍‌କୁ ପ୍ରତିଷ୍ଠା କରିବ। ଏହି ପ୍ରକଳ୍ପ ୨ଟି ପର୍ଯ୍ୟାୟରେ ବିକଶିତ ହେବ ଏବଂ ଏଥିରେ ୧୦ ଜିଡବ୍ଲ୍ୟୁ ଇନ୍‌ଗଟ୍-ୱାଫେର୍ ଏବଂ ୫ ଜିଡବ୍ଲ୍ୟୁ ସେଲ୍ ଉତ୍ପାଦନ ହେବ। ଏଥିରେ ପ୍ରାୟ ୧୦ ହଜାର କୋଟି ଟଙ୍କାର ନିବେଶ ହେବାକୁ ରହିଥିବାବେଳେ ୫,୦୦୦ରୁ ଅଧିକ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ, ଯାହା ଉଚ୍ଚ-ଦକ୍ଷତା-କୁଶଳୀ ନିଯୁକ୍ତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହେବ। ଏହା ଅକ୍ଷୟ ଶକ୍ତି ଉତ୍ପାଦନର ଅନୁକୂଳ ପରିବେଶ ସୃଷ୍ଟି ☞ ପୃଷ୍ଠା-୪






**ଆଜିର ସମ୍ପାଦକୀୟ** ଲାଟେରାଲ ଏଣ୍ଟ୍ରିରେ ସମସ୍ୟା




**ଗାଡ଼ି ଧକ୍କାରେ ଯୁବକ ମୃତ**

ପଟ୍ଟାଙ୍ଗି,(ଶରତ କୁମାର ଧଳ): କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ଥାନା କୁଦୁଲିସ୍ଥିତ ଗୁରୁକୁଳ ଆଶ୍ରମ ନିକଟରେ ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ଗୁରୁବାର ରାତିରେ ମୃତ୍ୟୁ ହୋଇଛି। ମୃତକ ହେଲେ ପଟ୍ଟାଙ୍ଗି ବ୍ଲକ୍ ଓଏଡିଙ୍ଗ ପଞ୍ଚାୟତ ଘଲପୁଟ୍ରା ଗ୍ରାମର ଗଙ୍ଗାଧର ପାମିଡ୍ରା। ସୂଚନାନୁଯାୟୀ, ଗୁରୁବାର ରାତିରେ ଗଙ୍ଗାଧର ଘରକୁ ଆସି ବାଇକ୍‌ରେ ସେମିଳିଗୁଡା ଫେରୁଥିବା ବେଳେ ଏକ ଅଜଣା ଗାଡ଼ି ତାଙ୍କୁ ପଛ ପଟରୁ ଧକ୍କା ଦେଇଥିଲା। ଏଥିରେ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ପଟ୍ଟାଙ୍ଗି ପୋଲିସ ପହଞ୍ଚି ମୃତଦେହ ସହ ବାଇକ୍‌କୁ ଜବତ କରି ତଦନ୍ତ ଆରମ୍ଭ କରିଛି। ଗଙ୍ଗାଧର ସେମିଳିଗୁଡାସ୍ଥିତ ଏକ କଲେଜର ଯୁକ୍ତ ୨ର ଦ୍ୱିତୀୟ ବର୍ଷ ଛାତ୍ର।

# ଶିମିଳିପାଳରେ ମାଇନସ୍ ୧ ଡିଗ୍ରୀ, ତୁଷାରପାତ



ଶିମିଳିପାଳର ଉପର ବାରହାକାମୁଡ଼ାରେ ହୋଇଥିବା ତୁଷାରପାତ।

**୧୨ ବର୍ଷର ରେକର୍ଡ ଭାଙ୍ଗିଲା**

**୩.୬ ଡିଗ୍ରୀ ସହ ରାଉରକେଲା ଦେଶର ୪ର୍ଥ ଥଣ୍ଡା ସହର**

ଭୁବନେଶ୍ୱର, (ବନ୍ଦନା ସେଠୀ)/ ବାରିପଦା,୯।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ସାରା ରାଜ୍ୟରେ ଅସ୍ୱାଭାବିକ ଶୀତ ଲହରି ଜାରି ରହିଛି। ଗାଁଠାରୁ ସହର ସବୁଠି ହାଡ଼ଭଙ୍ଗା ଶୀତରେ ଥରୁଛି ପୁରା ଓଡ଼ିଶା। ରାଜଧାନୀ ଭୁବନେଶ୍ୱର ହେଉ ଅବା ପାହାଡ଼ିଆ ଓ ସମତଳ ଅଞ୍ଚଳରେ ରେକର୍ଡ ପରେ ରେକର୍ଡ ଭାଙ୍ଗୁଛି ସର୍ବନିମ୍ନ ତାପମାତ୍ରା। ଶୁକ୍ରବାର ମୟୂରଭଞ୍ଜ ଜିଲ୍ଲା ଶିମିଳିପାଳରେ ସର୍ବନିମ୍ନ ତାପମାତ୍ରା ୧୨ବର୍ଷର ରେକର୍ଡ ଭାଙ୍ଗିଛି। ବୁଧବାର ଓ ଗୁରୁବାର ଶିମିଳିପାଳର ଉପର ବାରହାକାମୁଡ଼ାରେ ତାପମାତ୍ରା ଶୂନ ଡିଗ୍ରୀ ରେକର୍ଡ ହୋଇଥିବାବେଳେ ଶେଷ ୨୪ ଘଣ୍ଟାରେ ଏହା ମାଇନସ୍ ୧ ଡିଗ୍ରୀକୁ ଖସି ଆସିଛି। ୨୦୧୪ ମସିହା ପରେ ଶିମିଳିପାଳରେ ଶୂନ ଡିଗ୍ରୀ ତଳକୁ ପାରଦ ଖସି ନ ଥିଲା। ଏଥିସହ ଏହି ଅଞ୍ଚଳରେ ତୁଷାରପାତ ହୋଇଥିବା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ.ପ୍ରକାଶ ଚାନ୍ଦ ଗୋଗିନେନୀ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ଆଞ୍ଚଳିକ ପାଣିପାଗ ବିଭାଗର ସୂଚନାନୁସାରେ, ସର୍ବନିମ୍ନ ରାତ୍ରି ତାପମାତ୍ରା ଅନୁଯାୟୀ ସମତଳ ଅଞ୍ଚଳ ମଧ୍ୟରେ ରାଉରକେଲା ଦେଶର ଚତୁର୍ଥ ଥଣ୍ଡା ସହର ଭାବେ ପରିଣତ ହୋଇଥିଲା। ଏଠାରେ ସର୍ବନିମ୍ନ ତାପମାତ୍ରା ୩.୬ ଡିଗ୍ରୀ ରହିଥିଲା। ଉତ୍ତରାଖଣ୍ଡର ପନ୍ତନଗରଠାରେ ସର୍ବନିମ୍ନ ତାପମାତ୍ରା ୨.୫ ଡିଗ୍ରୀ ରହିଥିବାବେଳେ ଏହା ଦେଶର ପ୍ରଥମ ଥଣ୍ଡା ସହର ପାଲଟିଥିଲା। ଏହା ପଛକୁ ୩.୨ ଡିଗ୍ରୀ ସହିତ ଦ୍ୱିତୀୟ ସ୍ଥାନରେ ଝାଡ଼ଖଣ୍ଡର ଡାଲଟନଗଞ୍ଜ, ୩.୪ ଡିଗ୍ରୀ ସହିତ ତୃତୀୟ ସ୍ଥାନରେ ଉତ୍ତରପ୍ରଦେଶ ରାଜ୍ୟର ଆଲିଗଡ ସହର ଏବଂ ଚତୁର୍ଥ ସ୍ଥାନରେ ରାଉରକେଲା ସହର ରହିଛି। ଶୁକ୍ରବାର ରାଜ୍ୟର ୨୩ଟି ସହରର ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିଲା।

ରାଜଧାନୀ ଭୁବନେଶ୍ୱରରେ ସର୍ବନିମ୍ନ ତାପମାତ୍ରା ୯.୪ ଡିଗ୍ରୀ ରହିବା ସହ ପୁଣି ଥରେ ୧୯୫୨ ମସିହାର ରାତି ତାପମାତ୍ରାକୁ ଦୋହରାଇଥିଲା। କଟକରେ ମଧ୍ୟ ଜାନୁଆରୀର ୫ମ ସର୍ବନିମ୍ନ ରାତି ତାପମାତ୍ରା ରେକର୍ଡ ହୋଇଛି। ସେହିପରି ଜି. ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୨.୬ ଡିଗ୍ରୀ, ରାଉରକେଲା ୩.୬, ସେମିଳିଗୁଡା ୪.୧, ଝାରସୁଗୁଡା ୪.୬, ଫୁଲବାଣୀ ୫, କିରେଇ ୫.୭, ଦାରିଙ୍ଗବାଡ଼ି ୬, ସୁନ୍ଦରଗଡ଼ ୬.୫, ଅନୁଗୋଳ ୭, ନବରଙ୍ଗପୁର ୭.୫, ଢେଙ୍କାନାଳ ୭.୬, ଭବାନୀପାଟଣା ୭.୮, କେନ୍ଦୁଝର ୭.୯, ବଲାଙ୍ଗୀର ୮.୧, ରାଣୀତାଲ ୮.୪, ବାରିପଦା ଓ ମହିଷାପାଟ ୮.୬ ଡିଗ୍ରୀ, ସୋନପୁର ୯, ସମ୍ବଲପୁର ୯.୨ ଓ କୋରାପୁଟରେ ୯.୫ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ଏହାବାଦ୍ ଶନିବାର ଖୋର୍ଦ୍ଧା, କଟକ, ଅନୁଗୋଳ, ସୁନ୍ଦରଗଡ ଏବଂ ଝାରସୁଗୁଡାରେ ପ୍ରବଳ ଥଣ୍ଡା ନେଇ ୟେଲୋ ୱାର୍ନିଂ ଜାରି ହୋଇଛି।

# ଯୁବବର୍ଗ ଦକ୍ଷ, ଆତ୍ମବିଶ୍ୱାସୀ ହେଲେ ଭବିଷ୍ୟତ ଉଜ୍ଜ୍ୱଳ ହେବ: ମୁଖ୍ୟମନ୍ତ୍ରୀ

**ଓଡ଼ିଶା ଦକ୍ଷତା ପ୍ରତିଯୋଗିତାର ସମାପନୀ ସମାରୋହ**

- ମୁଖ୍ୟମନ୍ତ୍ରୀ ଦକ୍ଷତା ପୁରସ୍କାର: ୫୪ ଜଣଙ୍କୁ ସ୍ୱର୍ଣ୍ଣ, ୫୩ଙ୍କୁ ରୌପ୍ୟ ଓ ୫୦ଜଣଙ୍କୁ ବ୍ରୋଞ୍ଜ ପଦକ
- ୪୭ ଆଇଟିଆଇ ହେବ ସେଣ୍ଟର ଅଫ୍ ଏକ୍ସିଲେନ୍ସ, ୯ଟିରେ ଏଆଇ ଲାବ୍



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଓ ଅଧିକାରୀଙ୍କ ସହ 'ମୁଖ୍ୟମନ୍ତ୍ରୀ ଦକ୍ଷତା ପୁରସ୍କାର' ବିଜେତାମାନେ।

ଭୁବନେଶ୍ୱର, ୯।୧(ସୁଚିସ୍ମିତା ସାହୁ)

ଓଡ଼ିଶାରେ ଏବେ ବ୍ୟାପକ ଶିଳ୍ପାୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ନିଜକୁ କୌଣସି କ୍ଷେତ୍ରରେ ଦକ୍ଷ କରାନ୍ତୁ, ଆମରି ଓଡ଼ିଶାରେ ହିଁ ଆପଣଙ୍କୁ ନିଯୁକ୍ତି ମିଳିବ। ଦକ୍ଷତା କ୍ଷେତ୍ରର ସମସ୍ତସ୍ତରରେ ଉତ୍କର୍ଷତା ହାସଲ କରିବା ଆମର ଲକ୍ଷ୍ୟ। ରାଜ୍ୟର ଦୀର୍ଘସ୍ଥାୟୀ ବିକାଶ ଓ ଅର୍ଥନୈତିକ ଉନ୍ନତି ପାଇଁ ଦକ୍ଷତା ଜରୁରୀ ଆବଶ୍ୟକ। ଆମର ଯୁବବର୍ଗ ଦକ୍ଷ ଏବଂ ଆତ୍ମବିଶ୍ୱାସୀ ହେଲେ ହିଁ ସେମାନେ ନିଜ ଭବିଷ୍ୟତକୁ ଉଜ୍ଜ୍ୱଳ କରି ଗଢ଼ିପାରିବେ, ଯାହା ୨୦୩୬ ସମୃଦ୍ଧ ଓଡ଼ିଶା ଓ ୨୦୪୭ ବିକଶିତ ଭାରତର ପରିକଳ୍ପନାକୁ ସାକାର କରିପାରିବ। ଯୁବବର୍ଗଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେଲେ, ଓଡ଼ିଶାର ଭବିଷ୍ୟତ ମଧ୍ୟ ଉଜ୍ଜ୍ୱଳ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଶୁକ୍ରବାର ଲୋକସେବାଭବନ କନ୍‌ଭେନ୍‌ଶନ ସେଣ୍ଟରଠାରେ ଓଡ଼ିଶା ଦକ୍ଷତା ପ୍ରତିଯୋଗିତା ୨୦୨୫-୨୬ର ସମାପନୀ ସମାରୋହ ଅନୁଷ୍ଠିତ ହୋଇଥିଲା। ସମାରୋହରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ଯୋଗଦେଇ ବିଜେତାଙ୍କୁ 'ମୁଖ୍ୟମନ୍ତ୍ରୀ ଦକ୍ଷତା ପୁରସ୍କାର' ପ୍ରଦାନ କରିଥିଲେ। ଏହି ଅବସରରେ ସେ ରାଜ୍ୟର ଦକ୍ଷ ଓ ଯୁବ କୁଶଳୀ ଛାତ୍ରୀଛାତ୍ରଙ୍କୁ ଆହୁରି ଉତ୍ସାହିତ କରିବାକୁ ଯାଇ କହିଲେ, ଆମର ଶିଳ୍ପାୟନ ଲକ୍ଷ୍ୟର ତିନୋଟି ମୁଖ୍ୟ ସ୍ତମ୍ଭ ହେଉଛି- ଭିତ୍ତିଭୂମି, ଶିଳ୍ପ ସ୍ଥାପନ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ଏବଂ ଦକ୍ଷତା। ଏ ସବୁ କ୍ଷେତ୍ରକୁ ସୁଦୃଢ଼ କରି ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ଇକୋ-ସିଷ୍ଟମକୁ ଶ୍ରେଷ୍ଠ କରିବା ପାଇଁ ଉଦ୍ୟମ ଜାରି ରହିଛି। ଗତ ୧୮ମାସ ମଧ୍ୟରେ ୬.୧୫ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପକୁ ମଞ୍ଜୁରୀ ଦିଆଯାଇଛି, ଯାହାଦ୍ୱାରା ୩ ଲକ୍ଷ ୬୪ ହଜାର ନିଯୁକ୍ତି ସୃଷ୍ଟି ହୋଇପାରିବ। କ୍ୟାବିନେଟରେ ଉତ୍କର୍ଷ ଆଇଟିଆଇ ସ୍କିମ୍‌କୁ ଅନୁମୋଦନ କରାଯାଇଛି। ରାଜ୍ୟର ୪୭ଟି ଆଇଟିଆଇକୁ ସେଣ୍ଟର ଅଫ୍ ଏକ୍ସିଲେନ୍ସରେ ପରିଣତ କରିବା ସହିତ ଏଠାରେ ଭିତ୍ତିଭୂମିରେ ଉନ୍ନତି ଏବଂ ଅତ୍ୟାଧୁନିକ ସ୍କିଲ ମାଧ୍ୟମରେ ଟ୍ରେନିଂ ଦିଆଯାଇପାରିବ। ସେହିପରି କୃତ୍ରିମ ବୁଦ୍ଧିମତ୍ତା (ଏଆଇ) କ୍ଷେତ୍ରରେ ଦକ୍ଷତା ହାସଲ ପାଇଁ ରାଜ୍ୟର ୯ଟି ଆଇଟିଆଇରେ ଏଆଇ ଲାବ ଖୋଲାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଲେ, ଓଡ଼ିଶା ଦକ୍ଷତା ପ୍ରତିଯୋଗିତା ନୂତନ ଓଡ଼ିଶାର ସାମୂହିକ ଆକାଂକ୍ଷାକୁ ପ୍ରଦର୍ଶନ କରୁଛି। ଏହା ପ୍ରତିଭା ଚିହ୍ନଟ, ଉତ୍କର୍ଷତାକୁ ପ୍ରୋତ୍ସାହନ ଏବଂ ବୃହତ୍ ଜାତୀୟ ଓ ଅନ୍ତର୍ଜାତୀୟ ସୁଯୋଗ ଦେଇପାରିଛି। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଲେ, ସବୁ ଛାତ୍ରୀଛାତ୍ରମାନେ ସୃଜନଶୀଳତା ଉପରେ ନିଜକୁ ଦକ୍ଷ କରିବା ଦରକାର। ନିଜ କଥାବାର୍ତ୍ତା, ଚାଲିଚଳଣକୁ ବଦଳାଇବାକୁ ପଡ଼ିବ। ପିଲାମାନଙ୍କୁ କେବଳ ଓଡ଼ିଶାସ୍ତରରେ ନୁହେଁ, ବରଂ ବିଶ୍ୱସ୍ତରରେ ଦକ୍ଷ କରିବାକୁ ପଡ଼ିବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ଦେଓ ରଞ୍ଜନ କୁମାର ସିଂହ, ବିଭାଗୀୟ କମିଶନର ଭୂପେନ୍ଦ୍ର ସିଂ ପୁନିଆ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଦକ୍ଷତା ପ୍ରତିଯୋଗିତାରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୫୪ ଜଣଙ୍କୁ ସ୍ୱର୍ଣ୍ଣ, ୫୩ ଜଣଙ୍କୁ ରୌପ୍ୟ ଏବଂ ୫୦ ଜଣଙ୍କୁ ବ୍ରୋଞ୍ଜ ପଦକ ଦେଇ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଥିଲେ। ଏଥିସହ ସ୍ୱର୍ଣ୍ଣ ବିଜେତାଙ୍କୁ ୨୫ ହଜାର, ରୌପ୍ୟ ବିଜେତାଙ୍କୁ ୨୦ ହଜାର ଏବଂ ବ୍ରୋଞ୍ଜ ବିଜେତାଙ୍କୁ ୧୫ ହଜାର ଟଙ୍କାର ଅର୍ଥରାଶି ସହ ମାନପତ୍ର ଦିଆଯାଇଥିଲା। ଏହି ରାଜ୍ୟସ୍ତରୀୟ ବିଜେତାମାନେ ଜାତୀୟସ୍ତରରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବା ସହିତ ପରବର୍ତ୍ତୀ ସମୟରେ ୱାର୍ଲ୍ଡ ସ୍କିଲ୍ସ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

# ମହିନ୍ଦ୍ରା ଏକ୍ସୟୁଭି ୭ଏକ୍ସଓ, ଏକ୍ସଇଭି ୯ ଏସ୍‌ର ବଜାର ପ୍ରବେଶ




ଭୁବନେଶ୍ୱର,୯।୧(ଅନୁରାଧା ମହାରଣା)

ଆଦିତ୍ୟ ମୋଟର୍ସ ଓ ଉତ୍କଳ ଅଟୋମୋବାଇଲସ୍ ପକ୍ଷରୁ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା କମ୍ପାନୀ ନୂଆ ଏକ୍ସୟୁଭି୭ଏକ୍ସଓ ଏବଂ ଏକ୍ସଇଭି ୯ ଏସ୍ ଶୁକ୍ରବାର ବଜାର ପ୍ରବେଶ କରାଯାଇଛି। ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଅନାବରଣ କାର୍ଯ୍ୟକ୍ରମରେ ଆଦିତ୍ୟ ମୋଟର୍ସର ଏମ୍‌ଡି ଆଦିତ୍ୟ ପାତ୍ର ଏବଂ ଉତ୍କଳ ଅଟୋମୋବାଇଲ୍‌ସର ସୌନକ ପାରିଖ ଉପସ୍ଥିତ ଥିଲେ। ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା କମ୍ପାନୀ ନୂଆ ଏକ୍ସୟୁଭି ୭ଏକ୍ସଓର ଆରମ୍ଭ ମୂଲ୍ୟ ୧୩.୬୬ ଲକ୍ଷ ଟଙ୍କା (ଏକ୍ସ-ଶୋ'ରୁମ) ରହିଛି। ଏହା ବିଶ୍ୱର ପ୍ରଥମ ଡାଭିନ୍ସି ସସ୍‌ପେନ୍‌ସନ ସିଷ୍ଟମ, ଭାରତର ପ୍ରଥମ ଆଇସିଇ ଏସ୍‌ୟୁଭିରେ ସବୁ ଭାରିଆଣ୍ଟରେ କୋଷ୍ଟ-ଟୁ-କୋଷ୍ଟ ଟ୍ରିପଲ ସ୍କ୍ରିନ, ପ୍ରଥମ ସଫ୍ଟୱେର ଡିଫାଇନ୍ଡ ଭେଇକଲ (ଏସ୍‌ଡିଭି), ଡଲବି ଆଟମସ ଓ ଡଲବି ଭିଜନ ଏକ୍ସପେରିଏନ୍ସ ଏବଂ ଲେଭଲ ୨ ଆଡାସ୍ ସହିତ ଡାଇନାମିକ ଭିଜୁଆଲାଇଜେସନ ଭଳି ୫ଟି ପାଇଓନିୟରିଂ ଟେକ ଡିସର୍ପସନ ନେଇ ଆସିଛି। ବୁକିଂ ଓ ଡେଲିଭରି ୧୪ ଜାନୁଆରୀ ୨୦୨୬ରୁ ଆରମ୍ଭ ହେବ। ଏହି ଗାଡ଼ି ଉନ୍ନତ ଟେକ୍ନୋଲୋଜି ଓ ସୁରକ୍ଷାକୁ ସବୁଠାରୁ ସୁଲଭ କରିଛି। ସେହିପରି ଇଲେକ୍ଟ୍ରିକ ୭-ସିଟର୍ ଏସ୍‌ୟୁଭି ଏକ୍ସଇଭି ୯ଏସ୍ ଲଞ୍ଚ କରିଛି, ଯାହାର ଆରମ୍ଭ ମୂଲ୍ୟ ୧୯.୯୫ ଲକ୍ଷ ଟଙ୍କା (ଏକ୍ସ-ଶୋ'ରୁମ) ରହିଛି। ଇଙ୍ଗ୍ଲୋ ପ୍ଲାଟଫର୍ମରେ ନିର୍ମିତ ଏହି ଗାଡ଼ି ଏମ୍‌ଏମ୍‌ଆଇଏ ବ୍ରେନ ସହିତ ଆସିଛି। ୭୦ କିଲୋୱାଟ୍ ବ୍ୟାଟେରି ସହ ୧୮୦ କେଡବ୍ଲ୍ୟୁ ପାୱାର ଓ ୩୮୦ ଏନ୍‌ଏମ୍ ଟର୍କ ଦେଇଛି ଏବଂ ଟପ୍ ଭାରିଆଣ୍ଟର ମୂଲ୍ୟ ୨୯.୪୫ ଲକ୍ଷ ଟଙ୍କା ରହିଛି। ମୋଟ ୬ଟି ଭାରିଆଣ୍ଟ ଉପଲବ୍ଧ। ବୁକିଂ ୧୪ ଜାନୁଆରୀ ଆରମ୍ଭ ହେବାକୁ ଥିବାବେଳେ ଡେଲିଭରି ୨୩ ଜାନୁଆରୀରୁ ଆରମ୍ଭ ହେବ। ଆଦିତ୍ୟ ମୋଟର୍ସ ଓ ଉତ୍କଳ ଅଟୋମୋବାଇଲସ୍‌ର ବିରଜା ବଦ୍ରୀ, କୌଶଳ କିଶୋର ଏବଂ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ଉଭୟ ଯାନ ଗ୍ରାହକାଦୃତ ହୋଇପାରିବ ବୋଲି ଆଶା ଥିବା କହିଛନ୍ତି।

# ଖଦି ବୋର୍ଡ ପୁନରୁତ୍ଥାନ ନେଇ ବିଧାନସଭା କମିଟିର ଆଲୋଚନା

ଭୁବନେଶ୍ୱର, ୯।୧(ସୁନିତ୍ ମିଶ୍ର)

ଖଦି, ସ୍ୱଦେଶୀ, ସ୍ୱାଭିମାନ ଓ ସମୃଦ୍ଧିର ପ୍ରତୀକ। ଅଧିକରୁ ଅଧିକ ଖଦି ପିନ୍ଧିଲେ ଗ୍ରାମୀଣ ଅର୍ଥନୀତି ସମୃଦ୍ଧ ହୋଇପାରିବ ବୋଲି ବିଧାନସଭା ପେପର୍ସ ଲେଡ୍ ଅନ୍ ଦ ଟେବୁଲ କମିଟି ସମୀକ୍ଷା ବୈଠକରେ ମତ ପ୍ରକାଶ ପାଇଛି। ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ପରିଦର୍ଶନ ସମୟରେ ଖଦିର ପୁନରୁତ୍ଥାନ ପାଇଁ ଆଲୋଚନାରେ ଏହି ମତ ପ୍ରକାଶ ପାଇଛି। ବିଧାନସଭା କମିଟି ସମ୍ମୁଖରେ ଖଦି ବୋର୍ଡ ସଦସ୍ୟ ଓ ବୁଣାକାରମାନେ ଖଦିର ପୁନରୁତ୍ଥାନ ପାଇଁ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋକପାତ କରିଛନ୍ତି। ଆବଶ୍ୟକ କଞ୍ଚାମାଲ୍ ଯୋଗାଣ, ରିହାତି ବୃଦ୍ଧି, ବୁଣାକାରଙ୍କୁ ଭତ୍ତା ପ୍ରଦାନ, ନୂଆ ଗୋଦାମ ଗୃହ ନିର୍ମାଣ, ଚଳନ୍ତି ପୁଞ୍ଜି, ନୂତନ କର୍ମଚାରୀ ନିଯୁକ୍ତି, ଦକ୍ଷତା ବିକାଶ ପାଇଁ ପ୍ରଶିକ୍ଷଣ, ବିପଣନ, ଡିଜିଟାଲ ମାର୍କେଟିଂ, ନୂତନ ବିକ୍ରୟକେନ୍ଦ୍ର ଖୋଲିବା ଆଦି ପଦକ୍ଷେପ ଗ୍ରହଣ କରିବାକୁ ସେମାନେ ଅନୁରୋଧ କରିଛନ୍ତି।

ସ୍ଥାନୀୟ ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ବୈଠକରେ ବିଧାନସଭା ପେପର୍ସ ଲେଡ୍ ଅନ୍ ଦ ଟେବୁଲ୍ କମିଟି ଅଧ୍ୟକ୍ଷ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, କମିଟି ସଭ୍ୟ ବିଧାୟକ ଅରବିନ୍ଦ ମହାପାତ୍ର, ବିଧାୟକ ରୂପେଶ କୁମାର ପାଣିଗ୍ରାହୀ, ସତ୍ୟଜିତ ଗମାଙ୍ଗୋ, ବୋର୍ଡ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ରେଡ୍ଡୀ, ସଚିବ ସଞ୍ଜୟ ମିଶ୍ର, ବୋର୍ଡ ସଦସ୍ୟା ଅରୁନ୍ଧତୀ ଦେବୀ ପ୍ରମୁଖ ଉପସ୍ଥିତ ଥିଲେ।

# ଦନ୍ତା ଆକ୍ରମଣରେ ୩ ମୃତ

କରଞ୍ଜିଆ,୯।୧(କବିତା ମହାନ୍ତ)

ମୟୂରଭଞ୍ଜ ଜିଲ୍ଲା ରରୁଆଁ ବ୍ଲକ୍ ସୀମାନ୍ତ ଝାଡ଼ଖଣ୍ଡର ବେନିସାଗର ଗ୍ରାମରେ ଗୋଠଛଡ଼ା ଦନ୍ତାହାତୀ ଆକ୍ରମଣରେ ୩ଜଣଙ୍କ ମୃତ୍ୟୁ ଘଟିଛି। ଗୁରୁବାର ବିଳମ୍ବିତ ରାତିରେ ହାତୀ ଦେଖିବାକୁ ଘରୁ ବାହାରକୁ ବାହାରିଥିବା ବେଳେ ୨ଯୁବକଙ୍କୁ ହାତୀ ପାଦରେ ଦଳି ଦେଇଥିଲା। ଶୁକ୍ରବାର ଅପରାହ୍ନରେ ଆଉ ଜଣଙ୍କୁ ମଧ୍ୟ ହାତୀ ଦଳି ମାରି ଦେଇଥିବା ସୂଚନା ମିଳିଛି। ଝାଡ଼ଖଣ୍ଡ ବନ ବିଭାଗ କର୍ମଚାରୀ ପହଞ୍ଚି ମୃତଦେହ ପାଖରେ ଜଗିରହିଥିବା ନରହନ୍ତା ଦନ୍ତାକୁ ଘଉଡ଼ାଇଥିଲେ। ଏନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଛି। ନରହନ୍ତା ଦନ୍ତାକୁ ଟ୍ରାଙ୍କୁଲାଇଜ୍ କରିବା ପାଇଁ ସେଠାକାର ଲୋକେ ଦାବି କରିଛନ୍ତି। ମୃତ ୩ ଜଣଙ୍କର ପରିଚୟ ମିଳିପାରିନାହିଁ।

# ଜିଜିଆ କର ବନ୍ଦକର: ଭକ୍ତ

ଭୁବନେଶ୍ୱର,୯।୧ (ରବିନାରାୟଣ ଜେନା)

ପ୍ରଦୂଷଣ ନାଁରେ ସରକାର ଜନସାଧାରଣଙ୍କ ଉପରେ ଲଗାଇଥିବା ଜିଜିଆ କରକୁ ତୁରନ୍ତ ବନ୍ଦ କରନ୍ତୁ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭକ୍ତ କହିଛନ୍ତି, ସରକାର ସାଧାରଣ ଲୋକଙ୍କ ଉପରେ କୌଣସି ମାନଦଣ୍ଡ ନ ଥାଇ ମନଇଚ୍ଛା ଫାଇନ୍ ଅସୁଲ କରୁଛନ୍ତି। ଗୋଟିଏ ପଟେ ସରକାର ବେକାର ଯୁବବର୍ଗଙ୍କୁ ଚାକିରି ଯୋଗାଇ ପାରୁ ନ ଥିବାବେଳେ ସେମାନଙ୍କଠାରୁ ଜୋର ଜୁଲମ୍ କରି ଫାଇନ ଆଦାୟ କରୁଛନ୍ତି। ଏହାକୁ ନେଇ ଲୋକେ ଅତିଷ୍ଠ ହୋଇପଡ଼ିଲେଣି।

ଭକ୍ତ କହିଛନ୍ତି, ବଡ଼ ବଡ଼ ଶିଳ୍ପରୁ କେତେ ପ୍ରଦୂଷଣ ହେଉଛି ତା'ର ହିସାବ ସରକାର ଦେଇପାରିବେ ନାହିଁ, ଏପଟେ ଝିଣ୍ଟିକା ମାରି ବଣି ପୋଷିବା ନୀତିରେ ଗରିବଙ୍କ ତଣ୍ଟି ଧରିଛନ୍ତି। ଫେବୃଆରୀରେ ଏନେଇ ବିଧାନସଭା ଘେରାଉ ହେବ ଓ ସରକାରଙ୍କୁ କଂଗ୍ରେସ ଜବାବ ମାଗିବ। ଭକ୍ତ କହିଛନ୍ତି, ପୁରୀସ୍ଥିତ ଭକ୍ତ ନିବାସରେ ରହୁଥିବା ଜଗନ୍ନାଥ ଦର୍ଶନାଭିଳାଷୀଙ୍କ ଗାଡ଼ି ଉପରେ କର କାହିଁକି ଲଗାଯାଉଛି। ସରକାର ପୁଞ୍ଜିପତିଙ୍କ ଉପରେ କର ପକାଇବା ପାଇଁ ସାହସ ନାହିଁ, କିନ୍ତୁ ସାଧାରଣ ଲୋକଙ୍କୁ କର ଦେବାକୁ ବାଧ୍ୟ କରୁଛନ୍ତି। ଖବରଦାତା ସମ୍ମିଳନୀରେ ପିସିସି ମୁଖପାତ୍ର ଜୟଶ୍ରୀ ପାତ୍ର ଓ ଯୁବନେତା ମନୋଜ ବିଶ୍ୱାଳ କହିଛନ୍ତି, ଯଦି ସରକାର ତୁରନ୍ତ ଏହାକୁ ବନ୍ଦ ନ କରନ୍ତି ତେବେ ପରିବହନ ମନ୍ତ୍ରୀଙ୍କ ବାସଭବନ ଘେରାଉ କରାଯିବ।

**ପରିବହନ ମନ୍ତ୍ରୀଙ୍କ ବାସଭବନ ଘେରିବ ଯୁବ କଂଗ୍ରେସ**



ଖବରଦାତା ସମ୍ମିଳନୀରେ ପିସିସି ସଭାପତି ଭକ୍ତଚରଣ ଦାସ।

# ମହିଳା ବିରୋଧୀ ହିଂସା ରୋକିବାରେ ସରକାର ଅସମର୍ଥ: ବିଜେଡି

ଭୁବନେଶ୍ୱର, ୯।୧(ସୁନିତ୍ ମିଶ୍ର)

ରାଜ୍ୟର ଉପରମୁହାଁ ମହିଳା ବିରୋଧୀ ହିଂସା ରୋକିବାକୁ ରାଜ୍ୟ ସରକାର ଅସମର୍ଥ। ସରକାରଙ୍କ ପକ୍ଷରୁ 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା' ଘୋଷଣା କରାଯାଇଛି। ଏହି ଯୋଜନା କାର୍ଯ୍ୟକାରୀ କରିବା ସହ ରାଜ୍ୟର କନ୍ୟାମାନଙ୍କୁ ସୁରକ୍ଷା ପ୍ରଦାନରେ ସରକାର ପ୍ରାଥମିକତା ଦିଅନ୍ତୁ ବୋଲି ବିଜେଡି କହିଛି। ଏକ ପ୍ରେସ୍ ବିବୃତି ଜରିଆରେ ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ଅବତାର ଗ୍ରୁପ୍ ଦ୍ୱାରା ସଦ୍ୟ ପ୍ରକାଶିତ ରିପୋର୍ଟ 'ଟପ୍ ସିଟିଜ୍ ଫର୍ ୱମେନ୍ ଇନ୍ ଇଣ୍ଡିଆ'ରେ ଓଡ଼ିଶାର କୌଣସି ସହର ଶ୍ରେଷ୍ଠ ୨୫ ସହର ତାଲିକାରେ ସ୍ଥାନ ପାଇନାହିଁ। ୩୪ତମ ସ୍ଥାନରେ ଭୁବନେଶ୍ୱର ରହିଥିଲା ବେଳେ ରାଉରକେଲା ୪୨ତମ ସ୍ଥାନରେ ରହିଛି। ରାଜ୍ୟର ମହିଳାମାନଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ଦକ୍ଷତା ବିକାଶ, ଜୀବନଜୀବିକା ସର୍ବୋପରି ସୁରକ୍ଷା ଓ ନିରାପତ୍ତା ଯୋଗାଇଦେବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଲେନିନ୍ କହିଛନ୍ତି।

# ୩୦ ଲକ୍ଷ ଟଙ୍କା, ୪୪ ଗ୍ରାମ୍ ସୁନା ମିଳିଲା

**ମା' ତାରିଣୀଙ୍କ ହୁଣ୍ଡି ଗଣତି**

ଘଟଗାଁ,୯।୧(ରାଜେନ୍ଦ୍ର କୁମାର ପଟ୍ଟନାୟକ)

କେନ୍ଦୁଝର ଜିଲ୍ଲା ଘଟଗାଁ ମା' ତାରିଣୀଙ୍କ ଶୁକ୍ରବାର ଭିତର ଓ ବାହାର ମୋଟ ୧୩ ଗୋଟି ହୁଣ୍ଡି ଖୋଲାଯାଇ ଗଣତି କରାଯାଇଛି। ଗଣତି ଅନୁଯାୟୀ ୩୦ ଲକ୍ଷ ୬୨ ହଜାର ୧୯୫ ଟଙ୍କା, ୪୪ ଗ୍ରାମ ୨୮୦ ମିଲିଗ୍ରାମ ସୁନା ଓ ୯୯୯ଗ୍ରାମ ୧୬୦ ମିଲିଗ୍ରାମ ରୁପା ମିଳିଥିବା ଜଣାଯାଇଛି।

ସମ୍ବଲପୁର ଦେବୋତ୍ତର ବିଭାଗ ଡିଭିଜନାଲ ଇନ୍ସପେକ୍ଟର ଦକ୍ଷିଣ ମାରାଣ୍ଡି, ଦେବୋତ୍ତର ନିରୀକ୍ଷକ ତ୍ରିଲୋଚନ ନାଏକ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ର, ପୋଲିସ କର୍ମଚାରୀ ମଦନମୋହନ ପୂର୍ତ୍ତି ଉପସ୍ଥିତ ଥିଲେ। ମନ୍ଦିର ବରିଷ୍ଠ କର୍ମଚାରୀ ଅବନୀ ଜେନା, ହରେକୃଷ୍ଣ ପଲେଇ, ଶରତ ବେହେରା, ମହେଶ୍ୱର ସାହୁ, ରଞ୍ଜନ ସାହୁ, ଅରୁଣ ନାୟକ, ଶ୍ରୀକାନ୍ତ ଦେହୁରୀ, ନବୀନ ମହାନ୍ତ, କାଳନ୍ଦୀ ମହାନ୍ତ, ତୁଷାରକାନ୍ତ ରାଉତ, ଲକ୍ଷ୍ମୀଧର ମହାନ୍ତ, ଦେବଦତ୍ତ ବଳ, ପରମେଶ୍ୱର ବଳ, ସନାତନ ନାଏକ, ତରଣୀସେନ ରାଉତ, ତୁଷାରକାନ୍ତ ରାଉତ, ହରିହର ମହାନ୍ତ, ନାରାୟଣ ମୁଖୀ, ଗଗନ ବେହେରା, ପୀତାମ୍ବର ଗିରି, ଚକ୍ରଧର ନାଏକ, ସନିଆ ମୁଖୀ, ଷ୍ଟେଟ୍ ବ୍ୟାଙ୍କ ଶାଖାର ପିନାକୀ ମହାନ୍ତ, ତ୍ରିଶାଳା ହାଁସଦା, ବେଣୁଧର ପାତ୍ର ପ୍ରମୁଖ ଉପସ୍ଥିତ ରହି ଗଣତି କରିଥିଲେ।

# ୬୩ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି,୯।୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ଦାନ୍ତେୱାଡା ଜିଲ୍ଲା ଏସ୍‌ପିଙ୍କ ନିକଟରେ ୬୩ ଜଣ ମାଓବାଦୀ ଆତ୍ମସମର୍ପଣକରି ସମାଜର ମୁଖ୍ୟସ୍ରୋତକୁ ଫେରିଛନ୍ତି। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରେ ୪୫ ଜଣ ପୁରୁଷ ଓ ୧୮ ମହିଳା ରହିଛନ୍ତି। ଏମାନଙ୍କ ଉପରେ ୧ କୋଟି ୧୯ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିବା ଦାନ୍ତେୱାଡା ଏସ୍‌ପି ସୂଚନା ଦେଇଛନ୍ତି। ଏଥିସହ କଳାହାଣ୍ଡି ଏରିଆ କମିଟି ସଦସ୍ୟ ପାକଲୁ ମଧ୍ୟ ପୋଲିସ ନିକଟରେ ଆତ୍ମ ସମର୍ପଣ କରିଛନ୍ତି।

ଏବେ ମାଓବାଦୀ ସଂଗଠନ ପ୍ରାୟତଃ ଭୁଶୁଡ଼ି ପଡ଼ିଥିବା ବେଳେ ଛତିଶଗଡ଼ରେ ଉନ୍ନୟନମୂଳକ କାର୍ଯ୍ୟ ଜୋର୍‌ସୋର ଚାଲିଥିବାରୁ ଏଥିରେ ଅନୁପ୍ରାଣିତ ହୋଇ ଏମାନେ ଆତ୍ମସମର୍ପଣ କରିଥିବା ପ୍ରକାଶ କରିଛନ୍ତି। ସମସ୍ତ ମାଓବାଦୀଙ୍କୁ ୫୦ ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ପ୍ରଦାନ କରିବା ସହ ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସମସ୍ତଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ଦାନ୍ତେୱାଡା ପୋଲିସ ତରଫରୁ ସୂଚନା ଦିଆଯାଇଛି।

# ଜଳବାୟୁ ଅନୁକୂଳ ଅଞ୍ଚଳରେ ହେବ ବାଉଁଶ ଚାଷ

**ବାଉଁଶ ସାମଗ୍ରୀ ବିକ୍ରି ପାଇଁ ୱେବ୍‌ସାଇଟ୍ ଉନ୍ମୋଚନକଲେ ମନ୍ତ୍ରୀ**

ଭୁବନେଶ୍ୱର, ୯।୧ (ବନ୍ଦନା ସେଠୀ)

ଓଡ଼ିଶାରେ ବାଉଁଶ ଶିଳ୍ପର ଆବଶ୍ୟକତା ରହିଛି। ରାଜ୍ୟ ସରକାର ଏହାକୁ ଆହୁରି ପ୍ରମୋଟ୍ କରୁଛନ୍ତି। ବାଉଁଶ ଶିଳ୍ପ ଦ୍ୱାରା ଲୋକଙ୍କ ରୋଜଗାର ବଢ଼ିବା ସହିତ ଅର୍ଥନୈତିକ ସ୍ଥିରତା ଆସିବ। ଆଗରୁ ବାଉଁଶକୁ ଗରିବଙ୍କ ଗଛ କୁହାଯାଉଥିବାବେଳେ ଏବେ ତାହାକୁ 'ଗ୍ରୀନ୍ ଗୋଲ୍ଡ' କୁହାଯାଉଛି। ବାଉଁଶ ଦ୍ୱାରା ଲୋକଙ୍କ ରୋଜଗାର ସୃଷ୍ଟି ନିମନ୍ତେ ଭାରତ ସରକାରଙ୍କ ପାଖରେ ଜାତୀୟ ବାଉଁଶ ମିଶନ୍ ଅନ୍ତର୍ଗତ ୩୨କୋଟିର ପ୍ରସ୍ତାବ ରଖାଯାଇଛି। ଓଡ଼ିଶାର ବାଉଁଶ ଚାଷୀଙ୍କ ଦକ୍ଷତା ବୃଦ୍ଧି କରିବା ଉଦ୍ଦେଶ୍ୟରେ କନ୍‌କ୍ଲେଭ କରାଯାଇ ଟ୍ରେନିଂ ପ୍ରଦାନ କରାଯିବ। ଆଗାମୀ ଦିନରେ ବାଉଁଶ ଜଙ୍ଗଲ ବୃଦ୍ଧି ନେଇ ମଧ୍ୟ ପଦକ୍ଷେପ ନିଆଯିବ। ଜଳବାୟୁ ଅନୁକୂଳ ସ୍ଥାନ ଯଥା ରାୟଗଡା, କଟକର ବଡ଼ମ୍ବା, ନରସିଂହପୁର, ଶିମିଳିପାଳ, ମାଲକାନଗିରି ଆଦି ଅଞ୍ଚଳରେ ବାଉଁଶ ଚାଷ ପାଇଁ ଯୋଜନା ରହିଛି ବୋଲି ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଛନ୍ତି। ଶୁକ୍ରବାର ୱାନ୍ ଫ୍ୟୁଚର ଫାଉଣ୍ଡେଶନ ପକ୍ଷରୁ ସ୍ଥାନୀୟ ଏକ ହୋଟେଲଠାରେ 'ଜାତୀୟ ବାଉଁଶ ସମ୍ମିଳନୀ' ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ସିଂ ଖୁଣ୍ଟିଆ ବାଉଁଶ କାରିଗରମାନଙ୍କୁ ଡିଜିଟାଲାଇଜ୍ କରିବା ଏବଂ ସେମାନଙ୍କ ସାମଗ୍ରୀର ଅନ୍‌ଲାଇନ ବିକ୍ରୟ ନିମନ୍ତେ ଏକ ସ୍ୱତନ୍ତ୍ର ୱେବ୍‌ସାଇଟ www.odishabamboo-haat.comର ଶୁଭାରମ୍ଭ କରିଥିଲେ।

କାର୍ଯ୍ୟକ୍ରମରେ ନୀତି ନିର୍ଦ୍ଧାରକ, ଶିଳ୍ପ ନେତୃବୃନ୍ଦ ଏବଂ ସ୍ଥାୟୀ ଡିଜାଇନ ବିଶେଷଜ୍ଞଙ୍କ ସମେତ ୨୦୦ରୁ ଅଧିକ ପ୍ରତିନିଧି ଯୋଗଦେଇଥିଲେ। ଗ୍ରାମୀଣ ସମୃଦ୍ଧି ଓ ଏକ ନବୀକରଣ ଯୋଗ୍ୟ ସମ୍ପଦ ଭାବେ ବାଉଁଶର ବ୍ୟାପକ ସମ୍ଭାବନା ଉପରେ ଆଲୋଚନା କରାଯାଇଥିଲା। ସେହିପରି ବୈଷୟିକ ଅଧିବେଶନଗୁଡ଼ିକରେ ସରକାରୀ ନୀତି, ଅତ୍ୟାଧୁନିକ ବାଉଁଶ ପ୍ରଯୁକ୍ତିବିଦ୍ୟା ଏବଂ ଯୋଗାଣ ଶୃଙ୍ଖଳାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଫାଉଣ୍ଡେଶନର ପରାମର୍ଶଦାତା ଗୁରୁ ପ୍ରସାଦ ମିଶ୍ର, ସମ୍ମିଳନୀର ମୁଖ୍ୟ ସମନ୍ୱୟକାରୀ ଶାରଦା ପ୍ରସାଦ ପଣ୍ଡା ଏବଂ ବିଶ୍ୱ ବାଉଁଶ ଦୂତ ତଥା ସ୍ଥାୟୀ ଡିଜାଇନ ବିଶେଷଜ୍ଞ ଡ. ରେବେକା ରିଉବେନ୍ସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବାଉଁଶ ଶିଳ୍ପର ଅଗ୍ରଗତି ଏବଂ ପ୍ରଚାର ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଶା ବାଉଁଶ ଉନ୍ନୟନ ଏଜେନ୍ସିର ପ୍ରକଳ୍ପ ନିର୍ଦ୍ଦେଶକ କାର୍ତ୍ତିକ ଭି. ଏବଂ ସହ-ଆୟୋଜକ ଭାରତୀୟମ ଟ୍ରଷ୍ଟର ସୁଧାକର ପାହି ଉପସ୍ଥିତ ଥିଲେ।



ଜାତୀୟ ବାଉଁଶ ସମ୍ମିଳନୀରେ ଜଙ୍ଗଲ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆଙ୍କ ସହ ଅନ୍ୟ ଅତିଥି।




# ପୁଣି ବଢ଼ିବ ୫୦୨ ପିଜି ସିଟ୍

## ସବୁ ମେଡିକାଲ କଲେଜ ଓ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ଡିଏମ୍‌ଇଟିଙ୍କ ପତ୍ର

**ଭୁବନେଶ୍ୱର,୯।୧(ରବିନାରାୟଣ ଜେନା)**

ରାଜ୍ୟରେ ରୋଗୀ ସେବାକୁ ତ୍ୱରାନ୍ୱିତ କରିବା ତଥା ଡାକ୍ତର ଅଭାବକୁ ପୂରଣ କରିବା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସରକାରଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ଭେଷଜ ଶିକ୍ଷା, ତାଲିମ ନିର୍ଦ୍ଦେଶାଳୟ(ଡିଏମ୍‌ଇଟି) ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଗୁରୁବାର ଡିଏମ୍‌ଇଟି ପ୍ରଫେସର ଡା. ଏସ୍.କେ. ମିଶ୍ର ସମସ୍ତ ସରକାରୀ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ଡିନ୍ ତଥା ପ୍ରିନ୍ସିପାଲଙ୍କ ସହିତ ଭୁବନେଶ୍ୱରସ୍ଥିତ ପିଜିଆଇଏମ୍‌ଇଆର୍ ନିର୍ଦ୍ଦେଶକ ଏବଂ କଟକସ୍ଥିତ ରାଜ୍ୟ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ର ନିର୍ଦ୍ଦେଶକଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି।

ଡା. ମିଶ୍ର ପତ୍ରରେ ଦର୍ଶାଇଛନ୍ତି, ଆଗାମୀ ଦୁଇ ବର୍ଷ ମଧ୍ୟରେ ପିଜି ସିଟ୍ ବଢ଼ାଇବାକୁ ରାଜ୍ୟ ସରକାରଙ୍କ ଯୋଜନା ରହିଛି। ରାଜ୍ୟରେ ଥିବା ୧୨ଟି ସରକାରୀ ମେଡିକାଲ ଓ ହସ୍ପିଟାଲରେ ୫୦୨ ପିଜି ସିଟ୍ ବଢ଼ିବ। ଡିଏମ୍‌ଇଟି ଦର୍ଶାଇଛନ୍ତି, ଦୟାକରି ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରଦାନ କରାଯାଇଥିବା ପିଜି ସିଟ୍ ତାଲିକା ଅନୁଯାୟୀ ଆପଣଙ୍କ ମେଡିକାଲ କଲେଜ ଓ ହସ୍ପିଟାଲରେ ସିଟ୍ ସଂଖ୍ୟା ବୃଦ୍ଧି ଏବଂ ନୂତନ ପିଜି କୋର୍ସ ଖୋଲିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କର। ଏଥିପାଇଁ ଯଦି କିଛି ଅଧିକ ପଦ ସୃଷ୍ଟି ସମ୍ବନ୍ଧୀୟ ପ୍ରସ୍ତାବ କିମ୍ବା ଆର୍ଥିକ ପ୍ରସ୍ତାବ ରହିଛି ତାକୁ ମଧ୍ୟ ତୁରନ୍ତ ନିର୍ଦ୍ଦେଶାଳୟକୁ ଜଣାଇବାକୁ ସେ ଦର୍ଶାଇଛନ୍ତି।

ଡିଏମ୍‌ଇଟିଙ୍କ ପିଜି ସିଟ୍ ସୂଚନା ଅନୁଯାୟୀ, ଫୁଲବାଣୀସ୍ଥିତ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲର ସର୍ବାଧିକ ୭୬ଟି ପିଜି ସିଟ୍ ବଢ଼ିବାକୁ ରହିଛି। ଏହାସହିତ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲର ୭୫ଟି ପିଜି ସିଟ୍ ବଢ଼ିବାକୁ ରହିଥିବାବେଳେ ବଲାଙ୍ଗୀରସ୍ଥିତ ବିବି ମେଡିକାଲ କଲେଜ ଓ ହସ୍ପିଟାଲରେ ୫୭ଟି ପିଜି ସିଟ୍ ବଢ଼ିବାକୁ ରହିଛି। ଏହାବାଦ୍ ବାରିପଦାସ୍ଥିତ ପିଆର୍‌ଏମ୍‌ଏମ୍‌ସିଏଚ୍‌ର ୧୮ ପିଜି ସିଟ୍ ବଢ଼ିବାକୁ ରହିଥିବାବେଳେ ଭୁବନେଶ୍ୱରସ୍ଥିତ ପିଜିଆଇଏମ୍‌ଇଆର୍‌ର ୨୬, କଟକ ବଡ଼ମେଡିକାଲର ୨୪, ତାଳଚେରସ୍ଥିତ ପିଏମ୍‌ପି ମେଡିକାଲ କଲେଜ ଓ ହସ୍ପିଟାଲର ୩୬, କେନ୍ଦୁଝରର ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲର ୩୭, ଯାଜପୁରସ୍ଥିତ ଏମ୍‌ଜେକେ, ଏମ୍‌ସିଏଚ୍‌ର ୭୦, କଳାହାଣ୍ଡିସ୍ଥିତ ଏସ୍‌ଏଏମ୍‌ଏମ୍‌ସିଏଚ୍‌ର ୩୫, ବ୍ରହ୍ମପୁରସ୍ଥିତ ଏମ୍‌କେସିଜିର ୧୯ ଓ ସୁନ୍ଦରଗଡ଼ସ୍ଥିତ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲର ୨୯ଟି ପିଜି ସିଟ୍ ବଢ଼ିବାକୁ ରହିଛି। ସେଥିମଧ୍ୟରେ ନିଶ୍ଚେତକ, ବାୟୋକେମେଷ୍ଟ୍ରିର, କମ୍ୟୁନିଟି ମେଡିସିନର, ଇଏନ୍‌ଟି, ଏଫ୍‌ଏମ୍‌ଟିର, ଜେନେରାଲ ମେଡିସିନ, ମାଇକ୍ରୋବାୟୋଲୋଜି, ପ୍ରସୂତି ବିଭାଗ, ଫାର୍ମାସିଷ୍ଟ, ମନସ୍ତତ୍ତ୍ୱବିତ୍, ରେଡିଓ ଡାଇଗ୍ନୋଷ୍ଟିକ ସହିତ ଅନ୍ୟାନ୍ୟ ବିଭାଗର ପଦ ରହିଛି।

# ୧ମ ପର୍ଯ୍ୟାୟରେ ବଣ୍ଟାହେବ ୧୦ ଲକ୍ଷ ପିଏମ୍ ଆବାସ: ମନ୍ତ୍ରୀ ନାଏକ

**ଭୁବନେଶ୍ୱର,୯।୧(ସୁନିତ୍ ମିଶ୍ର)**



ରାଜ୍ୟରେ ଭାଜପା ସରକାର ଶାସନକୁ ଆସିବା ପରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏୱାଇ)ରେ ରାଜ୍ୟର ଗରିବ ଲୋକମାନଙ୍କୁ ଘର ବଣ୍ଟାଯାଇ ନ ଥିଲା। ହେଲେ ରାଜ୍ୟର ଗରିବ ହିତାଧିକାରୀମାନଙ୍କୁ ପଞ୍ଚାୟତିରାଜ ବିଭାଗ ନୂଆବର୍ଷ ଭେଟିଦେବାକୁ ଯାଉଛି। ଜାନୁଆରୀରେ ୧୦ ଲକ୍ଷ ହିତାଧିକାରୀଙ୍କୁ ପକ୍କାଘର ବଣ୍ଟନ କରିବାକୁ ଯୋଜନା ହୋଇଥିବା ଜଣାପଡ଼ିଛି। ଏନେଇ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ଶୁକ୍ରବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ମନ୍ତ୍ରୀ ନାଏକ କହିଛନ୍ତି, ପିଏମ୍ ଆବାସ ପାଇଁ ୩୭ ଲକ୍ଷ ହିତାଧିକାରୀ ଆବେଦନ କରିଥିଲେ। ସେମାନଙ୍କ ଭିତରୁ ଏବେ ସୁଦ୍ଧା ୩୪ ଲକ୍ଷ ହିତାଧିକାରୀଙ୍କୁ ଶର୍ଟଲିଷ୍ଟ କରାଯାଇଛି। କେନ୍ଦ୍ର ସରକାରଙ୍କୁ ଏହି ତାଲିକା ପ୍ରଦାନ କରାଯାଇଛି। କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଥିଲୁ ପକ୍କାଘର ତୁରନ୍ତ ଯୋଗାଇ ଦେବା ଲାଗି। କେବଳ ଓଡ଼ିଶା ନୁହେଁ ଦେଶର ବିଭିନ୍ନ ରାଜ୍ୟକୁ କେନ୍ଦ୍ର ସରକାରଙ୍କ ବିଭାଗ ପକ୍ଷରୁ ପିଏମ୍ ଆବାସ ଜାନୁଆରୀ ସୁଦ୍ଧା ମିଳିବ। କେନ୍ଦ୍ର ନିକଟରେ ଘର ଦେବା ଲାଗି ଯେଉଁ ଦାବି ରଖାଯାଇଥିଲା ସେମାନେ ଜାନୁଆରୀରୁ ପର୍ଯ୍ୟାୟକ୍ରମେ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ସେହି ଅନୁସାରେ ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ସରକାର ୧୦ ଲକ୍ଷର ଟାର୍ଗେଟ ରଖିଛନ୍ତି। ଏହିପରି ୩ଟି ପର୍ଯ୍ୟାୟରେ ଗରିବ ଲୋକଙ୍କୁ ଘର ବଣ୍ଟନ କରାଯିବ। ପୂର୍ବରୁ ବିଜେଡି ସରକାର ପିଏମ୍ ଆବାସ ଯୋଜନା ଲାଗି କରିଥିବା ପଞ୍ଜୀକରଣରେ ବହୁ ଜଣଙ୍କୁ ଜାଣିଶୁଣି ବାଦ୍ ଦିଆଯାଇଥିବା ବେଳେ ଅନେକ ଅଯୋଗ୍ୟଙ୍କୁ ସାମିଲ କରାଯାଇଥିଲା। ତେଣୁ ସେସବୁର ଯାଞ୍ଚ ଭଲ ଭାବେ କରି ପଞ୍ଜୀକରଣ କାର୍ଯ୍ୟ ସାରିବାକୁ ନେଇ ବିଳମ୍ବ ହେଲା ବୋଲି ମନ୍ତ୍ରୀ ନାଏକ କହିଛନ୍ତି।

# ସରକାର ବ୍ୟବହାର କରିବେ ସ୍ୱଦେଶୀ ଇମେଲ୍

**ଭୁବନେଶ୍ୱର,୯।୧(ସୁନିତ୍ ମିଶ୍ର)**

ରାଜ୍ୟ ସରକାରଙ୍କ ପ୍ରଶାସନିକ କାର୍ଯ୍ୟରେ ଏଣିକି ସ୍ୱଦେଶୀ ଇମେଲ୍ ବ୍ୟବହାର କରାଯିବ। ଯାହା ଓଡିଶା ପ୍ରଶାସନ ପାଇଁ ନୂଆ ଯୁଗ ହେବ ବୋଲି କୁହାଯାଉଛି। ଡିଜିଟାଲ ଗଭର୍ଣ୍ଣାନ୍ସରେ ସୁଧାର ଆଣିବା ପାଇଁ ସରକାରଙ୍କ ପକ୍ଷରୁ ଏଭଳି ଏକ ବଡ଼ ପଦକ୍ଷେପ ନିଆଯାଇଛି। ଏଣିକି ପ୍ରଶାସନିକ କାମରେ ବ୍ୟବହାର ହେବା ଲାଗି ପ୍ରଚଳିତ ହେବାକୁ ଥିବା ସ୍ୱଦେଶୀ ଇମେଲ ଓକାକ୍ ପକ୍ଷରୁ ବିକଶିତ କରାଯାଇଛି।

କେବଳ ଇମେଲ୍ ନୁହେଁ ଭିଡିଓ କନଫରେନ୍ସିଂ ପାଇଁ ବି 'ଆଳାପ' ନାମରେ ଏକ ସ୍ୱଦେଶୀ ସିଷ୍ଟମକୁ ମଧ୍ୟ ଓକାକ୍ ବିକଶିତ କରିଛି। ଏହାକୁ ବ୍ୟବହାର ଲାଗି ସରକାରଙ୍କ ପକ୍ଷରୁ ସବୁ ବିଭାଗକୁ ବାଧ୍ୟତାମୂଳକ କରାଯାଇଛି। ଏହାଦ୍ୱାରା ସରକାରୀ ସମସ୍ତ ତଥ୍ୟ ସୁରକ୍ଷିତ ରହିବ। ଏହାର ଡାଟା ସେଣ୍ଟର ଓଡ଼ିଶାରେ ରହିବ। ବ୍ଲକ, ଜିଲା ସ୍ତରରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ସମସ୍ତ ଅଧିକାରୀ ଏହାକୁ ବ୍ୟବହାର କରିବେ। ଏନେଇ ସବୁ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ, ପ୍ରମୁଖ ସଚିବ, ସଚିବଙ୍କ ସମେତ ସମସ୍ତ ଜିଲାପାଳମାନଙ୍କୁ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ପକ୍ଷରୁ ଚିଠି ଲେଖାଯାଇଛି। ଅଧିକାରୀମାନେ ସ୍ମାର୍ଟ ଫୋନରେ ସହଜରେ ଏହାକୁ ବ୍ୟବହାର କରିପାରିବେ।

# ୨୮ରୁ ହୋଇପାରେ ବଜେଟ ଅଧିବେଶନ

**ନୂଆଦିଲ୍ଲୀ,୯।୧(ପି.ଟି.)**

ସଂସଦର ବଜେଟ ଅଧିବେଶନ ଜାନୁଆରୀ ୨୮ରେ ଆରମ୍ଭ ହୋଇପାରେ ଏବଂ ଫେବୃଆରୀ ୧ରେ କେନ୍ଦ୍ରୀୟ ବଜେଟ ଆଗତ ହେବ। ସଂସଦୀୟ ବ୍ୟାପାର ସମ୍ପର୍କିତ କ୍ୟାବିନେଟ କମିଟି ବୈଠକରେ ଆପାତତଃ ଏହା ଚୂଡ଼ାନ୍ତ ହୋଇଥିବା ସରକାରୀ ସୂତ୍ରରୁ ପ୍ରକାଶ।

ସୂଚନାନୁଯାୟୀ, ଜାନୁଆରୀ ୨୮ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପାର୍ଲାମେଣ୍ଟ ଉଭୟ ଗୃହର ମିଳିତ ଅଧିବେଶନକୁ ସମ୍ବୋଧିତ କରିବେ। ୨୯ରେ ଧ୍ୱଜାବତରଣ ଉତ୍ସବ ହେବାକୁ ଥିବାରୁ ଏହି ଦିନ ସଂସଦ ଛୁଟି ରହିବ। ୩୦ ତାରିଖରେ ପାର୍ଲାମେଣ୍ଟରେ ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ କରାଯିବ। ଜାନୁଆରୀ ୩୧ରେ ଲୋକ ସଭା ଓ ରାଜ୍ୟ ସଭା ଛୁଟି ରହିବ। ଫେବୃଆରୀ ୧ ରବିବାର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ବଜେଟ ଉପସ୍ଥାପନ କରିବେ। ଫେବୃଆରୀ ୧୩ରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଗତ ପରେ ସଂସଦ ପ୍ରାୟ ମାସେ ପର୍ଯ୍ୟନ୍ତ ଛୁଟି ରହିବ। ମାର୍ଚ୍ଚ ୯ରେ ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇ ଏପ୍ରିଲ ୨ ଗୁରୁବାର ପର୍ଯ୍ୟନ୍ତ ଚାଲିବ। ସାଧାରଣତଃ ସଂସଦ ଶୁକ୍ରବାର ମୁଲତବୀ ହୋଇଥାଏ। କିନ୍ତୁ ସେହିଦିନ ଗୁଡ୍ ଫ୍ରାଇଡେ ପଡୁଥିବାରୁ ୨ ତାରିଖ ପର୍ଯ୍ୟନ୍ତ ପାର୍ଲାମେଣ୍ଟ ଚାଲିବ। ବଜେଟ ଅଧିବେଶନ ମଝିରେ ପଡୁଥିବା ଛୁଟି ବିଭାଗ ସମ୍ପର୍କିତ ଷ୍ଟାଣ୍ଡିଂ କମିଟିଗୁଡ଼ିକୁ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗର ଲେଖାନୁଦାନ ଯାଞ୍ଚ ପାଇଁ ସହାୟକ ହୋଇଥାଏ।

# କୋର୍ଟକୁ ବୋମା ଧମକ ପରେ ବଢ଼ିଲା ସୁରକ୍ଷା ବ୍ୟବସ୍ଥା

**କଟକ,୯।୧(କାର୍ତ୍ତିକ ସାହୁ)**

- ଜିଲା କୋର୍ଟରେ ଲାଗିଲା ମେଟାଲ ଡିଟେକ୍ଟର
- ହାଇକୋର୍ଟ ଭିତରକୁ ବାକ୍ସ, ବ୍ୟାଗ୍ କିମ୍ବା ଜିନିଷପତ୍ର ନେବାକୁ ବାରଣ

କୋର୍ଟକୁ ବୋମା ଧମକ ମିଳିବାର ଦିନକ ପରେ ଶୁକ୍ରବାର କୋର୍ଟ କାର୍ଯ୍ୟ ସ୍ୱାଭାବିକ ଭାବରେ ଚାଲିଛି। ମାତ୍ର ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଥିବା ପରିଲକ୍ଷିତ ହୋଇଛି। ଜିଲା କୋର୍ଟର ଦୁଇଟି ପ୍ରବେଶ ପଥରେ ଗୋଟିଏ ଲେଖାଏ ମେଟାଲ ଡିଟେକ୍ଟର ଲଗାଯାଇଛି। ହାଇକୋର୍ଟରେ ପୂର୍ବରୁ ମେଟାଲ ଡିଟେକ୍ଟର ରହିଛି। ତଥାପି ଅଧିକ ମେଟାଲ ଡିଟେକ୍ଟର ଲଗାଯିବା ଉପରେ ବିଚାର କରାଯାଉଛି। ହାଇକୋର୍ଟ ଭିତରକୁ କୌଣସି ବାକ୍ସ, ବ୍ୟାଗ୍ କିମ୍ବା ଜିନିଷପତ୍ର ନେବାକୁ ବାରଣ କରାଯାଇଛି। ପୂର୍ବାପେକ୍ଷା ସୁରକ୍ଷା ବ୍ୟବସ୍ଥା ଅଧିକ କଡ଼ାକଡ଼ି କରାଯାଇଛି। ହାଇକୋର୍ଟ ଓ ଜିଲା କୋର୍ଟ ପରିସରରେ ସଶସ୍ତ୍ର ପୋଲିସ ଫୋର୍ସ ମୁତୟନ କରାଯାଇଛି। ଓଡ଼ିଶା ପୋଲିସ ଇମେଲ ଧମକକୁ ଅତ୍ୟନ୍ତ ଗୁରୁତ୍ୱର ସହ ଗ୍ରହଣ କରିଛି। କଟକ, ଦେବଗଡ଼ ଓ ସମ୍ବଲପୁର ଜିଲା କୋର୍ଟକୁ ଧମକପୂର୍ଣ୍ଣ ଇମେଲ ଆସିବା ପରେ ପୋଲିସ ତୁରନ୍ତ ଯାଞ୍ଚ କରିଥିଲା। ଇମେଲ ଧମକ ଗୁଜବ ବୋଲି ପୋଲିସ ଜାଣିବାକୁ ପାଇଛି। ଏଭଳି ଇମେଲ ଧମକରେ ସାରା ଓଡ଼ିଶାର ଲୋକଙ୍କ ମଧ୍ୟରେ ହଇଚଇ ସୃଷ୍ଟି ହୋଇଥିଲା। ହେଲେ ଏଭଳି ଇମେଲର ଉତ୍ପତ୍ତି ଅଥବା ମୂଳସୂତ୍ରକୁ ଯାଞ୍ଚ କରୁଥିବା ପୋଲିସ କମିଶନର ଏସ୍ ଦେବଦତ୍ତ ସିଂ କହିଛନ୍ତି।




# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଭେଙ୍କଟେଶ୍ୱର ଇଂଲିଶ୍ ମିଡିଅମ୍ ସ୍କୁଲ ପକ୍ଷରୁ ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ଚନ୍ଦ୍ରଶେଖରପୁର, ସମୟ: ସକାଳ ୯ଟା ୩୦।
- ପଲ୍ୟୁଶନ ସାର୍ଟିଫିକେଟ୍ ନାହିଁ ତ ତେଲ ନାହିଁ ବିରୋଧରେ ସିପିଆଇ ପକ୍ଷରୁ ବିକ୍ଷୋଭ, ସ୍ଥାନ: ରାଜମହଲ ଛକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସାହିତ୍ୟାନୁଷ୍ଠାନ 'ପ୍ରୀତି ପ୍ରଣତି' ର ପଞ୍ଚମ ବାର୍ଷିକ ଉତ୍ସବ, ସ୍ଥାନ: ବୁଦ୍ଧ ମନ୍ଦିର, ପ୍ରଦର୍ଶନୀ ପଡ଼ିଆ ନିକଟ, ସମୟ: ପୂର୍ବାହ୍ନ ୧୦ଟା ୪୫।
- ନାରଗୋଦା ତମାଣ୍ଡୋ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଆଲୁମ୍ନି ଟ୍ରଷ୍ଟ ପକ୍ଷରୁ ଶତବାର୍ଷିକ ଉତ୍ସବ ପାଳନ, ସ୍ଥାନ: ନାରଗୋଦା, ସମୟ: ପୂର୍ବାହ୍ନ ୧୧ଟା।
- କମଳା ନେହରୁ ମହିଳା ମହାବିଦ୍ୟାଳୟ ବାର୍ଷିକ ଉତ୍ସବ ୨ୟ ଦିବସ, ସ୍ଥାନ: ମହାବିଦ୍ୟାଳୟ ପରିସର,ସମୟ: ପୂର୍ବାହ୍ନ ୧୧ଟା।
- ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆଲୋଚନାଚକ୍ର(ବିଶାଳ ଭାରତ), ସ୍ଥାନ: ଇତିହାସ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ରତ୍ନଚିରା ପବ୍ଲିକେଶନ୍ସ ପକ୍ଷରୁ ପୁସ୍ତକ ମା' ର ଲୋକାର୍ପଣ, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ସନ୍ଧ୍ୟା ୫ଟା।
- ଶ୍ରୀରାମ କୃପା ପରିଷଦ ଆନୁକୂଲ୍ୟରେ ଶ୍ରୀମଦଭଗବତ୍ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ନହରକଣ୍ଟା (ଖ)ସ୍ଥିତ ହନୁମାନଙ୍କ ପୀଠସ୍ଥଳୀ ମାରୁତୀ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଆର୍‌ଡିଏମ୍ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ ଦର୍ପଣ–୨୦୨୬, ସ୍ଥାନ: ବିଦ୍ୟାଳୟ ପରିସର, କଳାରାହଙ୍ଗ, ପଟିଆ, ସମୟ: ସନ୍ଧ୍ୟା ୬ଟା ୩୦।
- ଓଡ଼ିଶୀ ନୃତ୍ୟଗୁରୁ କେଳୁ ଚରଣ ମହାପାତ୍ରଙ୍କ ଜନ୍ମ ଶତବାର୍ଷିକୀ ପାଳନ, ସ୍ଥାନ: ଗୁରୁ କେଳୁ ଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା ; ସ୍ଥାନ:ରବୀନ୍ଦ୍ର ମଣ୍ଡପ, ସମୟ:ସନ୍ଧ୍ୟା ୬ଟା ୩୦।
- ରାଜଧାନୀ ସଂଗ୍ରାମୀ ସେବାସଂଘ ଓ ସୁର ଭାଇବ୍ରେଶନ୍ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ 'କାନ୍ଦୁଛି କଳାକାର' ସଙ୍ଗୀତ ରିଲିଜ୍, ସ୍ଥାନ: ସୂଚନାଭବନ, ସମୟ: ସନ୍ଧ୍ୟା ୭ଟା ୧୫।

**କଟକ**
- ଡାଇନା ଡ୍ୟାନ୍ସ ସ୍କୁଲର ବାର୍ଷିକ ଉତ୍ସବ ପାଳନ, ସ୍ଥାନ: ଗାନ୍ଧୀଛକସ୍ଥିତ ପୌର ଟାଉନହଲ, ସମୟ: ସକାଳ ୯ଟା।
- ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ରେଭେନ୍ସା ବିଶ୍ୱବିଦ୍ୟାଳୟର ମୁଖ୍ୟ କ୍ୟାମ୍ପସ ଖେଳପଡ଼ିଆ, ସମୟ: ମଧ୍ୟାହ୍ନ ୧୨ଟା।
- ୧୭ତମ ଶ୍ରୀତନୁ ସ୍ମାରକୀ ପ୍ରତିଷ୍ଠା ତଥା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ, ସ୍ଥାନ: ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ନୂଆପାଟଣା, ତିଗିରିଆ, ସମୟ: ଅପରାହ୍ନ ୩ଟା।
- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ତୃତୀୟ ଦିବସ, ସ୍ଥାନ: ତଳ ବାଲିଯାତ୍ରା ପଡ଼ିଆ, ସମୟ: ଅପରାହ୍ନ ୩ଟା ୩୦।
- ପ୍ରଜ୍ଞାନ ମିଶନର ପକ୍ଷରୁ ତିନିଦିନିଆ ଗୀତାଜ୍ଞାନ ଯଜ୍ଞର ଦ୍ୱିତୀୟ ଦିବସ, ସ୍ଥାନ: ଆନନ୍ଦଭବନ ସମ୍ମୁଖ ଖେଳପଡ଼ିଆ, ବିଜୁ ପଟ୍ଟନାୟକ ଛକ, ସମୟ: ସନ୍ଧ୍ୟା ୫ଟା ୩୦।
- ବିଜୟିନୀ ପବ୍ଲିକେଶନ ପକ୍ଷରୁ ଚିତ୍ତରଞ୍ଜନଙ୍କ ସାରସ୍ୱତ ସର୍ଜନା: ଦିଗ ଓ ଦିଗନ୍ତ ପୁସ୍ତକର ଉନ୍ମୋଚନ ଉତ୍ସବ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୫ଟା ୩୦।

**ଖୋର୍ଦ୍ଧା**
- ମହନ୍ତ ନବକିଶୋର ଦାସଜୀ ମହାରାଜଙ୍କ ପଞ୍ଚମ ବାର୍ଷିକ ସ୍ମରଣ ମହୋତ୍ସବ, ସ୍ଥାନ: ଶ୍ରୀଗୋପାଳଜୀଉ ମଠ, ବଡ଼ନୂଆଗାଁ, ଜଟଣୀ, ସମୟ: ସକାଳ ୮ଟା।
- ଗିନି କପ୍ ସେମିଫାଇନାଲ ମ୍ୟାଚ୍, ସ୍ଥାନ: ଖୋର୍ଦ୍ଧା ଷ୍ଟାଡିୟମ, ସମୟ: ଅପରାହ୍ନ ୧ଟା ୩୦।

**ପୁରୀ**
- ନିଶାମୁକ୍ତ ଭାରତ ଅଭିଯାନ, ସ୍ଥାନ: ବ୍ରହ୍ମାକୁମାରୀ ଆଶ୍ରମ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ ପକ୍ଷରୁ ମକର ଉତ୍ସବ ସମ୍ପର୍କିତ ଆଲୋଚନାଚକ୍ର, ସ୍ଥାନ: ଡେଲ୍ଟା ମଙ୍ଗଳା ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମାର୍କଣ୍ଡେଶ୍ୱର ସାହି ବାଳିକା ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ସମାରୋହ, ସ୍ଥାନ: ମାର୍କଣ୍ଡେଶ୍ୱର ସାହି, ସମୟ: ପୂର୍ବାହ୍ନ ୧୦ଟା ୪୫।
- ନୂତନ ଖାଉଟି କାର୍ଡ ବଣ୍ଟନ, ସ୍ଥାନ: ଗୋପବନ୍ଧୁ ଆୟୁର୍ବେଦିକ କଲେଜ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘର ସାଧାରଣ ବୈଠକ, ସ୍ଥାନ: ଭୁବନେଶ୍ୱରୀ ମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ରାଧାରମଣ ଫାଉଣ୍ଡେଶନ ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ସଦାଶିବ ପରିସର, ସମୟ: ଅପରାହ୍ନ ୩ଟା ୩୦।
- ଗୁରୁ କେଳୁଚରଣ ମହାପାତ୍ରଙ୍କ ଜନ୍ମ ଶତାର୍ଷିକୀ ଉତ୍ସବ, ସ୍ଥାନ: ଦୋଳବେଦି କୋଣ, ସମୟ: ଅପରାହ୍ନ ୫ଟା।
- ଶ୍ରୀକ୍ଷେତ୍ର ପୁସ୍ତକ ମେଳା, ସ୍ଥାନ: ଭୋଳାନାଥ ବିଦ୍ୟାପୀଠ, ସମୟ: ଅପରାହ୍ନ ୫ଟା।
- ଆରମ୍ଭ ମହୋତ୍ସବ, ସ୍ଥାନ: ପୌର ସଦନ, ସମୟ: ସନ୍ଧ୍ୟା ୬ଟା ୩୦।

**ବାଲେଶ୍ୱର**
- ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀ, ସ୍ଥାନ:ସୁରଭି ପ୍ଲାଜା, ସହଦେବଖୁଣ୍ଟା, ବାଲେଶ୍ୱର, ସମୟ:ପୂର୍ବାହ୍ନ ୧୦ଟା।
- କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: କଂଗ୍ରେସ କାର୍ଯ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସୁବର୍ଣ୍ଣ ଚାନ୍ଦିପୁର ବେଳାଭୂମି ମହୋତ୍ସବ ତୃତୀୟ ସନ୍ଧ୍ୟା, ସ୍ଥାନ: ଚାନ୍ଦିପୁର ବେଳାଭୂମି, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।

**ଭଦ୍ରକ**
- ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ମଞ୍ଜୁରୀରୋଡ୍, ଭଣ୍ଡାରିପୋଖରୀ, ସମୟ: ସକାଳ ୧୦ଟା।

**କେନ୍ଦୁଝର**
- କେରଳା ଇଂରାଜୀ ମାଧ୍ୟମ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା, ସ୍ଥାନ କେଇଏମ୍ଏସ୍ ଖେଳପଡ଼ିଆ, ଚମ୍ପୁଆ, ସମୟ: ସକାଳ ୮ ଟା।
- ପିଏମ୍‌ଶ୍ରୀ ମହତାବ ଉଚ୍ଚବିଦ୍ୟାଳୟରେ ପିଏମଶ୍ରୀ ମେଳା, ସ୍ଥାନ: ବିଦ୍ୟାଳୟ ପରିସର, ଚମ୍ପୁଆ, ସମୟ: ପୂର୍ବାହ୍ନ ୧୦ଟା।

**ମୟୂରଭଞ୍ଜ**
- ଷ୍ଟେଶନ ଆଥଲେଟିକ ଆସୋସିଏନ ପକ୍ଷରୁ ରୟାଲ ପ୍ରିମିୟର ଲିଗ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଷ୍ଟେଶନବଜାର ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ଜୟପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ, ସ୍ଥାନ: ଜୟପୁର ସ୍କୁଲ ପରିସର, ଗୋପବନ୍ଧୁ ନଗର, ସମୟ: ପୂର୍ବାହ୍ନ ୧୦ଟା।
- ସାଇଁକୁଲା ଦାମୋଦର ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ସମାରୋହ, ସ୍ଥାନ:ସ୍କୁଲ ପରିସର, ଗୋପବନ୍ଧୁ ନଗର,ସମୟ:ପୂର୍ବାହ୍ନ୧୦ଟା।

**ବ୍ରହ୍ମପୁର**
- ନିଖିଳ ଓଡ଼ିଶା ବିଶ୍ୱବିଦ୍ୟାଳୟ କର୍ମଚାରୀ ମହାସଂଘର ସୁବର୍ଣ୍ଣ ଜୟନ୍ତୀ, ସ୍ଥାନ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସମୟ ; ପୂର୍ବାହ୍ନ ୧୦ଟା ୩୦।
- ଜିଲା କଂଗ୍ରେସ କମିଟି (ପୂର୍ବ) ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ବାପୁଜୀ ଆଶ୍ରମ, ସମୟ: ପୂର୍ବାହ୍ନ ୧୧ଟା।
- ଦକ୍ଷିଣ ଓଡ଼ିଶା ନାଟକ ମହୋତ୍ସବର ଉଦ୍‌ଯାପନ, ସ୍ଥାନ: ଗୋପାଳକୃଷ୍ଣ ରଙ୍ଗମଞ୍ଚ, ସମୟ: ପୂର୍ବାହ୍ନ ୧୧ଟା।

**ଢେଙ୍କାନାଳ**
- ଟାଟାଷ୍ଟିଲ କପିଳାସ ହାଫ୍ ମାରାଥନ, ସ୍ଥାନ: କପିଳାସ ପାଦଦେଶ, ସମୟ: ସକାଳ ୭ଟା।
- କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଗାନ୍ଧୀମନ୍ଦିର ରୋଡ, କଂଗ୍ରେସ ଭବନ, ସମୟ: ଅପରାହ୍ନ ୪ଟା।
- ଆଗ୍ନେୟ–୨୦୨୬ର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ମିନି ଷ୍ଟାଡିୟମ, ଢେଙ୍କାନାଳ, ସମୟ:ସନ୍ଧ୍ୟା ୬ଟା ୩୦।

**ଅନୁଗୋଳ**
- ୨୬ ତମ ବିଶ୍ୱଶାନ୍ତି ନାମଯଜ୍ଞ, ସ୍ଥାନ: ଅନୁଗୋଳ କାଙ୍ଗୁଲା ଗୋଡ଼ିସାହି, ସମୟ: ସକାଳ ୮ଟା।

**ଜଗତ୍‌ସିଂହପୁର**
- ବୃହତ୍ ବନ୍ଦର ସାଂସ୍କୃତିକ କାର୍ଯ୍ୟକ୍ରମ ୩ୟ ସନ୍ଧ୍ୟାରେ କୋଚିନ, ଚେନ୍ନାଇ, କୋଲକତା ଅନୁଷ୍ଠାନ ପକ୍ଷରୁ କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।
- କଳାମଞ୍ଚ ଅନୁଷ୍ଠାନ ପକ୍ଷରୁ ନାଟକ 'ସ୍ୱାମୀଙ୍କୁ ଛୁଇଁବା ପାପ' ମଞ୍ଚସ୍ଥ, ସ୍ଥାନ: ମଧୁବନ, ପାରାଦୀପ, ସମୟ: ରାତି ୯ଟା।

**କେନ୍ଦ୍ରାପଡ଼ା**
- ତାରିଣୀ ସ୍ପୋର୍ଟିଂ କ୍ଲବ ପକ୍ଷରୁ ରାଜ୍ୟସ୍ତରୀୟ ଅଙ୍ଗୁଲାଇ କ୍ରିକେଟ କପ, ସ୍ଥାନ: ଅଙ୍ଗୁଲାଇ, ମାର୍ଶାଘାଇ, ସମୟ: ସକାଳ ୯ଟା।
- ବକ୍ତୃତା ପ୍ରତିଯୋଗିତା, ସ୍ଥାନ: ପୁସ୍ତକ ମେଳା ପରିସର, ଟେଲିକମ ପଡିଆ, ମହିପାଳ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୨ଟା।
- ରାଜ୍ୟସ୍ତରୀୟ କେନ୍ଦ୍ରାପଡ଼ା ପୁସ୍ତକ ମେଳା, ସ୍ଥାନ: ଟେଲିକମ ପଡିଆ, ମହିପାଳ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**
- ଶୋଭନୀୟ ଶିକ୍ଷାଶ୍ରମର ବାର୍ଷିକ ଉତ୍ସବ ଓ ସର୍ବଭାରତୀୟ ଯୁବସମାବେଶର ଉଦ୍‌ଘାଟନ ଉତ୍ସବ, ସ୍ଥାନ: ବଡ଼ଚଣା ବ୍ଲକ ଅନ୍ତର୍ଗତ ଉଦୟଗିରି ଶୋଭନୀୟ ଶିକ୍ଷାଶ୍ରମ ପରିସର, ସମୟ: ସକାଳ ୮ଟା।
- ବ୍ୟାସନଗର ପ୍ରେସ ଫୋରମର ୧୯ତମ ପ୍ରତିଷ୍ଠା ଦିବସ, ସ୍ଥାନ: ଯାଜପୁର ରୋଡ ବ୍ୟାସଦେବ ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା୩୦।
- ବଡ଼ଚଣା ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ବଲିଉଡ୍ ଗାୟିକା ଅରୁଣିତା କାଞ୍ଜିଲାଲଙ୍କ ସଙ୍ଗୀତ ପରିବେଷଣ, ସ୍ଥାନ: ବଡଚଣା ମହୋତ୍ସବ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

**ନୟାଗଡ଼**
- ରାଜ୍ୟସ୍ତରୀୟ ଖଳିସାହି କପ୍ କ୍ରିକେଟ ଟୁର୍ନାମେଣ୍ଟର ୪ର୍ଥ ଦିବସରେ ପାୱାର କିଙ୍ଗ ବାଙ୍କୀ ବନାମ ନୟାଗଡ଼ କ୍ରିକେଟ ଟିମ୍, ସ୍ଥାନ: ଖଣ୍ଡପଡା ବ୍ଲକ ଖଳିସାହି ବଡ ପଡିଆ, ସମୟ: ମଧ୍ୟାହ୍ନ ୧୨ଟା।
- ଧାନକିଣାରେ ଅବ୍ୟବସ୍ଥା, ଟାଟା ପାୱାରର ମନମାନୀ ପରି ପ୍ରସଙ୍ଗକୁ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: କଂଗ୍ରେସର ଜିଲା କାର୍ଯ୍ୟାଳୟ, ନୟାଗଡ଼, ସମୟ: ମଧ୍ୟାହ୍ନ ୧୨ଟା।
- ଦଶପଲ୍ଲା କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ୪ର୍ଥ ଦିବସରେ ଫିୟୁଚର ଫୁଟ୍‌ବଲ ଏକାଡେମୀ ମଣିପୁର ବନାମ ଜେବି ୟୁନାଇଟେଡ ଫେସି ଦିଲ୍ଲୀ, ସ୍ଥାନ: ଦଶପଲ୍ଲା ଗାନ୍ଧୀ ମଇଦାନ, ସମୟ: ଅପରାହ୍ନ ୩ଟା।

**ରାୟଗଡ଼ା**
- ଚତୁର୍ଦ୍ଦଶ ରାଜ୍ୟସ୍ତରୀୟ ବଂଶଧାରା ବସନ୍ତ ମହୋତ୍ସବ ଅବସରରେ ଯୁଧିଷ୍ଠିର ମହାଙ୍କୁଡ ସ୍ମାରକୀ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ଗୁଣ୍ଡିଚା ମନ୍ଦିର ନିକଟସ୍ଥ ଭଲିବଲ ଗ୍ରାଉଣ୍ଡ, ଗୁଣପୁର, ସମୟ: ସକାଳ ୯ଟା ୩୦।
- ପିଏମ୍‌ଶ୍ରୀ ଉତ୍ସବ ଓ ମେଗା କ୍ୟାମ୍ପ, ସ୍ଥାନ: ପିଏମଶ୍ରୀ ଜିସି ଜିଲା ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ନୋଫ୍ଲେକ୍ସ କାର୍ନିଭାଲ ଅଲଫ୍ରେସକୋ, ସ୍ଥାନ: ଶ୍ରୀଚୈତନ୍ୟ ଟେକ୍ନୋ ସ୍କୁଲ, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା।

**କୋରାପୁଟ**
- ପିଏମ୍ ଶ୍ରୀ ଉତ୍ସବ, ସ୍ଥାନ: ନୋଡ଼ାଲ ହାଇସ୍କୁଲ, ପଟ୍ଟାଙ୍ଗି, ସମୟ: ପୂର୍ବାହ୍ନ ୧୦ଟା।
- ଏମ୍‌ଜିଏନ୍‌ଆରଇଜିଏସ୍ ବଞ୍ଚାଓ ନେଇ ଜିଲା କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ପ୍ରେସ୍ କ୍ଲବ, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା ୩୦।

**ସମ୍ବଲପୁର**
- ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମଲେଇ ଦର୍ଶନ କାର୍ଯ୍ୟକ୍ରମ, ସ୍ଥାନ : ସମଲେଇ ମନ୍ଦିର, ସମୟ : ସକାଳ ୯ଟା।
- ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଇ–ବସ ସେବାର ଶୁଭାରମ୍ଭ, ସ୍ଥାନ : ସମଲେଇ ମନ୍ଦିର ନିକଟସ୍ଥ ରିଭର ଫ୍ରଣ୍ଟ, ସମୟ : ପୂର୍ବାହ୍ନ ୧୦ ଟା।
- ସମ୍ବଲପୁରୀ ଧନୁଯାତ୍ରା ମହୋତ୍ସବ ସକାଶେ ଆଲୋଚନା, ସ୍ଥାନ: ଚାଉଁରପୁର ଗ୍ରାମ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା କଂଗ୍ରେସ ପକ୍ଷରୁ ମହାତ୍ମା ଗାନ୍ଧୀ କର୍ମ ନିଯୁକ୍ତି ଯୋଜନାର ଉଚ୍ଛେଦ ସମେତ ବିଭିନ୍ନ ବିଷୟରେ ଆଲୋଚନା , ସ୍ଥାନ : ଜିଲା କଂଗ୍ରେସ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୧ଟା।

**ବଲାଙ୍ଗୀର**
- ଲୋଇସିଂହା ବ୍ଲକ୍ ଯୋଗୀସର୍ଡା ପିଏମ୍‌ଶ୍ରୀ ହରିହର ନୋଡ଼ାଲ ହାଇସ୍କୁଲରେ ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ– ଯୋଗୀସର୍ଡ଼ା ପିଏମ୍‌ଶ୍ରୀ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲାର ଲେଖକମାନଙ୍କ ଜରୁରୀ ବୈଠକ, ସ୍ଥାନ: ସୁଦପଡ଼ା କଲ୍ୟାଣ ମଣ୍ଡପ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲା କଂଗ୍ରେସ କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ବଲାଙ୍ଗୀର ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଫ୍ରେଣ୍ଡସ୍ କ୍ଲବ୍‌ର ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ଷଷ୍ଠ ଦିବସ ମ୍ୟାଚ୍, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ଷ୍ଟାଡିୟମ, ବଲାଙ୍ଗୀର, ସମୟ: ଅପରାହ୍ନ ୨ଟା ୩୦।
- ମାସିକ ରଚନା ସନ୍ଧ୍ୟା ଆଲୋଚନା କାର୍ଯ୍ୟକ୍ରମ, ସ୍ଥାନ: ବଲାଙ୍ଗୀର ଟାଉନ୍ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ଅପରାହ୍ନ ୫ଟା ୪୫।

**ରାଉରକେଲା**
- ରୁଦ୍ର ମହାଯଜ୍ଞ ଆହୌତିକ କାର୍ଯ୍ୟକ୍ରମ, ସ୍ଥାନ: ମିଶ୍ର ଖଟାଲ ବସ୍ତି, ସମୟ: ପୂର୍ବାହ୍ନ ୧୧ଟା।
- ବିମାନ ବନ୍ଦର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆର୍‌ଏମ୍‌ସି ଘେରାଉ କାର୍ଯ୍ୟକ୍ରମ, ସ୍ଥାନ: ଉଦିତ ନଗର, ସମୟ: ଅପରାହ୍ନ ୧ଟା।
- ଶ୍ରୀ ନାରାୟଣୀ ନମୋ ନମୋ ବସନ୍ତ ଉତ୍ସବ, ସ୍ଥାନ: ମହାରାଜା ଅଗ୍ରସେନ ଭବନ, ପାନପୋଷ ରୋଡ୍, ସମୟ: ସନ୍ଧ୍ୟା ୬ଟା।
- ୭୧ ତମ କୋଏଲ ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍–୨୦୨୬ ଉଦ୍‌ଯାପନୀ ସମାରୋହ, ସ୍ଥାନ: ଦୁର୍ଗାପୂଜା ପଡିଆ, କୋଏଲ ନଗର, ସମୟ: ସନ୍ଧ୍ୟା ୬ଟା।
- ଲୋକନାଟକ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ସିଭିକ ସେଣ୍ଟର, ସମୟ: ରାତି ୭ଟା।

**ସୁନ୍ଦରଗଡ଼**
- ଏକବିଂଶ ଶତାବ୍ଦୀରେ ନାରୀ ସଶକ୍ତିକରଣ ଓ ଲିଙ୍ଗଗତ ସାମ୍ୟତା ଉପରେ ୨ଦିନିଆ ଆଲୋଚନାଚକ୍ର ଉଦ୍‌ଘାଟନ, ସ୍ଥାନ: ସରକାରୀ ମହିଳା ମହାବିଦ୍ୟାଳୟ, ସୁନ୍ଦରଗଡ଼, ସମୟ: ପୂର୍ବାହ୍ନ ୧୦ଟା।

**ବରଗଡ଼**
- ବଜରଙ୍ଗ ଦଳର ବୈଠକ,ସ୍ଥାନ:ଅଗ୍ରଗାମୀ ଯୁବକ ସଂଘ, ବରଗଡ଼,ସମୟ:ପୂର୍ବାହ୍ନ ୧୦ଟା।
- କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ଅଗ୍ରଗାମୀ ଯୁବକ ସଂଘ, ବରଗଡ଼, ସମୟ:ପୂର୍ବାହ୍ନ ୧୧ଟା

**କଳାହାଣ୍ଡି**
- କଳାହାଣ୍ଡି ଉତ୍ସବ 'ଘୁମୁରା'ର ବିଭିନ୍ନ ସବ୍ କମିଟିର ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- କଳାହାଣ୍ଡି ଟାଏକୋଣ୍ଡୋ ଆସୋସିଏଶନର ଖବରଦାତା ସମ୍ମିଳନୀ, ସ୍ଥାନ: ଭବାନୀପାଟଣା ଭାଗିରଥି ଇନ, ସମୟ: ଅପରାହ୍ନ ୪ଟା।

**ବୌଦ୍ଧ**
- ବ୍ଲକସ୍ତରୀୟ କୁଇଜ ପ୍ରତିଯୋଗିତା ଓ ପରିବେଶ ଅନୁକୂଳ ପ୍ରକଳ୍ପ ପ୍ରଦର୍ଶନୀ ମେଳା, ସ୍ଥାନ: ଧଳପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ହରଭଙ୍ଗା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।

**ସୁବର୍ଣ୍ଣପୁର**
- ୧୮ତମ ମା' ମାହେଶ୍ୱରୀ କ୍ରିକେଟ କପର ସେମି ଫାଇନାଲ, ପାୟୋନିଅର ପୁରୀ ବନାମ ଡିସିଏ ବୌଦ୍ଧ,ସ୍ଥାନ: ବିକଳପୁର, କମିରା,ବୀରମହାରାଜପୁର ବ୍ଲକ, ସମୟ:ପୂର୍ବାହ୍ନ ୧୧ଟା।

**ନୂଆପଡ଼ା**
- ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନା ନାମ ପରିବର୍ତ୍ତନ ବିରୋଧରେ ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା କଂଗ୍ରେସ କାର୍ଯ୍ୟାଳୟ (ୱାର ରୁମ୍), ନୂଆପଡ଼ା, ସମୟ: ପୂର୍ବାହ୍ନ ୧୧ ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** ଆଜିର ଚନ୍ଦ୍ର ଷଷ୍ଠ ସ୍ଥାନରେ ରହିଥିବାରୁ ଯାତ୍ରାରେ ଲକ୍ଷ୍ୟପୂରଣ ହେବାର ଆଶା ରହିଛି। ନିକଟ ସମ୍ପର୍କୀୟ ମାନଙ୍କ ସହଯୋଗରେ ଆନୁଷ୍ଠାନିକ କାମ ସମ୍ପନ୍ନ ହୋଇପାରିବ। ଶିଳ୍ପ, ବାଣିଜ୍ୟ,ବ୍ୟବସାୟରେ ଟେନସନ୍ ଲାଗି ରହିଲେ ମଧ୍ୟ ବିଶେଷ ଅସୁବିଧା ହେବନାହିଁ। ବନ୍ଧୁ ମିଳନରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।

**ବୃଷ** ତୃତୀୟାଧିପ ଏକାଦଶଭାବକୁ ଦେଖୁଥିବାରୁ ଆବଶ୍ୟକ ସାହାଯ୍ୟ,ସହଯୋଗ ପାଇବାରେ କୌଣସି ଅସୁବିଧା ହେବନାହିଁ। ନିଜ ପରିସରର ଆନୁଷ୍ଠାନିକ କାମରେ ଆପଣଙ୍କ ଅପବ୍ୟୟର ସୀମା ଟପିଯାଇପାରେ। ଯେ କୌଣସି କ୍ଷେତ୍ରରେ ହେଉନା କାହିଁକି ଅଜଣା ଅଶୁଣା ବ୍ୟକ୍ତି ପ୍ରତି ସତର୍କ ରହିବା ଭଲ ହେବ।

**ମିଥୁନ** କର୍ମାଧିପତିଙ୍କୁ ଚାରୋଟି ଗ୍ରହ ଦେଖୁଥିବାରୁ ଏକାଧିକ କାମରେ ଅନୁପ୍ରବେଶର ସୂଚନା ରହିଛି। ବନ୍ଧୁମାନଙ୍କ ସହ ଆଲୋଚନା ସମୟରେ ଅନାବଶ୍ୟକ କଥା ନକହିବା ଭଲ ହେବ। ବିବାଦୀୟ ଘଟଣାରେ ମଧ୍ୟସ୍ଥତା କଲେ ଅପମାନିତ ହେବେ। ବ୍ୟବସାୟିକ କ୍ଷେତ୍ରରେ ରହିଥିବା ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**କର୍କଟ** ବୁଧକ୍ଷେତ୍ରସ୍ଥ ଚନ୍ଦ୍ରଙ୍କ କୁପ୍ରଭାବରୁ ସମ୍ପର୍କୀୟଙ୍କ ସହ ସୁସମ୍ପର୍କ ରହିବନାହିଁ। ଜମିଜମା ସମ୍ପର୍କୀୟ କଥା, ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ଅଟକିଯିବ। କର୍ମକ୍ଷେତ୍ରରେ ଈର୍ଷାପରାୟଣ କୌଣସି ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ସାଂସ୍କୃତିକ କାର୍ଯ୍ୟକ୍ରମରେ ନିମନ୍ତ୍ରିତ ହୋଇ ବିଶିଷ୍ଟବ୍ୟକ୍ତିଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇପାରନ୍ତି।

**ସିଂହ** ଲାଭଭାବସ୍ଥ ଶୁଭଗ୍ରହ ପ୍ରଭାବରୁ ଆଜିର ଆଲୋଚନା ଓ ନିଷ୍ପତ୍ତି କାର୍ଯ୍ୟକାରୀ ହେବ। ଶାରୀରିକ ସୁସ୍ଥତାରେ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଲାଭ କରିବେ। ପାରିବାରିକ ଅସୁବିଧା ଓ ଅସାମଞ୍ଜସ୍ୟତା କର୍ମକ୍ଷେତ୍ରକୁ ପ୍ରଭାବିତ କରିପାରେ। ଉତ୍ତରାଫାଲଗୁନୀ ନକ୍ଷତ୍ରର ବୁଝାମଣା ଠିକ୍ ରହିବ ଏବଂ ଲକ୍ଷ୍ୟ ହାସଲରେ ଅସୁବିଧା ହେବନାହିଁ।

**କନ୍ୟା** ଆଜିର ଗ୍ରହସ୍ଥିତି ପ୍ରତ୍ୟେକ ଦୃଷ୍ଟିରୁ ଭଲ ରହିଥିବାରୁ ଯାହା କରିବେ ସେଥିରେ ନିଶ୍ଚିତ ସଫଳତା ପାଇବେ। କିନ୍ତୁ ଅର୍ଥ ସମ୍ପର୍କୀୟ ଆଲୋଚନା କିମ୍ବା ଦ୍ରବ୍ୟପ୍ରାପ୍ତିରେ ପ୍ରତିରୋଧ ସୃଷ୍ଟି ହୋଇପାରେ। ହସ୍ତା ନକ୍ଷତ୍ର ସାଂସ୍କୃତିକ କାର୍ଯ୍ୟକ୍ରମରେ ନିଜକୁ ହଜାଇ ଦେଇପାରନ୍ତି। ପରିବାର ଭିତରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।

**ତୁଳା** ଅନୁକୂଳ ଗ୍ରହସ୍ଥିତି ହେତୁ କର୍ମକ୍ଷେତ୍ରରେ ବିଭିନ୍ନ ସମସ୍ୟା ମଧ୍ୟରେ ଆଶା ପୂରଣ ହେବାର ସୂଚନା ରହିଛି। ସମସ୍ୟାର ସମାଧାନ ଦିଗରେ ବିଜାତୀୟ ବ୍ୟକ୍ତିଙ୍କ ସାହାଯ୍ୟ ପାଇବେ। ବାହାରେ ଭ୍ରମଣ କାରଣରୁ ସାମାନ୍ୟ ଥଣ୍ଡାଜନିତ ସ୍ୱାସ୍ଥ୍ୟହାନି ଘଟିପାରେ। ବାଦ୍ୟ,ନୃତ୍ୟ ତଥା ସଙ୍ଗୀତାଦି କ୍ଷେତ୍ରରେ ପ୍ରଶଂସିତ ହୋଇପାରନ୍ତି।

**ବିଛା** ମୁଖଭାବସ୍ଥ ଚତୁଃଗ୍ରହ କାର୍ଯ୍ୟଦକ୍ଷତା ଓ ଲୋକପ୍ରିୟତା କାରଣରୁ ସମ୍ମୁଖରେ ନ ହେଲେ ମଧ୍ୟ ପଛରେ ଶତ୍ରୁମାନେ ମଧ୍ୟ ପ୍ରଶଂସା କରିବେ। ସ୍ୱାସ୍ଥ୍ୟ, ଲୋକ ସମ୍ପର୍କ, ସାହିତ୍ୟ, ସାମ୍ବାଦିକତା, ରାଜନୀତି ତଥା ପ୍ରଶାସନ କ୍ଷେତ୍ର ଭଲ ରହିବ। ଅନୁରାଧା ନକ୍ଷତ୍ର ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ।

**ଧନୁ** ରାଶି ପ୍ରତି ଗୁରୁ ଓ ଶୁକ୍ରଙ୍କ ସମ୍ପର୍କରୁ ଧର୍ମକାର୍ଯ୍ୟ, ନୂତନ ପ୍ରକଳ୍ପ, ଆନୁଷ୍ଠାନିକ କାମରେ ବ୍ୟୟବରାଦ କରିପାରନ୍ତି। ଶୁଭ ଖବରରୁ ଦିନଟି ଖୁସିରେ ଅତିବାହିତ ହେବ। ନିୟନ୍ତ୍ରିତ ସ୍ୱାସ୍ଥ୍ୟ, ପାରିବାରିକ ସୌହାର୍ଦ୍ଦ୍ୟରୁ ଖୁସି ରହିବେ। ବନ୍ଧୁଙ୍କ ପ୍ରତାରଣା ଓ ପରୋକ୍ଷ ଶତ୍ରୁତାରୁ ମନସ୍ତାପ କରିବେ। ବାଣିଜ୍ୟ, ପରିବହନ ସ୍ଥିତି ମଧ୍ୟମ ପ୍ରକାରର ରହିବ।

**ମକର** ସପ୍ତମାଧିପତି ଭାଗ୍ୟସ୍ଥ ଯୋଗୁ ଆଜିର ଯାତ୍ରା, ବାଣିଜ୍ୟ, ପ୍ରତିଯୋଗିତାରୁ ଶୁଭଫଳ ପାଇବେ। ଅନ୍ୟକୁ ସୁହାଇଲା ଭଳି ବାକ୍ୟାଳାପ କରି ସହଜରେ ଆପଣେଇ ନେବେ। ଅଯାଚିତ ଭାବରେ ଅର୍ଥ, ସମ୍ମାନ ଓ ବନ୍ଧୁଙ୍କ ଆଦର, ଅଭ୍ୟର୍ଥନା ମଧ୍ୟ ପାଇପାରନ୍ତି। କିନ୍ତୁ ସାମୟିକ ଭାବରେ ଦାୟିତ୍ୱପୂର୍ଣ୍ଣ କାମଟିକୁ ପାସୋରି ସମାଲୋଚିତ ହୋଇପାରନ୍ତି।

**କୁମ୍ଭ** ଏକାଦଶସ୍ଥ ଗ୍ରହମାନେ ଅର୍ଥ, ଉଚ୍ଚସମ୍ମାନ, ଆନୁଷ୍ଠାନିକ କାମରେ ସମ୍ବର୍ଦ୍ଧିତ କରିପାରନ୍ତି। ପୁନଶ୍ଚ ପ୍ରତିଷ୍ଠାର୍ଜନ କରିପାରନ୍ତି। କିନ୍ତୁ କଠିନ ପରିଶ୍ରମ ଜନିତ ସ୍ୱାୟବିକ ଦୁର୍ବଳତା ଅନୁଭବ କରିବେ। ଶିଳ୍ପ, ବାଣିଜ୍ୟ, ବନ୍ଧୁ ସମ୍ପର୍କରେ ଉନ୍ନତି ଘଟିବା ସହ ମାଙ୍ଗଳିକ କାମର ପ୍ରସ୍ତୁତିର ଆଲୋଚନା କରିପାରନ୍ତି ।

**ମୀନ** ଆଜି ଛଅଟି ଗ୍ରହ କେନ୍ଦ୍ରସ୍ଥଳରେ ଅବସ୍ଥାନ କରୁଥିବାରୁ ପ୍ରତି କ୍ଷେତ୍ରରେ ସଫଳତା ପାଇବେ। କର୍ମକ୍ଷେତ୍ରରେ ପ୍ରାଧାନ୍ୟତା, ବିଶିଷ୍ଟବ୍ୟକ୍ତିଙ୍କ ସାନିଧ୍ୟ ଏବଂ ବୈଷୟିକ ଅଭିବୃଦ୍ଧିରୁ ଖୁସି ରହିବେ। କିନ୍ତୁ ଭ୍ରାତୃ ସମ୍ପର୍କର ନ୍ୟୂନତା, ପଡ଼ୋଶୀଙ୍କ କୁତ୍ସାରଟନା ସହ ସ୍ୱାସ୍ଥ୍ୟହାନିରୁ ଚିନ୍ତିତ ରହିପାରନ୍ତି। କର୍ମକ୍ଷେତ୍ରରେ ବାକ୍‌ବିତଣ୍ଡାଜନିତ ଟେନ୍‌ସନ ବଢ଼ିପାରେ।

ଆଜି ଜାନୁଆରୀ ୧୦ ତାରିଖ, ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମତିଥି, ମାଘ କୃଷ୍ଣ ସପ୍ତମୀ ଯୁକ୍ତ ଅଷ୍ଟମୀ, ଶନିବାର, ଶ୍ରୀରାମକୃଷ୍ଣ–ବିବେକାନନ୍ଦ ମିଶନ ଓ ମଠରେ ଉତ୍ସବ। ରାଶିନକ୍ଷତ୍ର–ଘ.୦୩।୪୦ ମି. ପର୍ଯ୍ୟନ୍ତ, ହସ୍ତା/କନ୍ୟା, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୫୪ମି. ଗତେ ଘ.୦୯।୧୦ ମଧ୍ୟେ, ଘ. ୧୨।୧୫ ଗତେ ଘ.୦୧।୧୫ ମଧ୍ୟେ ଶୁଭ ଶୁଭ ବେଳା। ଦିବା ଘ.୦୯।୧୦ ଗତେ ଘ.୧୦।୩୨ ମଧ୍ୟେ ରାହୁକାଳ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଖୁ ଚାଷ, କପା ବଣିଜ,**
**ଶୁଣ୍ଠି ସାଙ୍ଗରେ ଭାଗ**
**କ'ଣ କରିବି ବୁଦ୍ଧି ଦିଶୁ ନାହିଁ**
**କାହାକୁ କରିବି ଆଗ ।**

ଚାଷ ଓ ବଣିଜରେ ଅସଙ୍ଗତ ଲୋକଙ୍କ ସହ ଭାଗୀଦାରି ହେବା ଉଚିତ ହୋଇନଥାଏ। ଏଭଳି ଲୋକଙ୍କ ସହ ଭାଗୀଦାରି ହେଲେ ବ୍ୟକ୍ତି ହରବରରେ ପଡ଼ିବା ହିଁ କେବଳ ସାର ହୁଏ। ଏଥିସହ କ୍ଷତିଗ୍ରସ୍ତ ହେବାର ମଧ୍ୟ ସମ୍ଭାବନା ରହେ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଆମ୍ବ ଫଳେ ପେଣ୍ଡାପେଣ୍ଡା**
**ତେନ୍ତୁଳି ଫଳେ ବଙ୍କା**
**ଭଦ୍ରଲୋକଙ୍କ ଘରେ କେବଳ**
**ରାଣ୍ଡ ହାତରେ ଶଙ୍ଖା।**

ବଡଲୋକିଆଙ୍କ କ୍ଷେତ୍ରରେ ନୀତି ନିୟମର ଖୋଲା ବ୍ୟତିକ୍ରମ ଦେଖାଯାଏ। ତାଙ୍କ ପାଇଁ ସବୁ ମାଫ। ବଡ଼ବଡ଼ିଆଙ୍କ ଘରେ ଅନ୍ୟାୟ ଅନୀତି ହେଉଥିଲେ ମଧ୍ୟ ସେଥିପ୍ରତି କେହି ତିଳେହେଲେ ପ୍ରତିବାଦ କରି ନ ଥାନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# କମିବନି ଭକ୍ତନିବାସ ପାର୍କିଂ ଫି'

## ପାର୍କିଂ ଫି' ଯଥାର୍ଥ ବୋଲି କହିଲେ ମୁଖ୍ୟ ପ୍ରଶାସକ

ପୁରୀ,୯।୧(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ପ୍ରଶାସନ ଅଧୀନରେ ଥିବା ୪ଟି ଭକ୍ତନିବାସରେ ଚାରିଚକିଆ ଗାଡ଼ି ପାର୍କିଂ ଫି' ବୃଦ୍ଧି କରାଯାଇଛି। ଭକ୍ତନିବାସରେ ରହିବା ପାଇଁ ଆସୁଥିବା ଭକ୍ତ ଓ ପର୍ଯ୍ୟଟକ ତାଙ୍କର ଚାରିଚକିଆ ଯାନ ପାର୍କିଂ କରିବା ପାଇଁ ଦିନକୁ ୧୮ ଶତକଡ଼ା ଜିଏସ୍‌ଟି ମିଶାଇ ୫୦୦ ଟଙ୍କା ଦେବାକୁ ନୋଟିସ ଜାରି କରାଯାଇଛି। ଶ୍ରୀମନ୍ଦିର ପ୍ରଶାସନର ଏପରି ନିଷ୍ପତ୍ତିକୁ ନେଇ ସେବାୟତଙ୍କ ଠାରୁ ଆରମ୍ଭ କରି ବୁଦ୍ଧିଜୀବୀ ଓ ପର୍ଯ୍ୟଟକ ନାପସନ୍ଦ କରିଛନ୍ତି।

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଫି' ବୃଦ୍ଧି ସମ୍ପର୍କରେ କହିଛନ୍ତି, ଫି' ବୃଦ୍ଧିକୁ ପ୍ରତ୍ୟାହାର କରାଯିବ ନାହିଁ। ଭକ୍ତନିବାସକୁ ଚାରିଚକିଆ ଗାଡ଼ି ନେଇ ଆସୁଥିବା ଭକ୍ତଙ୍କୁ ୨୪ ଘଣ୍ଟା ଗାଡ଼ି ପାର୍କିଂ ପାଇଁ ୫୦୦ ଟଙ୍କା ଦେୟ ଦେବାକୁ ପଡ଼ିବ। ଭକ୍ତନିବାସରେ ଦିନକୁ ୫ରୁ ୧୦ଟି ଗାଡ଼ି ରହିଥାଏ। ସୀମିତ ସ୍ଥାନ ଥିବାରୁ ଅନ୍ୟ ଭକ୍ତମାନଙ୍କ ମଧ୍ୟରେ ସମସ୍ୟା ଦେଖାଯାଇଥାଏ।

ପାର୍କିଂ ଫି' ବୃଦ୍ଧି ପରେ କେତେଜଣ କହିଛନ୍ତି, କାହିଁକି ବୃଦ୍ଧି କରୁଛନ୍ତି, ଘରଭଡ଼ା ବଢ଼ାନ୍ତୁ। ରୁମ୍ ଭଡ଼ା ବଢ଼ାଇବା ସପକ୍ଷରେ ନାହୁଁ। କାରଣ ପୁରୀରେ ଥିବା ସମସ୍ତ ଲଜିଂ, ଭକ୍ତନିବାସଠାରୁ ଶ୍ରୀମନ୍ଦିର ଭକ୍ତନିବାସ ସବୁଠୁ କମ୍ ଦର ରହିଥାଏ। ଭକ୍ତନିବାସର ରୁମ୍ ଦର ଅନ୍ୟାନ୍ୟ ହୋଟେଲ ଅପେକ୍ଷା କମ୍। ଭକ୍ତନିବାସର ସିଙ୍ଗଲ୍ ବେଡ୍ ଏସି ରୁମ୍ ପାଇଁ ୧୩୭୩ ଟଙ୍କା, ଟୁ ବେଡ୍ ଏସି ରୁମ୍‌ର ଦାମ ୧୬୩୦ ଟଙ୍କାରେ ଉପଲବ୍ଧ। ଭକ୍ତନିବାସରେ ରହୁଥିବା ଅଧିକାଂଶ ଶ୍ରଦ୍ଧାଳୁ ୪ଚକିଆ ନେଇ ଆସନ୍ତି ନାହିଁ। ସେମାନେ ନିଜ ସାଧନରେ ଭକ୍ତନିବାସକୁ ଆସିଥାନ୍ତି। ରାଜସ୍ୱ ବୃଦ୍ଧି ଆମର ଲକ୍ଷ୍ୟ ନୁହେଁ। ସର୍ବଦା ଭକ୍ତଙ୍କ ସୁବିଧା, ସୁଯୋଗକୁ ପ୍ରାଥମିକତା ଦିଆଯାଉଛି। ଚାରିଚକିଆ ଯାନ ନେଇ ଆସୁଥିବା ଯାତ୍ରୀ ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ। ପଇସାବାଲା ଲୋକ ତେଣୁ ପାର୍କିଂ ଫି' ୫ ଶହ ଟଙ୍କା ସେମାନେ ଦେଇପାରିବେ।

ଅପରପକ୍ଷରେ ଶ୍ରୀଜଗନ୍ନାଥବଲ୍ଲଭ ମଲ୍ଟି ଲେଭଲ ପାର୍କିଂରେ ଯେଉଁମାନେ ଗାଡ଼ି ରଖୁଛନ୍ତି ସେମାନେ ୨୪ ଘଣ୍ଟାକୁ ୨୪୦ ଟଙ୍କା ଦେବାକୁ ପଡୁଛି। ଏନେଇ ପରିଚାଳନା କମିଟିକୁ ଅବଗତ କରାଯିବ। ଯେଉଁ ଭକ୍ତମାନେ ଚାହିଁବେ ସେମାନେ ଜଗନ୍ନାଥବଲ୍ଲଭ ମଲ୍ଟି ଲେଭଲ ପାର୍କିଂରେ ଗାଡ଼ି ରଖି ଭକ୍ତନିବାସରେ ରୁମ୍ ନେଇପାରିବେ।

# ୧୦୦ ଜଣଙ୍କୁ ଅତି ବିଶିଷ୍ଟ ରେଳସେବା ପୁରସ୍କାର

ଭୁବନେଶ୍ୱର,୯।୧(ଅନୁରାଧା ମହାରଣା)

ଭାରତୀୟ ରେଳପଥ ପକ୍ଷରୁ ଶୁକ୍ରବାର ୭୦ତମ 'ଅତି ବିଶିଷ୍ଟ ରେଳସେବା ପୁରସ୍କାର– ୨୦୨୫' ପ୍ରଦାନ କରାଯାଇଛି। ଏନେଇ ନୂଆଦିଲ୍ଲୀର ଦ୍ୱାରକାସ୍ଥିତ ଇଣ୍ଡିଆ ଇଣ୍ଟରନ୍ୟାଶନାଲ କନଭେନଶନ ଆଣ୍ଡ ଏକ୍ସପୋ ସେଣ୍ଟର (ଯଶୋଭୂମି)ରେ ଆୟୋଜିତ ସମାରୋହରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ୧୦୦ ଜଣ ଅତୁଳନୀୟ କର୍ମଚାରୀ ଓ ଅଧିକାରୀଙ୍କୁ 'ଅତି ବିଶିଷ୍ଟ ରେଳସେବା ପୁରସ୍କାର'ରେ ସମ୍ମାନିତ କରିଛନ୍ତି। ଉତ୍ସବରେ ରେଳ ଓ ଜଳ ଶକ୍ତି ରାଜ୍ୟମନ୍ତ୍ରୀ ଭି. ସୋମନ୍ନା, ରେଳ ଓ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ରାଜ୍ୟମନ୍ତ୍ରୀ ରବନୀତ ସିଂ, ରେଳବୋର୍ଡ ଅଧ୍ୟକ୍ଷ ଓ ସିଇଓ ସତୀଶ କୁମାର, ରେଳବୋର୍ଡର ସଦସ୍ୟ, ବିଭିନ୍ନ ରେଳ ଜୋନ ଓ ଉତ୍ପାଦନ ୟୁନିଟ୍‌ର ମହାପ୍ରବନ୍ଧକମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପୂର୍ବତଟ ରେଳପଥର ଅଧିକାରୀ ଓ କର୍ମଚାରୀମାନେ

**ଶ୍ରେଷ୍ଠ ପ୍ରଦର୍ଶନକାରୀ ଜୋନ୍‌କୁ ଶିଲ୍ଡ ପ୍ରଦାନ କଲେ ଅଶ୍ୱିନୀ ବୈଷ୍ଣବ**



ସମ୍ମାନିତ ହୋଇ ସଂଗଠନକୁ ଗୌରବାନ୍ୱିତ କରିଛନ୍ତି। ବ୍ୟକ୍ତିଗତ ପୁରସ୍କାରବର୍ଗରେ ପୂର୍ବତଟ ରେଳପଥର ଉପମୁଖ୍ୟ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ ଏସ. ଶ୍ରୀନିବାସ ରାଓ, ଲୋକୋ ପାଇଲଟ ଗୁଡ୍ସ (ଇଲେକ୍ଟ୍ରିକାଲ) ସକଲ ଦେଓ ରାଣା ଏବଂ ସହକାରୀ କ୍ରୀଡା ଅଧିକାରୀ ଅମିତ ରୋହିଦାସ ସମ୍ମାନିତ ହୋଇଛନ୍ତି। ଏଥିସହିତ ଭାରତୀୟ ରେଳପଥର ଦକ୍ଷତା, ନିରାପତ୍ତା ଏବଂ ଯାତ୍ରୀ ଅଭିଜ୍ଞତାକୁ ଦୃଷ୍ଟିରେ ରଖି ବିଭିନ୍ନ ବର୍ଗର ସର୍ବୋତ୍ତମ ପ୍ରଦର୍ଶନକାରୀ ରେଳ ଜୋନ୍‌ଗୁଡିକୁ ୨୬ଟି ଶିଲ୍ଡ ପ୍ରଦାନ କରାଯାଇଛି। ଏଥିରେ ପୂର୍ବତଟ ରେଳପଥକୁ ଶ୍ରେଷ୍ଠ କୋଚିଂ ରକ୍ଷଣାବେକ୍ଷଣ ଶିଲ୍ଡ ପ୍ରଦାନ ପୂର୍ବକ ସମ୍ମାନିତ କରିଛନ୍ତି ରେଳମନ୍ତ୍ରୀ।

## ସୌରଶକ୍ତି ପାଇଁ...

ପ୍ରଥମ ପୃଷ୍ଠାରୁ...

କରି ଡାଉନଷ୍ଟ୍ରିମ୍ ଏବଂ ଆନୁଷଙ୍ଗିକ ନିବେଶକୁ ସୁଲଭ କରିବ। ଏହି ସୁବିଧା ଓଡ଼ିଶାରେ ଅପଷ୍ଟ୍ରିମ୍ ସୌର ଭାଲୁଚେନକୁ ସୁଦୃଢ଼ କରିବ। ଗୁରୁତ୍ୱପୂର୍ଣ୍ଣ ସୌରଶକ୍ତି ଉତ୍ପାଦନ ସାମଗ୍ରୀଗୁଡ଼ିକର ଆମଦାନୀ ଉପରେ ଆତ୍ମନିର୍ଭର ହୋଇପାରିବ। ୨୦୩୦ ସୁଦ୍ଧା ୧୦୦ ଜିଡବ୍ଲ୍ୟୁ ଘରୋଇ ସୌର ମଡ୍ୟୁଲ୍ ଉତ୍ପାଦନ କ୍ଷମତା ହାସଲ କରିବାର ଭାରତର ଲକ୍ଷ୍ୟକୁ ସହଜ କରିବ। ଏହା କାଚ, ରାସାୟନିକ ପଦାର୍ଥ, ପ୍ୟାକେଜିଂ, ଲଜିଷ୍ଟିକ୍ ଏବଂ ଅତ୍ୟାଧୁନିକ ଯନ୍ତ୍ରପାତି ଭଳି କ୍ଷେତ୍ରରେ ସହାୟକ ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗକୁ ମଧ୍ୟ ପ୍ରୋତ୍ସାହିତ କରିବା ସହିତ ରାଜସ୍ୱ ବୃଦ୍ଧି କରିବ ବୋଲି ମୁଖ୍ୟ ଶାସନ ସଚିବ ଗର୍ଗ କହିଛନ୍ତି। ଟାଟା ପାୱାର ପୂର୍ବରୁ ଭାରତରେ ବଡ଼ଧରଣର ସୌର ସେଲ୍ ଏବଂ ମଡ୍ୟୁଲ୍ ଉତ୍ପାଦନ କାର୍ଯ୍ୟ କରୁଥିବାରୁ ଏହି ପ୍ରକଳ୍ପ ଓଡ଼ିଶାର ଶିଳ୍ପ ଭିତ୍ତିଭୂମି, ଶିଳ୍ପ ନୀତିରେ ସ୍ଥିରତା ଏବଂ ସୁବିଧା ପ୍ରତି ନିବେଶକଙ୍କ ଦୃଢ଼ ବିଶ୍ୱାସକୁ ପ୍ରତିଫଳିତ କରିବ ବୋଲି ଆଶା କରାଯାଉଛି। ଏହି ପ୍ରକଳ୍ପ ସବୁଜ ଶିଳ୍ପାୟନ, ଉଚ୍ଚ–ପ୍ରଯୁକ୍ତିବିଦ୍ୟା ଉତ୍ପାଦନ ଏବଂ ଶିଳ୍ପ ବିବିଧତା ପାଇଁ ରାଜ୍ୟର ଦୃଷ୍ଟିକୋଣ ସହିତ ଭାରତରେ ଅକ୍ଷୟ ଶକ୍ତି ଉପକରଣ ଉଦ୍ଭାବନ କ୍ଷେତ୍ରରେ ଓଡ଼ିଶାକୁ ଏକ ଅଗ୍ରଣୀ ରାଜ୍ୟ ଭାବରେ ସ୍ଥାପିତ କରିବ ବୋଲି ମୁଖ୍ୟ ସଚିବ କହିଛନ୍ତି।

### ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

ପୁରୀ,(ଅଜିତ୍ କୁମାର ମହାନ୍ତି): ଶ୍ରୀମନ୍ଦିରରେ ଶୁକ୍ରବାର ଶ୍ରୀବିଗ୍ରହମାନଙ୍କର ବଡ଼ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଛି। ପୂର୍ବାହ୍ନରେ ମହାପ୍ରଭୁଙ୍କ ତଡ଼ପଲାଗି ସମୟରେ ବେହରଣ ଦ୍ୱାର ଭିତର ପଟେ ଖଙ୍କାର ପଡ଼ିଥିବା ସେବକଙ୍କ ଦୃଷ୍ଟି ଗୋଚର ହୋଇଥିଲା। ଫଳରେ ତୁରନ୍ତ ସମସ୍ତ ନୀତିକାନ୍ତି ଓ ସର୍ବସାଧାରଣ ଦର୍ଶନ ବନ୍ଦ କରାଯାଇଥିଲା। ପରେ ବଡ଼ ମହାସ୍ନାନ ପାଇଁ ନୀତି ଆରମ୍ଭ ହୋଇଥିଲା। ଧୁଆଧୋଇ ହୋଇ ଚୂନପାଣି ପଡ଼ିଥିଲା। ମହାସ୍ନାନ ପୂଜା ସରିବା ପରେ ଅନ୍ୟାନ୍ୟ ନୀତି ହେବା ସହ ସର୍ବସାଧାରଣ ଦର୍ଶନ ପୁନଃ ଆରମ୍ଭ ହୋଇଥିଲା।

# ଆଣିଥିଲେ ଶବ, ହେଲେ ଶବ

ପୁରୀ,୯।୧(ଅଜିତ୍ କୁମାର ମହାନ୍ତି)

ପୁରୀ ସ୍ୱର୍ଗଦ୍ୱାରରେ ଗୁରୁବାର ବିଳମ୍ବିତ ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଶବ ନେଇ ଆସିଥିବା ଜଣେ ଯୁବକ ଶବ ପାଲଟିଛନ୍ତି। ସାମାନ୍ୟ ବଚସା ଓ କଥା କଟାକଟିକୁ ନେଇ ଯୁବକଙ୍କ ବେକ କାଟି ହତ୍ୟା କରାଯାଇଥିବା ବେଳେ ଅନ୍ୟଜଣେ ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ହତ୍ୟାକାଣ୍ଡର ଶିକାର ହୋଇଥିବା ଯୁବକ ହେଲେ ଭଦ୍ରକ ବନ୍ତ ଥାନା ଅନ୍ତର୍ଗତ ଆପଣ୍ଡା ଗ୍ରାମର ରଞ୍ଜନ କୁମାର ଦାସ, ଗୁରୁତର ହେଲେ ଉକ୍ତ ଗ୍ରାମର ମାନସ ନାୟକ। ସମୁଦ୍ରକୂଳ ଥାନା ପୋଲିସ ଅଭିଯୁକ୍ତ ବାଲିସାହିର ତନ୍ମୟ ମହାପାତ୍ରଙ୍କୁ ଗିରଫ କରି କେସ୍ ନଂ ୯/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ପୁରୀ ଏକ ଧାର୍ମିକ ତଥା ପର୍ଯ୍ୟଟନସ୍ଥଳୀ ହୋଇଥିବାରୁ ପ୍ରତିଦିନ ଲକ୍ଷାଧିକ ଭକ୍ତ ଓ ପର୍ଯ୍ୟଟକମାନେ ଏଠାକୁ ଆସୁଥିବା ବେଳେ ସମୁଦ୍ରକୂଳ ପରି ଏକ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ହତ୍ୟାକାଣ୍ଡ ଘଟଣା ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସୂଚନାଯୋଗ୍ୟ, ମୃତ ଯୁବକ ରଞ୍ଜନ ଜଣେ ସମ୍ପର୍କୀୟଙ୍କ ଶେଷକୃତ୍ୟ ପାଇଁ ସ୍ୱର୍ଗଦ୍ୱାର ଆସିଥିଲେ। ଶେଷକୃତ୍ୟ ପରେ ରଞ୍ଜନ ଓ ତାଙ୍କ ସାଙ୍ଗମାନେ ବାହାରକୁ ଆସି ଚୈତନ୍ୟ ଛକ ନିକଟରେ ବସି କଥାବାର୍ତ୍ତା ହେଉଥିଲେ। ସେଠାରେ ଥିବା ଯୁବକଙ୍କ ସହ କୌଣସି ଏକ କଥାକୁ ନେଇ ବଚସା ହୋଇଥିଲା। ପରେ କଥା କଟାକଟି ସହ ଝଗଡ଼ା ହୋଇଥିଲା। ଏହି ସମୟରେ ଯୁବକ ଜଣଙ୍କ ଉତ୍କ୍ଷିପ୍ତ ହୋଇ ଛୁରିରେ ଆକ୍ରମଣ କରିଥିଲେ। ରଞ୍ଜନଙ୍କ ବେକକୁ ଛୁରିରେ ବାରମ୍ବାର ଆକ୍ରମଣ କରିବା ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ରଞ୍ଜନଙ୍କୁ ବଞ୍ଚାଇବାକୁ ଯାଇ ତାଙ୍କ ସହ ଥିବା ମାନସ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ଆକ୍ରମଣରେ ମାନସ ଗୁରୁତର ହୋଇଥିଲେ। ଅଭିଯୁକ୍ତ ଯୁବକଙ୍କୁ କାବୁ କରି ଲୋକେ ପୋଲିସକୁ ଖବର ଦେଇଥିଲେ। ଖବରପାଇ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ସମୁଦ୍ରକୂଳ ଥାନାରେ ଅଟକ ରଖିବା ସହ ରଞ୍ଜନଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଇଥିଲା।

ଘଟଣା ସମ୍ପର୍କରେ ଆହତ ମାନସ ନାୟକ କହିଛନ୍ତି, ଘର ନିକଟରେ ସମ୍ପର୍କୀୟ ଜେଜେ ମା'ଙ୍କ ଦେହାନ୍ତ ହୋଇଥିଲା। ତାଙ୍କର ଶବ ସତ୍କାର କରିବାକୁ ପୁରୀ ଆସିଥିଲୁ। ସ୍ୱର୍ଗଦ୍ୱାରରୁ ବାହାରି ଆମେ କଥା ହେଉଥିବା ବେଳେ ସେଠାରେ ଥିବା ଜଣେ ଯୁବକ ମୋତେ କାହିଁକି କହୁଛ ବୋଲି କହି ଯୁକ୍ତି କରିଥିଲେ। ଏହାକୁ ନେଇ କଥା କଟାକଟି ହୋଇଥିଲା। ଏହି ସମୟରେ ଯୁବକ ଜଣଙ୍କ ପାଖରେ ରଖିଥିବା ଛୁରିରେ ରଞ୍ଜନଙ୍କୁ ଆକ୍ରମଣ କରିଥିଲେ।

ଏନେଇ ଏସ୍‌ପି ପ୍ରତୀକ ସିଂ ସୂଚନା ଦେଇ କହିଛନ୍ତି, ବିଳମ୍ବିତ ରାତିରେ ଏକ ସୂଚନା ମିଳିଥିଲା ଯେ, କେତେଜଣ ବ୍ୟକ୍ତି ଶବ ଦାହ ପାଇଁ ଆସିଥିଲେ। ସେଠାରେ ତାଙ୍କର ଜଣେ ବ୍ୟକ୍ତିଙ୍କ ସହ ବଚସା ହୋଇଥିଲା। ପରେ ଯୁବକ ଜଣଙ୍କ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲା। ଫଳରେ ରଞ୍ଜନ ଦାସ ନାମକ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ଯୁବକ ଆହତ ହୋଇ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ଅଭିଯୁକ୍ତଙ୍କୁ ସମୁଦ୍ରକୂଳ ଥାନା ପୋଲିସ ଅଟକ ରଖି ଅଧିକ ପଚରାଉଚରା କରୁଥିବା ଏସପି ସୂଚନା ଦେଇଛନ୍ତି।

## ଗାଁରେ ହେଲା ଶବସତ୍କାର

ଭଦ୍ରକ,୯।୧(ସନାତନ ରାଉତ)

ଶବ ସତ୍କାର ପାଇଁ ମୃତଦେହ ନେଇ ପୁରୀ ଯାଇଥିଲାବେଳେ ନିଜେ ଶବ ହୋଇ ଗାଁକୁ ଫେରିଲେ। ଏମିତି ଏକ ଘଟଣା ଘଟିଯାଇଛି ଭଦ୍ରକ ଜିଲା ବନ୍ତ ଥାନା ଆପଣ୍ଡା ଗ୍ରାମରେ। ସୂଚନା ଅନୁଯାୟୀ, ଆପଣ୍ଡା ଗ୍ରାମର ବାଇଧର ନାୟକଙ୍କ ସ୍ତ୍ରୀ ମୃତ୍ୟୁବରଣ କରିବା ପରେ ଗୁରୁବାର ତାଙ୍କ ମୃତଦେହ ନେଇ ପରିବାର ଓ ପଡ଼ୋଶୀ ପୁରୀ ସ୍ୱର୍ଗଦ୍ୱାରକୁ ଯାଇଥିଲେ। ପଡ଼ୋଶୀ ହିସାବରେ ଉକ୍ତ ଗ୍ରାମର ମଦନ ଦାସଙ୍କ ପୁଅ ରଞ୍ଜନ କୁମାର ଦାସ(୩୫) ସ୍ୱର୍ଗଦ୍ୱାର ଯାଇଥିଲେ। କୌଣସି ଏକ କଥାକୁ ନେଇ ବଚସା ହେବା ଏବଂ ଏଥିଜନିତ ଆକ୍ରମଣରେ ରଞ୍ଜନଙ୍କର ମୃତ୍ୟୁ ଘଟିଥିବା ବେଳେ ମାନସ ନାୟକ(୨୮) ଆହତ ହୋଇ ପୁରୀ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ବ୍ୟବଚ୍ଛେଦ ହୋଇ ମୃତଦେହ ଶୁକ୍ରବାର ଅପରାହ୍ନରେ ଗାଁରେ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶରେ ଅନ୍ତିମ ସଂସ୍କାର କରାଯାଇଛି। ରଞ୍ଜନ ବାପା ମାଙ୍କର ଏକମାତ୍ର ପୁଅ ହୋଇଥିବା ବେଳେ ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଆଜି ମୁଖ୍ୟମନ୍ତ୍ରୀଙ୍କ ୨ ଦିନିଆ ସମ୍ବଲପୁର ଗସ୍ତ

ସମ୍ବଲପୁର,୯।୧(ପ୍ରମୋଦ ବହିଦାର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ୨ ଦିନିଆ ସମ୍ବଲପୁର ଗସ୍ତରେ ଆସୁଛନ୍ତି। ଶନିବାର ସକାଳେ ସର୍ବ ପ୍ରଥମେ ମା' ସମଲେଶ୍ୱରୀଙ୍କ ଦର୍ଶନ କରି ଆଶୀର୍ବାଦ ଗ୍ରହଣ କରିବେ। ପୂର୍ବାହ୍ନରେ ନିକଟସ୍ଥ ମହାନଦୀ ପାର୍ଶ୍ୱ ରିଭର ଫ୍ରଣ୍ଟରେ ବହୁ ପ୍ରତୀକ୍ଷିତ ଇ-ବସ୍(ଆମ ବସ୍)ସେବାକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ସେହିପରି ଅପରାହ୍ନରେ ବୁର୍ଲାସ୍ଥିତ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ସାଧାରଣ ସଭାରେ ଯୋଗଦେବା ସହିତ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କରିବେ। ଉକ୍ତ ଦିନ ସେ ରାତିରେ ହୀରାକୁଦ ଅଶୋକ ନିବାସରେ ରାତ୍ରିଯାପନ କରିବେ। ରବିବାର ପୂର୍ବାହ୍ନରେ ସମ୍ବଲପୁରଠାରେ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟରେ

### ଉଦ୍‌ଘାଟନ କରିବେ ଇ-ବସ୍ ସେବା

ପ୍ରାୟ ୨୭ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ନୂତନ ୬ ଶଯ୍ୟା ବିଶିଷ୍ଟ କାଜୁଆଲିଟି(ଆପତ ଚିକିତ୍ସା ବିଭାଗ), ଭେଷଜ ବିଭାଗ ସହିତ ଟ୍ରମାକେୟାର ୟୁନିଟ୍ ଓ ନୂତନ ଓପିଡି(ବହିର୍ବିଭାଗ)କୁ ଉଦ୍‌ଘାଟନ କରିବେ। ଏଥିସହିତ ଜମାଦାରପାଲି ଟିପୁପଡ଼ାଠାରେ ପ୍ରାୟ ୪୫୧ କୋଟି ଟଙ୍କା ବ୍ୟୟ ଅଟକଳରେ ସମ୍ବଲପୁର ସହରରେ ଦିନରାତି ୨୪ ଘଣ୍ଟା ଧରି ପାନୀୟ ଜଳ ଯୋଗାଣ ପାଇଁ ପ୍ରସ୍ତାବିତ ୬୫ ଏମ୍‌ଏଲ୍‌ଡି ବିଶିଷ୍ଟ ଜଳ ବିଶୋଧନ ପ୍ରକଳ୍ପ(ଡବ୍ଲ୍ୟୁଟିପି)ର ଶିଳାନ୍ୟାସ କରିବେ ବୋଲି ଜଣାପଡ଼ିଛି। ଏଥିପାଇଁ ବିଭିନ୍ନ ବିଭାଗରେ ପ୍ରସ୍ତୁତି ଚୂଡାନ୍ତ ହୋଇ ସାରିଥିବା ସୂଚନା ମିଳିଛି।

# ହିଞ୍ଜିଳି କଂଗ୍ରେସ ନେତା ଦଳରୁ ନିଲମ୍ବିତ

ହିଞ୍ଜିଳିକାଟୁ,୯।୧( ଦ୍ୱିତୀକୃଷ୍ଣ ପଣ୍ଡା)

ଗଞ୍ଜାମ(ପଶ୍ଚିମ) ସାଙ୍ଗଠନିକ ଜିଲା କଂଗ୍ରେସ ଅନ୍ତର୍ଗତ ହିଞ୍ଜିଳିକାଟୁ ନିର୍ବାଚନ ମଣ୍ଡଳୀରୁ ୨୦୨୪ ସାଧାରଣ ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ରଜନୀକାନ୍ତ ପାଢ଼ୀଙ୍କୁ ଦଳ ପକ୍ଷରୁ ଶୁକ୍ରବାର ନିଲମ୍ବିତ କରାଯାଇଛି। କିଛିଦିନ ତଳେ ଖରିଡ଼ା ବାଲିଘାଟ ରାସ୍ତା ଖୋଳିବା ଓ ବିପକ୍ଷ ଗୋଷ୍ଠୀ ସହ ଗଣ୍ଡଗୋଳ ନେଇ ହିଞ୍ଜିଳି ଥାନାରେ ପରସ୍ପର ବିରୋଧରେ ୨ ମାମଲା ରୁଜୁ ହୋଇଥିଲା। ରଜନୀକାନ୍ତ ଗଞ୍ଜାମ ଜିଲାପାଳଙ୍କ ଅଫିସ ଆଗରେ ଧାରଣା ଦେଇ ଚର୍ଚ୍ଚାରେ ଥିଲେ। ଋଷିକୁଲ୍ୟା ନଦୀ ବାଲିଘାଟରେ ତାଙ୍କ ଉପରେ ହୋଇଥିବା ଆକ୍ରମଣ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହାପୂର୍ବରୁ ପୁରୁଷୋତ୍ତମପୁର ତହସିଲ ଭୀମପୁର ବାଲିଘାଟ ନେଇ ତାଙ୍କର ଗଣ୍ଡଗୋଳ ଭିଡିଓ ମଧ୍ୟ ଭାଇରାଲ ହୋଇଥିଲା। ରାଜନୀକାନ୍ତ ଦଳୀୟ ଶୃଙ୍ଖଳା ଭଙ୍ଗ କରିଥିବା ପିସିସି ସଭାପତିଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ଅନୁଧ୍ୟାନ କରାଯାଇ ରଜନୀକାନ୍ତଙ୍କୁ ଦଳରୁ ନିଲମ୍ବନ କରାଇଛି।

# ସଞ୍ଚିତାଙ୍କ କେହି ରାଜନୈତିକ ଶତ୍ରୁ ନ ଥିଲେ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୯।୧(ସୁନିତ୍ ମିଶ୍ର)

ବରିଷ୍ଠ ନେତ୍ରୀ ତଥା କୋରେଇ ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟିକା ସଞ୍ଚିତା ମହାନ୍ତିଙ୍କ ବିୟୋଗରେ ଭାଜପାର ଅପୂରଣୀୟ କ୍ଷତି ହୋଇଛି। ଦଳ ପାଇଁ ତାଙ୍କ ନିଷ୍ଠା ଓ ପ୍ରତିବଦ୍ଧତା ପ୍ରେରଣାଦାୟୀ ହୋଇରହିବ। ଦଳ ଲାଗି ସେ ଅନେକ ତ୍ୟାଗ ଓ ତପସ୍ୟା କରିଛନ୍ତି। ପ୍ରତିକୂଳ ପରିସ୍ଥିତିରେ ଅନେକ କାର୍ଯ୍ୟ କରି ସଙ୍ଗଠନକୁ ମଜଭୁତ କରିଛନ୍ତି। ୨୦୦୪ରୁ ୨୦୦୯ ପର୍ଯ୍ୟନ୍ତ କୋରେଇ ବିଧାୟିକା ଭାବେ ସେ କାର୍ଯ୍ୟ କରିଥିଲେ। ସେ କେବଳ ଜଣେ ଦକ୍ଷ ରାଜନେତ୍ରୀ ନୁହନ୍ତି ବରଂ ଜନସେବା ଓ ସାଙ୍ଗଠନିକ କାର୍ଯ୍ୟରେ ଜଣେ କର୍ମଠ ନେତ୍ରୀ ଥିଲେ। କୋରେଇ ଅଞ୍ଚଳର ବିକାଶ ଏବଂ ଜନକଲ୍ୟାଣ ପାଇଁ ନିରନ୍ତର ପରିଶ୍ରମକରି ସାଧାରଣ ଜନତାଙ୍କ ହୃଦୟରେ ଏକ ବିଶେଷ ସ୍ଥାନ ଅଧିକାର କରିଥିଲେ। ଏଥିସହ ଜଗନ୍ନାଥ ସଂସ୍କୃତି ଓ ଓଡ଼ିଆ ଅସ୍ମିତାର ସୁରକ୍ଷା ପାଇଁ ସଞ୍ଚିତା ଅନେକ କାର୍ଯ୍ୟ କରିଛନ୍ତି। ତାଙ୍କର ଅନେକ ପ୍ରତିଦ୍ୱନ୍ଦ୍ୱୀ ଥିଲେ ମଧ୍ୟ କେହି ରାଜନୈତିକ ଶତ୍ରୁ ନ ଥିଲେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସଞ୍ଚିତା ମହାନ୍ତିଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ଏହି ଅବସରରେ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ସ୍ୱର୍ଗତା ମହାନ୍ତି ଜଣେ ସ୍ଥିତପ୍ରଜ୍ଞ ଓ ଉତ୍ସର୍ଗୀକୃତ ରାଜନେତ୍ରୀ ଥିଲେ। ସେ ଲୋକଙ୍କ ସହ ଭଲ ସମ୍ପର୍କ ରଖିପାରୁଥିଲେ। ସେ ଯେଉଁ କାମ ଆରମ୍ଭ କରୁଥିଲେ ତାହା ଶେଷ ନ ହେବା ପର୍ଯ୍ୟନ୍ତ ଛାଡୁ ନ ଥିଲେ। ତାଙ୍କ ସାମାଜିକ, ରାଜନୈତିକ ସମ୍ପର୍କ ଅତ୍ୟନ୍ତ ସୁଦୃଢ଼ ଥିଲା। କୋରେଇ ବିଧାନସଭା ଆସନରେ ରେକର୍ଡ ସଂଖ୍ୟାରେ ବିଜୟୀ ହୋଇ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଥିଲେ ବୋଲି ସେ କହିଛନ୍ତି। ଶ୍ରଦ୍ଧାଞ୍ଜଳି ସଭାରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂ ଦେଓ, ସାଂସଦ ରବି ନାରାୟଣ ବେହେରା, ରାଜ୍ୟସଭା ସଦସ୍ୟ ସୁଜିତ କୁମାର, ବିଧାୟକ ବାବୁ ସିଂ ପ୍ରମୁଖ ଉପସ୍ଥିତ ଥିଲେ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସଞ୍ଚିତା ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ଚେନ୍ନାଇ (ଶ୍ରୀପେରୁମ୍ବୁଦୁର)ଠାରେ ଆମ ଗ୍ରାନାଇଟ୍ ୟୁନିଟ୍‌ରେ କାମ କରିବା ପାଇଁ ପୁରୁଷ ହେଲ୍‌ପର୍ ପ୍ରାର୍ଥୀ ଆବଶ୍ୟକ। ପ୍ରାର୍ଥୀଙ୍କୁ ଫିନିଶ୍‌ଡ ଗ୍ରାନାଇଟ୍ ବୋଝେଇ ଓ ଖଲାସ କରିବା, ପ୍ୟାକିଂ ତଥା ଷ୍ଟାକିଂରେ ସାହାଯ୍ୟ କରିବାକୁ ହେବ। ଦରମା: ଟ.14,000-15,000/-। ରହିବା ଓ ଖାଇବା ସୁବିଧା ଦିଆଯିବ।
ଷ୍ଟୋନ୍ ଆର୍ଟ ପ୍ରା. ଲିଃ, ଚେନ୍ନାଇ
ଯୋଗାଯୋଗ:
8090890945, 8015654079

See Career Appointment on every Wednesday & Saturday

UNIVERSITY DEPARTMENT OF TEACHER EDUCATION
UTKAL UNIVERSITY
VANI VIHAR, BHUBANESWAR-751007, ODISHA
UTKAL UNIVERSITY NAAC A+ Accredited
WALK-IN INTERVIEW
No.: NC-UDTE-84/384/2026 Date: 09/01/2026
Walk-In Interview will be held for engagement of different teaching positions on 17th January, 2026 at 10:00 AM, P.G. Department of Statistics, Utkal University. The engagements are purely temporary on consolidated basis.
For all details and update; please refer to the official website of Utkal University https://utkaluniversity.ac.in
Sd/- Chairperson
PG Council, Utkal University

नालको NALCO
National Aluminium Company Limited
(A Government of India Enterprise)
Nalco Bhawan, Nayapalli, Bhubaneswar - 751 013, Odisha
CIN : L27203OR1981GOI000920
A NAVRATNA COMPANY
RECRUITMENT OF GRADUATE ENGINEER TRAINEES (GETs) THROUGH GATE-2025
National Aluminium Company Limited (NALCO), a Navratna Central PSU and one of the largest integrated Alumina- Aluminium Complexes of Asia, is looking for Graduate Engineer Trainees (GETs) through GATE-2025, as per the details given below:

| Sl. No. | Discipline | No of Posts |
|---|---|---|
| 01 | Mechanical | 59 |
| 02 | Electrical | 27 |
| 03 | Chemical | 24 |

Candidates willing to apply in NALCO may visit career section of NALCO website www.nalcoindia.com for further details.
Advt. No. 10250803, Date: 30/12/2025
CGM(HR)-R&P

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ
ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିଭିତ୍ତିକ ଆଧାରରେ
ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:
ବିଜ୍ଞାପନ ସଂ. CRPD/SCO/2025-26/21 (ଚୁକ୍ତିଭିତ୍ତିକ ପଦବୀ)

| ପୋଷ୍ଟର ନାମ | ଖାଲି ପଦବୀ | ସର୍ବାଧିକ ବୟସ (31.12.2025 କଟ୍ ଅଫ୍) |
|---|---|---|
| ମୁଖ୍ୟ ଆର୍ଥିକ ଅଧିକାରୀ | 1 | 57 ବର୍ଷ |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query) ରେ ଉପଲବ୍ଧ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 05.01.2026 ରୁ 27.01.2026 ପର୍ଯ୍ୟନ୍ତ।

ସ୍ଥାନ: ମୁମ୍ବାଇ
ତାରିଖ: 05.01.2026
ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)

# ଲିଙ୍ଗରାଜଙ୍କ ନୀତିକାନ୍ତି ନେଇ ଆଇନ ମନ୍ତ୍ରୀଙ୍କୁ ରିପୋର୍ଟ ଦେଲା କମିଟି

ଭୁବନେଶ୍ୱର, ୯।୧(ସୁନିତ୍ ମିଶ୍ର)

ମହାପ୍ରଭୁ ଲିଙ୍ଗରାଜଙ୍କ ନୀତିକାନ୍ତି, ସେବାପୂଜା, ବିଧି ଏବଂ ପର୍ବପର୍ବାଣିକୁ ଶୃଙ୍ଖଳିତ କରିବା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ମନ୍ଦିରର ରେକର୍ଡ ଅଫ୍ ରାଇଟ୍ସର ଅନୁଧ୍ୟାନ ଓ ବିଶ୍ଳେଷଣ କରିବା ପାଇଁ ୨ ଜଣିଆ କମିଟି ଗଠନ ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଏହି କମିଟି ପକ୍ଷରୁ ଅନୁଧ୍ୟାନକରି ପ୍ରସ୍ତୁତ କରାଯାଇଥିବା ଅନ୍ତରୀଣ ରିପୋର୍ଟ ଶୁକ୍ରବାର ଅପରାହ୍ନରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ପ୍ରଦାନ କରିଛି। ଅବସରପ୍ରାପ୍ତ ଜଷ୍ଟିସ୍ ଦୁର୍ଗା ପ୍ରସନ୍ନ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ସଦସ୍ୟ ଥାଇ ଗଠିତ ୨ ଜଣିଆ କମିଟି ମନ୍ଦିର, ନିଯୋଗ, ସେବାପୂଜା ବାବଦରେ ଥିବା ବିଭିନ୍ନ ପୁରାତନ ନଥିକୁ ଅନୁଧ୍ୟାନ ସହ ମନ୍ଦିର ସହିତ ସଂଶ୍ଳିଷ୍ଟ ସେବାୟତ, ନିଯୋଗ ଆଦିଙ୍କ ସହ ଆଲୋଚନାକରି ପ୍ରସ୍ତୁତ ଏହି ଅନ୍ତରୀଣ ରିପୋର୍ଟ ପ୍ରଦାନ କରିଛି।

ଏହି ରିପୋର୍ଟକୁ ମନ୍ତ୍ରୀ ହରିଚନ୍ଦନ ଗ୍ରହଣକରିବା ଅବସରରେ କହିଛନ୍ତି, ମହାପ୍ରଭୁ ଲିଙ୍ଗରାଜ ହେଉଛନ୍ତି ସାରା ଓଡ଼ିଶା ତଥା ଦେଶର କୋଣ ଅନୁକୋଣରେ ଥିବା ଶ୍ରଦ୍ଧାଳୁଙ୍କ ଲାଗି ପ୍ରତ୍ୟକ୍ଷ ଠାକୁର। ଶ୍ରୀଲିଙ୍ଗରାଜଙ୍କ ପ୍ରତି ଥିବା ଓଡ଼ିଶାବାସୀଙ୍କ ଭକ୍ତି ଓ ଭାବାବେଗକୁ ସମ୍ମାନ ଜଣାଇ ତାଙ୍କ ନୀତିକାନ୍ତି ଓ ସେବାପୂଜା ଖୁବ୍‌ଶୀଘ୍ର ଶୃଙ୍ଖଳିତ ହେବାକୁ ଯାଉଛି। ଆଗାମୀ ଦିନରେ ଚୂଡ଼ାନ୍ତ ରିପୋର୍ଟ ଆସିବା ପରେ କମିଟି ଦେଇଥିବା ସମସ୍ତ ପ୍ରସ୍ତାବକୁ ଅନୁଶୀଳନକରି ବିଭିନ୍ନ ନୀତିକାନ୍ତି, ପର୍ବପର୍ବାଣି, ଯାନିଯାତ୍ରା, ସେବା ଆଦିକୁ ଶୃଙ୍ଖଳିତ ତଥା ସୁନ୍ଦର ଭାବେ ପରିଚାଳନା କରିବା ସମ୍ଭବ ହୋଇପାରିବ ବୋଲି ମନ୍ତ୍ରୀ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ପବିତ୍ର ମୋହନ ସାମଲ, ଅତିରିକ୍ତ ଶାସନ ସଚିବ ଶିବପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବିଶ୍ୱ ସ୍ତରରେ ସ୍ୱୀକୃତିକୁ ଗୁରୁତ୍ୱ

### ଆଜି ବିଶ୍ୱ ହିନ୍ଦୀ ଦିବସ



ପ୍ରତିବର୍ଷ ଜାନୁଆରୀ ୧୦ରେ ପାଳିତ ହୋଇଆସୁଛି 'ବିଶ୍ୱ ହିନ୍ଦୀ ଦିବସ'। ବିଶ୍ୱ ସ୍ତରରେ ଅନ୍ୟତମ ସର୍ବାଧିକ କଥିତ ଭାଷା ଭାବେ ଅଭିହିତ ହିନ୍ଦୀ ଭାଷାର ପ୍ରଚାର ପ୍ରସାର ତଥା ଏହାର ସ୍ୱୀକୃତି ଲାଗି ଏହି ଦିବସ ଅବସରରେ ଗୁରୁତ୍ୱାରୋପ କରାଯାଇଥାଏ। ୧୯୭୫ ଜାନୁଆରୀ ୧୦ରେ ମହାରାଷ୍ଟ୍ରର ନାଗପୁରଠାରେ ପ୍ରଥମ ବିଶ୍ୱ ହିନ୍ଦୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ଐତିହାସିକ ଦିବସକୁ ସ୍ମରଣ କରିବା ଲାଗି ଭାରତ ସରକାର ୨୦୦୬ରେ ପ୍ରଥମ ଥର ପାଇଁ ଜାନୁଆରୀ ୧୦କୁ ବିଶ୍ୱ ହିନ୍ଦୀ ଦିବସ ଭାବେ ଘୋଷଣା କରିଥିଲେ। ସେବେଠାରୁ ପ୍ରତିବର୍ଷ ଏହି ଦିବସ ଅବସରରେ ସାରା ବିଶ୍ୱରେ ଥିବା ଭାରତୀୟ ଦୂତାବାସ ଓ ଅନ୍ୟାନ୍ୟ ସଂଗଠନ ପକ୍ଷରୁ ବିଶ୍ୱ ହିନ୍ଦୀ ଦିବସ ପାଳନ କରାଯାଉଛି।

ହିନ୍ଦୀକୁ ଏକ ଅନ୍ତର୍ଜାତୀୟ ଭାଷା ଭାବେ ପ୍ରତିଷ୍ଠିତ କରିବା, ଭାରତର ସାଂସ୍କୃତିକ ଐତିହ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇବା ଏବଂ ହିନ୍ଦୀ କବି, ଲେଖକ, ପଣ୍ଡିତ ଓ ଭାଷାପ୍ରେମୀଙ୍କ ଅବଦାନକୁ ସମ୍ମାନିତ କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ।

ଭାରତ ବ୍ୟତୀତ ନେପାଳ, ମରିସସ୍, ଦକ୍ଷିଣ ଆଫ୍ରିକା, ଗୁଏନା ଏବଂ ତ୍ରିନିଦାଦ ପରି ଅନେକ ଦେଶରେ ହିନ୍ଦୀ ଭାଷାଭାଷୀ ଗୋଷ୍ଠୀ ଏହି ଦିବସକୁ ପାଳନ କରନ୍ତି।






ଧର୍ମ ରହିଥାଏ ନିଜକୁ ସଂକୁଚିତ କରି ତା'ର ବାହ୍ୟ ଆଙ୍ଗିକଗୁଡ଼ିକ ଉପରେ– ତା'ର ନିର୍ଦ୍ଦିଷ୍ଟ ସଂସ୍କୃତି ଭିତରେ ଓ କେତେକ ଭାବାଦର୍ଶ ଭିତରେ। କିନ୍ତୁ ଧର୍ମର ମହାନତା ଘଟେ ସେତିକି ବେଳେ, ଯେତେବେଳେ କେତେକ ଯଥାର୍ଥ ଅସାଧାରଣ ବ୍ୟକ୍ତି ସତକୁ ସତ ତାଙ୍କ ଜୀବନରେ କିଛି ଅଧ୍ୟାତ୍ମ ଉପଲବ୍ଧି ଅର୍ଜନ କରିଥାନ୍ତି। –ଶ୍ରୀମା



# ଲାଟେରାଲ ଏଣ୍ଟ୍ରିରେ ସମସ୍ୟା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ୟୁପିଏସ୍‌ସି ଯୁଗ୍ମ ସଚିବ, ନିର୍ଦ୍ଦେଶକ ଏବଂ ଉପସଚିବ ସ୍ତରରେ ୪୫ଟି ଲାଟେରାଲ ଏଣ୍ଟ୍ରି (ବାହାର କ୍ଷେତ୍ରରୁ ବିଶେଷଜ୍ଞ ଆଣି ସରକାରୀ ପଦବୀରେ ଅବସ୍ଥାପିତ କରିବା ପ୍ରକ୍ରିୟା) ପାଇଁ ବିଜ୍ଞାପନ ପ୍ରକାଶ କରିଥିଲା। ହେଲେ ଏକ ବର୍ଷ ପରେ ସଂରକ୍ଷଣ ଉପରେ ରାଜନୈତିକ ପ୍ରତିକ୍ରିୟା ପ୍ରକାଶ ପାଇବାରୁ ତାହାକୁ ପ୍ରତ୍ୟାହାର କରିନେଲା। କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ସୂତ୍ରରୁ ପ୍ରକାଶ ଯେ, ପରିବର୍ତ୍ତନ ପାଇଁ ମନ୍ତ୍ରଣାଳୟଗୁଡ଼ିକ ସହିତ ଆଲୋଚନା ହେଉଛି, କିନ୍ତୁ ବାସ୍ତବରେ ନୀତି ଏଯାବତ କାଗଜପତ୍ରରେ ସୀମିତ ଅଛି। ଆଶ୍ଚର୍ଯ୍ୟଜନକ କଥା, ଆରମ୍ଭରୁ ବିଭିନ୍ନ କ୍ଷେତ୍ରର ପ୍ରାୟ ୬୦ଜଣ ବିଶେଷଜ୍ଞଙ୍କୁ ଅଣାଯାଇଥିଲା, କିନ୍ତୁ ଏବେ ୩୮ରୁ ୪୦ ଜଣ ଅଛନ୍ତି। ଏହି ଅବକ୍ଷୟ ସୂଚିତ କରୁଛି ଯେ, ଏଥିରେ ସମସ୍ୟା ରହିଛି। ଲାଟେରାଲ ଏଣ୍ଟ୍ରି ସ୍ୱାଭାବିକ ଭାବରେ ଖରାପ ନୁହେଁ। ଏଥିରେ ବାହାରୁ ଆସୁଥିବା ବିଶେଷଜ୍ଞ, ବିଶେଷକରି ଅର୍ଥନୀତିଜ୍ଞ, ପ୍ରଯୁକ୍ତିବିତ୍, ବୈଜ୍ଞାନିକଙ୍କଠାରୁ ଭାରତର ସିଭିଲ ସର୍ଭିସେସ ଜଟିଳ ନୀତିଗତ ଚ୍ୟାଲେଞ୍ଜ କ୍ଷେତ୍ରରେ ଉପକୃତ ହୋଇପାରିବେ। କିନ୍ତୁ ଦୃଢ଼ତା ଏବଂ ସ୍ୱଚ୍ଛତା ବିନା ଆମେ ସମ୍ପର୍କବାଦ ଓ ରାଜନୈତିକ ହସ୍ତକ୍ଷେପକୁ ଆମନ୍ତ୍ରଣ କରି ଯୋଗ୍ୟତାକୁ କ୍ଷୟକରି ବିପଦର ସମ୍ମୁଖୀନ ହେଉଛୁ। ସଂରକ୍ଷଣ ପ୍ରତିବାଦ କେବଳ ରାଜନୈତିକ ନାଟକ ନ ଥିଲା। ବରଂ ଏହା ଏକ ସାଧାରଣ ସମସ୍ୟାକୁ ପ୍ରକାଶ କରିଥିଲା, ଯେଉଁଥିରେ ଭାରତର ଆଇନଗତ ଢାଞ୍ଚା ଏବଂ ସାମାଜିକ ନ୍ୟାୟ ପ୍ରତିବଦ୍ଧତା ପରିପ୍ରେକ୍ଷୀରେ ସଂସ୍କାର ବିଷୟରେ କେବେ ବି ଚିନ୍ତା କରାଯାଇ ନ ଥିଲା । ଯୋଗ୍ୟତା, ମୂଲ୍ୟାୟନ ମାନଦଣ୍ଡ, ଉତ୍ତରଦାୟିତ୍ୱ ଏବଂ କାର୍ଯ୍ୟକାଳ ସୁରକ୍ଷା ବିଷୟକୁ ସମାଧାନ ନ କଲେ ସମସ୍ୟା ହ୍ରାସ ପାଇବ ନାହିଁ। ଲାଟେରାଲ ଏଣ୍ଟ୍ରି ସ୍ଲୋଗାନ ହେବା ଉଚିତ ନୁହେଁ। ଯଦି ଏହା କାମ କରିବାକୁ ଯାଉଛି, ତେବେ ଏହାକୁ ସ୍ପଷ୍ଟ ନିୟମ ସହିତ ନିଶ୍ଚିତ କରାଯିବା ଆବଶ୍ୟକ।

### ପ୍ରଶାସନିକ ବିଶୃଙ୍ଖଳା

ବ୍ରହ୍ମୋସ ଏରୋସ୍ପେସର ମହାନିର୍ଦ୍ଦେଶକ ଭାବରେ ଜୈତୀର୍ଥ ଆର୍. ଜୋଶୀଙ୍କ ନିଯୁକ୍ତିକୁ ରଦ୍ଦ କରିବା ପାଇଁ କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲ ପଦକ୍ଷେପ ନେଇଛି, ଯେଉଁଥିରୁ ଭାରତର ବାବୁ ବ୍ୟବସ୍ଥାର ବିଫଳତା ସ୍ପଷ୍ଟ ହେଉଛି। ବ୍ରହ୍ମୋସ ଭଳି ରଣନୈତିକ ପ୍ରତିଷ୍ଠାନକୁ ପ୍ରାର୍ଥୀ ଚିହ୍ନଟ ଓ ଚୟନ ପଦ୍ଧତି ଆରମ୍ଭ କରିବାକୁ କୁହାଯିବା ଏକ ସରଳ ନ୍ୟାୟିକ ଉପାୟ। କିନ୍ତୁ ଏହା ଦର୍ଶାଉଛି ଯେ, ଆପଣଙ୍କ ଶାସନ ମାନଦଣ୍ଡ ପାଇଁ ପୂର୍ଣ୍ଣତଃ ସୁଚିନ୍ତିତ ନିରୀକ୍ଷଣ ଆବଶ୍ୟକ। ବ୍ରହ୍ମୋସ ପ୍ରକୃତରେ ସ୍ଥାନୀୟ ସମସ୍ୟାର ନୂତନ ସମାଧାନ ପନ୍ଥା ବାହାର କରିବାର ପ୍ରୟୋଗଶାଳା ନୁହେଁ। ଏହା ଏକ ପ୍ରମୁଖ ଭାରତ–ରୁଷ୍ ପ୍ରତିରକ୍ଷା ସହଯୋଗ ଏବଂ ଭାରତର ପ୍ରତିରୋଧ କ୍ଷମତା ତଥା ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାର କେନ୍ଦ୍ରବିନ୍ଦୁ। ଏହାର ମୁଖ୍ୟଙ୍କ ନିଯୁକ୍ତି ସ୍ୱଚ୍ଛତା ଓ ସାଂଗଠନିକ ଦୃଢ଼ତାର ମାନଦଣ୍ଡ ହେବା ଦରକାର। କିନ୍ତୁ ଏହା ପରିବର୍ତ୍ତେ ବରିଷ୍ଠତାକୁ ନେଇ ବିବାଦ, ସନ୍ଦେହଜନକ ମୂଲ୍ୟାଙ୍କନ ଏବଂ ନ୍ୟାୟସଙ୍ଗତିର ଅଭାବ ସାମ୍ନାକୁ ଆସୁଛି। ଡିଆରଡିଓର ବିଶିଷ୍ଟ ବୈଜ୍ଞାନିକ ଏସ୍. ନାମ୍ବି ନାଇଡୁଙ୍କ ଅଭିଯୋଗ କେବଳ ଏକ ବ୍ୟକ୍ତିଗତ ଅଭିଯୋଗ ନୁହେଁ। ଯୋଗ୍ୟତାକୁ ନେଇ ଦୀର୍ଘକାଳୀନରୁ ଥିବା ଅସନ୍ତୋଷକୁ ଏହା ପ୍ରକାଶ କରେ। ଯଦି ସର୍ବୋଚ୍ଚ ପଦବୀରେ ଥିବା ସବୁଠୁ ବରିଷ୍ଠ ପ୍ରାର୍ଥୀଙ୍କୁ ଅଣଦେଖା କରାଯାଏ, ତେବେ ଏହା ଉପରେ ବ୍ୟବସ୍ଥାର ରେକର୍ଡରେ ବଳିଷ୍ଠ ଯୁକ୍ତି ରହିବା ଆବଶ୍ୟକ। ପୋଲିସ ମୁଖ୍ୟ ହେଉ ବା ପିଏସ୍‌ୟୁ ମୁଖ୍ୟ କିମ୍ବା ନିୟାମକ ମୁଖ୍ୟ, ଏଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତି ମାମଲା ନ୍ୟାୟିକ ବିବାଦ ସ୍ଥିତିରେ ପହଞ୍ଚିଯାଉଛି। ପ୍ରଶାସନିକ ନିଷ୍ପତ୍ତି ଗ୍ରହଣ ପାଇଁ କୋର୍ଟ ଏବଂ ଟ୍ରିବ୍ୟୁନାଲଗୁଡ଼ିକ ବାରମ୍ବାର ନୈତିକ ଦିଗଦର୍ଶକର ଭୂମିକା ଗ୍ରହଣ କରିବା ଉଚିତ ନୁହେଁ। ପ୍ରତିରକ୍ଷା ପ୍ରତିଷ୍ଠାନଗୁଡ଼ିକରେ ନେତୃତ୍ୱର ବିଶ୍ୱସନୀୟତା ସାମାନ୍ୟ କଥା ନୁହେଁ ; ଯଦି ସରକାର ଦକ୍ଷତା ଏବଂ ବୃତ୍ତିଗତ ଦାବି କରିବାକୁ ଚାହାନ୍ତି, ତେବେ ଏହାକୁ ସେଠାରେ ପ୍ରଦର୍ଶନ କରିବାକୁ ପଡ଼ିବ।

### ୟୁପିରେ କ୍ୟାଡର ସମ୍ପ୍ରସାରଣ

ଉତ୍ତର ପ୍ରଦେଶ(ୟୁପି) ବର୍ତ୍ତମାନ ଏହାର ଅନୁମୋଦିତ ଆଇଏଏସ୍ ସଂଖ୍ୟା ବୃଦ୍ଧି କରିଛି। ଅଧିକ ପଦବୀ, ଅଧିକ ବରିଷ୍ଠ ପଦବୀ, ବିଭିନ୍ନ ବର୍ଗ ପାଇଁ ଅଧିକ ସଂରକ୍ଷଣ ବ୍ୟବସ୍ଥା କରିଛି। ଏହି ସମ୍ପ୍ରସାରଣ ଦୁଇଟି ସତ୍ୟକୁ ସୂଚିତ କରେ। ପ୍ରଥମତଃ, ୟୁପିର ଶାସନ ସମ୍ମୁଖୀନ ହେଉଥିବା ବ୍ୟାପକ ଚ୍ୟାଲେଞ୍ଜକୁ ଶେଷରେ ସରକାର ସ୍ୱୀକାର କରିଛନ୍ତି। ଏତେ ବଡ଼ ରାଜ୍ୟ କମ୍‌ସଂଖ୍ୟକ ବାବୁଙ୍କୁ ନେଇ ଚାଲିପାରିବ ନାହିଁ, ଯେଉଁମାନେ ପ୍ରଶାସନିକ ସ୍ତରରେ ନିରନ୍ତର ସଂଘର୍ଷ କରିଆସୁଛନ୍ତି। ଉତ୍ତର ପ୍ରଦେଶରେ ଖାଲି ପଦବୀ ଏକମାତ୍ର ମୁଣ୍ଡବିନ୍ଧାର କାରଣ ନ ଥିଲା। ବରଂ ଲଗାତର ସ୍ଥାନାନ୍ତର, ସଂକ୍ଷିପ୍ତ କାର୍ଯ୍ୟକାଳ, ସମାନ୍ତରାଳ କ୍ଷମତା ଗଠନ ଏବଂ ରାଜନୈତିକ ସୂକ୍ଷ୍ମ ପରିଚାଳନା ପ୍ରତ୍ୟେକ ସ୍ତରରେ ପ୍ରଶାସନିକ କର୍ତ୍ତୃତ୍ୱକୁ ଶେଷ କରିଦେଇଛି। ଆପଣ ଅଧିକ ଜିଲା ମାଜିଷ୍ଟ୍ରେଟ, ଅଧିକ କମିଶନର, ଅଧିକ ସଚିବ ନିଯୁକ୍ତ କରିପାରିବେ, କିନ୍ତୁ ଯଦି ଚାକିରିରେ ସେମାନଙ୍କର ହାରାହାରି କାର୍ଯ୍ୟକାଳ ବର୍ଷ ନୁହେଁ, କେତୋଟି ମାସ ରଖାଯାଏ, ତେବେ ପ୍ରଶାସନକୁ କିପରି ସୁଦୃଢ଼ କରାଯାଉଛି ବୋଲି କୁହାଯିବ ? ୟୁପିକୁ କେବଳ ଅଧିକ ଅଫିସରଙ୍କ ଆବଶ୍ୟକତା ନାହିଁ ; ଏହାକୁ ଏପରି ଏକ ବ୍ୟବସ୍ଥା ଦରକାର ଯାହା ଅଧିକାରୀଙ୍କୁ ସେମାନଙ୍କ କାମ କରିବା ପାଇଁ ବିଶ୍ୱାସ ଜନ୍ମାଇପାରିବ। କାର୍ଯ୍ୟକାଳର ସ୍ଥିରତା, ମନମୁଖି ହସ୍ତକ୍ଷେପରୁ ସୁରକ୍ଷା, ଦାୟିତ୍ୱର ସ୍ପଷ୍ଟତା ଏବଂ ଫଳାଫଳ–ଭିତ୍ତିକ ଉତ୍ତରଦାୟିତ୍ୱ ଯେକୌଣସି କ୍ୟାଡର ସମ୍ପ୍ରସାରଣ ବିଜ୍ଞପ୍ତି ଅପେକ୍ଷା ଅଧିକ ମୂଲ୍ୟବାନ। ଏହା ନ ହେଲେ ବାସ୍ତବ ଶାସନର ଉନ୍ନତି ହୋଇପାରିବ ନାହିଁ।

Email: dilipcherian@gmail.com

## su | do | ku
Puzzles by Srikant Ghosh

ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | | 5 | 3 | | | | | 7 |
| | | 2 | | | | | | |
| | | | | 7 | | | 8 | |
| | 4 | | 7 | 6 | | 2 | | |
| | 6 | | | | 2 | | | 3 |
| | | | 1 | | | | 5 | |
| | | | 2 | | | 1 | | 5 |
| | 7 | 1 | | 8 | 9 | | | |
| | | | | | | | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 1 | 7 | 3 | 6 | 9 | 2 | 8 | 5 |
| 3 | 2 | 9 | 5 | 8 | 7 | 1 | 4 | 6 |
| 8 | 5 | 6 | 2 | 4 | 1 | 7 | 3 | 9 |
| 5 | 9 | 2 | 8 | 3 | 4 | 6 | 7 | 1 |
| 7 | 4 | 8 | 9 | 1 | 6 | 3 | 5 | 2 |
| 1 | 6 | 3 | 7 | 5 | 2 | 8 | 9 | 4 |
| 9 | 8 | 1 | 6 | 7 | 5 | 4 | 2 | 3 |
| 2 | 7 | 4 | 1 | 9 | 3 | 5 | 6 | 8 |
| 6 | 3 | 5 | 4 | 2 | 8 | 9 | 1 | 7 |

ଗତକାଲିର ଉତ୍ତର

# ସ୍ତମ୍ଭ ଓ ସ୍ତମ୍ଭ ସାହିତ୍ୟ



ଡ.ଛାୟାକାନ୍ତ ଷଡ଼ଙ୍ଗୀ

ଖବରକାଗଜରେ କୌଣସି ଲେଖକର ଆଲେଖ୍ୟ ଯଦି ସ୍ତମ୍ଭ ରୂପରେ ମୁଦ୍ରିତ ହୋଇ ପ୍ରକାଶ ପାଏ ତାକୁ ସ୍ତମ୍ଭ କୁହାଯାଏ ଓ ସେହି ଲେଖକଙ୍କୁ ସ୍ତମ୍ଭକାର କୁହାଯାଏ। ସାଧାରଣତଃ ସ୍ତମ୍ଭଗୁଡ଼ିକରେ ସମସାମୟିକ ସମାଜର ରାଜନୀତିକ, ଅର୍ଥନୀତିକ, ସାଂସ୍କୃତିକ, ଧାର୍ମିକ ତଥା ବହୁବିଧ ସମସ୍ୟା ଆଲୋଚିତ ହୁଏ। ସମାଜର ବିଭିନ୍ନ ସମସ୍ୟା ଉତ୍‌ଥାପନ ଓ ଅନୁଶୀଳନ କଲାବେଳେ ସ୍ତମ୍ଭକାର ତା'ର ନିଜସ୍ୱ ମତକୁ ପରିବେଷଣ କରେ। ମାତ୍ର ଖବରକାଗଜରେ ପ୍ରକାଶ ପାଉଥିବା ସମସ୍ତ ସ୍ତମ୍ଭ ସାହିତ୍ୟ ପଦବାଚ୍ୟ ହୋଇପାରେ ନାହିଁ। ଯଦି ସ୍ତମ୍ଭ ସାହିତ୍ୟର ମାନ ଓ ମୂଲ୍ୟବୋଧ ରକ୍ଷା ନ କରେ ତାହା ସାହିତ୍ୟ ନୁହେଁ। ତାହା କେବଳ ସ୍ତମ୍ଭ। ଅପର ପକ୍ଷରେ ସାହିତ୍ୟ ସର୍ବଦା ସାହିତ୍ୟ, ତାହା ସ୍ତମ୍ଭ ରୂପରେ ପ୍ରକାଶ ପାଉ ଅବା ଭିନ୍ନ ରୂପରେ ପ୍ରକାଶ ପାଉ। ଖବର ମଧ୍ୟ ସ୍ତମ୍ଭ ରୂପରେ ପ୍ରକାଶ ପାଏ, ମାତ୍ର ତାକୁ କେହି ସ୍ତମ୍ଭ ଖବର କହନ୍ତି ନାହିଁ। ତା'ହେଲେ ସାହିତ୍ୟ ସ୍ତମ୍ଭ ରୂପରେ ପ୍ରକାଶ ପାଇଲେ ତାକୁ କାହିଁକି ସ୍ତମ୍ଭ ସାହିତ୍ୟ କୁହାଯିବ, ତାହା ବିତର୍କର ବିଷୟ। ଏଣୁ ସ୍ତମ୍ଭ ସାହିତ୍ୟକୁ ଏବେ ଖବର ସାହିତ୍ୟ କୁହାଗଲାଣି କାରଣ ଏହା ଖବର ଆଧାରିତ।

ଏହି କିଛିବର୍ଷ ହେଲା ସ୍ତମ୍ଭ ସାହିତ୍ୟକୁ ଏକ ସାହିତ୍ୟିକ ସଂରଚନା (LITERARY FORM) ଭାବରେ ଗ୍ରହଣ କରାଯାଉଛି। ତା'ପୂର୍ବରୁ କେବଳ ସ୍ତମ୍ଭ ଶବ୍ଦଟି ବ୍ୟବହାର ହେଉଥିଲା। ତା'ପୂର୍ବରୁ ଆମେ ସ୍ତମ୍ଭ କହିଲେ ଆଜିକାଲି ଯାହା ବୁଝୁ ସେହିଭଳି ଆଲେଖ୍ୟ ଖବରକାଗଜ ଓ ପତ୍ରପତ୍ରିକାରେ ପ୍ରକାଶ ପାଉଥିଲା, ମାତ୍ର ସ୍ତମ୍ଭ ଶବ୍ଦ ବ୍ୟବହାର ହେଉ ନ ଥିଲା। ଅଷ୍ଟାଦଶ ଶତାବ୍ଦୀର ଆଦ୍ୟଭାଗରେ ଇଂଲଣ୍ଡରେ ସାମୟିକ ପତ୍ରିକା (PERIODICAL ESSAY)ର ଉଦ୍ଭବ ହେଲା। ୧୭୦୯ ମସିହାରେ ରିଚାର୍ଡ ଷ୍ଟିଲ୍ "ଦି ଟେଟ୍‌ଲର୍" ନାମରେ ଗୋଟିଏ ସାମୟିକ ପତ୍ରିକା ପ୍ରକାଶ କଲେ ଓ ୧୭୧୧ରେ ଯୋଶେଫ୍ ଏଡିସନ୍ ଓ ରିଚାର୍ଡ୍ ଷ୍ଟିଲ୍‌ଙ୍କ ଯୁଗ୍ମ ପ୍ରଚେଷ୍ଟାରେ 'ଦି ସ୍ପେକ୍ଟାଟର' ନାମରେ ଏକ ପତ୍ରିକା ପ୍ରକାଶ ପାଇଲା। ସେମାନେ ଏହି ପତ୍ରିକାରେ ସମସାମୟିକ ଘଟଣାବଳୀ, ରାଜନୀତି, ଧର୍ମ, ନୀତିବୋଧ ଆଦି ସମ୍ପର୍କରେ ଆଲୋଚନା କରି ନିୟମିତ ଭାବରେ ପ୍ରବନ୍ଧ ପ୍ରକାଶ କଲେ। ପରବର୍ତ୍ତୀ କାଳରେ ସେଗୁଡ଼ିକ ସାହିତ୍ୟ ଭାବରେ ଗୃହୀତ ହେଲା। ସେତେବେଳେ ସେହି ପ୍ରବନ୍ଧଗୁଡ଼ିକ ସ୍ତମ୍ଭ ରୂପରେ ପ୍ରକାଶ ପାଉ ନ ଥିଲେ ମଧ୍ୟ ସେଗୁଡ଼ିକ ହେଉଛନ୍ତି ଆଜିର ଖବରକାଗଜରେ ପ୍ରକାଶ ପାଉଥିବା ସ୍ତମ୍ଭସାହିତ୍ୟର ଅଗ୍ରଦୂତ। ରିଚାର୍ଡ ଷ୍ଟିଲ୍ ଏହାର ମୂଳଦୁଆ ପକାଇଥିଲେ। ସେତେବେଳେ ଉଭୟ ଷ୍ଟିଲ୍ ଓ ଏଡିସନ୍‌ଙ୍କ ପ୍ରବନ୍ଧଗୁଡ଼ିକ ଜନମତକୁ ପ୍ରଭାବିତ କରୁଥିଲା। କ୍ରମେ ଏହିଭଳି ପ୍ରବନ୍ଧର ପାଠକୀୟତା ବଢ଼ିଲା। ଊନବିଂଶ ଶତାବ୍ଦୀରେ ଉଇଲିଅମ୍ ହାଜଲିଟ୍ ଓ ଚାର୍ଲାସ୍ ଲେମ୍ବଙ୍କ ପ୍ରବନ୍ଧ ନିୟମିତ ଭାବରେ ପ୍ରକାଶ ପାଇଲା। ହାଜଲିଟ୍‌ଙ୍କ ପ୍ରବନ୍ଧଗୁଡ଼ିକ ଦି ଏକ୍‌ଜାମିନର,



ଦି ଲଣ୍ଡନ୍ ମାଗାଜିନ ଓ ଦି ଏଡିନ୍‌ବର୍ଗ ରିଭ୍ୟୁରେ ଏବଂ ଲେମ୍ବଙ୍କ ପ୍ରବନ୍ଧଗୁଡିକ ଲଣ୍ଡନ ମାଗାଜିନ୍‌ରେ ପ୍ରକାଶ ପାଇ ଆଦୃତ ହେଲା। ସେତେବେଳେ ସ୍ତମ୍ଭ ଶବ୍ଦଟି ଆଜିର ଅର୍ଥରେ ବ୍ୟବହାର ହେଉ ନ ଥିଲା, ମାତ୍ର ସେଗୁଡିକ ଆଜି ଖବରକାଗଜରେ ପ୍ରକାଶ ପାଉଥିବା ସ୍ତମ୍ଭ ସାହିତ୍ୟର ବିକଶିତ ରୂପ।

ଊନବିଂଶ ଶତାବ୍ଦୀର ଶେଷ ଦଶକରେ ଆଧୁନିକ ଖବରକାଗଜର ପ୍ରସାରଣ ବଢ଼ିବା ପରେ ପୃଷ୍ଠାଗୁଡ଼ିକୁ ସ୍ତମ୍ଭ ଭାବରେ ବିଭାଜନ କରି ମୁଦ୍ରଣ କରାଗଲା ଓ ତା'ପରେ ସ୍ତମ୍ଭ ଶବ୍ଦ ବ୍ୟବହାର ହେଲା। ଭାରତରେ ବ୍ରିଟିଶ ସାମ୍ବାଦିକତାର ପ୍ରଭାବରେ ଖବରକାଗଜଗୁଡିକ ସ୍ତମ୍ଭ ମୁଦ୍ରଣ ଆରମ୍ଭ କଲେ ଓ ବିଂଶ ଶତାବ୍ଦୀର ଆଦ୍ୟଭାଗରେ ସ୍ତମ୍ଭଲିଖନ ଆରମ୍ଭ ହେଲା। ଦି ହିନ୍ଦୁ, ଅମୃତ ବଜାର, ୟଙ୍ଗ୍ ଇଣ୍ଡିଆ, ହରିଜନ ଇତ୍ୟାଦି ପତ୍ରିକାରେ ସ୍ତମ୍ଭ ଏକ ସ୍ପଷ୍ଟ ବିଭାଗ ଭାବରେ ମୁଣ୍ଡଟେକିଲା ଓ ସେହି ସ୍ତମ୍ଭଗୁଡ଼ିକରେ ଲେଖକମାନେ ନିଜର ସ୍ପଷ୍ଟ ମତ ପ୍ରକାଶ କଲେ। ସ୍ୱାଧୀନତା ପରବର୍ତ୍ତୀ ସମୟରେ ରାଜନୀତି, ସମାଜ ସଂସ୍କାର, ଅର୍ଥନୀତି, ପର୍ଯ୍ୟାବରଣ, ଖେଳ ଆଦି ବିବିଧ ବିଷୟରେ ସ୍ତମ୍ଭ ଲେଖାହେଲା। କୁଲଦୀପ ନାୟାର, ଖୁସ୍‌ୱନ୍ତ ସିଂ, ଏମ୍ .ଜେ. ଆକବର ଆଦି ସ୍ତମ୍ଭ ଲେଖି ଆଦୃତ ହେଲେ। ସମ୍ପ୍ରତି ରାମଚନ୍ଦ୍ର ଗୁହା, ଇତିହାସ, ରାଜନୀତି, ପର୍ଯ୍ୟାବରଣ ଉପରେ, ଯୋଗେନ୍ଦ୍ର ଯାଦବ ରାଜନୀତି, ଗଣତନ୍ତ୍ର ଭଳି ବିଷୟ ଉପରେ, ଶେଖର ଗୁପ୍ତା ସମସାମୟିକ ଶାସନ ଓ ଘଟଣାବଳୀ ଉପରେ, ପି ସାଇନାଥ ସାମାଜିକ ନ୍ୟାୟ, ଗ୍ରାମୀଣ ଭାରତ ଉପରେ, ସ୍ୱାମୀନାଥନ୍ ଅର୍ଥନୀତି, ସାମାଜିକ ଜୀବନ, ଶିକ୍ଷା ଉପରେ ଓ ବିବେକ ଦେବରାୟ ଅର୍ଥନୀତି, ଶାସନ ପଦ୍ଧତି, ଆଇନ ଆଦି ଉପରେ ସ୍ତମ୍ଭ ଲେଖୁଛନ୍ତି।

ଓଡ଼ିଶାରେ ସାମ୍ବାଦିକତା ଆରମ୍ଭ ହେଲା ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ। ଉତ୍କଳ ଦୀପିକା (୧୮୬୬)ରେ ସମସାମୟିକ ସାମାଜିକ ସମସ୍ୟା, ସାହିତ୍ୟ, ସଂସ୍କୃତି ଆଧାରିତ ମନନଶୀଳ ପ୍ରବନ୍ଧ ପ୍ରକାଶ ପାଇଲା। ସେତେବେଳେ ସ୍ତମ୍ଭ ଶବ୍ଦ ବ୍ୟବହୃତ ହେଉ ନ ଥିଲେ ମଧ୍ୟ ଏହି ପତ୍ରିକା ସ୍ତମ୍ଭ ଲିଖନର ମୂଳଦୁଆ ପକାଇଥିଲା, କାରଣ ଏହା ତତ୍କାଳୀନ ଜାତୀୟ ସମସ୍ୟାକୁ ବ୍ୟକ୍ତିଗତ ମତ ସହ ପ୍ରକାଶ କରୁଥିଲା। ସମାଜ ୧୯୧୯ରେ ପ୍ରତିଷ୍ଠା ହେବା ପରେ ସାମ୍ବାଦିକତାର ପରିସର ବୃଦ୍ଧିପାଇଲା। ଅନେକ ଲେଖକ ସମାଜ ସଂସ୍କାର, ଜାତୀୟତା, ରାଜନୀତିକ ପରିସ୍ଥିତି, ଭାଷା, ଅସ୍ମିତା ଆଦି ବିଷୟରେ ସ୍ତମ୍ଭ ଲେଖିଲେ। ପରବର୍ତ୍ତୀ ସମୟରେ ପ୍ରଜାତନ୍ତ୍ର, ଧରିତ୍ରୀ, ପ୍ରଗତିବାଦୀ ଆଦି ଖବରକାଗଜରେ ପ୍ରତ୍ୟେକ ଦିନ ବିବିଧ ବିଷୟକ ସ୍ତମ୍ଭ ପ୍ରକାଶ ପାଇ ଜନାଦୃତ ହେଲା। ଗୋପବନ୍ଧୁ ଦାସ, ନୀଳକଣ୍ଠ ଦାସ, ହରେକୃଷ୍ଣ ମହତାବ, ସୁରେନ୍ଦ୍ର ମହାନ୍ତି, ସାତକଡି ହୋତା, ବିଭୂତି ପଟ୍ଟନାୟକ, ଚିତ୍ତରଞ୍ଜନ ଦାସ, ମନୋଜ ଦାସ ଆଦି ସ୍ତମ୍ଭ ରଚନା କରି ଜନମତକୁ ପ୍ରଭାବିତ କରିବାରେ ସଫଳ ହେଲେ। ପରବର୍ତ୍ତୀ ସମୟରେ ସେଗୁଡିକ ସଂକଳିତ ହୋଇ ସାହିତ୍ୟର ମର୍ଯ୍ୟାଦା ଲାଭକଲା। ହରେକୃଷ୍ଣ ମହତାବଙ୍କ 'ଗାଁ ମଜ୍‌ଲିସ', ସୁରେନ୍ଦ୍ର ମହାନ୍ତିଙ୍କ 'ଶେଷସ୍ତମ୍ଭ', ଚିତ୍ତରଞ୍ଜନ ଦାସଙ୍କ 'ବିଶ୍ୱକୁ ଗବାକ୍ଷ' ଓ ମନୋଜ ଦାସଙ୍କ 'କେତେ ଦିଗନ୍ତ' ସ୍ତମ୍ଭ ସାହିତ ଭାବରେ ବହୁଜନାଦୃତ।

ଖବରକାଗଜଗୁଡ଼ିକରେ ଗଳ୍ପ, କବିତା, ରମ୍ୟରଚନା ଆଦି ନିର୍ଦ୍ଦିଷ୍ଟ ଦିନରେ ସ୍ତମ୍ଭ ଆକୃତିରେ ପ୍ରକାଶ ପାଉଥିଲେ ମଧ୍ୟ ତାକୁ ସ୍ତମ୍ଭ ସାହିତ୍ୟ କୁହାଯାଏ ନାହିଁ। ତାହା କେବଳ ସାହିତ୍ୟ ଅନ୍ତର୍ଭୁକ୍ତ। ସ୍ତମ୍ଭ ସାହିତ୍ୟ ମୂଳତଃ ସାମ୍ବାଦିକତାର ଗୋଟିଏ ସଂରଚନା ଭାବରେ ଉଦ୍ଭବ ହୋଇଛି। ମାତ୍ର ସବୁ ସ୍ତମ୍ଭ ସାହିତ୍ୟ ପର୍ଯ୍ୟାୟକୁ ଉନ୍ନୀତ ହୋଇପାରି ନାହିଁ। ସାହିତ୍ୟର ଆତ୍ମା ହେଉଛି ରସ। ବ୍ୟବହୃତ ଶବ୍ଦାବଳୀ ଓ ପରିବେଷଣ ଶୈଳୀ ଯଦି ପାଠକ ହୃଦୟରେ କଳାତ୍ମକ ଆନନ୍ଦ ସୃଷ୍ଟି କରି ନ ପାରେ ତାହା ସାହିତ୍ୟ ପଦବାଚ୍ୟ ନୁହେଁ। ସାହିତ୍ୟ ପାଠକର କଳ୍ପନା ଓ ଭାବାବେଗକୁ ସ୍ପର୍ଶ କରେ। ଏହା ମଣିଷ ଜୀବନର ବିଭିନ୍ନ ଦିଗକୁ ଅନୁଶୀଳନ କରେ, ମାତ୍ର ସିଧାସଳଖ ଉପଦେଶଧର୍ମୀ ନ ହୋଇ ଜୀବନ ପ୍ରତି ଏକ ନୈତିକ ଓ ଦାର୍ଶନିକ ଦୃଷ୍ଟିଭଙ୍ଗୀ ପ୍ରଦାନ କରେ। ଯେଉଁ ସ୍ତମ୍ଭ କେବଳ ସମସାମୟିକ ତଥ୍ୟଭିତ୍ତିକ ତା'ର ସ୍ଥାୟିତ୍ୱ ବେଶିଦିନ ରହେ ନାହିଁ। ସମୟ ଗଡିଗଲେ ତଥ୍ୟ ପ୍ରାସଙ୍ଗିକତା ହରାଏ। ମାତ୍ର ଯେତେବେଳେ ସ୍ତମ୍ଭକାର ତଥ୍ୟକୁ ତତ୍ତ୍ୱ ସହ ମିଶାଇ ସାହିତ୍ୟର ପୁଟ ଦେଇ ଆକର୍ଷଣୀୟ ଶବ୍ଦ ସଂଯୋଜନା ଓ ଶୈଳୀରେ ପରିବେଷଣ କରେ ସେତେବେଳେ ସ୍ତମ୍ଭ ସାହିତ୍ୟ ପଦବାଚ୍ୟ ହୁଏ ଓ କାଳଜୟୀ ହୁଏ। ସ୍ଥାନ, କାଳ ନିର୍ବିଶେଷରେ ଆବେଗିକ ଆବେଦନ ସୃଷ୍ଟି କରିବା, ସାର୍ବଜନୀନ ସତ୍ୟ ପରିବେଷଣ କରିବା ଓ ସୌନ୍ଦର୍ଯ୍ୟବୋଧଯୁକ୍ତ ଆନନ୍ଦ ସୃଷ୍ଟି କରିବା ହେଉଛି ସାହିତ୍ୟର ଧର୍ମ। ଯେଉଁ ସ୍ତମ୍ଭ ଏହା ସୃଷ୍ଟି କରିପାରେ ନାହିଁ ତାହା କେବଳ ସ୍ତମ୍ଭ ହୋଇ ରହେ, ସ୍ତମ୍ଭ ସାହିତ୍ୟ ହୋଇପାରେ ନାହିଁ। ଏବେ ସ୍ତମ୍ଭ ସାହିତ୍ୟକୁ ଖବର ସାହିତ୍ୟ କୁହାଗଲାଣି ଏବଂ ତାହା ପାଇଁ ପୁରସ୍କାର ପ୍ରଦାନ କରାଯାଉଛି। ସମ୍ପ୍ରତି ବହୁ ପ୍ରତିଭାବାନ୍ ଓ ପ୍ରତିଷ୍ଠିତ ଲେଖକ ସ୍ତମ୍ଭ ଲେଖୁଛନ୍ତି। ସେମାନଙ୍କ କେଉଁ ଆଲେଖ୍ୟ ସ୍ତମ୍ଭ ପଦବାଚ୍ୟ ଓ କେଉଁ ଆଲେଖ୍ୟ ସ୍ତମ୍ଭ ସାହିତ୍ୟ ପଦବାଚ୍ୟ ତାହା ପାଠକମାନେ ବିଚାର କରିବେ।

ପ୍ରାକ୍ତନ ଅଧ୍ୟକ୍ଷ, ଡି.ଏ.ଭି
ସ୍ୱୟଂଶାସିତ କଲେଜ, ଟିଟିଲାଗଡ଼
ମୋ: ୭୦୦୮୩୬୯୯୨୦

# ହଜମହୋଇପାରୁ ନ ଥିବା ଦୁଃଖ



ଡ. ଦ୍ୱିତୀଚନ୍ଦ୍ର ସାହୁ

ବଦହଜମି ଗୋଟେ ବଡ଼ ସମସ୍ୟା। ଗ୍ୟାସ୍‌ଜନିତ କାରଣରୁ ଧୀରେ ଧୀରେ ଏଇ ରୋଗ ବୟସ ଅନୁପାତରେ ବଢ଼ିବଢ଼ିଚାଲେ। ମଣିଷକୁ କଲବଲକରେ। ଖାଇବାର ଲୋଭକୁ ରୋକିହୁଏନି କି ଖାଇହୁଏନାହିଁ। ଅନେକ ପ୍ରକାର ପ୍ରତିବନ୍ଧକ ଲାଗିଯାଏ। ଇଏ ବଡ଼ ପୀଡ଼ାଦାୟକ ଅବସ୍ଥା। ସାମ୍ନାରେ ସହଜରେ ଉପଲବ୍ଧ ଖାଦ୍ୟକୁ ଖାଇ ନ ପାରିବା ଏବଂ ପ୍ରତିବଦଳରେ ଯାହା ପାଟିକୁ କେବେ ରୁଚେନି ସେଇ ରକମର ଖାଦ୍ୟକୁ ଗିଳିବାକୁ ବାଧ୍ୟହେବା ପ୍ରାଣକୁ କଲବଲକରେ। ଏଇ ଦୁଃଖକୁ ପ୍ରକାଶ୍ୟରେ କହି ହୁଏନା କି ସହି ହୁଏନା। କହିଲେ ଫେର୍ ଅନେକ କଥା ୟାତାଠାରୁ ଶୁଣିବା ଥୟ। ସେହି କାରଣରୁ ବଦହଜମିର ଶିକାର ମଣିଷଙ୍କ ଜୀବନ ଦୁର୍ବିଷହ ଲାଗେ । ନିଜ ସାମ୍ନାରେ ଟାଉଟାଉ ହୋଇ ଖାଦ୍ୟକୁ ପଶୁପ୍ରାୟ ଚରିଯାଉଥିବା ମଣିଷକୁ ଦେଖିଲେ ନିଜ ଭିତରେ ଈର୍ଷା ଜାତହୁଏ। ରାଗରେ ନିଜ ଭିତରେ ନିଜେ ଜଳିବାକୁ ହୁଏ। ସେହିପରି ବିଭିନ୍ନ ଖାଦ୍ୟର ସ୍ୱାଦ ଅବା ବିଭିନ୍ନ ଭୋଜିଭାତର ଖାଦ୍ୟ ତାଲିକା ବଖାଣିବାବେଳେ ବଦହଜମିର ଶିକାର ହୋଇଥିବା ମଣିଷ ଭିତରେ ଅନୁରୂପ ପ୍ରତିକ୍ରିୟା ଜାତହୁଏ।

ଜୀବନର ସମସ୍ତ ଦୁଃଖ ସମୟର ପାଚନ ପ୍ରକ୍ରିୟାରେ ଗଲେ ନରମ ହୋଇଯାଏ ନାହିଁ। କିଛି ଦୁଃଖ ଏମିତି ଅଛି, ଯାହା ମନୁଷ୍ୟ ମନର ଆତ୍ମସାରକୁ ସ୍ପର୍ଶକରେ ସେଗୁଡ଼ିକୁ ନା ଭୁଲିହୁଏ ନା ଭୋଗିହୁଏ। ଏହି ହଜମ ହୋଇପାରୁ ନ ଥିବା ଦୁଃଖ ମନୁଷ୍ୟ ଅସ୍ତିତ୍ୱର ଗଭୀର ତତ୍ତ୍ୱକୁ ଉଜାଗର କରେ। ଏହା କେବଳ ଖାଦ୍ୟ ଭିତରେ ସୀମିତ ନୁହେଁ। ବିବିଧ କ୍ଷେତ୍ରରେ ମଣିଷଙ୍କ ଭିତରେ ହଜମ ହୋଇପାରୁ ନ ଥିବାର ଦୁଃଖ ଛଟପଟ କରିଥାଏ। ନିଜ ପରିବାର, ସମ୍ପର୍କୀୟ, ସମଗୋତ୍ରୀୟ ତଥା ବନ୍ଧୁବର୍ଗରେ ଏହାର ପରିମାଣ ଟିକେ ଅଧିକ। ନିଜ ପରିବାରର କୌଣସି ସଦସ୍ୟ/ସଦସ୍ୟାଙ୍କ ଉତ୍ତରୋତ୍ତର ଉନ୍ନତି ଘଟିଲେ ପରିବାରରେ ଉତ୍ସବମୁଖର ହେବା କଥା। ଏହା ଏକ ଆନନ୍ଦର ପ୍ରସଙ୍ଗ। କିନ୍ତୁ ଆଜିକାଲି ସବୁ କିଛି ଓଲଟା। ସେଇ ମଣିଷ ପଛରେ ଆରମ୍ଭ ହୋଇଯାଏ ଫୁସୁରୁଫାସୁରୁ କଥାବାର୍ତ୍ତା। ତା'ର ଗୋହି ଖୋଳିବା ଆରମ୍ଭକରି ଦିଅନ୍ତି କେତେଜଣ ମଣିଷ। ନିଜ ଲୋକର ପ୍ରଗତିକୁ ଦେଖିସହି ନ ପାରିବାର ପ୍ରତିକ୍ରିୟା ହେଉଛି ନିନ୍ଦା ଆଲୋଚନା। ସମଗୋତ୍ରୀୟ ତଥା ବନ୍ଧୁବର୍ଗରେ ହଜମ ନ କରିବାର ଦୁଃଖ ଟିକେ ବେଶି। ବିଗତ ଦିନର ତଥାକଥିତ ବନ୍ଧୁ ଆଉ ଏଇ ସଂସାରରେ ନାହାନ୍ତି ବୋଲି ସମସ୍ତେ କହନ୍ତି। ଏବର ବନ୍ଧୁ ଆଗରେ ହାଏ ହାଏ ପଛରେ ବାଏ ବାଏ। ଯଦି ଆପଣ ନିଜର ଦକ୍ଷତା ଓ ସାମର୍ଥ୍ୟ ଅନୁସାରେ ଆଗକୁ ବଢ଼ିଗଲେ କିମ୍ବା ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଆଗୁସାର ହୋଇଗଲେ ତେବେ ଜାଣ ଆପଣଙ୍କ ଶତ୍ରୁ ସୃଷ୍ଟିହୋଇ ସାରିଥିବେ। ଆଉ ସେଥିମଧ୍ୟରୁ ପ୍ରଥମ ନମ୍ବର ଶତ୍ରୁଟିଏ ହୋଇଥିବ ଆପଣଙ୍କର ଯେକୌଣସି ବନ୍ଧୁଟିଏ ଅବା ପାଖ ଲୋକଟିଏ। ଆପଣଙ୍କଠାରୁ ହୁଏତ ସେ କେବେ ନା କେବେ ସହାୟତା ବି ପାଇଥିବ। ନିଜ ସାମର୍ଥ୍ୟ ପ୍ରଦର୍ଶନରେ ଅପାରଗତା ଅବା ବିଫଳତା ସେମାନଙ୍କ



ଦୁଃଖର କାରଣ ହୋଇଥାଏ। ସେହିଭଳି କ୍ଷେତ୍ରରେ ନିଜ ପାଖଲୋକର ପ୍ରଗତି ଓ ପ୍ରଶଂସା ହିଁ ହଜମ ହୋଇପାରୁ ନ ଥିବା ଦୁଃଖ ହୋଇପଡ଼େ। ତେଣିକି ଆପଣଙ୍କ ନାମରେ ପଛରେ କୁତ୍ସାରଟନା ଆରମ୍ଭ ହୁଏ।

ଦର୍ଶନ ଦୃଷ୍ଟିରେ ଏପରି ଦୁଃଖ ହେଉଛି 'ଅଭାବର ଚେତନା'। ମନୁଷ୍ୟ ଯେତେବେଳେ ଯାହାକୁ ଜୀବନର ଅଂଶ ବୋଲି ଭାବିଥାଏ, ସେଇ ଅଂଶର ଅକସ୍ମାତ୍ ଅନୁପସ୍ଥିତି ବା ତା'ର ଅହେତୁକ ପ୍ରଗତି ମନ ଭିତରେ ଶୂନ୍ୟତା ସୃଷ୍ଟିକରେ। ଏହି ଶୂନ୍ୟତା ହେଉଛି ହଜମ ନ ହୋଇପାରିବାର ଦୁଃଖ। ଏହି ଦୁଃଖ ମୂଳରେ ରହିଛି ଆସକ୍ତି। ବୁଦ୍ଧ ଦର୍ଶନ କହେ, ଆସକ୍ତି ହିଁ ଦୁଃଖର କାରଣ। ଯଦିଓ ଆସକ୍ତି ବିନା ମନୁଷ୍ୟ ରହିପାରେନି, କିନ୍ତୁ ସେଇ ଆସକ୍ତି ହେତୁ ଜଣେ ଯଦି ଅନ୍ୟ ପ୍ରତି ଈର୍ଷାଶୀଳ ହୁଏ ସେତେବେଳେ ଦୁଃଖ ବହୁଗୁଣିତ ହୋଇଥାଏ।

ଦୁଃଖକୁ ହଜମ କରିପାରିଲେ ମଣିଷ ସ୍ୱାଭାବିକ ରହେ। ମନରେ ଥରେ ଦୁଃଖ ଜମାଟ ବାନ୍ଧିଲେ ତାହା ଅଭେଦ୍ୟ ପାଚେରି ସୃଷ୍ଟି କରିପାରେ। ତାକୁ ଅତିକ୍ରମ କରିବା ସମ୍ଭବ ହୋଇପାରେନା। ଏମିତିରେ ଦୁଃଖ ବଢ଼େ। ନିଜ ଅନ୍ତରଙ୍ଗ ବନ୍ଧୁର ଖୁସି ନିଜ ପାଇଁ ପୀଡ଼ାଦାୟକ ମନେହୁଏ। ଅପରପକ୍ଷେ ନିଜର ଆତ୍ମୀୟ ଓ ଅନ୍ତରଙ୍ଗ ବନ୍ଧୁଙ୍କ ପ୍ରୀତି ଛଳନା ନିର୍ଭେଜାଲ ମଣିଷଙ୍କୁ କଷ୍ଟଦିଏ। ଯେଉଁମାନଙ୍କ ମୁହଁରେ ଖୁସି ଦେଖିବାକୁ ତା'ର ଅପେକ୍ଷା ଥାଏ, ସେଇମାନଙ୍କ କପଟ ଆଚରଣ ସ୍ୱଭାବତଃ ଯନ୍ତ୍ରଣା ଦେଉଥିଲେ ବି ନିଜର ଉଦାର ହୃଦୟରେ କ୍ଷମା ଦିଏ। ସେ ଜାଣେ ଆଜିକା ସମାଜରେ ମିଠାଛଳନା ଅଧିକ, ଅନ୍ତରଙ୍ଗପଣ କମ୍। ମିତ୍ରତାଠାରୁ ଦ୍ରୋହ ବେଶି। ସମ୍ପର୍କଠାରୁ ତିକ୍ତତା ବହୁତ। ପ୍ରେମ ଅପେକ୍ଷା ପ୍ରତାରଣା ସହଜ।

ଅବଶ୍ୟ ତାତ୍ତ୍ୱିକ ଦୃଷ୍ଟିରୁ ଏପରି ଦୁଃଖ ମନୁଷ୍ୟକୁ ଅଧିକ ସଚେତନ କରେ ନିଜର ସୀମିତତା ଓ ବିଫଳତା ସମ୍ପର୍କରେ। ନିଜର ସାମର୍ଥ୍ୟକୁ ଚିହ୍ନାଇଦିଏ । ଜୀବନ ଯେ ନିର୍ଦ୍ଦିଷ୍ଟତା ଭିତରେ ସମ୍ପୂର୍ଣ୍ଣ ନୁହେଁ। ତା'ର ପରିସର ବ୍ୟାପକ ଓ ବହୁଭାଗ, ବହୁ ଦିଗ ଏବଂ ବହୁ ପ୍ରକାରର ସମାହାର ମାତ୍ର। ଏହି ସତ୍ୟକୁ ନେଇ ଦୁଃଖ ଆମକୁ ବାରମ୍ବାର ସ୍ମରଣକରାଏ। ତଥାପି ତଥାକଥିତ ମଣିଷମାନେ ନିଜର ସାମର୍ଥ୍ୟକୁ ଖୋଜି ସେ ଦିଗରେ ନିଜକୁ ପ୍ରତିଷ୍ଠାକରିବା ଅପେକ୍ଷା ଅନ୍ୟର ଛାୟାରେ ବଞ୍ଚିବା କିମ୍ବା ଅନ୍ୟର ସଫଳତାକୁ ନିଜର ବିଫଳତା ବୋଲି ଧରିବା ଏକ ଭ୍ରମ । ଏଇ ଭ୍ରମରେ ଯିଏ ଥରେ ପଡ଼େ ତା' ପାଇଁ ନିଜ ଅପେକ୍ଷା ବାକି ଲୋକ ଅଜବ ଲାଗନ୍ତି। ନିଜେ ଭଲ ବାକିସବୁ ଅସାର ଲାଗନ୍ତି। । ହଜମହୋଇପାରୁ ନ ଥିବା ଦୁଃଖ ମଧ୍ୟରେ ଏକ ମୌନ ଶିକ୍ଷା ଲୁଚିଥାଏ। ତା'ହେଲା ସହନଶୀଳତା, ସମ୍ବେଦନଶୀଳତା ଓ ଅନ୍ୟର ଯନ୍ତ୍ରଣାକୁ ବୁଝିବାର ଶକ୍ତି। ବଦହଜମିକୁ ସାଧାରଣ ରୋଗ ଭାବି ଯେଉଁମାନେ ଅବହେଳାକରନ୍ତି ତା'ର ଚରମ ପରିଣତି ସେମାନେ ଭୋଗନ୍ତି । ସେହିପରି ହଜମ ନ କରିପାରିବା ଦୁଃଖକୁ ଯିଏ ଜାବୁଡ଼ି ଧରନ୍ତି ସେମାନେ ମୁଖ୍ୟସ୍ରୋତରୁ ଉଭେଇ ଯାଆନ୍ତି।

ଇନ୍ଦିରା ନଗର, ୪ର୍ଥ ଗଳି, ରାୟଗଡ଼ା
ମୋ: ୯୪୩୭୯୦୯୬୭୧

## ଏଇ ଭାରତରେ

ହାତୀଙ୍କ ପାଇଁ ହସ୍ପିଟାଲ, ଏମିତି କଥା କେବେ ଶୁଣିଥିଲେ କି। ଏଭଳି ଏକ ହସ୍ପିଟାଲ ଭାରତରେ ପ୍ରଥମେ ମଥୁରାରେ କରାଯାଇଛି। ଏଠାରେ ଶିକୁଳିରେ ବନ୍ଧାହୋଇ ରହୁଥିବା ଅବହେଳିତ ହାତୀଙ୍କର ହାଇଡ୍ରୋଥେରାପି ପୁଲ୍‌ଠାରୁ ଆରମ୍ଭ କରି ଭେଟେରିନାରି ଚିକିତ୍ସା କରାଯାଉଛି। ଯମୁନା ନଦୀ କୂଳରେ ୧୨,୦୦୦ ବର୍ଗଫୁଟ ଜମିରେ ପ୍ରତିଷ୍ଠା କରାଯାଇଥିବା ଏହ ୱାଇଲ୍ଡ ଲାଇଫ୍ ଏସ୍‌ଓଏସ୍ ଏଲିଫ୍ୟାଣ୍ଟ ହସ୍ପିଟାଲରେ ଆହତ, ଅସୁସ୍ଥ ହାତୀଙ୍କ ଚିକିତ୍ସା ହେଉଛି। ବିଶେଷକରି ଏହି ହାତୀମାନଙ୍କୁ ଅନେକ ବର୍ଷ ବନ୍ଦୀକରି ରଖାଯିବା ସହ ଭିକ୍ଷା କରିବାରେ ଲଗାଯାଇଥାଏ। ଅନେକ ଦଶନ୍ଧି ଧରି ସେମାନଙ୍କୁ ବାନ୍ଧି ରଖିବା ଯୋଗୁ ସେମାନଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ବିଗିଡ଼ି ଯାଇଥାଏ। ଏହା ବ୍ୟତୀତ ଦୀର୍ଘଦିନର କ୍ଷତ ଓ ଗଣ୍ଠି ରୋଗରେ ସେମାନେ ପୀଡ଼ିତ ହେଉଛନ୍ତି। ଏହି ସବୁ ସମସ୍ୟାକୁ ଦୃଷ୍ଟିରେ ରଖି କମ୍ ଖର୍ଚ୍ଚରେ ଚିକିତ୍ସା ସେବା ଯୋଗାଇ ଦିଆଯିବା ପାଇଁ ହସ୍ପିଟାଲ କରାଯାଇଛି। ୱାୟାରଲେସ ଡିଜିଟାଲ ଏକ୍ସ–ରେ, ଥର୍ମାଲ ଇମେଜିଂ ଓ ଅଲଟ୍ରାସୋନୋଗ୍ରାଫି ଦ୍ୱାରା ରୋଗକୁ ଠିକ୍ ଭାବେ ଚିହ୍ନଟ କରାଯାଇପାରୁଛି। କ୍ୟାମ୍ପସ ମଧ୍ୟରେ ହାତୀ ଆମ୍ବୁଲାନ୍ସର ବ୍ୟବସ୍ଥା କରାଯାଇଛି, ଯାହା ହତୀଙ୍କ ଉଦ୍ଧେଶ୍ୟର କରାଯିବା ପରେ ତତ୍‌କ୍ଷଣାତ ଚିକିତ୍ସା କରାଯାଇପାରୁଛି।

## ୫୦ ବର୍ଷ ତଳର ଧରିତ୍ରୀ

୧୦ ଜାନୁଆରୀ ୧୯୭୭

- ରାଜ୍ୟ କଂଗ୍ରେ ଦଳର ବିଧାନସଭା ସଭ୍ୟ ତ୍ରିଲୋଚନ କାନୁନଗେ ଉପରୁ ଅଟଳ ଆଦେଶ ପ୍ରତ୍ୟାହୃତ।
- ଏୟାର ମାର୍ଶାଲ ତ୍ରିଲୋକ ନାଥ ଘଡ଼ିଓକ ଜାତୀୟ ପ୍ରତିରକ୍ଷା କଲେଜର କମାଣ୍ଡର ରୂପେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି।

## ଚିରନ୍ତନୀ

ଚଳଇ ଧୀରେ ମେଘ ଆକାଶେ ନାହିଁ ବେଗ
ଅଶନିଘୋଷ ନାହିଁ ଶୁଭଇ
ପିଛିଳ ପଥେ ପାଦ ରଚଇ ପରମାଦ
ମରମ କି ଦରଦ ଲଭଇ !
–(ବର୍ଷାରତି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କୁ ଚିକିତ୍ସା ଭତ୍ତା ଦିଆଯାଉ

ମହାଶୟ,

କେନ୍ଦ୍ର ସରକାର ତାଙ୍କ କର୍ମଚାରୀଙ୍କୁ ଚିକିତ୍ସା ଭତ୍ତା ଦେଉଛନ୍ତି। ରାଜ୍ୟ ସରକାର ମଧ୍ୟ ବିଚାର ବିଭାଗୀୟ ଅଫିସର(ହାକିମ)ଙ୍କୁ ପେନ୍‌ସନ ସହିତ ୨,୦୦୦ଟଙ୍କା ଚିକିତ୍ସା ଭତ୍ତା ଦେଉଥିବା ସ୍ଥଳେ ଏମ୍‌ଏଲ୍‌ଏଙ୍କୁ ୫୦,୦୦୦ଟଙ୍କା ଚିକିତ୍ସା ଭତ୍ତା ଦେଉଛନ୍ତି। ପୁନଶ୍ଚ ନିକଟ ଅତୀତରେ ସରକାରୀ ମନ୍ତ୍ରୀ ଓ ଏମଏଲଏମାନଙ୍କର ଭତ୍ତା ବଢ଼ାଇଛନ୍ତି। ଅନ୍ୟାନ୍ୟ ରାଜ୍ୟରେ ସରକାର ଚିକିତ୍ସା ଭତ୍ତା ଦେଉଥିବାବେଳେ ଓଡ଼ିଶା ସରକାର ପେନସନରଙ୍କ ଚିକିତ୍ସା ଭତ୍ତା କଥାକୁ କର୍ଣ୍ଣପାତ କରୁନାହାନ୍ତି। ବର୍ତ୍ତମାନ ଦେଉଥିବା ପେନସନ ଟଙ୍କା ସମୁଦ୍ରକୁ ଶଙ୍ଖେ ପରି ମନେହୁଏ। ପେନସନରଙ୍କ ଅଧାରୁ ଅଧିକ ଟଙ୍କା ଔଷଧ କିଣାରେ ଯାଉଥିବା ବେଳେ ପରିବାର ପ୍ରତିପୋଷଣ ସମ୍ଭବ ହେଉନାହିଁ। କେନ୍ଦ୍ରର ପେନ୍‌ସନ ୨୪ଟି ରାଜ୍ୟର ପେନ୍‌ସନର ଓ ରାଜ୍ୟର ଅବସରପ୍ରାପ୍ତ ବିଚାର ବିଭାଗୀୟ କର୍ମଚାରୀ ଏହି ଭତ୍ତା ପାଉଥିବାରୁ ରାଜ୍ୟ ପେନସନରଙ୍କ ଏହା ଏକ ଯୁକ୍ତିଯୁକ୍ତ ଦାବି। ଏଣୁ ରାଜ୍ୟ ସରକାର ପେନ୍‌ସନରମାନଙ୍କ ପାଇଁ ଚିକିତ୍ସା ଭତ୍ତା ମଞ୍ଜୁର କରିବାକୁ ଅନୁରୋଧ। ଏହାଦ୍ୱାରା ରାଜ୍ୟର ୬୫ ଲକ୍ଷ ପେନ୍‌ସନରଙ୍କ ପରିବାର ଉପକୃତ ହେବେ।

–ସୁରେଶ କୁମାର ସାହୁ, ଅବସରପ୍ରାପ୍ତ କର୍ମଚାରୀ (ବିଚାର ବିଭାଗ), ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ନିଷ୍ଠାନୀଳମଣି: ବୈଷ୍ଣବଜନଙ୍କ ମୁକ୍ତି-ସରଣୀ

## ଅତୀତର ବହି



ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ

**ରୀତି ଯୁଗର ଅନ୍ୟତମ ପ୍ରମୁଖ କବି କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା। ତିରିଶରୁ ଅଧିକ ଧର୍ମ ଓ କାହାଣୀଭିତ୍ତିକ କାବ୍ୟର ରଚୟିତା ହୋଇ ବି ଢେର୍ ଦିନଯାଏ ଓଡ଼ିଆ ସାହିତ୍ୟରେ ସେ ଉପେକ୍ଷିତ। ଅଭିମନ୍ୟୁ ସାମନ୍ତସିଂହାର ତାଙ୍କ 'ପ୍ରେମକଳା' କାବ୍ୟରେ ସଦାନନ୍ଦଙ୍କୁ ନିଜର କାବ୍ୟଗୁରୁ ଭାବେ ଅଭିହିତ କଲାପରେ ତାଙ୍କ ପ୍ରତି ସୁଧୀଜନଙ୍କର ଦୃଷ୍ଟି ଆକର୍ଷିତ ହୁଏ। ସଦାନନ୍ଦ ବ୍ରହ୍ମା(ହୋତା)ଙ୍କର ଜନ୍ମହୁଏ ନୟାଗଡ଼ ଜିଲା ଶରଣକୁଳ ନିକଟବର୍ତ୍ତୀ ଭିକାରୀପଡ଼ା ଗ୍ରାମରେ ୧୭୩୮ ଖ୍ରୀଷ୍ଟାବ୍ଦରେ। ଲଡୁକେଶ୍ୱରଙ୍କ ପ୍ରସାଦରୁ ଜନ୍ମ ହୋଇଥିବାରୁ ତାଙ୍କ ପିତୃଦତ୍ତ ନାମ ସଦାଶିବ। ସ୍ନେହରେ ମା' ଡାକନ୍ତି ସଦାନନ୍ଦ। ତାଙ୍କର ଗୁରୁଦତ୍ତ ନାମ ସାଧୁଚରଣ ଦାସ।**



ସଦାନନ୍ଦଙ୍କ ପିତା ପରମାନନ୍ଦ ବ୍ରହ୍ମା ଓ ମାତା ଭବାନୀଦେବୀ ଏବଂ ଗୁରୁ ଶ୍ରୀ କିଶୋର ଦାସ। ସେ ଓଡ଼ିଆ, ବଙ୍ଗଳା ଓ ହିନ୍ଦୀ ଭାଷାରେ ଅନେକ କାବ୍ୟ-କବିତା ରଚନା କରିଛନ୍ତି। ସଂସ୍କୃତ, ପାର୍ଶୀ ଓ ମରାଠୀ ଭାଷାରେ ତାଙ୍କର ଗଭୀର ପ୍ରବେଶ ଥିଲା। ଓଡ଼ିଆ ଭାଷାରେ ସେ ଯୁଗଳ ରସାମୃତଲହରୀ, ଯୁଗଳ ରସାମୃତ ଭଉଁରୀ, ଲଳିତ ଲୋଚନା, ପ୍ରେମ କଳ୍ପଲତା, ପ୍ରେମ ତରଙ୍ଗିଣୀ, ନିଷ୍ଠାନୀଳମଣି, ନାମଚିନ୍ତାମଣି, ଚୌରଚିନ୍ତାମଣି, ପ୍ରୀତିଚିନ୍ତାମଣି ପ୍ରଭୃତି କାବ୍ୟ-କବିତା ରଚନା କରିଛନ୍ତି। ଏଥିସହିତ ଅନେକ କ୍ଷୁଦ୍ର କବିତା, ଚଉତିଶା ଓ ଜଣାଣ ରଚନା ସହ ଭଗବଦ୍ ଗୀତାର ଅନୁବାଦ କରିଛନ୍ତି। ଏସବୁ ତାଳପତ୍ରରେ ଲିଖିତ ହୋଇଥିଲା। ଯହିଁରୁ କିଛି ପୁସ୍ତକାକାରରେ ପ୍ରକାଶ ପାଇଛି। ପୁରୀର ଗଜପତି ବୀରକେଶରୀ ଦେବ ତାଙ୍କ କବିତ୍ୱରେ ମୁଗ୍ଧହୋଇ ତାଙ୍କୁ କବିସୂର୍ଯ୍ୟ ଉପାଧି ପ୍ରଦାନ କରିଥିଲେ।

ତାଙ୍କ କୁଳର ସାଙ୍ଖ୍ୟା ହୋତା ହୋଇଥିଲେ ମଧ ରାଜାଙ୍କ ଦ୍ୱାରା ତାଙ୍କର ପିତାମହ ବ୍ରହ୍ମା ଉପାଧି ପ୍ରାପ୍ତ ହୋଇଥିଲେ। ସେ ସମୟରେ ବ୍ରାହ୍ମଣ ଶାସନଗୁଡ଼ିକରେ ଗ୍ରାମର ଭଲମନ୍ଦ ବୁଝିବା ଓ ସଭାସମିତିରେ ରାଜାଙ୍କର ପ୍ରତିନିଧିତ୍ୱ କରିବା ପାଇଁ ରାଜାମାନେ ସେହି ଗ୍ରାମ କିମ୍ବା ଅନ୍ୟ ଶାସନର ଜ୍ଞାନୀ, ଗୁଣୀ ଓ ବୁଦ୍ଧିମାନ ବ୍ରାହ୍ମଣଙ୍କୁ ବ୍ରହ୍ମା ପଦରେ ନିଯୁକ୍ତି ଦେଉଥିଲେ। ସଦାନନ୍ଦଙ୍କ ପିତା ପରମାନନ୍ଦ ହୋତାଙ୍କୁ ଭିକାରୀପଡ଼ା ଗ୍ରାମର ବ୍ରହ୍ମା ଉପାଧି ମିଳିଥିଲା। ବଂଶାନୁକ୍ରମେ ସଦାନନ୍ଦଙ୍କୁ ମଧ ପୁରୀ ଗଜପତି ବୀରକେଶରୀ ଦେବ ବ୍ରହ୍ମା ଉପାଧି ପ୍ରଦାନ କରିଥିଲେ। ଏହି ଦୁଇଟି ଉପାଧିକୁ ବୈଷ୍ଣବ ଧର୍ମ ଗ୍ରହଣ ପରେ ବୈଷ୍ଣବମାନଙ୍କ ବିରୋଧ ସତ୍ତ୍ୱେ ସେ ଛାଡ଼ିପାରି ନଥିଲେ। ସେ ଲେଖିଛନ୍ତି: ''ମୁଁ କବିସୂର୍ଯ୍ୟ ବ୍ରହ୍ମା ଏହି ଗୁମାନ / କୃଷ୍ଣ ନ ଭଜି ବୃଥା ନେଉଛି ଦିନ ଯେ।'' (ଚତୁର୍ଥ ଛାନ୍ଦ, ନିଷ୍ଠାନୀଳମଣି)

ତାଙ୍କ ରଚିତ 'ନିଷ୍ଠାନୀଳମଣି' କାବ୍ୟଟି ବୈଷ୍ଣବ କାବ୍ୟ ଜଗତରେ ସ୍ୱତନ୍ତ୍ର ମର୍ଯ୍ୟାଦାର ଅଧିକାରୀ। ବୈଷ୍ଣବ ଧର୍ମର ନିଷ୍ଠା ଓ ନିୟମ ସହିତ ଆଚାର, ବିଚାର ଓ ପ୍ରଚାର ପାଇଁ ଏହି ଗ୍ରନ୍ଥ ଅଭିପ୍ରେତ। ଚୈତନ୍ୟପନ୍ଥୀଙ୍କ ଚିନ୍ତା, ଚେତନା ଓ ଆଚାର ବ୍ୟବହାରର ତାତ୍ତ୍ୱିକ ପ୍ରତିଫଳନ ଓ ଧାର୍ମିକ ପଥପ୍ରଦର୍ଶନ ହିଁ ପୁସ୍ତକର ଆଭିମୁଖ୍ୟ। ଓଡ଼ିଶୀ ବୈଷ୍ଣବ ଧର୍ମକୁ ନିବିଡ଼ଭାବେ ବୁଝିବାକୁ ଏହା ଏକ ପ୍ରାମାଣିକ ଗ୍ରନ୍ଥ। ଅଳ୍ପରେ ତତ୍ତ୍ୱବୋଧ ଓ ବିଶୁଦ୍ଧ କବିତ୍ୱର ପରିପ୍ରକାଶ ଏଥିରେ ଘଟିଛି। ଧାର୍ମିକ ତତ୍ତ୍ୱଗ୍ରନ୍ଥଗୁଡ଼ିକ ଶ୍ରୋତା-ବକ୍ତାକ୍ରମରେ ପ୍ରଶ୍ନ ଉତ୍ତର ଛଳରେ ଲେଖାଯାଇଥାଏ। ସଦାନନ୍ଦ ମନ ଓ ଚିତ୍ତକୁ ସମ୍ବୋଧନ କରି ଗଭୀର ତତ୍ତ୍ୱଗୁଡ଼ିକୁ ଅତି ସରଳ ଭାଷାରେ ବର୍ଣ୍ଣନା କରିଛନ୍ତି। ଜଣାଯାଏ, ଏହି ଗ୍ରନ୍ଥ ୧୭୮୦ ଖ୍ରୀଷ୍ଟାବ୍ଦ ପରେ ରଚିତ। ଶ୍ରୀ ରାଧାକୃଷ୍ଣ ବସୁଙ୍କ ଦ୍ୱାରା ସଂଶୋଧିତ ହୋଇ ୟୁନିଅନ୍ ପ୍ରିଣ୍ଟିଂ ୱାର୍କ୍ସ, କଟକରେ ୧୯୨୦ରେ ଏହା ପୁସ୍ତକ ଆକାରରେ ପ୍ରକାଶିତ। ପୁସ୍ତକରେ ୧୨ଟି ଛାନ୍ଦ ରହିଛି। ପ୍ରଥମ ଛାନ୍ଦ ମଙ୍ଗଳାଚରଣରେ ସରସ୍ୱତୀଙ୍କ ବନ୍ଦନା କରାଯାଇଛି। ପ୍ରାକୃତ ଓଡ଼ିଆ ଓ ସଂସ୍କୃତର ସମ୍ମିଳିତ ଭାଷାରେ କାବ୍ୟଟି ରଚିତ (''ବହୁ ଛନ୍ଦ ବନ୍ଧ କାବ୍ୟ ପରାକୃତ ମତେ / ମୋ ମୁଖେ ପ୍ରକାଶିଲେ ସଂସ୍କୃତ ସମ୍ମିଳିତେ।'')

ନୟାଗଡ଼, ଦଶପଲ୍ଲା, ଘୁମୁସର ଓ ଚିକିଟି ପରେ କବି ପୁରୀରେ ଅବସ୍ଥାନ କରିଥିଲେ। ଚିକିଟି ଦରବାରରୁ ସେ ମହାକବି ଉପାଧି ପାଇଥିଲେ। ପୁରୀ ରହଣି ସମୟରେ ବୈଷ୍ଣବ ଧର୍ମ ଗ୍ରହଣ ସହ ଜଗନ୍ନାଥ ସଂସ୍କୃତି ପ୍ରତି ଆକୃଷ୍ଟ ହୋଇଥିଲେ। ମଧୁପୁରଗଡ଼ର ରାଜା ଘନଶ୍ୟାମ ନରେନ୍ଦ୍ର ମଠ ପ୍ରତିଷ୍ଠାକରି ତାଙ୍କୁ ମହନ୍ତ କରିଥିଲେ। ଦ୍ୱୈତବାଦୀ ବୈଷ୍ଣବ ଓ ଅଦ୍ୱୈତବାଦୀଙ୍କୁ ସ୍ମାର୍ତ୍ତରୂପେ ସେ ସ୍ୱୀକାର କରିଛନ୍ତି। ଶୈବ, ଶାକ୍ତ, ଗାଣପତ୍ୟ, ସୌର ଚାରି ସମ୍ପ୍ରଦାୟ ସମ୍ପର୍କରେ ବିଶଦ ବର୍ଣ୍ଣନା ଗ୍ରନ୍ଥରେ ରହିଛି। ବୈଷ୍ଣବଧର୍ମୀମାନଙ୍କର ସମ୍ବନ୍ଧ କୃଷ୍ଣଙ୍କ ସହିତ ସେବ୍ୟ ଓ ସେବକ। କୃଷ୍ଣ ପ୍ରଭୁ ଅନ୍ୟମାନେ ତାଙ୍କର ଦାସ। ସେ ଚାରିଟି ସମ୍ପ୍ରଦାୟ ସମ୍ପର୍କରେ ବିଶେଷ ବର୍ଣ୍ଣନା କରିଛନ୍ତି। 'ଶ୍ରୀ' ସମ୍ପ୍ରଦାୟ ଲକ୍ଷ୍ମୀ ଉପାସନା ଆଧାରିତ ଏବଂ ଏହାର ଶ୍ରେଷ୍ଠ ଆଚାର୍ଯ୍ୟ ରାମାନୁଜ। 'ବ୍ରହ୍ମା' ସମ୍ପ୍ରଦାୟର ମାଧ୍ୱାଚାର୍ଯ୍ୟ, ସନକ ସମ୍ପ୍ରଦାୟର ନିମ୍ବାନୁଜ, ଶିବ ସମ୍ପ୍ରଦାୟର ବିଷ୍ଣୁସ୍ୱାମୀ ପ୍ରମୁଖ ଆଚାର୍ଯ୍ୟ ଆପଣା ଆପଣା ଧର୍ମମତକୁ ପ୍ରଚାର କରିଥିଲେ। ଚାରି ସମ୍ପ୍ରଦାୟଙ୍କର ଚାରିଟି ଧାମ ରାମନାଥ, ବଦ୍ରିକା, ଦ୍ୱାରକା ଓ ବୃନ୍ଦାବନ। ବୃନ୍ଦାବନ ପ୍ରଭୁ କୃଷ୍ଣଙ୍କ ବାସ। ଏଣୁ ଏହାକୁ ସେ ନିତ୍ୟଧାମ ରୂପରେ ସୂଚିତ କରିଛନ୍ତି। ତୃତୀୟ ଛାନ୍ଦରେ ଶାସ୍ତ୍ରନିଷ୍ଠା, ଚତୁର୍ଥ ଛାନ୍ଦରେ ଶ୍ରୀଗୁରୁନିଷ୍ଠା, ପଞ୍ଚମ ଛାନ୍ଦରେ ଆଚାରନିଷ୍ଠା, ଷଷ୍ଠ ଛାନ୍ଦରେ ସଙ୍ଗନିଷ୍ଠା, ସପ୍ତମ ଛାନ୍ଦରେ ଏକାନ୍ତ ଭକ୍ତିନିଷ୍ଠା, ଅଷ୍ଟମ ଛାନ୍ଦରେ ଧାମନିଷ୍ଠା, ନବମ ଛାନ୍ଦରେ ତତ୍ତ୍ୱନିଷ୍ଠା, ଦଶମ ଛାନ୍ଦରେ କୃପାନିଷ୍ଠା, ଏକାଦଶ ଛାନ୍ଦରେ ରସନିଷ୍ଠା ଏବଂ ଦ୍ୱାଦଶ ଛାନ୍ଦରେ ଗଣନିଷ୍ଠା ବର୍ଣ୍ଣିତ ହୋଇଛି। ଗଣନିଷ୍ଠାରେ କୃଷ୍ଣଙ୍କର ପ୍ରିୟା ତିନି ପ୍ରକାରର ଗୋପୀ, ମହିଷୀ ଓ ଲକ୍ଷ୍ମୀଗଣ। ଏମାନେ ଦେବକନ୍ୟା, ବେଦକନ୍ୟା ଓ ମୁନିକନ୍ୟା। ଏ ଭିତରୁ ଗୋପୀକନ୍ୟାମାନେ ନିତ୍ୟସିଦ୍ଧା। 'ନିଷ୍ଠାନୀଳମଣି' ଗ୍ରନ୍ଥରେ ଗୂଢ଼ ବୈଷ୍ଣବ ତତ୍ତ୍ୱକୁ କବି ସହଜଭାବେ ବ୍ୟକ୍ତ କରିଛନ୍ତି। ମନକୁ ବୁଝାଇବା ଓ ଧର୍ମତତ୍ତ୍ୱ ପ୍ରତି ସାଧାରଣ ପାଠକଙ୍କୁ ଆକୃଷ୍ଟ କରିବାରେ ନିଷ୍ଠାନୀଳମଣି ସଫଳ ହୋଇଛି। ସବୁ ଇନ୍ଦ୍ରିୟ ମଧ୍ୟରେ ମନ ସାର। ଏଣୁ ମନ ବା ଚିତ୍ତକୁ ବୁଝାଇବା ପାଇଁ ଏହି ଗ୍ରନ୍ଥରେ ସଫଳ ପ୍ରୟାସ କରାଯାଇଛି। କବିଙ୍କ ଭାଷାରେ ''ସବୁ ଇନ୍ଦ୍ରିୟରେ ପ୍ରଧାନ ମନ ସେ/ ତାହାର ବିଚାର ହେଲା ଏବେ ଏହି ଆଶେ/ କେ ଶ୍ରୋତା କେ ବକ୍ତା ଏଠି କିଛି ନ ବର୍ଣ୍ଣିବି/ ବାତୁଳ ପରାଏ କିଛି ବର୍ଣ୍ଣନ କରିବି।'' (ପ୍ରଥମ ଛାନ୍ଦ)

'ନିଷ୍ଠାନୀଳମଣି'ରେ କବି ନିଜ ମନକୁ ସମ୍ବୋଧନ କରି ତାତ୍ତ୍ୱିକ ଉପଦେଶ ଦେଇଛନ୍ତି। ତାଙ୍କ ମତରେ ଗୌରାଙ୍ଗ (ଚୈତନ୍ୟ)ଙ୍କ ହାଟରେ ବହୁ ଦ୍ରବ୍ୟ ଅଛି। କ୍ରୟ ବିକ୍ରୟ ପାଇଁ ବହୁ ମହାଜନଙ୍କର ଭିଡ଼। ଏଥିମଧ୍ୟରେ କବି ନିଜକୁ ଜଣେ ନୂତନ ବେପାରୀ ବୋଲି କହିଛନ୍ତି। ଲାଭ ଆଶାରେ ମହାଜନମାନେ ଦ୍ରବ୍ୟ କିଣି ସୁନ୍ଦର ପସରା ମେଲିଛନ୍ତି। ଏହି ପସରା ହିଁ 'ନିଷ୍ଠାନୀଳମଣି'। ଯାଚି ଯାଚି ଦ୍ରବ୍ୟ ଦେବା ଉଚିତ ନୁହେଁ ବରଂ


ଭକ୍ତକବି ଶ୍ରୀ କବିସୂର୍ଯ୍ୟବ୍ରହ୍ମାଙ୍କ ପ୍ରଣୀତ
ନିଷ୍ଠାନୀଳମଣି
ଶ୍ରୀରାଧାକୃଷ୍ଣ ବସୁ, ଏମ୍, ଏଙ୍କ
ଦ୍ୱାରା
ପ୍ରକାଶିତ।
ପ୍ରଥମ ସଂସ୍କରଣ
The Union Printing Works,
Printer J. Pradhan,
CUTTACK.
1920
ମୂଲ୍ୟ ଦଶଅଣା ମାତ୍ର।

ରସିକ ଗ୍ରାହକେ ଆପେ ଆସି ଏ ଦ୍ରବ୍ୟ କିଣିବେ। କବି ଉପେନ୍ଦ୍ର ଭଞ୍ଜଙ୍କ ପରବର୍ତ୍ତୀ ସମୟର ଜଣେ ନିଷ୍ଠାବାନ୍ କବି ଓ ବୈଷ୍ଣବ ଧର୍ମ ପ୍ରବକ୍ତାଭାବେ ତାଙ୍କର ଆସନ ଓଡ଼ିଆ ସାରସ୍ୱତ କ୍ଷେତ୍ରରେ କାଳକାଳକୁ ସୁରକ୍ଷିତ।

– ୬୭, ସରସ୍ୱତୀ କୁଞ୍ଜ, ଜାଗମରା
ଖଣ୍ଡଗିରି, ଭୁବନେଶ୍ୱର-୩୦
ମୋ: ୯୪୩୭୨୫୬୧୭୬

## କବିତା

### ଭୁଲିଯିବାର ବେଳ

ଡ. ଅନିଲ ନନ୍ଦ

ସେମାନେ ଭୁଲିଗଲେଣି ସେଦିନଠୁ
ନଈ ସୁଅରେ ଭାସିଯିବା ପରେ
ଚିକ୍‌ଚିକ୍ ଛିଟ ରଙ୍ଗର ଶାର୍ଟ
ପିନ୍ଧି ଆସୁଥିବା ବହୁଦିନର
ଚଉଡ଼ା ବାଟା ଚପଲ।

ଖାଲି ସେମାନେ ନୁହଁ
ଅଭିଯାନରେ ବାହାରିଥିବା
ପାଖ ଓ ଦୂର ଲୋକମାନେ ବି
ଭୁଲିଯାଆନ୍ତି କିଛି ନା କିଛି
ବର୍ଷାରେ ଧୋଇଯିବା ପରେ ଝାଳ
ଖରାରେ ଶିଝିଯିବା ପରେ ରକ୍ତ।

କିଛି କ୍ଷତରେ କଅଁଳି ଆସେ ଚର୍ମ
କିଛି ପଙ୍କରେ ଫୁଟୁଥାଏ ପଦ୍ମ
କିଛି ଦୁର୍ଗ ସାଜେ ଭଗ୍ନାବଶେଷ
ଆଉ ଯାହା ଦେହସୁହା ଘରକରଣା
ଚାଲିଯାଏ ମହାବାତ୍ୟା ମୁହଁକୁ।

ଅନେକ କଥା ରଖିହୁଏନି ମନେ
ଘଷିମାଜି ଦେଉଥିବା ସୁଖ ବା ଦୁଃଖ
ଆପଣାପଣର ନଥିପତ୍ର।
ଯେତେଥର ଫେରାଇ ଅଣାଯାଏ
ଟଙ୍ଗାହେଇଥିବା ଆଇନାରୁ ମୁହଁ
ସେତେଥର ଉଙ୍କିମାରେ ଘା'
ବୋହିପଡ଼େ ପୋଷେ ପୂଯ
ସଂଚରିଯାଏ ପୂତିଗନ୍ଧ
ସେତେଥର ପାହାଡ଼ ହେଇ
ମୁଣ୍ଡ ଟେକେ କେବେକାର ଚିତ୍କାର।

କେତେ କ'ଣ ଭୁଲିଗଲା ପରେ ବି
ହଜାରେ ଘଟଣାର ଘନଘଟା,
କେହି ଭୁଲିପାରନ୍ତି ନାହିଁ
ନିଜ ପାଖରେ ଅନ୍ତତଃ ନିଜକୁ
ନିଜ ସଙ୍ଗେ ଯୋଡ଼ି ହେଉଥିବା
ନିଜ ନବଜାତ ପରିଚୟମାନଙ୍କୁ।

ଆସ୍ତେ ଆସ୍ତେ ଭୁଲିଯିବା ବେଳକୁ ହିଁ
ମନେପଡୁଥାଏ ବାରମ୍ବାର
ନିଜେ ନିଜ ପ୍ରିୟତମ ଈଶ୍ୱର।

ମୋ: ୯୯୩୭୮୪୩୩୬୯

### ହଜିବାର ଭୟ

ଶୁଭସ୍ମିତା ତ୍ରିପାଠୀ

କିଛି ପାଇବାର ଜିଦ୍ କରେନି ସେ
ତା' ରଫ୍‌ଖାତାର
ଅଧାଲେଖା କବିତାରୁ ବୁଝିଥିଲି
ବେଳ ଅବେଳରେ କିନ୍ତୁ
କିଛି ହରେଇବାର ଭୟ ତାକୁ ଖୁବ୍ ଘାରେ
ସେ କିଛି ଭିତରେ ହୁଏତ ଥିବ
କୋଇଲିମାନଙ୍କୁ ପାଳୁଥିବା
ତା' ବାରିପଟ ଗଛଡାଳର ସେ କାଉବସା,
ହଳେ ଜଉ କଣ୍ଢେଇଙ୍କ ଦେହକରେ
ମହମ ଭଳି ତରଳି ଯାଉଥିବା ଦିନ,
କିଛି ପ୍ରିୟତମ ନିଃଶବ୍ଦତା,
ତା' କବିତା ଡାଏରୀ ଭିତରେ
ନିଶ୍ଚିନ୍ତରେ ଶୋଇଯାଇଥିବା
ସେ ନୀଳ ପ୍ରଜାପତି
ଥାଇପାରେ ବି, ସେ ଭୟମାନଙ୍କ ଭିତରେ
କେବେ ଆଉ ତାରାମାନେ ନ ଫୁଟିବାର
ଜହ୍ନହଜା ରାତି!

ଶବ୍ଦ ହୁଏନି, ତମେ ଭାଙ୍ଗ ସ୍ୱପ୍ନର କାଚ,
ଜଳେଇଦିଅ ମେଘଙ୍କୁ ଡାକୁଥିବା ସବୁଜ ଜଙ୍ଗଲ,
ଲିଭେଇଦିଅ ସୂର୍ଯ୍ୟ, ଛିଣ୍ଡେଇନିଅ କଇଁ,
ପଙ୍କରେ ପୋତିଦିଅ ପୋଖରୀ,
କି ଫୁଲମାନଙ୍କୁ ହତ୍ୟାକରି
କାଚ ଶିଶିରେ ସାଇତିନିଅ ଅତର

କିଛି ହରେଇବାର ଭୟ ଥିଲାଯାକ କିନ୍ତୁ
ମଲାଡାଳରେ ପତ୍ର କଅଁଳିବାର ପ୍ରତିଶ୍ରୁତି ନେଇ
ଏମିତି ଉତ୍ତରୁଥିବ ଭିଜିଲା କବିତାର ଧାଡ଼ି!

ମୋ: ୮୪୮୦୮୬୭୧୯୦

### ଗୀତି-କବିତା

### ପ୍ରୀତିଫୁଲ

ସୁଜିତ କୁମାର ମିଶ୍ର

ମୁଁ ଆଶା ସମ୍ଭାରେ ମଧୁ ମୋହାବିଷ୍ଟ
ଅୟୁତ ସୁଖର ଢେଉ,
ତୁମେ ତାରାଫୁଲ ମନ ଆକାଶରେ
ସପନର ମିଠାମହୁ।

ଦିନର ଦୁର୍ବାର ତାତିରେ ତୁମେ ମୋ
ଦରଦୀ ବନ୍ଧୁର ଗୀତି,
ମଳୟ ଛୁଆଁରେ ମୁଁ କଲ୍ଲୋଳ କାବ୍ୟ
କ୍ଳାନ୍ତିହୀନ ପ୍ରଜାପତି।

ମୁଁ ହଜାଇ ମୋତେ ତମକୁ ପାଇଛି
ମମତାର ବନ୍ଧନରେ,
ବୋଧେ ସେଥିପାଇଁ ଭରା ବଇଶାଖେ
ଭିଜୁଛି ମୁଁ ବରଷାରେ।

ଆମ ଗାଆଁ ଦେଇ
ତମେ ଯେବେ ଯାଅ
ବୁଣି ପୀରତିର ବୀଜ,
ମୋତେ ଲାଗେ ପୁଣି ଫଗୁଣ ଫେରିଛି
ହୋଇ ରଙ୍ଗ ସଜବାଜ।

ମୋ: ୭୬୮୩୮୬୭୭୪୨

## ପୁସ୍ତକ ପରିଚୟ

### ଓଡ଼ିଆ ସାହିତ୍ୟ

**କିଛି ମତ କିଛି ଅଭିମତ**



**ଲେଖକ:** ସୁମନ୍ୟୁ ଶତପଥୀ
**ପ୍ରକାଶକ:** ପକ୍ଷୀଘର ପ୍ରକାଶନୀ, ମଧୁସୂଦନ ନଗର, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୪୯୫/-

ଆଲୋଚ୍ୟ ବହିରେ ଲେଖାର ପ୍ରକାରଭେଦକୁ ନେଇ ଚାରିଟି ପରିଚ୍ଛେଦ ରହିଛି। ପ୍ରଥମ ପରିଚ୍ଛେଦ ''ଓଡ଼ିଆ ସାହିତ୍ୟ: ସୃଷ୍ଟି'', ଦ୍ୱିତୀୟ ପରିଚ୍ଛେଦ ''ଓଡ଼ିଆ ସାହିତ୍ୟ: ସ୍ରଷ୍ଟା'' ତୃତୀୟ ପରିଚ୍ଛେଦ ''ଓଡ଼ିଆ ସାହିତ୍ୟ: ଶୈଳୀ'' ଓ ଚତୁର୍ଥ ପରିଚ୍ଛେଦ 'ସାକ୍ଷାତ୍‌କାର'। ''ବହି ବିଷୟରେ ଦୁଇପଦ'' ଶୀର୍ଷକ ଗଦ୍ୟଲେଖରେ ଲେଖାଗୁଡ଼ିକର ସଂହତି ବିଷୟରେ ଉଲ୍ଲେଖ କରି ଇଂଲିଶ୍ ସାହିତ୍ୟରେ ଅଧାପନା ସତ୍ତ୍ୱେ ସେ କିପରି ନିଜ ମାତୃଭାଷା ଓଡ଼ିଆ ପ୍ରତି ଆବେଗାତ୍ମକ ଭାବେ ଶ୍ରଦ୍ଧାଶୀଳ ତାହା ବ୍ୟକ୍ତ କରିଛନ୍ତି। ବାପା ଓଡ଼ିଆ କଥା ସାହିତ୍ୟର ଅନ୍ୟତମ ଦିଗପାଳ ବସନ୍ତ କୁମାର ଶତପଥୀଙ୍କଠୁଁ ସେ ଯେ କଥା କହିବାର ଚତୁରତା ଛଡ଼ାଇ ଆଣିଛନ୍ତି, ଗ୍ରନ୍ଥସ୍ଥ ଆଲୋଚନାଗୁଡ଼ିକ ପଢ଼ିଲେ ତାହା ଜାଣିହୁଏ। ଗୋଟିଏ ଦୃଷ୍ଟାନ୍ତ ଏତେ ପ୍ରଭାବିତ କରେ ଯେ, ତାହା ଉଲ୍ଲେଖ ନ କରି ରହିହୁଏ ନାହିଁ। ନିଜ ପତ୍ନୀ ଅପର୍ଣ୍ଣାଙ୍କୁ ଆଲୋଚ୍ୟ ବହିର ଡମି କପିଟି ଦେଖାଇବା ପରେ ସେ ଏହି ମର୍ମରେ କହନ୍ତି: ''ତମେ ଇଂରାଜୀରେ ପ୍ରଫେସର ଓ ଇଂରାଜୀରେ ଲେଖାପଢ଼ା କର ବୋଲି କହିବାରୁ ମୁଁ ତମକୁ ବାହାହେଇଗଲି। କିନ୍ତୁ ତମେ ଯେ ଓଡ଼ିଆରେ ଲେଖ- ଏ କଥା ଏବେ ଧରାପଡ଼ିଲା।'' ପ୍ରଥମ ପରିଚ୍ଛେଦରେ ଥିବା ଲେଖାଗୁଡ଼ିକ ମଧ୍ୟରୁ ପ୍ରଥମଟି ତୁଳନାତ୍ମକ ''ସେକ୍ସପିୟରଙ୍କ ଟେମ୍ପେଷ୍ଟ ଓ ରାମଶଙ୍କରଙ୍କ ବନବାଳା''। ଅନ୍ୟ ପ୍ରସଙ୍ଗ ମଧ୍ୟରେ ରହିଛି ରାଧାନାଥଙ୍କ ମହାଯାତ୍ରା, ଫକୀରମୋହନଙ୍କ ଛ'ମାଣ ଆଠଗୁଣ୍ଠର ଇଂରାଜୀ ଅନୁବାଦ, ଲଛମା; ଗୋପୀନାଥ ମହାନ୍ତିଙ୍କ ଟଡ଼ପା, ଚନ୍ଦ୍ରଶେଖର ରଥଙ୍କ 'ଯନ୍ତ୍ରାରୂଢ଼', ରମାକାନ୍ତ ରଥଙ୍କ 'ଶ୍ରୀରାଧା', ଅଖିଳ ନାୟକଙ୍କ 'ଭେଦ' ଓ ବାସୁଦେବ ସୁନାନୀଙ୍କ 'ମଶାଣି ସହର ଦିଲ୍ଲୀ'ର ଦଳିତ ଭାବନା। ଦ୍ୱିତୀୟ ପରିଚ୍ଛେଦରେ ଗୋପାଳ ଛୋଟରାୟ, ବସନ୍ତ ଶତପଥୀ, ମହାପାତ୍ର ନୀଳମଣି ସାହୁ, ମନୋଜ ଦାସ, ଜେ.ପି. ଦାସ ଓ ହୃଷୀକେଶ ମଲ୍ଲିକଙ୍କ ଲେଖକୀୟ ସ୍ୱାତନ୍ତ୍ର୍ୟ ଆଲୋଚିତ। ତୃତୀୟ ପରିଚ୍ଛେଦରେ ଓଡ଼ିଆ ଭ୍ରମଣ ବୃତ୍ତାନ୍ତ ପରିସରରେ ଭୁବନେଶ୍ୱର ବେହେରାଙ୍କ ପଶ୍ଚିମ ଆଫ୍ରିକାରେ ଢେଙ୍କି, ଶୈଳୀ ନନ୍‌ସେନ୍ସ, ଓଡ଼ିଆ ଲାଳିକା ଓ ଅନୁବାଦ ପ୍ରସଙ୍ଗରେ ଚର୍ଚ୍ଚା କରାଯାଇଛି। ଚତୁର୍ଥ ପରିଚ୍ଛେଦରେ ଜୟନ୍ତ ମହାପାତ୍ର ଓ ମନୋଜ ଦାସଙ୍କ ସହ ସାକ୍ଷାତ୍‌କାର ବହିଟିକୁ ପୁଷ୍କଳ କରିଛି। ଦୃଷ୍ଟିକୋଣର ଭିନ୍ନତା ଓ ପ୍ରସଙ୍ଗର ବିବିଧତା ଦୃଷ୍ଟିରୁ ଆଲୋଚ୍ୟ ପୁସ୍ତକଟି ଓଡ଼ିଆ ସମାଲୋଚନା ସାହିତ୍ୟରେ ଏକ ସମୟୋପଯୋଗୀ ସଂଯୋଗ।

### ଓଲଟପୁର



**ଲେଖକ:** ବିରଜା ରାଉତରାୟ
**ପ୍ରକାଶକ:** ବ୍ଲାକ୍ ଇଗଲ୍ ବୁକ୍ସ, ଡବ୍‌ଲିନ, ଆମେରିକା
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୧୮୦/-

ଆଲୋଚ୍ୟ ଉପନ୍ୟାସଟିର କଳେବର ୧୧୧ ପୃଷ୍ଠାର, ତଥାପି ଏହାକୁ ଉପନ୍ୟାସ ନ କହି ଲେଖକ କହିଛନ୍ତି 'ଉପନ୍ୟାସିକା' (ପ୍ରଚ୍ଛଦଲେଖ)। 'ଓଲଟପୁର' ପରି କୃତ୍ରିମ ଅଙ୍ଗନ୍ୟାସ ଓ ସେବା ଚିକିତ୍ସାର ଏକ ବିଶ୍ୱସନୀୟ ପ୍ରତିଷ୍ଠାନ ହେଉଛି ଉପନ୍ୟାସର ପ୍ରସଙ୍ଗ। ଦୁର୍ଘଟଣା ଓ ନାନା ପ୍ରତିକୂଳ ସ୍ଥିତିର ଶିକାର ହୋଇ ଭିନ୍ନକ୍ଷମ ହୋଇଯାଇଥିବା ଲୋକଙ୍କର ଆଶାର କେନ୍ଦ୍ରଭାବେ ଲେଖକ 'ଓଲଟପୁର' ଉପନ୍ୟାସଟିକୁ ଗଢ଼ି ତୋଳିଛନ୍ତି। ସୀମାଦ୍ରି ଓ ତା'ର ସେବିକା ବିଦ୍ୟୁ ଉପନ୍ୟାସର ମୁଖ୍ୟ ଚରିତ୍ର ହୋଇଥିଲେ ବି ଏଥିରେ ଥିବା ଅନ୍ୟ ଚରିତ୍ର ଯଥା- ରୋନି, ରୋହିତ, କାଳିଆ, ଅର୍ପିତା, ଐଶ୍ୱର୍ଯ୍ୟା ଓ ବିଭୂତିବାବୁ ଆଦିଙ୍କ ଉପଲବ୍ଧି ଗ୍ରନ୍ଥର କାହାଣୀକୁ ଜୀବନ୍ତ ଓ ପ୍ରେରଣାମୟ କରିଛି। ଓଲଟପୁରର ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନର୍ବାସ ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ହାଡ଼ଭଙ୍ଗା, ସ୍ନାୟବିକ ତ୍ରୁଟି, ମେରୁଦଣ୍ଡ ଆଘାତ, ମସ୍ତିଷ୍କାଘାତ ଓ ପକ୍ଷାଘାତ ଆଦି ରୋଗର ଚିକିତ୍ସା ସଫଳତାର ସହ କରାଯାଏ। ଯେତେବେଳେ ଜୀବନର ସବୁ ଆଶା ତୁଟିଯାଏ, ଓଲଟପୁର ହୋଇଉଠେ ଜୀବନର ନୂଆ ସୂର୍ଯ୍ୟୋଦୟ। ଓଲଟପୁର ନିର୍‌ତାର୍‌ର ପୁନର୍ବାସ କେନ୍ଦ୍ରରେ ସୀମାଦ୍ରିର ପ୍ରଥମ ସକାଳ। ବ୍ୟକ୍ତିଗତ ସେବିକା ବିଦ୍ୟୁଲତା ସୀମାଦ୍ରିକୁ ବସାଇ ହୁଇଲ୍‌ଚେୟାରକୁ ଆଗକୁ ଗଡ଼ାଇ ନେଉନେଉ କହୁଛି: ''ଦିଦି, ମୁହଁରେ ଟିକେ ଛୋଟ ସ୍ମାଇଲ୍ ତ ଦିଅନ୍ତୁ! ଆଜିଠୁଁ ଆପଣଙ୍କର ଥେରାପି ନୂଆ ଆରମ୍ଭ ହେବ। ଦେଖିବେ, ଆପଣ ସିନା ଆସିଲାବେଳେ ଏଠାକୁ ହୁଇଲ୍‌ଚେୟାରରେ ବସିକି ଆସିଥିଲେ, କିନ୍ତୁ ଗଲାବେଳକୁ ବହୁତ କିଛି ବଦଳି ଯାଇଥିବ। ମୋ ମନ କହୁଛି ସେମିତି କିଛି ଗୋଟେ ନିଶ୍ଚୟ ହେବ।'' ନିରକ୍ଷ ଜନଙ୍କ ଭିତରେ ସାହସ, ଭରସା ଓ ଆଶାର ଚମକ ଭରିଦିଏ ଉପନ୍ୟାସଟି। ପ୍ରଚ୍ଛଦଲେଖରେ କୁହାଯାଇଛି: ''ଓଲଟପୁର ଏକ ଜୀବନ ଦର୍ଶନ। ଏଠି ଜୀବନ ଯେତିକି ଅସହାୟ, ସେତିକି ସମ୍ଭାବନାମୟ।'' ଉପନ୍ୟାସଟି ବିରଜାଙ୍କ ସୃଜନଯାତ୍ରାର ଏକ ନୂଆ ମାଇଲଷ୍ଟୋନ୍।

## କାଳକାଳକୁ



**''ତମେ ଯଦି ସମସ୍ତେ ପଢୁଥିବା ବହି ପଢୁଛ,
ତେବେ ସମସ୍ତେ ଯାହା ଭାବନ୍ତି,
କେବଳ ତାହା ହିଁ ଭାବିବ।''**
**-ହାରୁକି ମୁରାକାମି**

**ହାରୁକି ମୁରାକାମିଙ୍କ** ଜନ୍ମ ୧୨ ଜାନୁଆରୀ ୧୯୪୯ରେ ଜାପାନର କ୍ୟୋଟୋରେ। ସେ ଏକାଧାରରେ ଗାଳ୍ପିକ, ଔପନ୍ୟାସିକ, ପ୍ରାବନ୍ଧିକ ଓ ଅନୁବାଦକ। ବିଶ୍ୱର ପଚାଶରୁ ଅଧିକ ଭାଷାରେ ତାଙ୍କ ସାହିତ୍ୟ ଅନୂଦିତ ହୋଇଛି। ଜାପାନୀ ଭାଷା-ସାହିତ୍ୟର ସବୁଠୁଁ ଅଧିକ ବିକ୍ରିତ ପୁସ୍ତକର ସେ କାଳଜୟୀ ରଚୟିତା। ବିଶ୍ୱ ସାହିତ୍ୟକୁ ଅମୂଲ୍ୟ ଅବଦାନ ପାଇଁ ଅନେକ ପୁରସ୍କାର ଓ ସମ୍ମାନରେ ସେ ପୁରସ୍କୃତ ହୋଇଛନ୍ତି; ଯହିଁରେ ଅନ୍ତର୍ଭୁକ୍ତ 'ଗୁନ୍‌ଜୋ ନବଲେଖକ ପୁରସ୍କାର', 'ୟୋମିୟୁରି ପୁରସ୍କାର', 'ଫ୍ରାଙ୍କ ଓ କନୋର ଅନ୍ତର୍ଜାତୀୟ କଥା ପୁରସ୍କାର', 'ନୋମା ସାହିତ୍ୟ ପୁରସ୍କାର', 'ଫ୍ରାନ୍‌ଜ କାଫ୍‌କା ପୁରସ୍କାର', 'ଗୁଡ୍ ରିଡ୍‌ସ ଚଏସ୍ ପୁରସ୍କାର', 'ଜେରୁଜେଲମ୍ ପୁରସ୍କାର' ଓ 'ପ୍ରିନ୍‌ସେସ୍ ଅଫ ଅଷ୍ଟୁରିୟାସ୍ ପୁରସ୍କାର'। ତାଙ୍କର ପ୍ରସିଦ୍ଧ ପୁସ୍ତକଗୁଡ଼ିକ ମଧ୍ୟରେ ରହିଛି- 'ନରୱେଜିଆନ୍ ଉଡ୍'(୧୯୮୭), 'କାଫ୍‌କା ଅନ୍ ଦ ସୋର୍'(୨୦୦୨); 'ମ୍ୟାନ୍ ୱିଦାଉଟ୍ ଓମେନ୍' (୨୦୧୪)। ହାରୁକିଙ୍କ ପ୍ରଥମ ଉପନ୍ୟାସ 'ହିଅର ଦ ଉଇଣ୍ଡ୍ ସିଙ୍ଗ୍' ପ୍ରକାଶ ପାଇଥିଲା ୧୯୭୯ରେ। ସେ କହନ୍ତି: ''ମୁଁ ସ୍ୱପ୍ନ ଦେଖେ ଓ ଭାବେ ଏହା ହିଁ ଏକମାତ୍ର କରିବା ଲାଏକ କାମ।''

## ଲଘୁଗଳ୍ପ

### ଶୀତସ୍ମୃତି

ପ୍ରଫୁଲ୍ଲ ବାରିକ

ଗ୍ରୀଷ୍ମରେ ଜଳିଛି। ଉତ୍ତାପରେ ସିଝିଛି। ଦେହର ଝାଳକୁ ପୋଛିଛି ପଣତକାନିରେ। ଛଟପଟ ହେଇଚି ପଳେ ଶୀତଳତା ପାଇଁ। ଆସିଚି ବର୍ଷା। ଭିଜିଛି। ପାଣି ସରସର ଘରୁ ବାହାର। ବାହାରିପାରିନି ପଦାକୁ। ଆଇଁଷିଆ ଗନ୍ଧରେ ଫାଟିପଡ଼ିଛି ନାକ। ବର୍ଷା ପରେ ଭେଟିଛି ଶରତକୁ। ଶିଶିରର ସ୍ପର୍ଶ ପାଇ ହେଇଚି ବିମୋହିତ। ଏସବୁ ଭିତରେ କେବେ ତମେ ଆସିନ ସ୍ମୃତିକୁ ମୋର। କେବେ ବି। ଭୁଲିଯାଇଛି ସେମାନଙ୍କ ସାନ୍ନିଧ ପାଖରେ ତମକୁ। ତମ ସହ ବିତିଥିବା ଦିନକୁ। କହିପାର ମୋତେ ସ୍ୱାର୍ଥପର। ବିଟପୀ। ଶୁଣିବାକୁ ପ୍ରସ୍ତୁତ ମୁଁ। ଏଇଥିପାଇଁ ଯେ ତମେ ମୋ' ନିଜର। ବନ୍ଧା ଆମର ଜୀବନ ଆରମ୍ଭରୁ ଏବଂ ବନ୍ଧାଥିବ ଜନ୍ମଯାକ। ମୃତ୍ୟୁରେ ତୁଟିବ ସମ୍ପର୍କ। ସେମାନଙ୍କ ସହ ସମ୍ପର୍କ ଅଢ଼େଇ ଦିନର। ପରଦେଶୀ ଚଢ଼େଇ ସେମାନେ। ନୂଆ ନୂଆ ଆଦର ଅନେକ।

ଶୀତ ଆସିଲେ ତମେ ମନେପଡ଼। ଖାଲି ମନେପଡ଼ ନାଇଁ, ଅସଲରେ ଲୋଡ଼ାପଡ଼। ତମ ଆଲିଙ୍ଗନର ଆଶ୍ଳେଷ ଆଉ ମିଳେନା କୋଉଠୁ। ମିଳିବାର ପ୍ରଶ୍ନ ଉଠେନା। ଛୁଇଁବା ତ ଦୂର ତମ ସନ୍ନିକଟରେ ଚରିଯାଏ ଦେହଠୁ ମନରେ ଉତ୍ତାପ। ବର୍ଫିଳ ଥଣ୍ଡାରେ କମ୍ପୁଥିବାବେଳେ ଶରୀର, କୋଲ ମାରିଯାଉଥିବା ବେଳେ ହାତଗୋଡ଼, ତମ ଆଲିଙ୍ଗନ ଭରିଦିଏ ଦେହରେ ଉତ୍ତାପ। ଖସିଯାଏ ଦେହରୁ ଚାଦର। ମଥାରୁ ସ୍କାର୍ଫ। ଅସହନୀୟ ଉତ୍ତାପରେ ଶୀତରେ ବି ଝାଳକଣ୍ଟି ଭିଜିଯାଏ ବ୍ଲାଉଜ। ଢିଲାକରି ଅଙ୍ଗବସନ ହେବାକୁ ପଡ଼େ ସହଜ। ନ ହେଲେକି ରହିହୁଏ ତମ ପାଖରେ! ତମଠୁ ପାଇବା ମୂଲ୍ୟରେ ଦେବାକୁ ମୋ' ପାଖରେ କିଛି ନ ଥାଏ। କେଇଖଣ୍ଡ କାଠ, କି ଝଟା ଦି'ଖଣ୍ଡର ଦାନକୁ ଛାଡ଼ି। ଗୋବର ମାଟିର ଲେପଟିଏରେ ତମେ ଉଲ୍ଲସି ଉଠ। ବାସ୍, ସେତିକି ତୁମର ପ୍ରାପ୍ୟ। ତା'ଠୁ ଅଧିକ କିଛି ନୁହେଁ। ମୁଁ ଜାଣେ, ତମେ ଦେବାରେ ଦାନୀ। ନେବାରେ ନିରାସକ୍ତ। ସେଥିପାଇଁ ସୁଖରେ ଦୁଃଖରେ ସମ୍ପର୍କ ତମ ସହ ଜନ୍ମରୁ। ତମେ ଦୁଃଖୀର ବନ୍ଧୁ। ସୁଖୀର ବି ସାଥୀ। ସମ୍ପର୍କ ତମସହ ସଭିଙ୍କର ଜନ୍ମ ଜନ୍ମାନ୍ତରର।

ହେ ମୋର ହାଣ୍ଡିଶାଳର ମାଟିଚୁଲି, ପାରିଛି କିଏ ତୁମକୁ ଭୁଲି? ନା ପାରିବି ମୁଁ? ଆଉ ଯେତେସବୁ ଚକଚକ ଚହଟଚିକ୍କଣ,



ଦେବାର ଦାମ୍ ନିଅନ୍ତି ସେବାଠୁ ଅଧିକ। ସେଥିପାଇଁ ସମ୍ପର୍କ ସେମାନଙ୍କ ଥିଲାବାଲାଙ୍କ ସହ। ନ ଥିଲାବାଲାଙ୍କ ଦୁଆର ମାଡ଼ନ୍ତିନି। ତମେ ଦୁଃଖୀର ସାଥୀ। ଅଭିମାନ କ୍ରୋଧରହିତ ତମର ନିଷ୍କଳଙ୍କ ଚରିତ୍ର। ପଡ଼ିଥାଅ ଅପଚରା। ଧୂଳି ଅଳନ୍ଧୁ ଭିଡ଼ରେ। ଲୋଡ଼ାପଡ଼ ଶୀତରେ। ଆଉ କାହାର ହେଉ ନ ହେଉ, ମୋର କିନ୍ତୁ ଶୀତର ସାଥୀ ତମେ। ତମେ ମୋ' କମ୍ବଳ। ତମେ ମୋ' ରେଜେଇ। ତମେ ସ୍କାର୍ଫ ମଥାର। ତମେ ମୋ' ସ୍ୱେଟର। ମୋଟେ ରାଗିବନି। ଆଠମାସ ଯୁଆଡ଼େ ଗଲେବି ଚାରିମାସ ମୁଁ ଗୋଟାପଣେ ତମର। କେବଳ ତମର। ସମ୍ପର୍କ ଆମର ପରା ଜନ୍ମ ଜନ୍ମାନ୍ତରର।

– ଚନ୍ଦନବିନ୍ଧା, ଚାନ୍ଦବାଲି, ଭଦ୍ରକ
ମୋ: ୯୨୩୮୯୨୦୪୦୫




# ଓଡ଼ିଶା ମହିଳା ଟାଇଟଲ ବଜାୟ ରଖିଲେ

**ଖେଲୋ ଇଣ୍ଡିଆ ବିଚ୍ ସକ୍କର**

ଭୁବନେଶ୍ୱର, ୯।୧ (ତପନ ସ୍ୱାଇଁ)

ଡିଉର ଘୋଘଲା ବିଚ୍‌ରେ ଚାଲିଥିବା ୨ୟ ଖେଲୋ ଇଣ୍ଡିଆ ବିଚ୍ ଗେମ୍ସରେ ଓଡ଼ିଶା ମହିଳା ଫୁଟବଲ ଦଳ ଚାମ୍ପିୟନ ହୋଇଛି। ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ ଓଡ଼ିଶା ୨-୧ ଗୋଲରେ ଗୁଜରାଟକୁ ହରାଇ ଟାଇଟଲ ବଜାୟ ରଖିଛି। ପ୍ରତିଯୋଗିତାର ପ୍ରଥମ ସଂସ୍କରଣରେ ମଧ୍ୟ ଓଡ଼ିଶା ଚାମ୍ପିୟନ ହୋଇଥିଲା।

ଓଡ଼ିଶା-ଗୁଜରାଟ ଫାଇନାଲ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ମ୍ୟାଚର ୧୩ଶ ମିନିଟରେ ମନୀଷା ନାଏକ ଏକ ଗୋଲ ଦେଇ ଓଡ଼ିଶାକୁ ଅଗ୍ରଣୀ କରିଥିଲେ। ମାତ୍ର ଅଗ୍ରଣୀକୁ ଅଧିକ ସମୟ ବଳବତ୍ତର ରଖିପାରି ନ ଥିଲା ଓଡ଼ିଶା। ଗୋଟିଏ ମିନିଟ ପରେ ଅର୍ଥାତ୍ ୧୪ଶ ମିନିଟରେ ଗୁଜରାଟର ଭୂମିଶା ଡ୍ରାଭିଡ ଗୋଲଟି ପରିଶୋଧ କରିବାରୁ ମ୍ୟାଚ ୧-୧ ସ୍ଥିତିକୁ ଚାଲି ଆସିଥିଲା। ମ୍ୟାଚର ୧୬ଶ ମିନିଟରେ ସୁମିତ୍ରା ହେମ୍ବ୍ରମ ଓ ୨୭ତମ ମିନିଟରେ ମନୀଷା ୟେଲୋ କାର୍ଡ ପାଇଥିଲେ। ଆକ୍ରମଣାତ୍ମକ ଆଭିମୁଖ୍ୟ ଜାରି ରଖି ଲଢୁଆ ପ୍ରଦର୍ଶନ କରିଥିବା ଓଡ଼ିଶା ପକ୍ଷରୁ ୨୮ତମ ମିନିଟରେ ଖୁଦୋଙ୍ଗବାମ ଅମ୍ବାଲିକା ଏକ ଗୋଲ ଦେଇ ଓଡ଼ିଶାକୁ ପୁଣି ଅଗ୍ରଣୀ କରିଥିଲେ। ଏହି ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ଗୋଲ ପରିଶୋଧଲାଗି ଗୁଜରାଟ ଦଳ ବହୁ ଉଦ୍ୟମ କରିଥିଲେ ହେଁ ଓଡ଼ିଶା ରକ୍ଷଣଭାଗ ତାହାକୁ ହେବାକୁ ଦେଇ ନ ଥିଲା। ପ୍ରତିଯୋଗିତାରେ ଅପରାଜେୟ ରହିବା ସହ ଓଡ଼ିଶା ଚାମ୍ପିୟନ ହୋଇଛି। ପ୍ରଥମ ମ୍ୟାଚରେ ମହାରାଷ୍ଟ୍ରକୁ ୧୧-୩ ଗୋଲରେ ହରାଇଥିବା ଓଡ଼ିଶା ଦ୍ୱିତୀୟ ଲିଗ୍ ମ୍ୟାଚରେ ଅରୁଣାଚଳ ପ୍ରଦେଶକୁ ୮-୪ ଗୋଲରେ ପରାସ୍ତ କରିଥିଲା। ସେମିଫାଇନାଲରେ ସେହି ଅରୁଣାଚଳ ପ୍ରଦେଶକୁ ୭-୦ ଗୋଲରେ ହରାଇ ଓଡ଼ିଶା ଫାଇନାଲରେ ପ୍ରବେଶ କରିଥିଲା।



ଖେଲୋ ଇଣ୍ଡିଆ ବିଚ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ ଓଡ଼ିଶା ମହିଳା ଫୁଟ୍‌ବଲ ଦଳ।

# ଗୁରୁଙ୍ଗଙ୍କୁ ରୌପ୍ୟ



ଭୁବନେଶ୍ୱର, ୯।୧ (ତପନ ସ୍ୱାଇଁ)

ଡିଉର ଘୋଘଲା ବିଚ୍‌ରେ ଚାଲିଥିବା ୨ୟ ଖେଲୋ ଇଣ୍ଡିଆ ବିଚ୍ ଗେମ୍ସରେ ଓଡ଼ିଶା ପେନ୍‌ଚାକ ସିଲାଟ ପ୍ରତିଯୋଗୀମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ କ୍ଲାସ-ସି (୫୫-୬୦ କେଜି) ଟାଣ୍ଡିଙ୍ଗ୍ ଇଭେଣ୍ଟରେ ସୋହିଲ ଗୁରୁଙ୍ଗ ରୌପ୍ୟ ପଦକ ହାସଲ କରିଛନ୍ତି। ପୂର୍ବରୁ ମହିଳା ରେଗୁ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରି ଇତିହାସ ରଚିଥିଲେ ଓଡ଼ିଶା ଦଳ। ଏହି ଦଳରେ ପିୟୁ ଦାସ, ବସୁନ୍ଧରା ତଣ୍ଡି ଓ ଉମାବତୀ ପାତ୍ର ସଦସ୍ୟା ଥିଲେ। ବିଚ୍ ଗେମ୍ସରେ ଓଡ଼ିଶା ପେନ୍‌ଚାକ ସିଲାଟ ଦଳର ଏହା ପ୍ରଥମ ସ୍ୱର୍ଣ୍ଣ ଥିଲା। ପ୍ରଥମ ସଂସ୍କରଣରେ ଦଳ ସ୍ୱର୍ଣ୍ଣ ପଦକ ଜିତିବାରେ ସକ୍ଷମ ହୋଇ ନ ଥିଲା। ଏଥର ଅନୁଷ୍ଠିତ ପୁରୁଷ ରେଗୁ ଟିମ୍ ଇଭେଣ୍ଟରେ ଓଡ଼ିଶା ଦଳ ବ୍ରୋଞ୍ଜ ଜିତି ପଦକ ସଂଖ୍ୟା ବଢ଼ାଇଛି। ରାହୁଲ ସା, ସୋନି ସେମିଲା ଓ ଅଂଶୁମାନ ଭୌମିକ ଓଡ଼ିଶା ଦଳର ସଦସ୍ୟ ଥିଲେ।

# ବନିତାଙ୍କୁ ୩ ରୌପ୍ୟ ପଦକ

ଭୁବନେଶ୍ୱର, ୯।୧ (ତପନ ସ୍ୱାଇଁ)

**ଅସ୍ମିତା ଭାରୋତ୍ତୋଳନ**

ଉତ୍ତର ପ୍ରଦେଶର ମୋଦିନଗରଠାରେ ଆରମ୍ଭ ହୋଇଥିବା ଅସ୍ମିତା ଭାରୋତ୍ତୋଳନ ଲିଗ୍ ଜାତୀୟ ପ୍ରତିଯୋଗିତାର ପ୍ରଥମ ଦିବସରେ ଓଡ଼ିଶାର ବନିତା ନାଏକ ୩ ରୌପ୍ୟ ପଦକ ହାସଲ କରିଛନ୍ତି। ବାଳିକା ୪୮ କେଜି ଯୁବ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ବନିତା ସ୍ନାଚ୍‌ରେ ୬୦, କ୍ଲିନ୍ ଆଣ୍ଡ ଜର୍କରେ ୭୮ ଏହିପରି ମୋଟ ୧୩୮ କେଜି ଉତ୍ତୋଳନ କରି ୩ ରୌପ୍ୟ ଜିତିଛନ୍ତି। ପ୍ରତ୍ୟେକ ବର୍ଗ ଲାଗି ତାଙ୍କୁ ୧୨,୦୦୦ ଟଙ୍କା ଲେଖାଏ ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଭୁବନେଶ୍ୱରରେ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ହାଇପରଫର୍ମାନ୍ସ ସେଣ୍ଟରରେ ବନିତା ଅଭ୍ୟାସ କରୁଛନ୍ତି। ୩ ପଦକ ବିଜୟୀ ବନିତାଙ୍କୁ ଓଡ଼ିଶା ଭାରୋତ୍ତୋଳନ ସଂଘ ସଭାପତି ଚିତ୍ତରଞ୍ଜନ ସ୍ୱାଇଁ ଓ ଅନ୍ୟ ସଦସ୍ୟମାନେ ଅଭିନନ୍ଦନ ଜଣାଇଛନ୍ତି।



ପଦକ ସହ ବନିତା ନାଏକ।

# ଉତ୍କଳ ଓପନ ଟେନିସ ଆରମ୍ଭ




ଉଦ୍‌ଘାଟନୀ ଉତ୍ସବରେ ଆୟୋଜକଙ୍କ ପକ୍ଷରୁ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଭୁବନେଶ୍ୱର, ୯।୧ (ତପନ ସ୍ୱାଇଁ)

ଏସିଇ ଟେନିସ କ୍ଲବ ଆନୁକୂଲ୍ୟରେ ଅଲ୍ ଓଡ଼ିଶା ଓପନ ଟେନିସ ଟୁର୍ନାମେଣ୍ଟ ଶୁକ୍ରବାର କଳିଙ୍ଗ ଷ୍ଟାଡିୟମ ପରିସରରେ ଆରମ୍ଭ ହୋଇଛି। ଓଡ଼ିଶା ଟେନିସ ଆସୋସିଏଶନ (ଓଟିଏ) ସଭାପତି ଅସିତ ତ୍ରିପାଠି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ପୂର୍ବତନ ପିସିସିଏଫ୍ ଦେବଦତ୍ତ ବିଶ୍ୱାଳ, ଓଡ଼ିଶା ପୋଲିସ ଏଡିଜି ଦୟାଲ ଗଙ୍ଗୱାର, ଉତ୍କଳ ବିଲ୍ଡର୍ସ ନିର୍ଦ୍ଦେଶକ ଅମିତ ବୈଦ, ଟୁର୍ନାମେଣ୍ଟ କମିଟି ଚେୟାରମ୍ୟାନ ବିଶ୍ୱଜିତ ମିଶ୍ର ଓ କ୍ଲବର ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଆୟୋଜକଙ୍କ ପକ୍ଷରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଥମ ଦିବସ ଖେଳରେ ପ୍ରଭାବୀ ପ୍ରଦର୍ଶନ କରି ଏଓ.କେ. ଶାଜଫା, ସୁଶ୍ରୀ କର୍ମକାର, ତ୍ରିଶା ସାହୁ ଓ ସଂରଚନା ଦାସ ୧୪ ବର୍ଷରୁ କମ୍ ବାଳିକା ବର୍ଗ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରତିଯୋଗିତାଲାଗି ମୋଟ ୩.୫୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ପ୍ରତି ବର୍ଗର ଚାମ୍ପିୟନଙ୍କୁ ଟ୍ରଫି ସହ ଯଥାକ୍ରମେ ୧୨,୦୦୦ ଓ ୮,୦୦୦ ଟଙ୍କା ଲେଖାଏ ପ୍ରଦାନ କରାଯିବ।

# ଡବ୍ଲ୍ୟୁପିଏଲ୍‌ର ରଙ୍ଗାରଙ୍ଗ ଉଦ୍‌ଘାଟନୀ

ନଭି ମୁମ୍ବାଇ, ୯।୧

ସ୍ଥାନୀୟ ଡିୱାଇ ପାଟିଲ ଷ୍ଟାଡିୟମରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)୨୦୨୬ ସଂସ୍କରଣ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ମିସ୍ ୟୁନିଭର୍ସ ୨୦୨୧ ହର୍ନାଜ ସାନ୍ଧୁଙ୍କ ମହିଳା ସମାଜ ଉପରେ ପ୍ରଭାବ ପକାଇବା ଭଳି ପ୍ରେରଣାଦାୟକ ଭାଷଣ ସହ ଇଭେଣ୍ଟ ଆରମ୍ଭ ହୋଇଥିଲା। ତା'ପରେ ଅଭିନେତ୍ରୀ ଜାକ୍‌ଲିନ ଫର୍ନାଣ୍ଡିଜ ତାଙ୍କ ଡ୍ୟାନସିଂ ଗ୍ରୁପ୍ ସହ ଷ୍ଟେଜ୍ ସମ୍ଭାଳିଥିଲେ। ସେମାନେ ଫିଲ୍ମ 'କିକ୍'ର ଲୋକପ୍ରିୟ ଗୀତ 'ୟାର ନା ମିଲେ' କୁ ନେଇ ସେମାନଙ୍କ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

ପରବର୍ତ୍ତୀ ସମୟରେ ଗାୟକ 'ୟୋ ୟୋ' ହନି ସିଂ ତାଙ୍କ ଆକର୍ଷଣୀୟ କାର୍ଯ୍ୟକ୍ରମ ଜରିଆରେ ଦର୍ଶକମାନଙ୍କ ମନକୁ ମୋହି ଥିଲେ। ମହିଳା ମୁମ୍ବାଇ ଇଣ୍ଡିଆନ୍ସ ଏବଂ ମହିଳା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଅଧିନାୟିକା ହରମନପ୍ରୀତ କୌର ଓ ସ୍ମୃତି ମନ୍ଧାନାଙ୍କୁ ନେଇ ତାଙ୍କ ବିଶେଷ କାର୍ଯ୍ୟକ୍ରମ 'ମିଲେନେୟର' ପରିବେଷଣ କରିଥିଲେ। ପରେ ସେ ନିଜେ ମଞ୍ଚ ଉପରକୁ ଆସି 'ପାୟଲ' ଶୀର୍ଷକ ଗୀତ ଗାଇଥିଲେ। ସୁପରଷ୍ଟାର ଜଣକ ସମ୍ପୂର୍ଣ୍ଣ ବ୍ଲାକ୍ ଆଉଟଫିଟ୍‌ରେ ଥିଲେ। ତାଙ୍କ 'ବ୍ଲୁ ଆଇ' ଓ ଲୁଙ୍ଗି ଡ୍ୟାନ୍ସ' କାର୍ଯ୍ୟକ୍ରମ ଦର୍ଶକଙ୍କୁ ମତୁଆଲା କରିଥିଲା। ଲୋକପ୍ରିୟ ଗୀତ 'ପାର୍ଟି ଅଲ୍ ନାଇଟ୍' ପରିବେଷଣ ବେଳେ ଜାକ୍‌ଲିନ୍ ଫର୍ନାଣ୍ଡିଜ ଓ ହର୍ନାଜ ସାନ୍ଧୁ ମଞ୍ଚ ଉପରକୁ ଆସି ତାଙ୍କ ସହିତ ଯୋଗ ଦେଇଥିଲେ।

# ଆରସିବିକୁ କ୍ଲାର୍କ ଦେଲେ ରୋମାଞ୍ଚକ ବିଜୟ

ନଭି ମୁମ୍ବାଇ, ୯।୧

ନାଦିନେ ଡି କ୍ଲାର୍କଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ ବଳରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଶୁକ୍ରବାର ଅନୁଷ୍ଠିତ ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ଉଦ୍‌ଘାଟନୀ ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ରୋମାଞ୍ଚକ ବିଜୟ ହାସଲ କରିଛି। ଶେଷ ଓଭରରୁ ବିଜୟ ପାଇଁ ୧୮ ରନ ଆବଶ୍ୟକ ଥିବାବେଳେ ମୁମ୍ବାଇ ପକ୍ଷରୁ ବୋଲିଂଭାର ପାଇଥିଲେ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ବୋଲର ନାଟ୍-ସ୍କିଭର ବ୍ରଣ୍ଟ। ପ୍ରଥମ ଦୁଇଟି ବଲ୍‌ରୁ ରନ ସଂଗ୍ରହ କରିପାରି ନ ଥିଲେ କ୍ଲାର୍କ। ମାତ୍ର ପରବର୍ତ୍ତୀ ୪ଟି ବଲ୍‌କୁ ଯଥାକ୍ରମେ ଛକା, ଚୌକା, ଛକା ଓ ଚୌକାରେ ପରିଣତ କରି ଆରସିବି ଶିବିରରେ ଖୁସିର ଲହରି ଖେଳାଇ ଦେଇଥିଲେ। ମୁମ୍ବାଇ ଦଳ ୨୦ ଓଭରରେ ୬ ଉଇକେଟ ହରାଇ ୧୫୪ ରନ କରିଥିବାବେଳେ ଆରସିବି ୨୦ ଓଭରରେ ୭ ଉଇକେଟ ହରାଇ ୧୫୭ ରନ ସଂଗ୍ରହ କରି ନେଇଥିଲା। ଫଳରେ ଏକଦା ମ୍ୟାଚକୁ ନିୟନ୍ତ୍ରଣରେ ରଖିଥିବା ଡିଫେଣ୍ଡିଂ ଚାମ୍ପିୟନ ମୁମ୍ବାଇ ଶେଷରେ ପରାଜୟ ସହ ଅଭିଯାନ ଆରମ୍ଭ କରିଛି।

ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ଆରସିବି ଅଧିନାୟିକା ସ୍ମୃତି ମନ୍ଧାନା। ଅଧିନାୟିକାଙ୍କ ନିଷ୍ପତ୍ତିକୁ ଉଚିତ ସାବ୍ୟସ୍ତ କରି ଦଳର ବୋଲରମାନେ ପାୱାରପ୍ଲେ ୬ ଓଭରରେ ମାତ୍ର ୩୪ ରନ ବ୍ୟୟ କରିଥିଲେ। ୧୫ ଓଭରରେ ଯାଇ ମୁମ୍ବାଇ ସ୍କୋର ୧୦୦ ଛୁଇଁଥିଲା। ମାତ୍ର ପରବର୍ତ୍ତୀ ୫ ଓଭରରେ ଦଳ ୫୪ ରନ କରିବାରୁ ସ୍କୋର ୧୫୦ ଅତିକ୍ରମ କରିଥିଲା। ଦଳ ପକ୍ଷରୁ ସଜିଭନ ସଜନା ସର୍ବାଧିକ ୪୫, ନିକୋଲା କାରେ ୪୦ ଓ ଗୁନାଲାନ କମଳିନି ୩୨ ରନ କରିଥିଲେ। ଆରସିବି ବୋଲରଙ୍କ ମଧ୍ୟରେ ନାଦିନେ ଡି କ୍ଲାର୍କ ସର୍ବାଧିକ ୪ଟି ଏବଂ ଲୌରେନ ବେଲ୍ ଓ ଶ୍ରୀୟଙ୍କା ପାଟିଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଆରସିବି ଯଦିଓ ଓପନିଂ ଯୋଡ଼ିରେ ୨୩ ବଲ୍‌ରୁ ୪୦ ରନ ସଂଗ୍ରହ କରି ଭଲ ଆରମ୍ଭ କରିଥିଲା ତେବେ ୬୫ ରନ ମଧ୍ୟରେ ୫ ଉଇକେଟ ହରାଇ ବ୍ୟାକ୍‌ଫୁଟକୁ ଚାଲି ଯାଇଥିଲା। ତେବେ ଅର୍ଦ୍ଧଶତକ ସହ ୪୪ ବଲ୍‌ରୁ ୬୩ (୭ ଚୌକା, ୨ ଛକା) ରନର ମ୍ୟାଚ ବିଜୟୀ ଇନିଂସ ଖେଳି ଆରସିବିକୁ ଜିତାଇଥିଲେ କ୍ଲାର୍କ। ଫଳରେ ତାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ କରାଯାଇଥିଲା। ମୁମ୍ବାଇ ପକ୍ଷରୁ ନିକୋଲା କାରେ ଓ ଆମେଲିଆ କେର ୨ଟି ଲେଖାଏ ଏବଂ ନାଟ ସ୍କିଭର ବ୍ରଣ୍ଟ, ଶବନାଇମ ଇସମାଇଲ ଓ ଅମନଜୋତ କୌର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

# ଅନୁରାଧା ଏଆଇପିଏସ୍ଏସ୍‌ସିବି କାର୍ଯ୍ୟନିର୍ବାହୀ ବୋର୍ଡ ସଦସ୍ୟ



ସର୍ବଭାରତୀୟ ପବ୍ଲିକ୍ ସେକ୍ଟର ସ୍ପୋର୍ଟ୍ସ କଣ୍ଟ୍ରୋଲ ବୋର୍ଡ ସମ୍ପାଦକ ଗେନ୍ ବାତ୍ରାଙ୍କ ସହ ଅନୁରାଧା ବିଶ୍ୱାଳ।

ଭୁବନେଶ୍ୱର, ୯।୧ (ତପନ ସ୍ୱାଇଁ)

ସର୍ବଭାରତୀୟ ପବ୍ଲିକ୍ ସେକ୍ଟର ସ୍ପୋର୍ଟ୍ସ କଣ୍ଟ୍ରୋଲ ବୋର୍ଡ (ଏଆଇପିଏସ୍ଏସ୍‌ସିବି)ର ୧୫ଶ ଏଜିଏମ୍ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଲିମ୍ପିଆନ ଅନୁରାଧା ବିଶ୍ୱାଳଙ୍କୁ ନିର୍ବିବାଦରେ ଏଆଇପିଏସ୍ଏସ୍‌ସିବିର କାର୍ଯ୍ୟନିର୍ବାହୀ ବୋର୍ଡ ସଦସ୍ୟ କରାଯାଇଛି। ବୋର୍ଡ ପକ୍ଷରୁ ଏ ସମ୍ପର୍କରେ ପତ୍ର ଯୋଗେ ଅନୁରାଧାଙ୍କୁ ଜଣାଇ ଦିଆଯାଇଛି। ଏଥିରେ ସ୍ୱାଭାବିକଭାବେ ଖୁସି ଜାହିର କରିଛନ୍ତି ହର୍ଡଲ୍ସ କୁଇନ ଅନୁରାଧା। ''ଏହା ମୋ ପାଇଁ ବଡ଼ ସୁଯୋଗ ଏବଂ ଗୁରୁ ଦାୟିତ୍ୱ। କେବଳ ଆଥ୍‌ଲେଟିକ୍ସ ନୁହେଁ ବିଭିନ୍ନ ଇଭେଣ୍ଟରେ କ୍ରୀଡ଼ା ହେବ। ମୁଁ ମଧ୍ୟ ନ୍ୟାଶନାଲ ଗେମ୍ସ ସଂଯୋଜକ ଏବଂ ଆଥ୍‌ଲେଟ୍ସ ସ୍କଲାରଶିପ୍ ସ୍କିମ୍‌ର ଚୟନ କମିଟି ସଦସ୍ୟ ଅଛି। ଏପରି ସୁଯୋଗ ମିଳିଥିବାରୁ ମୁଁ ମୋ ନିଯୁକ୍ତି ସଂସ୍ଥା ନାଲ୍‌କୋକୁ ଧନ୍ୟବାଦ ଦେବି। ପ୍ରଭୁ ଜଗନ୍ନାଥ ଏବଂ ଓଡ଼ିଶାବାସୀଙ୍କ ଆଶୀର୍ବାଦ ଯୋଗୁ ମୁଁ କ୍ରୀଡ଼ା କ୍ଷେତ୍ରରେ ଏକାଧିକ ଦାୟିତ୍ୱ ନିର୍ବାହ କରିବାକୁ ସକ୍ଷମ ହେଉଛି'' ବୋଲି ନିଜ ପ୍ରତିକ୍ରିୟାରେ ଅନୁରାଧା ପ୍ରକାଶ କରିଛନ୍ତି।

# ଭାସ୍କର-କମଳାକାନ୍ତ ଭେଟେରାନ ଡବଲ୍ସ ବିଜେତା

ଭୁବନେଶ୍ୱର, ୯।୧ (ବିଜୟ ରଣା)

ଓଡ଼ିଶା ରାଜ୍ୟ ସଚିବାଳୟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ (ଓସ୍‌ବା) ଆନୁକୂଲ୍ୟରେ ଲୋକସେବା ଭବନସ୍ଥିତ ସଚିବାଳୟ ମିନି ଷ୍ଟାଡିୟମଠାରେ ୧୬ତମ ସଚିବାଳୟ ଓପନ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ରାଜ୍ୟ ସରକାରଙ୍କ ଗୃହ, ରାଜସ୍ୱ, ନଗର ଉନ୍ନୟନ, ବାଣିଜ୍ୟ, ପୂର୍ତ୍ତ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଅର୍ଥ, ପରିବହନ, ମହିଳା ଓ ଶିଶୁ ବିକାଶ, ପର୍ଯ୍ୟଟନ, ଜଳସମ୍ପଦ, ଗଣଶିକ୍ଷା, ଆଇନ, ଶକ୍ତି, ଉଚ୍ଚଶିକ୍ଷା, ସଂସଦୀୟ ବ୍ୟାପାର, ସାଧାରଣ ପ୍ରଶାସନ, ସାଧାରଣ ଉଦ୍ୟୋଗ ଏବଂ ଶିଳ୍ପ ବିଭାଗର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ଏଥିରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଅତିରିକ୍ତ ଶାସନ ସଚିବ ଭାସ୍କର ରାୟତୋ ଏବଂ ବିଭାଗୀୟ ଓ.ଏସ୍.ଡି କମଳାକାନ୍ତ ବେହେରା 'ଭେଟେରାନ ପୁରୁଷ ଡବଲ୍ସ' ବର୍ଗରେ ଚାମ୍ପିୟନ ହୋଇଛନ୍ତି। ଏହି ଚାରିଦିନିଆ ଟୁର୍ନାମେଣ୍ଟର ପୁରୁଷ ସିଙ୍ଗଲ୍ସରେ ୫୨ ଜଣ, ପୁରୁଷ ଡବଲ୍ସରେ ୪୩ ଦଳ, ଭେଟେରାନ ପୁରୁଷ ସିଙ୍ଗଲ୍ସ, ୬ ଜଣ, ଭେଟେରାନ ପୁରୁଷ ଡବଲ୍ସରେ ୬ଟି ଦଳ, ମହିଳା ଡବଲ୍ସରେ ୮ ଦଳ, ମିକ୍ସଡ୍ ଡବଲ୍ସରେ ୧୫ଟି ଦଳ ଅଂଶଗ୍ରହଣ କରିଥିଲେ।

# କିଟ୍ ବାଳିକା, ବାଳକ ଟେନିସ ଦଳ ରନରଅପ୍

ଭୁବନେଶ୍ୱର, ୯।୧ (ତପନ ସ୍ୱାଇଁ)

କୋଲକାତାରେ ଅନୁଷ୍ଠିତ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଟେନିସ ଚାମ୍ପିୟନଶିପ୍‌ରେ କିଟ୍ ବାଳିକା ଓ ବାଳକ ଦଳ ରନରଅପ୍ ହୋଇଛି। ଏଥିସହିତ କିଟ୍ ବିଶ୍ୱବିଦ୍ୟାଳୟର ଏହି ଉଭୟ ଦଳ ସର୍ବଭାରତୀୟ ଏବଂ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାପାଇଁ ଯୋଗ୍ୟତା ଅର୍ଜନ କରିଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ମଧ୍ୟ ଏହି ଯୋଗ୍ୟତା ମିଳିଛି। ଯୋଗ୍ୟତା ହାସଲ କରିଥିବା ସମସ୍ତ ଦଳକୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।

# ଅଲ୍ ଓଡ଼ିଶା କବାଡ଼ି ପ୍ରିମିୟର ଲିଗ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୯।୧ (ତପନ ସ୍ୱାଇଁ)

ପଟିଆଗଡ଼ ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ୬ଷ୍ଠ ଅଲ ଓଡ଼ିଶା ପୁରୁଷ କବାଡି ପ୍ରିମିୟର ଲିଗ ଶୁକ୍ରବାର ଆରମ୍ଭ ହୋଇଛି। ଏହା ୩ ଦିନ ଧରି ପଟିଆ ଦୋଳ ମେଳଣ ପଡିଆରେ ଚାଲିବ। ଉଦଘାଟନୀ ମ୍ୟାଚରେ ରେନବୋ ବିଷ୍ଟ ୩୯-୨୯ରେ ଜୟ ମହାକାଳ ଦଳକୁ ପରାସ୍ତ କରିଛି। ଲିଗରେ ଭାଗ ନେଇଥିବା ଅନ୍ୟ ୪ ଦଳ ହେଲେ ଶ୍ରୀଦେବ ୱାରିୟର୍ସ,ମହାଦେବ ୱାରିୟର୍ସ, ପରି ରେଞ୍ଜର ଓ ମା' ମଙ୍ଗଳା ଫାଇଟର୍ସ। ଉଦଘାଟନୀ ସମାରୋହରେ ଏମ୍‌ପି ଅପରାଜିତା ମହାନ୍ତି,ଭାଜପା ଉପ ସଭାପତି ଗୋଲକ ମହାପାତ୍ର, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, କର୍ପୋରେଟର ଲକ୍ଷ୍ମୀ ପ୍ରିୟା ପରିଡା, ସୁବାସ ଚନ୍ଦ୍ର ସାହୁ (ଜିଲ୍ଲା ସମ୍ପାଦକ ଯୁବମୋର୍ଚ୍ଚା), ପଟିଆ ଗ୍ରାମ ମଙ୍ଗଳ ସମିତିର ସମ୍ପାଦକ ସନ୍ତୋଷ ପରିଡା, ସଭାପତି ଚିତ୍ତରଞ୍ଜନ ପାତ୍ର, ଜୟନ୍ତୀ ଜେନା, ସଞ୍ଜୟ ସେଠୀ, କ୍ଲବ ସଭାପତି ସୁବାସ ପରିଡ଼ା, ଅଜୟ ବେହେରା, ସୂର୍ଯ୍ୟକାନ୍ତ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ରାଜ୍ୟରେ କବାଡି କ୍ରୀଡାର ବିକାଶ ଓ ଖେଳାଳିଙ୍କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି ଲିଗ ଆୟୋଜନ କରାଯାଇ ଆସୁଛି ବୋଲି ଜିତେନ୍ଦ୍ର କୁମାର ରାଉତ କହିଛନ୍ତି।




ଉଦ୍‌ଘାଟନୀ ସମାରୋହରେ ଉପସ୍ଥିତ ଅତିଥିବୃନ୍ଦ।

# ସର୍ବଭାରତୀୟ ବେସାମରିକ କ୍ୟାରମ୍ ପାଇଁ ଚୟନ

ଭୁବନେଶ୍ୱର, ୯।୧ (ତପନ ସ୍ୱାଇଁ)

ସର୍ବଭାରତୀୟ ବେସାମରିକ କ୍ୟାରମ୍ ପ୍ରତିଯୋଗିତା ଦିଲ୍ଲୀର ତ୍ୟାଗରାଜ ଷ୍ଟାଡିୟମରେ ଫେବୃଆରୀ ୧୭ରୁ ୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ଓଡ଼ିଶା ମହିଳା ଓ ପୁରୁଷ ଦଳର ଖେଳାଳି ଚୟନ ପ୍ରକ୍ରିୟା ଆସନ୍ତା ୧୧ ତାରିଖରେ ୟୁନିଟ-୨ସ୍ଥିତ ରିକ୍ରିଏଶନ କ୍ଲବରେ ଅନୁଷ୍ଠିତ ହେବ। ଏଥିରେ କେବଳ ନିୟମିତ ସରକାରୀ ଚାକିରିରେ ଥିବା କର୍ମଚାରୀମାନେ ଭାଗ ନେଇପାରିବେ। ଅଧିକ ବିବରଣୀ ଲାଗି ହରପ୍ରସାଦ ବିଶ୍ୱାଳ, ମୋତିଲାଲ କାଲୋ, ବାମନ ଚରଣ ପ୍ରତିହାରୀ କିମ୍ବା ସୁରେଶ ଚନ୍ଦ୍ର ଦାସଙ୍କୁ ଯୋଗାଯୋଗ କରାଯାଇପାରିବ ବୋଲି ଓଡ଼ିଶା ସେକ୍ରେଟାରିଏଟ ଏମ୍ପ୍ଲଇଜ୍ ଆଥ୍‌ଲେଟିକ୍ ଆସୋସିଏଶନର କ୍ରୀଡ଼ା ସମ୍ପାଦକ ନୃସିଂହ ଚରଣ ପୃଷ୍ଟି ଜଣାଇଛନ୍ତି।

# ସେମିରେ ସିନ୍ଧୁ

କୁଆଲାଲମ୍ପୁର, ୯।୧ (ପି.ଟି.)

ଭାରତର ଦୁଇଥର ଅଲିମ୍ପିକ ପଦକ ବିଜେତା ପି.ଭି. ସିନ୍ଧୁ ମାଲେସିଆ ଓପନ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଥିବା ବେଳେ ପୁରୁଷ ଡବଲ୍ସ ଯୋଡ଼ି ସାତ୍ତ୍ୱିକସାଇରାଜ ରାଙ୍କି ରେଡ୍ଡୀ କ୍ୱାର୍ଟରଫାଇନାଲରୁ ବିଦାୟ ନେଇଛନ୍ତି।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ 52 Years
ପୃଷ୍ଠା-୮+୮
# ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଜାନୁଆରୀ ୧୦/୨୦୨୬ (୮+୮=୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, January 10/2026 | Page 16 | ₹ 7.00
୫୨ଶ ଭାଗ ୪୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 48 | ମୂଲ୍ୟ₹୭/-






ଇରାନରେ ପ୍ରତିବାଦର ନୂଆ ଟ୍ରେଣ୍ଡ୍: ଜଣେ ମହିଳା ସିଗାରେଟ୍ ନିଆଁ ଲଗାଇ ସର୍ବୋଚ୍ଚ ଧର୍ମୀୟ ନେତା ଆୟାତୋଲା ଅଲି ଖାମେନେଇଙ୍କ ଫଟୋକୁ ପୋଡୁଛନ୍ତି। ଏହା ସୋସିଆଲ ମିଡିଆର ବିଭିନ୍ନ ପ୍ଲାଟ୍‌ଫର୍ମରେ ଭାଇରାଲ ହୋଇଛି। (ରିପୋର୍ଟ: ପୃଷ୍ଠା-୮)

# ଫୋନ୍ କଲେନି, ଭୁଶୁଡ଼ିଲା ଚୁକ୍ତି

## ଭାରତ ସହ ଚୁକ୍ତି ଅଟକିବାର କାରଣ କହିଲେ ଆମେରିକା ବାଣିଜ୍ୟ ସଚିବ

ନୂଆଦିଲ୍ଲୀ,୯।୧(ଏଜେନ୍ସି)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ଫୋନ୍ କଲେ ନାହିଁ ବୋଲି ଦୁଇଦେଶ ମଧ୍ୟରେ ବାଣିଜ୍ୟ ଚୁକ୍ତି ଭୁଶୁଡ଼ିଗଲା ବୋଲି ଆମେରିକା କମର୍ସ ସେକ୍ରେଟାରି ହୋୱାର୍ଡ ଲ୍ୟୁଟ୍‌ନିକ୍ କହିଛନ୍ତି। ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିକୁ ନେଇ ଅନିଶ୍ଚିତତା ଲାଗି ରହିଥିବାବେଳେ ଲ୍ୟୁଟ୍‌ନିକ୍‌ଙ୍କ ଏହି ମନ୍ତବ୍ୟ ପରେ ନାନା ପ୍ରତିକ୍ରିୟା ପ୍ରକାଶ ପାଇବାରେ ଲାଗିଛି। ତେବେ ମୋଦି ଓ ଟ୍ରମ୍ପ୍ ୨୦୨୫ରେ ୮ ଥର କଥା ହୋଇଥିଲେ ବୋଲି ନୂଆଦିଲ୍ଲୀ ପକ୍ଷରୁ କୁହାଯିବା ସହ ଲ୍ୟୁଟ୍‌ନିକ୍‌ଙ୍କ ମନ୍ତବ୍ୟକୁ ଖଣ୍ଡନ କରାଯାଇଛି।

ଆମେରିକା ବାଣିଜ୍ୟ ସଚିବ ଲ୍ୟୁଟ୍‌ନିକ୍ ଶୁକ୍ରବାର ଅଲ୍-ଇନ୍ ପୋଡ୍‌କାଷ୍ଟକୁ ସାକ୍ଷାତ୍‌କାର ଦେଇ କହିଛନ୍ତି, ୱାଶିଂଟନ୍ ସହ ବାଣିଜ୍ୟ ଚୁକ୍ତି କରିବା ନେଇ ନୂଆଦିଲ୍ଲୀ ଅନେକ ଥର ସୁଯୋଗକୁ ହାତଛଡ଼ା କରିଛି। ଗତବର୍ଷ ପ୍ରାରମ୍ଭରେ ଟ୍ରେଡ୍ ନେଗୋସିଏଟରମାନେ ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତି ସମ୍ପନ୍ନ ପାଇଁ ପ୍ରସ୍ତୁତି ଚଳାଇଥିଲେ। କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ଫୋନ୍ କଲ୍ କରି ନ ଥିଲେ। ନୂଆଦିଲ୍ଲୀ 'ଟ୍ରେନ୍ ମିସ୍' କରିବା ପରେ ପ୍ରାରମ୍ଭିକ ଆଲୋଚନା ବେଳେ ପାରସ୍ପରିକ ଟିକସ ହ୍ରାସ ପାଇଁ ଦାବି କରିଥିଲା।

୨୦୨୫ ଅଗଷ୍ଟରେ ଟ୍ରମ୍ପ୍ ଭାରତ ☞ପୃଷ୍ଠା-୪

SIKSHA 'O' ANUSANDHAN
SAAT-2026
Empowering students for a brighter future
LAW PROGRAMMES
- B.A. LL.B. (H) - Integrated
- BBA LL.B. (H) - Integrated
- LL.B. (H) - 3 Years
- LL.M. - 1 Year

APPROVAL & RECOGNITIONS
- Approved by UGC and BCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 10th Best in Law Category
- 15th Best in University Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in



# ପିଡିଏସ୍ ପାଇଁ ବଢ଼ିଲା ଆୟ ମାନଦଣ୍ଡ

## ଅତ୍ୟାବଶ୍ୟକ ସାମଗ୍ରୀ ଆଇନରେ ସଂଶୋଧନ

ଭୁବନେଶ୍ୱର,୯।୧
(ରବିନାରାୟଣ ଜେନା)



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକ। ଏଥିରେ ଦୁଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ପ୍ରଭାତୀ ପରିଡ଼ା, ମନ୍ତ୍ରୀ ରବିନାରାୟଣ ନାୟକ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଓ ଉନ୍ନୟନ କମିଶନର ଦେଓରଞ୍ଜନ କୁମାର ସିଂ ଉପସ୍ଥିତ ଅଛନ୍ତି।

ରାଜ୍ୟ ସରକାରଙ୍କ ପକ୍ଷରୁ ଅତ୍ୟାବଶ୍ୟକ ସାମଗ୍ରୀ ଆଇନ-୧୯୫୫ର ଧାରା-୩ ଅନୁଯାୟୀ ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍)କୁ ସୁପରିଚାଳିତ କରିବା ପାଇଁ ଶୁକ୍ରବାର କ୍ୟାବିନେଟ ବୈଠକରେ ନିଷ୍ପତ୍ତି ନିଆଯାଇଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ପରେ ମୁଖ୍ୟଶାସନ ସଚିବ ଅନୁ ଗର୍ଗ କହିଛନ୍ତି, ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଆସିଥିବା ଆୟ ମାନଦଣ୍ଡ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ ଦେଇଛନ୍ତି। ସଂଶୋଧିତ ପ୍ରସ୍ତାବ ଅନୁଯାୟୀ, ଏଣିକି ଗ୍ରାମାଞ୍ଚଳ ପରିବାରର ମାସିକ ଆୟ ୧୦,୦୦୦ ଟଙ୍କା ପରିବର୍ତ୍ତେ ୧୫,୦୦୦ଟଙ୍କାକୁ ବୃଦ୍ଧି କରାଯାଇଥିବାବେଳେ ସହରାଞ୍ଚଳରେ ପରିବାରର ମାସିକ ଆୟ ୧୫,୦୦୦ ଟଙ୍କାରୁ ୨୦,୦୦୦ଟଙ୍କାକୁ ବୃଦ୍ଧି କରାଯାଇଛି।

ମୁଖ୍ୟଶାସନ ସଚିବ କହିଥିଲେ, ରାଜ୍ୟରେ ସମସ୍ତ ସାଧାରଣ ବଣ୍ଟନ ବ୍ୟବସ୍ଥା ସମ୍ବନ୍ଧୀୟ କାର୍ଯ୍ୟକଳାପ ଓଡ଼ିଶା ସାଧାରଣ ବଣ୍ଟନ ବ୍ୟବସ୍ଥା (ନିୟନ୍ତ୍ରଣ) ଆଦେଶ-୨୦୧୬ର ବ୍ୟବସ୍ଥା ଅନୁଯାୟୀ ପରିଚାଳିତ ହୁଏ। ଅନୁରୂପ ଭାବେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ-୨୦୧୩ ସହିତ ରାଜ୍ୟରେ ଖାଦ୍ୟ ସୁରକ୍ଷାଜନିତ ବ୍ୟବସ୍ଥାକୁ ସୁଦୃଢ଼ ଏବଂ ସ୍ୱଚ୍ଛ କରିବା ପାଇଁ ଓଡ଼ିଶା ରାଜ୍ୟ ଖାଦ୍ୟ ସୁରକ୍ଷା (ଲକ୍ଷ୍ୟଭିତ୍ତିକ ସାର୍ବଜନୀନ ବଣ୍ଟନ ବ୍ୟବସ୍ଥା) ନିୟମ-୨୦୨୦ ପ୍ରସ୍ତୁତ କରାଯାଇଥିଲା। ରାଜ୍ୟ ସରକାର ୨୦୧୪ରେ ବିଭିନ୍ନ କାର୍ଯ୍ୟକାରୀ ଗୋଷ୍ଠୀ ସହିତ ବିସ୍ତୃତ ଆଲୋଚନା ପରେ ଏନ୍ଏଫ୍ଏସ୍ଏ-୨୦୧୩ର ଧାରା-୪୦ ଅନୁଯାୟୀ ପରିକଳ୍ପିତ ବ୍ୟବସ୍ଥା, ଅନ୍ତ୍ୟୋଦୟ ଅନ୍ନ ଯୋଜନା (ଏଏୱାଇ) ଏବଂ ଲକ୍ଷ୍ୟଭିତ୍ତିକ ସାର୍ବଜନୀନ ବଣ୍ଟନ ବ୍ୟବସ୍ଥା (ଟିପିଡିଏସ୍) ଅଧୀନରେ ପ୍ରାଥମିକତା ପରିବାର ଚିହ୍ନଟ ପାଇଁ ୧୧ଟି ମାନଦଣ୍ଡ ଯୋଡିବା ସହିତ ୯ଟି ବାଦ୍ ଦେଇଥିଲେ।

ସେଥିମଧ୍ୟରେ ଗ୍ରାମୀଣ କ୍ଷେତ୍ରରେ ୧୦,୦୦୦ ଟଙ୍କା ଏବଂ ସହରାଞ୍ଚଳରେ ୧୫,୦୦୦ ଟଙ୍କାରୁ ଅଧିକ ମାସିକ ଦରମା ସହିତ ଘରୋଇ କ୍ଷେତ୍ରରେ କାର୍ଯ୍ୟ କରୁଥିବା କୌଣସି ସଦସ୍ୟଙ୍କ ପରିବାର ବାଦ୍ ଦେବା ମାନଦଣ୍ଡରେ ଅନ୍ତର୍ଭୁକ୍ତ ଥିଲା।

# ସରଳ ହେଲା ଆପାର୍ଟମେଣ୍ଟ ପଞ୍ଜୀକରଣ

ରାଜ୍ୟ ସରକାରଙ୍କ ପକ୍ଷରୁ ଆପାର୍ଟମେଣ୍ଟ ପଞ୍ଜୀକରଣ ବ୍ୟବସ୍ଥାକୁ ସରଳୀକରଣ କରାଯାଇଛି। ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ଆପାର୍ଟମେଣ୍ଟ ପଞ୍ଜୀକରଣ ନେଇ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। କ୍ୟାବିନେଟ ବୈଠକ ପରେ ମୁଖ୍ୟଶାସନ ସଚିବ ଅନୁ ଗର୍ଗ କହିଛନ୍ତି, ପ୍ରଥମ ଆପାର୍ଟମେଣ୍ଟ ହସ୍ତାନ୍ତର ଦଲିଲ୍ ପଞ୍ଜୀକରଣ ସମୟରେ ସମୁଦାୟ ସାଧାରଣ କ୍ଷେତ୍ର ଓ ସୁବିଧାଗୁଡ଼ିକ ଆସୋସିଏଶନ ସପକ୍ଷରେ ହସ୍ତାନ୍ତର କରିବା ବାଧ୍ୟତାମୂଳକ। ଏପାଇଁ ଆସୋସିଏଶନ ଦଲିଲ୍ ପଞ୍ଜୀକରଣ ନିମନ୍ତେ ୫% ଷ୍ଟାମ୍ପ ଦେୟ ଦେବାକୁ ପଡିଥାଏ, ଯାହାକି ଆପାର୍ଟମେଣ୍ଟ ମାଲିକଙ୍କ ଉପରେ ଅଧିକ ଆର୍ଥିକ ଭାର ସୃଷ୍ଟି କରୁଥିଲା ଏବଂ ଏହାଦ୍ୱାରା ଆପାର୍ଟମେଣ୍ଟ ପଞ୍ଜୀକରଣରେ ବାଧା ସୃଷ୍ଟି ହେଉଥିଲା। ଏହି ପଞ୍ଜୀକରଣ ପ୍ରକ୍ରିୟାକୁ ସରଳୀକରଣ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବର୍ତ୍ତମାନ ସାଧାରଣ କ୍ଷେତ୍ର ଓ ସୁବିଧାଗୁଡିକର ପଞ୍ଜୀକରଣ ନିମନ୍ତେ ଆସୋସିଏଶନ ପାଇଁ ୫୦,୦୦୦ ଟଙ୍କା ନାମ ମାତ୍ର ଷ୍ଟାମ୍ପ ଦେୟ ଦେବାକୁ ପଡ଼ିବ। ଏହାସହ ପରବର୍ତ୍ତୀ ସମୟରେ ବ୍ୟକ୍ତିଗତ ଆପାର୍ଟମେଣ୍ଟ ୟୁନିଟ୍ ବିକ୍ରୟ ସମୟରେ ଆପାର୍ଟମେଣ୍ଟ ୟୁନିଟ୍ ସହ ସାଧାରଣ କ୍ଷେତ୍ର ଓ ସୁବିଧାଗୁଡିକର ଅବିଭକ୍ତ ଅଂଶ ଉପରେ ୫% ଷ୍ଟାମ୍ପ ଡ୍ୟୁଟି ଆନୁପାତିକ ଭାବେ ଆଦାୟ ହେବ ବୋଲି ମୁଖ୍ୟସଚିବ କହିଛନ୍ତି।

# ୫୩୦ କୋଟିର ୨ ପ୍ରସ୍ତାବକୁ ଅନୁମୋଦନ

## ଜଳସେଚନ ବ୍ୟବସ୍ଥା ତ୍ୱରାନ୍ୱିତ ହେବ

ରାଜ୍ୟରେ ଜଳସେଚନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି ନେଇଛି। ବୈଠକ ପରେ ମୁଖ୍ୟଶାସନ ସଚିବ ଅନୁ ଗର୍ଗ କହିଛନ୍ତି, କେନ୍ଦୁଝର, ବାଲେଶ୍ୱର ଓ ଗଞ୍ଜାମ ଜିଲାରେ ଜଳସେଚନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ଲାଗି ଜଳସମ୍ପଦ ବିଭାଗ ପକ୍ଷରୁ ୫୩୦କୋଟି ଟଙ୍କାର ୨ଟି ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ ଦେଇଛନ୍ତି।

ସେଥିମଧ୍ୟରେ ବାଲେଶ୍ୱର ଓ କେନ୍ଦୁଝର ଜିଲାର ୧୨,୧୫୫ ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ପାଇଁ ଲକ୍ଷ୍ୟ ରହିଛି। ଜମି ଅଧିଗ୍ରହଣରେ ବିଳମ୍ବକୁ ଦୃଷ୍ଟିରେ ରଖି ଉନ୍ମୁକ୍ତ କେନାଲ ପ୍ରଣାଳୀରେ ହେବାକୁ ଥିବା ଅବଶିଷ୍ଟ ୫୬୦୦୦ ହେକ୍ଟର ଚାଷଜମି ଜଳବଣ୍ଟନ ବ୍ୟବସ୍ଥାକୁ ବର୍ତ୍ତମାନ ଭୂତଳ ପାଇପ୍‌ଲାଇନ ବ୍ୟବସ୍ଥା ମାଧ୍ୟମରେ ୯ଟି ପ୍ୟାକେଜ୍‌ରେ ନିର୍ମାଣ କରାଯିବ। ଏହି ପ୍ରକଳ୍ପ ନିର୍ମାଣ ପାଇଁ ରାଜ୍ୟ କ୍ୟାବିନେଟ ୩୧୦କୋଟି ୪୧ ଲକ୍ଷ ୯୫ହଜାର ୯୦୯ ଟଙ୍କା ଏବଂ ୫ ବର୍ଷ ପାଇଁ ପରିଚାଳନା ଓ ରକ୍ଷଣାବେକ୍ଷଣ ଲାଗି ୧୫କୋଟି ୮୩ଲକ୍ଷ ୧୩ ହଜାର ୯୯୧ ଟଙ୍କା ଟେଣ୍ଡରକୁ ଅନୁମୋଦନ କରିଛନ୍ତି। ପ୍ରକଳ୍ପଟି ୨୭ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରାଯିବାକୁ ଲକ୍ଷ୍ୟ ରଖାଯାଇଛି।

ସେହିପରି ପାର୍ବତୀ ଗିରି ବୃହତ୍ ଉଠା ଜଳସେଚନ ଯୋଜନା ଅନ୍ତର୍ଗତ ପ୍ରସ୍ତାବିତ କ୍ଲଷ୍ଟର-୩୧ ମାଧ୍ୟମରେ ୬ଟି ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ ପୂର୍ବକ ରାମନଦୀ, ଜୀରା ନାଳ ଓ ଋଷିକୁଲ୍ୟା ନଦୀରୁ ଜଳ ଉତ୍ତୋଳନ କରି ଚାପ ନିୟନ୍ତ୍ରିତ ଜଳଯୋଗାଣ ବ୍ୟବସ୍ଥା ଦ୍ୱାରା ଗଞ୍ଜାମର ୬,୩୪୩ ହେକ୍ଟର ଚାଷଜମିକୁ ଜଳସେଚନ ଯୋଗାଇବା ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ ଦେଇଛନ୍ତି। ଏଥିପାଇଁ ନିର୍ମାଣ ହେବାକୁ ଥିବା ପ୍ରକଳ୍ପ କାର୍ଯ୍ୟ ବାବଦକୁ ୧୯୦କୋଟି ୩୭ ଲକ୍ଷ ୭୫ ହଜାର ୩୭୧ ଟଙ୍କା ସହିତ ୧୫ ବର୍ଷ ପର୍ଯ୍ୟନ୍ତ ପରିଚାଳନା ଓ ରକ୍ଷଣାବେକ୍ଷଣ ନିମିତ୍ତ ୧୫କୋଟି ୨୩ ଲକ୍ଷ ୨ ହଜାର ୩୦ଟଙ୍କାର ଟେଣ୍ଡର ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ ଦେଇଛନ୍ତି। ପ୍ରକଳ୍ପଟି ୩୬ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ମୁଖ୍ୟ ସଚିବ କହିଛନ୍ତି।

# ନାବାଳକଙ୍କୁ ମିଳିବନି ସ୍ୱତନ୍ତ୍ର ରାଶନକାର୍ଡ

## ମୃତକଙ୍କ ତଥ୍ୟ ଲୁଚାଇଲେ ଦଣ୍ଡ ମିଳିବ

ରାଜ୍ୟ ସରକାରଙ୍କ ପକ୍ଷରୁ ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ଅଧିକ ପ୍ରଭାବୀ କରିବା ପାଇଁ ରାଜ୍ୟ କ୍ୟାବିନେଟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକ ପରେ ମୁଖ୍ୟଶାସନ ସଚିବ ଅନୁ ଗର୍ଗ କହିଛନ୍ତି, ପ୍ରତି ୫ବର୍ଷରେ ଇ-କେୱାଇସି ଯାଞ୍ଚ ହେବା ବାଧ୍ୟତାମୂଳକ। ତେବେ କେନ୍ଦ୍ର ସରକାରଙ୍କ ଦ୍ୱାରା ଲକ୍ଷ୍ୟଭିତ୍ତିକ ସାଧାରଣ ବଣ୍ଟନ ବ୍ୟବସ୍ଥା ଆଦେଶ-୨୦୧୫ରେ କରାଯାଇଥିବା ସଂଶୋଧନ ଆଧାରରେ ରାଜ୍ୟରେ ଖାଦ୍ୟ ସୁରକ୍ଷା ଅନ୍ତର୍ଭୁକ୍ତ ସମସ୍ତ ହିତାଧିକାରୀଙ୍କ ଇ-କେୱାଇସି ଯାଞ୍ଚ କରାଯିବ। ସେଥିରେ ନାବାଳକଙ୍କ ନାମରେ ସ୍ୱତନ୍ତ୍ର ରାଶନ କାର୍ଡ ଜାରି ନ କରିବା ପାଇଁ ନିୟମ ରହିଛି। ଏହାସହିତ ନିଷ୍କ୍ରିୟ ଏବଂ ଅଯୋଗ୍ୟ ରାଶନ୍ କାର୍ଡଗୁଡ଼ିକୁ ରଦ୍ଦ କରିବା, ଅଯୋଗ୍ୟ ପରିବାର ଚିହ୍ନଟ, ଲିକେଜ୍, ରିହାତି ଖାଦ୍ୟ ଶସ୍ୟର ଜାଲିଆତି ପରି ଦୀର୍ଘକାଳୀନ ସମସ୍ୟାଗୁଡ଼ିକୁ ସମାଧାନ କରିବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ତିଆରି ନିୟମଗୁଡ଼ିକରେ ସମାନ ବିଧାନଗୁଡ଼ିକ ସଂଶୋଧନ ମାଧ୍ୟମରେ ଅନ୍ତର୍ଭୁକ୍ତ କରାଯାଇଛି। ଏହି ପଦକ୍ଷେପଗୁଡ଼ିକ ଖାଦ୍ୟ ସୁରକ୍ଷା ପରିଚାଳନାକୁ ସୁଦୃଢ଼ କରିବା ଦିଗରେ ସହାୟକ ହେବ, ଅପଚୟ ହ୍ରାସ କରିବ ଏବଂ ପ୍ରକୃତ ଲାଭାର୍ଥୀ ବର୍ଗଙ୍କ ପାଖରେ ଖାଦ୍ୟଶସ୍ୟ ପହଞ୍ଚାଇବାରେ ସାହାଯ୍ୟ ତଥା ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି।

ସେ କହିଛନ୍ତି, ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶାନୁସାରେ, ମୃତ ରାଶନ୍ କାର୍ଡଧାରୀଙ୍କ ନାମରେ ଅନୁଚିତ ଭାବେ ପିଡିଏସ୍ ସାମଗ୍ରୀ ଉଠାଣ ଅଭିଯୋଗକୁ ରୋକିବା ପାଇଁ ଖାଦ୍ୟଯୋଗାଣ ବିଭାଗ ପକ୍ଷରୁ ଆସିଥିବା ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ ଦେଇଛନ୍ତି। ଏହାଦ୍ୱାରା ରାଶନ କାର୍ଡଧାରୀ ଘରର ମୁଖ୍ୟ କିମ୍ବା କାର୍ଡଧାରୀ ଘରର ଅଧିକୃତ ସଦସ୍ୟଙ୍କୁ ରାଶନ କାର୍ଡରେ ଥିବା କୌଣସି ସଦସ୍ୟଙ୍କ ମୃତ୍ୟୁଜନିତ ତଥ୍ୟକୁ ଲୁଚାଇ ନ ରଖି ତୁରନ୍ତ ଯୋଗାଣ ବିଭାଗ ଅଧିକାରୀ କିମ୍ବା ନିକଟସ୍ଥ ଖାଉଟି ଡିଲରକୁ ଜଣାଇବାକୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହାସହ ତଥ୍ୟ ଲୁଚାଇ ସାମଗ୍ରୀ ନେଲେ ଦଣ୍ଡବିଧାନର ବ୍ୟବସ୍ଥା କରାଯାଇଛି। ସଂଶୋଧନର ଉଦ୍ଦେଶ୍ୟ ହେଉଛି ଠକେଇକୁ ରୋକିବା, ସଠିକତା ସୁନିଶ୍ଚିତ କରିବା ଏବଂ ସରକାରୀ ସମ୍ପଦକୁ ସୁରକ୍ଷା କରିବା।

ତଥ୍ୟକୁ ଗୋପନ ରଖି ପିଡିଏସ୍ ସାମଗ୍ରୀ ଗ୍ରହଣ କଲେ, ରାଶନ କାର୍ଡରେ ଥିବା ବ୍ୟକ୍ତିଙ୍କ ମୃତ୍ୟୁ ତାରିଖଠାରୁ ତାଙ୍କ ନାମରେ ଗ୍ରହଣ କରାଯାଇଥିବା ସମସ୍ତ ସାମଗ୍ରୀର ମୂଲ୍ୟ ସମ୍ପୃକ୍ତ ପରିବାରଠାରୁ ଦେଢ଼ ଗୁଣ ହାରରେ ଆଦାୟ କରାଯିବ। ଏହି ଅର୍ଥ ପରବର୍ତ୍ତୀ ମାସର ପ୍ରାପ୍ୟରୁ କଟାଯାଇ କିମ୍ବା ପ୍ରଚଳିତ ଅର୍ଥନୈତିକ ମୂଲ୍ୟ ଆକାରରେ ଭରଣା କରାଯିବାକୁ ରାଜ୍ୟ କ୍ୟାବିନେଟ ନିଷ୍ପତ୍ତି ନେଇଛି ବୋଲି ମୁଖ୍ୟସଚିବ କହିଛନ୍ତି।

# ହର ଘର ଜଳ ଯୋଜନା ହେଲା କଡ଼ାକଡ଼ି

ରାଜ୍ୟର ପ୍ରତ୍ୟେକ ପରିବାରକୁ ବିଶୁଦ୍ଧ ପାନୀୟଜଳ ଯୋଗାଇବା ଲକ୍ଷ୍ୟ ନେଇ ରାଜ୍ୟ କ୍ୟାବିନେଟ ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ଠିକାଦାର ଯେଭଳି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କାର୍ଯ୍ୟ କରିବେ ଏବଂ ପାନୀୟଜଳ ଯୋଜନା ନିଶ୍ଚିତ ହେବ ସେନେଇ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଆସିଥିବା ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ ଦେଇଛି। ବୈଠକ ପରେ ମୁଖ୍ୟଶାସନ ସଚିବ ଅନୁ ଗର୍ଗ ଗଣମାଧ୍ୟମକୁ କହିଛନ୍ତି, ଜଳ ଜୀବନ ମିଶନ (ଜେଜେଏମ୍) ଯୋଜନାରେ ଧାର୍ଯ୍ୟ କେନ୍ଦ୍ରୀୟ ଅନୁଦାନ ରାଶିକୁ ଅଗ୍ରୀମ ଭାବେ ରାଜ୍ୟ ସରକାର ବହନ କରି କେନ୍ଦ୍ରୀୟ ଅନୁଦାନ ଆସିଲା ପରେ ଭରଣା କରିବା ପାଇଁ ଓଡ଼ିଶା ସରକାରଙ୍କୁ ଅନୁମତି ଦେବା ସମ୍ବନ୍ଧୀୟ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ଏହାର ଉଦ୍ଦେଶ୍ୟ ହେଉଛି, ନିର୍ମାଣାଧୀନ ପ୍ରକଳ୍ପଗୁଡ଼ିକୁ ଚାଲୁ ରଖିବା ଏବଂ ନିର୍ଦ୍ଧାରିତ ସମୟରେ ସମାପ୍ତ କରିବା ସହିତ ସଂସ୍ଥା ଏବଂ ଠିକାଦାରମାନଙ୍କୁ କାର୍ଯ୍ୟ କରିବାରେ ଉତ୍ସାହିତ କରିବା। ସେହିପରି ପୂର୍ବରୁ ନିର୍ମାଣାଧୀନ ପ୍ରକଳ୍ପରେ ବିନିଯୋଗ ହୋଇଥିବା ଅର୍ଥକୁ ସୁରକ୍ଷା ଦେବା ସହିତ ଅପରିହାର୍ଯ୍ୟ ଖର୍ଚ୍ଚର ବୃଦ୍ଧିକୁ ଏଡ଼ାଇବା, ପ୍ରତ୍ୟେକ ଘରକୁ ପାଇପ ଯୋଗେ ପାନୀୟଜଳ ଯୋଗାଇବା କାର୍ଯ୍ୟରେ ଅଗ୍ରଗତି କରିବା ଏବଂ ହର ଘର ଜଳ ପ୍ରମାଣୀକରଣ ହାସଲ କରିବା ରହିଛି। ଏହାସହିତ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡ଼ିକ ମାଧ୍ୟମରେ ଠିକ ସମୟରେ ପାନୀୟଜଳ ଯୋଗାଇ ଦେବା ପାଇଁ ଲୋକମାନଙ୍କ ମଧ୍ୟରେ ବିଶ୍ୱାସ ସୃଷ୍ଟି କରିବା ଏହାର ମୂଳ ଲକ୍ଷ୍ୟ ବୋଲି ମୁଖ୍ୟସଚିବ କହିଛନ୍ତି।

# ୨୦୩୬ ସୁଦ୍ଧା ୧୫ହଜାର ତାରକା ବର୍ଗ ହୋଟେଲ କୋଠରି ସୃଷ୍ଟି ଲକ୍ଷ୍ୟ

## ଓଡ଼ିଶା ପର୍ଯ୍ୟଟନ ନୀତିର ସଂଶୋଧନ

ରାଜ୍ୟରେ ପର୍ଯ୍ୟଟନ ଶିଳ୍ପକୁ ପ୍ରୋତ୍ସାହନ ଦେବା ସହିତ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟ ନେଇ ଶୁକ୍ରବାର ରାଜ୍ୟ କ୍ୟାବିନେଟ୍ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ମୁଖ୍ୟଶାସନ ସଚିବ ଅନୁ ଗର୍ଗ କହିଛନ୍ତି, ରାଜ୍ୟ କ୍ୟାବିନେଟ 'ଓଡ଼ିଶା ପର୍ଯ୍ୟଟନ (ସଂଶୋଧନ) ନୀତି-୨୦୨୬'କୁ ଅନୁମୋଦନ କରିଛନ୍ତି। ଏହାସହିତ ପ୍ରଭାବଶାଳୀ ସୁଶାସନ ଏବଂ ଅଂଶୀଦାରଙ୍କ ସମ୍ପୃକ୍ତି ପାଇଁ ପର୍ଯ୍ୟଟନ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ରାଜ୍ୟ ପର୍ଯ୍ୟଟନ ପରାମର୍ଶଦାତା ପରିଷଦ ଗଠନକୁ ମଧ୍ୟ ଅନୁମୋଦନ ମିଳିଛି। ଏହି ସଂଶୋଧନ ଦ୍ୱାରା ପର୍ଯ୍ୟାପ୍ତ ଘରୋଇ ନିବେଶକୁ ବୃଦ୍ଧି କରାଇବା ସହିତ ୨୦୩୬ ସୁଦ୍ଧା ୧୫୦୦୦ ତାରକା ବର୍ଗ ହୋଟେଲ କୋଠରି ସୃଷ୍ଟିରେ ସହାୟକ ହେବ। ଲକ୍ଷାଧିକ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ।

ଅନୁ ଗର୍ଗ କହିଛନ୍ତି, ବ୍ୟବସାୟିକ ସହଜତାକୁ ଉନ୍ନତ କରିବା ଏବଂ ନିବେଶକଙ୍କୁ ଆକର୍ଷିତ କରିବା ପାଇଁ ଭାରତ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟର ମାନଦଣ୍ଡ ଭଳି ୩ ତାରକା ଏବଂ ତଦୂର୍ଦ୍ଧ୍ୱ ହୋଟେଲ ଓ ରିସର୍ଟ ପାଇଁ ସର୍ବନିମ୍ନ ନିବେଶ ସୀମା ୫୦ କୋଠରିରୁ ୧୦ କୋଠରିକୁ ହ୍ରାସ କରିବାକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ପର୍ଯ୍ୟଟନ ପ୍ରକଳ୍ପଗୁଡ଼ିକ ୩୦%ରେ ସବସିଡ୍ ପାଇଁ ଯୋଗ୍ୟ ହେବା ସହିତ ୨୦୦ କୋଟି ଟଙ୍କା ପର୍ଯ୍ୟନ୍ତ ନିବେଶ ପାଇଁ ୫୦ କୋଟି ଏବଂ ୨୦୦ କୋଟି ଟଙ୍କାରୁ ଅଧିକ ନିବେଶ ପାଇଁ ୧୦୦ କୋଟି ପର୍ଯ୍ୟନ୍ତ ସବ୍‌ସିଡି ଦେୟର ସର୍ବାଧିକ ସୀମା ଧାର୍ଯ୍ୟ କରାଯାଇଛି। ଚିଲିକା, କେବିକେ, କନ୍ଧମାଳ ଏବଂ ଗଜପତିର ବିଦ୍ୟମାନ ସ୍ୱତନ୍ତ୍ର ଜୋନ ବ୍ୟତୀତ ହୀରାକୁଦ, ସାତକୋଶିଆ, ଶିମିଳିପାଳ, ରତ୍ନଗିରି-ଉଦୟଗିରି-ଲଳିତଗିରି ଏବଂ ଭିତରକନିକା ଭଳି ଉଚ୍ଚ-ସମ୍ଭାବ୍ୟ ପର୍ଯ୍ୟଟନସ୍ଥଳଗୁଡ଼ିକୁ ଅନ୍ତର୍ଭୁକ୍ତ କରିବା ପାଇଁ ସ୍ୱତନ୍ତ୍ର ଜୋନ୍‌ର ସମ୍ପ୍ରସାରଣକୁ ମଧ୍ୟ କ୍ୟାବିନେଟ ଅନୁମୋଦନ କରିଛନ୍ତି। ଏହି ସ୍ୱତନ୍ତ୍ର ଜୋନ୍‌ରେ ଅବସ୍ଥିତ ପର୍ଯ୍ୟଟନ ପ୍ରକଳ୍ପଗୁଡ଼ିକରେ ମହିଳା, ଅନୁସୂଚିତ ଜାତି, ଜନଜାତି ଏବଂ ଭିନ୍ନକ୍ଷମ ଉଦ୍ୟୋଗୀମାନଙ୍କ ଦ୍ୱାରା ପ୍ରୋତ୍ସାହିତ ପ୍ରକଳ୍ପଗୁଡ଼ିକ ୪୦% ହାରରେ ବର୍ଦ୍ଧିତ ପୁଞ୍ଜିନିବେଶ ସବ୍‌ସିଡି ପାଇଁ ଯୋଗ୍ୟ ହେବେ; ଯାହା ୨୦୦ କୋଟି ଟଙ୍କା ପର୍ଯ୍ୟନ୍ତ ନିବେଶ ସହିତ ପ୍ରକଳ୍ପ ପାଇଁ ୬୦ କୋଟି ଟଙ୍କା ଏବଂ ୨୦୦ କୋଟି ଟଙ୍କାରୁ ଅଧିକ ନିବେଶ ସହିତ ପ୍ରକଳ୍ପ ପାଇଁ ୧୨୦ କୋଟି ଟଙ୍କା ପର୍ଯ୍ୟନ୍ତ ସର୍ବାଧିକ ସବ୍‌ସିଡି ମିଳିବ। ସେହିପରି ବିଭିନ୍ନ ଉଦୀୟମାନ ପର୍ଯ୍ୟଟନ କ୍ଷେତ୍ର ପାଇଁ ଲକ୍ଷ୍ୟଯୁକ୍ତ ସବସିଡି ବ୍ୟବସ୍ଥା କରାଯାଇଛି। ସେହିପରି ସଂଗ୍ରହାଳୟ ଏବଂ ଐତିହ୍ୟ ସମ୍ପତ୍ତି ୪୦% ପର୍ଯ୍ୟନ୍ତ ପୁଞ୍ଜି ସହାୟତା ପାଇଁ ଏବଂ ବୈଦ୍ୟୁତିକ ଡଙ୍ଗା, ବୈଦ୍ୟୁତିକ କାରାଭାନ ଏବଂ କଳା ଏବଂ ହସ୍ତଶିଳ୍ପ ବିଷୟବସ୍ତୁ କମ୍ପ୍ଲେକ୍ସ ୫୦% ପର୍ଯ୍ୟନ୍ତ ପୁଞ୍ଜି ସହାୟତା ପାଇଁ ଯୋଗ୍ୟ ହୋଇପାରିବେ। ପର୍ଯ୍ୟଟନ ଚାହିଦାକୁ ପ୍ରତିଫଳିତ କରିବା ପାଇଁ ସଂଶୋଧନ ନୀତି, ଡେଷ୍ଟିନେସନ୍ ୱେଡିଂ, ବିଳାସପୂର୍ଣ୍ଣ ଶିବିର ଏବଂ ବୈଦ୍ୟୁତିକ ଗତିଶୀଳତା ଆଧାରିତ ପର୍ଯ୍ୟଟନ ଉତ୍ପାଦ ଭଳି କ୍ଷେତ୍ର ପାଇଁ କେନ୍ଦ୍ରିତ ପ୍ରୋତ୍ସାହନ ପ୍ରଦାନ କରିବ। ଏହାବ୍ୟତୀତ ପର୍ଯ୍ୟଟନ ବିଭାଗ ଦ୍ୱାରା ଅଧିସୂଚିତ ପର୍ଯ୍ୟଟନ ସ୍ଥଳୀ, ଓଡ଼ିଶା ମଧ୍ୟରେ ଏବଂ ରାଜ୍ୟ ବାହାରେ ୫ଟି ମେଟ୍ରୋ ସହର ଯଥା ମୁମ୍ବାଇ, ଦିଲ୍ଲୀ, ବେଙ୍ଗାଲୁରୁ, ଚେନ୍ନାଇ ଏବଂ କୋଲକାତା ଓ ପାଞ୍ଚଟି ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଯଥା ଆଗ୍ରା, ବାରାଣସୀ, ଗୋଆ, କୋଚି, ଜୟପୁରରେ ପ୍ରାମାଣିକ ଓଡ଼ିଆ ଖାଦ୍ୟର ପ୍ରୋତ୍ସାହନ ପାଇଁ ଏକ ସମର୍ପିତ ପୁଞ୍ଜିନିବେଶ ଏବଂ କାର୍ଯ୍ୟକ୍ଷମ ଖର୍ଚ୍ଚ ସହାୟତା ଢାଞ୍ଚା ପ୍ରଚଳନ କରାଯାଇଛି, ଯାହାର ଉଦ୍ଦେଶ୍ୟ ହେଉଛି ଓଡ଼ିଆ ଖାଦ୍ୟର ପରିଚୟକୁ ସୁଦୃଢ଼ କରାଇବ ବୋଲି ମୁଖ୍ୟସଚିବ କହିଛନ୍ତି।

# ବିଶ୍ୱଦକ୍ଷତା ବୃଦ୍ଧି ଲାଗି ୧୧୪୦କୋଟି ବିନିଯୋଗ ଲକ୍ଷ୍ୟ

## ପ୍ରତିଷ୍ଠା ହେବ ଅଭିଯୋଜନ ନିର୍ଦ୍ଦେଶାଳୟ

ଓଡ଼ିଶା ଦକ୍ଷତା ବିକାଶ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟକୁ ଶୁକ୍ରବାର ରାଜ୍ୟ କ୍ୟାବିନେଟ ଅନୁମୋଦନ ଦେଇଛି। କ୍ୟାବିନେଟ ବୈଠକ ପରେ ମୁଖ୍ୟଶାସନ ସଚିବ ଅନୁ ଗର୍ଗ କହିଛନ୍ତି, ଭବିଷ୍ୟତ ପାଇଁ ପ୍ରସ୍ତୁତ କର୍ମଶକ୍ତିସୃଷ୍ଟିକୁଲକ୍ଷ୍ୟ ରଖି ବିଶ୍ୱ ଦକ୍ଷତା କେନ୍ଦ୍ରର ସମ୍ପ୍ରସାରଣ ଏବଂ ସରକାରୀ ଆଇଟିଆଇଗୁଡ଼ିକର ଉନ୍ନତୀକରଣ କରାଯିବ। ଏଥିପାଇଁ ୧୧୪୦ କୋଟି ଟଙ୍କା ଖର୍ଚ୍ଚ ହେବ; ଯାହା ଆଗାମୀ ୫ବର୍ଷ ୨୦୨୫-୨୬ରୁ ୨୦୨୯-୩୦ ମଧ୍ୟରେ ଏସିଆନ ଡେଭଲପମେଣ୍ଟ ବ୍ୟାଙ୍କ(ଏଡିବି) ସହାୟତାରେ କାର୍ଯ୍ୟକାରୀ ହେବ। ଏହି ପ୍ରକଳ୍ପର ଲକ୍ଷ୍ୟ ହେଉଛି, ଓଡ଼ିଶାର ଦକ୍ଷତା ବିକାଶ ଇକୋସିଷ୍ଟମକୁ ସୁଦୃଢ଼ କରିବା। ରାଜ୍ୟକୁ ଉନ୍ନତ, ଶିଳ୍ପ ସମର୍ଥିତ ଦକ୍ଷତା ପାଇଁ ଏକ ଅଗ୍ରଣୀ କେନ୍ଦ୍ର ଭାବରେ ସ୍ଥାନିତ କରିବ। ଏହି ପ୍ରକଳ୍ପରେ ଭୁବନେଶ୍ୱରରେ ଥିବା ବିଶ୍ୱ ଦକ୍ଷତା କେନ୍ଦ୍ରର ସମ୍ପ୍ରସାରଣ ସହିତ ନୂତନ ପାଠ୍ୟକ୍ରମ ଯଥା ଲଜିଷ୍ଟିକ୍ସ, ଡିଜିଟାଲ୍ ଆନିମେଶନ୍ ଏବଂ ସ୍ୱାସ୍ଥ୍ୟସେବାର ପ୍ରଚଳନ ହେବ। ଏହାସହ ୩ଟି ନୂତନ କ୍ୟାମ୍ପସ ପ୍ରତିଷ୍ଠା ହେବ। ସେମିକଣ୍ଡକ୍ଟର, ଆଇଟି/ଆଇଟିଇଏସ୍ ଏବଂ ଏରୋସ୍ପେସ୍ କ୍ଷେତ୍ର ପାଇଁ ଭୁବନେଶ୍ୱରରେ କ୍ୟାମ୍ପସ-୨, ଆତିଥ୍ୟ ଏବଂ ସାମୁଦ୍ରିକ କ୍ଷେତ୍ର ପାଇଁ ବ୍ରହ୍ମପୁରରେ କ୍ୟାମ୍ପସ୍-୩ ଏବଂ କୃଷି-ପ୍ରଯୁକ୍ତିବିଦ୍ୟା, ନବୀକରଣୀୟ ଶକ୍ତି ପାଇଁ ସମ୍ବଲପୁରରେ କ୍ୟାମ୍ପସ୍-୪ ପ୍ରତିଷ୍ଠା ହେବ। ଏହାସହ ସମାନ୍ତରାଳ ଭାବରେ ରାଜ୍ୟର ୫ଟି ସରକାରୀ ଆଇଟିଆଇକୁ ଉତ୍କର୍ଷ କେନ୍ଦ୍ର ଭାବେ କରାଯିବ; ଯେଉଁଥିରେ ଅଧିକ ଛାତ୍ରୀଛାତ୍ର ନାମ ଲେଖାଇପାରିବେ। ଏହାସହ ସମସ୍ତ ୭୨ ସରକାରୀ ଆଇଟିଆଇକୁ ସୁଦୃଢ଼ କରାଯିବ; ଯେଉଁଥିରେ ବାର୍ଷିକ ୬୦,୦୦୦ରୁ ଅଧିକ ଯୁବକ ଉପକୃତ ହେବେ। ଏହି ପ୍ରକଳ୍ପ ପାଇଁ ୫୭୦ କୋଟି ଟଙ୍କା ଏଡିବି ଋଣ ସହାୟତା ଦେବ ଏବଂ ରାଜ୍ୟ ବଜେଟରୁ ୫୭୦ କୋଟି ଟଙ୍କା ଦିଆଯିବ ବୋଲି ମୁଖ୍ୟସଚିବ କହିଛନ୍ତି।

ଏହି ଅବସରରେ ଓଡ଼ିଶା ରାଜ୍ୟ ଅଭିଯୋଜନ ସେବା ନିୟମାବଳୀ-୧୯୯୭ର ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ ଦେଇଛି। ଏଥିରେ ପ୍ରତ୍ୟେକ ଜିଲାରେ ଏକ 'ଜିଲା ଅଭିଯୋଜନ ନିର୍ଦ୍ଦେଶାଳୟ' ଗଠନ ହେବ। ଏହାର ସଂରଚନା ଏକ ଅଭିଯୋଜନ ନିର୍ଦ୍ଦେଶକଙ୍କ ନେତୃତ୍ୱରେ ରାଜ୍ୟ ସ୍ତରରେ ଏବଂ ଜିଲାସ୍ତରରେ ଡେପୁଟି ଏବଂ ଆସିଷ୍ଟାଣ୍ଟ ନିର୍ଦ୍ଦେଶକମାନଙ୍କ ତତ୍ତ୍ୱାବଧାନରେ ଗଠିତ ହେବ।


**OFFICE OF THE CHIEF CONSTRUCTION ENGINEER, DHENKANAL (R&B) CIRCLE, DHENKANAL**

**Corrigendum to Bid Identification No.C.C.E.DKL(R&B)14/2025-26**

**No.B-957** : The Bid invited vide Bid Identification No.C.C.E.DKL(R&B)14/2025-26 vide letter No.2689 dt.30.12.2025 has been modified as follows.

1. The Bid document for the above notice will be available in the website : www.tendersodisha.gov.in from **Dt.13.01.2026 to 5.00 P.M. of Dt.27.01.2026** for online bidding and shall be opened at **11.00 A.M. on Dt.28.01.2026**.

All other terms and conditions of the above tender call notice will remain unchanged.

Sd./- C.C.E. Dhenkanal (R&B) Circle, Dhenkanal
OIPR-

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, BHAWANIPATNA**
Letter No.4660 Date:31.12.2025
No.O-1999

**e-Procurement Notice**

**Bid Identification No.SERWBPT/Online-11/2025-26**

1. Name of works : Road Work (As per Annexure-A)
2. Total No. of work : Road- 10 Nos.
3. Estimated Cost : As per Annexure- 'A'
4. E.M.D. : The bidders shall transfer online the EMD of the Amount as specified for the work in the table Col No-4 in the Annexure-A
5. Cost of Tender document : As per Annexure- 'A'
6. Class of Contractor : Please refer DTCN & Annexure A
7. Other details : As per DTCN & www.tendersorissa.gov.in

| Procurement Officer | Bid Identification No. | Availability of Tender online for bidding | |
|---|---|---|---|
| | | From | To |
| Superintending Engineer, Rural Works Division, Bhawanipatna | SERWBPT/ Online- 11/2025-26 | 13.01.2026 from 10.00 A.M. | 27.01.2026 Upto 5.00 P.M. |

Sd./- Superintending Engineer
Rural Works Division, Bhawanipatna
OIPR-

**ENGAGEMENT OF VEHICLE**
**NOTICE INVITING TENDER**
**Office of the CSO-cum-District Manager**
**Odisha State Civil Supplies Corporation Ltd., (OSCSC)**
KANDHAMAL (District), Phone : 9438200046

Tender No. **37** Dated **06.01.2026**
Cost of Tender Document : **Rs.1000/-**
**No.CAD-2979** : Sealed Quotations are invited from eligible bidders for Engagement of Hired Vehicle.

| | | |
|---|---|---|
| 1 | Availability of tender documents | From date **08.01.2026 to 17.01.2026.** Office of the CSO-cum-District Manager, Kandhamal, OSCSC Limited |
| 2 | Last date and time for submission of Tender Documents | **Dt.17.01.2026 up to 05:00 (PM)** |
| 3 | Date and Time and venue for opening of Technical Bid & Financial Bid by the Tender Committee. | **Dt.20.01.2026 up to 11:00 (AM)**, at Collectorate Campus, Kandhamal, Phulbani |

N.B :
1. If the office happens to be closed on the date of opening of tenders, tenders will be opened on the next working day in the same time.
2. District Tender Committee reserves the right to cancel any/all of the tenders at any time without assigning any reason thereof.
3. The bidder must deposit **Rs.9100/- in shape of Account Payee Bank Draft drawn in favour of the District Manager, OSCSC Limited, Kandhamal** along with the tender as security deposit. After completion of tender process, the amount will be refunded to unsucessful bidders.

Sd./- District Manager
OSCSC Ltd., Kandhamal
OIPR-

**ବୟନଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର**

**୨୦ତମ ଗ୍ରାଣ୍ଡ ତୋଷାଳୀ ସ୍ୱଦେଶୀ ମେଳାରେ ଭାଗ ନେବା ସମ୍ବନ୍ଧରେ ସୂଚନା**

No.PP-57: ଭୁବନେଶ୍ୱରସ୍ଥିତ ଜନତା ମୈଦାନଠାରେ ତା.୧୩.୦୨.୨୦୨୬ଠାରୁ ତା.୨୫.୦୨.୨୦୨୬ ପର୍ଯ୍ୟନ୍ତ ଗ୍ରାଣ୍ଡ ତୋଷାଳୀ ସ୍ୱଦେଶୀ ମେଳା ଆୟୋଜନ କରାଯାଉଛି । ଏହି ମେଳାରେ ହସ୍ତତନ୍ତ ଉତ୍ପାଦିତ ବସ୍ତ୍ରର ବିକ୍ରୟ ନିମନ୍ତେ ରାଜ୍ୟର ବୁଣାକାର ଉଦ୍ୟୋଗୀ/ଜାତୀୟ ଅଥବା ରାଜ୍ୟ ପୁରସ୍କାରପ୍ରାପ୍ତ ବୁଣାକାର/ଡିଜାଇନର/ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ପାଇଁ ହସ୍ତତନ୍ତ ଉତ୍ପାଦର ବିକ୍ରୟ ନିମନ୍ତେ ଷ୍ଟଲ୍‌ର ବ୍ୟବସ୍ଥା କରାଯାଇଛି । ଏହି ବର୍ଗର ଇଚ୍ଛୁକ ପ୍ରାର୍ଥୀମାନେ ତା.୩୧.୦୧.୨୦୨୬ ସୁଦ୍ଧା ନିମ୍ନଲିଖିତ ଫର୍ମରେ ତାଙ୍କ ଅଞ୍ଚଳରେ ଥିବା ବିଭାଗୀୟ ବୟନ ମଣ୍ଡଳ ଅଧିକାରୀଙ୍କୁ ଆବେଦନ କରିବାକୁ ଅନୁରୋଧ । ଦିବ୍ୟାଙ୍ଗ ବ୍ୟକ୍ତିବିଶେଷ ତଥା ସଂସ୍ଥାମାନଙ୍କ ନିମନ୍ତେ ଷ୍ଟଲ୍ ସଂରକ୍ଷଣର ବ୍ୟବସ୍ଥା ରହିଛି । ଏହା ମଧ୍ୟ www.textiles.odisha.gov.in, www.sadhacodisha.org ୱେବସାଇଟରେ ଉପଲବ୍ଧ ।

ନିର୍ଦ୍ଦେଶକ, ବୟନଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର

**୨୦ତମ ଗ୍ରାଣ୍ଡ ତୋଷାଳୀ ସ୍ୱଦେଶୀ ମେଳାରେ ଭାଗ ନେବା ପାଇଁ ଆବେଦନ ଫର୍ମ**

୧) ପ୍ରାର୍ଥୀ / ସଂସ୍ଥା/ ସ୍ୱୟମ ସହାୟକ ଗୋଷ୍ଠୀର ନାମ:
୨) ସ୍ୱୟମ ସହାୟକ ଗୋଷ୍ଠୀ/ସଂସ୍ଥା ରେଜିଷ୍ଟ୍ରେସନ ନମ୍ବର/ତାରିଖ:
୩) ପ୍ରାର୍ଥୀଙ୍କ କ୍ଷେତ୍ରରେ- କ) ବୁଣାକାର ପରିଚୟ ପତ୍ର ନମ୍ବର (ଆବଶ୍ୟକ ସ୍ଥଳେ): (ଖ) ବୟସ ଓ ଯୋଗ୍ୟତା: (ଗ) ହସ୍ତତନ୍ତ ବୟନ/ବିକ୍ରୟ/ଡିଜାଇନିଂ କ୍ଷେତ୍ରରେ ଅଭିଜ୍ଞତା (ବର୍ଷରେ): (ଘ) ପାଇଥିବା ଜାତୀୟ/ ରାଜ୍ୟ ପୁରସ୍କାରର ବିବରଣୀ:
୪) ବାର୍ଷିକ କରୁଥିବା ବ୍ୟବସାୟର ମୂଲ୍ୟ: (କ୍ରମିକ ସଂଖ୍ୟା-୨,୩ରେ ଦିଆଯାଇଥିବା ତଥ୍ୟ ସହିତ ପ୍ରମାଣପତ୍ର ଓ କ୍ରମିକ ସଂଖ୍ୟା-୪ ନିମନ୍ତେ ନିଜସ୍ୱ ଶପଥ ପାଠ ଦାଖଲ କରିବାକୁ ଅନୁରୋଧ) ।
OIPR-

**OFFICE OF THE ROURKELA MUNICIPAL CORPORATION, ROURKELA**
**INVITATION FOR BID**
**No. 234 Dated : 08/01/2026**
**Bid Identification No. :- MC/RMC/04/2026**

**No.C-2045** : The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in double cover on online Mode. Bid Identification **No. MC/RMC/04/2026** for **02** Nos. Civil work with value of **Rs. 57.56 lakh to 59.68 Lakh**.

1. Bid documents will be available in website www.tendersorissa.gov.in from **08.01.2026**.
2. Bids must be submitted on "online" on or before **22.01.2026** by 17.00 hours.
3. Bids shall be opened at 11.00 hours on **27.01.2026** in the office of the undersigned in the presence of the bidders or their authorized agents.
4. Other details will be available in the website tendersorissa.gov.in

Sd./- Municipal Commissioner
Rourkela Municipal Corporation
OIPR-

**OFFICE OF THE BARIPADA MUNICIPAL COUNCIL, BARIPADA**
Phone : 06792-252703, Fax : 06792-252703, Email : baripadam.hud@nic.in
Website : www.baripadamunicipality.in
No. 60 Dated : 08.01.2026
**DTCN PART-I (TECHNICAL BID) SECTION-II**
**COMPETITIVE BIDDING THROUGH 'e' PROCUREMENT**

**No.C-2050** : The Executive Officer on behalf of Baripada Municipality, Baripada invites percentage rate bids in single cover system in **ONLINE MODE** only in conformity with Detailed Tender Call Notice (DTCN).

Bid Documents consisting of Work, Estimated Cost, Cost of Tender Paper, EMD and Time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in.

Tender Reference No. : **BPDM- 01 of 2026-2027** Tender I.D No. : **2026_ORULB**

| Sl. No. | Description | Critical Dates |
|---|---|---|
| 1 | Procurement Officer-Publisher/ Tender Inviting Authority / Bids | Executive Officer, Baripada Municipality, Baripada |
| 2 | Name of the Work | As per DTCN |
| 3 | Nos. of Work | As per DTCN |
| 4 | Tendered cost of the works | As per DTCN |
| (i) | Period of availability of tenders on-line for bidding | From **Dt.13.01.2026** (01.00 P.M.) to **Dt.28.01.2026** (5.00 P.M.) |
| (ii) | Last date and time of bidding on-line (Submission of Bids) | **Dt.28.01.2026** (5.00 P.M.) |
| (iii) | Date and time of opening of the Bids received on-line | **Dt.29.01.2026** (11.30 A.M. onwards) |

Detail Tender Call Notice (DTCN) may also be seen from the 'e' procurement portal i.e. www.tendersorissa.gov.in and Baripada Municipality Website i.e. www.baripadamunicipality.in

Corrigendum or Addendum if any will not be published in Newspapers and can be seen in e-procurement portal as well as in Baripada Municipality website.

Sd./- Executive Officer
Baripada Municipality
OIPR-

# ଗାଡ଼ି ଧକ୍କାରେ ୨ ସ୍କୁଟି ଆରୋହୀଙ୍କ ଜୀବନଗଲା

## ପରୀକ୍ଷା ଦେବାକୁ ଯାଇ ଶବ ହୋଇ ଫେରିଲେ

ଖୋର୍ଦ୍ଧା/ବାଣପୁର,୯।୧ (ପ୍ରଭାତ ପାଣିଗ୍ରାହୀ/ଦିଲୀପ ସ୍ୱାଇଁ)


ବିକାଶ


ସୁଧାଂଶୁ

୧୬ ନମ୍ବର ଜାତୀୟ ରାଜପଥର ଖୋର୍ଦ୍ଧା ସଦର ଥାନା ଅଧୀନ ଦଧିମାଛଗାଡ଼ିଆ ଛକ ନିକଟରେ ଶୁକ୍ରବାର ସକାଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଅଜଣା ଗାଡ଼ି ଧକ୍କାରେ ଦୁଇଜଣ ସ୍କୁଟି ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ ବାଣପୁର ଥାନା ଅଧୀନ ସାନହନ୍ତୁଆଡ଼ ଗ୍ରାମର ସୁଧାଂଶୁ ସୁନ୍ଦରାୟ (୨୨) ଏବଂ ବିକାଶ ବରାଳ(୨୦)। ଉଭୟ ଭୁବନେଶ୍ୱରର ଏକ ଘରୋଇ କଲେଜକୁ ପରୀକ୍ଷା ଦେବାକୁ ଯାଉଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ଖବରପାଇ ସଦର ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନା ମୁତାବକ, ସାନହନ୍ତୁଆଡ଼ର ସୁଧାଂଶୁ ଏବଂ ବିକାଶ ଏକ ସ୍କୁଟି(ଓଡି ୦୨ ସିଏଫ୍ ୯୩୬୮)ରେ ଶୁକ୍ରବାର ଭୋରୁ ଭୁବନେଶ୍ୱରର ଏକ ଘରୋଇ କଲେଜକୁ ପରୀକ୍ଷା ଦେବାକୁ ଯାଉଥିଲେ। ପରୀକ୍ଷାରେ କୃତକାର୍ଯ୍ୟ ହେବା ପାଇଁ ଠାକୁରଙ୍କ ନିକଟରେ ମଥା ଟେକି ଯାଇଥିଲେ। ଭୋର୍ ସମୟ ଥିବାରୁ ରାଜପଥରେ ଘନ କୁହୁଡ଼ି ରହିଥିଲା। ତେବେ ଦଧିମାଛଗାଡ଼ିଆ ଛକ ନିକଟରେ ସେମାନଙ୍କୁ ଏକ ଅଜଣା ଗାଡ଼ି ଧକ୍କା ଦେଇଥିଲା। ଉଭୟ ସ୍କୁଟି ସହ ତଳେ ପଡ଼ିଯାଇଥିବା ବେଳେ ଅଜଣା ଗାଡ଼ିଟି ସେମାନଙ୍କୁ କିଛିବାଟ ଘୋଷାରି ନେବା ସହ ଚଢ଼ିଯାଇଥିଲା। ଘଟଣାସ୍ଥଳରେ ଉଭୟଙ୍କର ମୃତ୍ୟୁ ଘଟିଥିବା ବେଳେ ସ୍କୁଟିଟି ସମ୍ପୂର୍ଣ୍ଣ ଭାଙ୍ଗି ଚୂର୍ମାର ହୋଇଯାଇଛି। ଦୁର୍ଘଟଣା ପରେ ଚାଳକ ସେଠାରୁ ଗାଡ଼ି ସହ ଫେରାର ହୋଇଯାଇଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ଖୋର୍ଦ୍ଧା ମେଡିକାଲରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ମୃତ ସୁଧାଂଶୁଙ୍କ ମା'ଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା ରୁଜୁ ହୋଇଛି। ଘଟଣାର ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ବାସୁଦେବ ଜୟସିଂହ କହିଛନ୍ତି। ଅନ୍ୟପଟେ ଦୁଇ ପରିବାର ସଦସ୍ୟ ନିଜ ନିଜ ପୁଅଙ୍କୁ ହରାଇ ମାନସିକ ସ୍ତରରେ ଭାଙ୍ଗିପଡ଼ିଛନ୍ତି।

## ଦୁର୍ଘଟଣାରେ ମା'ମୃତ, ପୁଅ ଗୁରୁତର

ଜଟଣୀ/ଯାଁଳା,୯।୧ (ରବୀନ୍ଦ୍ରନାଥ ମହାକୁଡ଼/ବୁଲା ବାରିକ)

ଇନ୍‌ଫୋଭ୍ୟାଲି ଥାନା ଅଧୀନ ଗଙ୍ଗପଡ଼ାଠାରେ ଶୁକ୍ରବାର ହାଇୱା ଚଢ଼ିଯିବାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସୁସ୍ମିତା ରଣା (୩୫)। ତାଙ୍କ ଘର ବାଲେଶ୍ୱର ଜିଲା ମୋତିଗଞ୍ଜ ଅଞ୍ଚଳରେ ହୋଇଥିବା ବେଳେ ସେ ଭୁବନେଶ୍ୱର ଲକ୍ଷ୍ମୀସାଗରରେ ରହୁଥିଲେ। ସୂଚନା ମୁତାବକ, ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ସୁସ୍ମିତା ତାଙ୍କ କୁନିପୁଅ ସହ ଏକ ସ୍କୁଟିରେ ଭୁବନେଶ୍ୱରରୁ ଖୋର୍ଦ୍ଧା ଅଭିମୁଖେ କୌଣସି କାର୍ଯ୍ୟରେ ଯାଉଥିଲେ। ଗଙ୍ଗପଡ଼ାଠାରେ ରାସ୍ତା ଏବଂ ବ୍ରିଜ୍ କାର୍ଯ୍ୟ ଜାରି ରହିଥିବାରୁ ଅପ୍ରୋଚ୍ ରୋଡ୍ ଦେଇ ଯିବା ସମୟରେ ଭାରସାମ୍ୟ ହରାଇ ରାସ୍ତାରେ ଛିଟିକି ପଡ଼ିଥିଲେ। ସେହି ସମୟରେ ଭୁବନେଶ୍ୱରପଟୁ ଆସୁଥିବା ଏକ ହାଇୱା ସୁସ୍ମିତାଙ୍କ ଉପରେ ଚଢ଼ିଯାଇଥିଲା। ତେବେ ସ୍କୁଟିରୁ ତାଙ୍କ କୁନିପୁଅ ତଳେ ପଡ଼ିଯିବାରୁ ଗୁରୁତର ଆହତ ହୋଇଥିଲା। ଖବରପାଇ ଇନ୍‌ଫୋଭ୍ୟାଲି ପୋଲିସ ପହଞ୍ଚି ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଏମ୍ସ ମେଡିକାଲ ପଠାଇଥିଲା। ସେଠାରେ ଡାକ୍ତର ସୁସ୍ମିତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତେବେ କୁନିପୁଅକୁ ମଧ୍ୟ ତାଙ୍କ ପରିବାର ଲୋକେ ନେଇଯାଇଥିବା ଜଣାପଡ଼ିଛି। ଏନେଇ ଥାନାରେ ଏକ ମାମଲା(ନଂ.୧୩/୨୬) ରୁଜୁ ହୋଇଛି। ଘଟଣାର ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ଗାୟନନ୍ଦ ଶାହା କହିଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ହ୍ରିତିକ୍


@ ଗୌରହରି


@ ଶୁଭେନ୍ଦ୍ର


@ ବିଭୂତି


@ ବିଦ୍ୟାଭୂଷଣ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସଂକ୍ଷେପରେ

### ୪ ସନ୍ତାନ ଥିବାରୁ ନାଏବ ସରପଞ୍ଚ ପଦବୀ ଗଲା

ଟାଙ୍ଗୀ,୯।୧ (ରଘୁନାଥ ସାହୁ):
ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ବାଲିପାଟପୁର ପଞ୍ଚାୟତର ନାଏବ ସରପଞ୍ଚ ଦୁଃଖିଶ୍ୟାମ ବେହେରା ପଦ ହରାଇଛନ୍ତି। ତାଙ୍କର ୪ ସନ୍ତାନ ଥିବାବେଳେ ଭୁଲ ତଥ୍ୟ ଦେଇ ସତ୍ୟପାଠ କରିବା ତାଙ୍କୁ ମହଙ୍ଗା ପଡ଼ିଛି। ସୂଚନା ମୁତାବକ, ଦୁଃଖିଶ୍ୟାମଙ୍କ ଦୁଇଟି ପୁଅ ଏବଂ ଦୁଇଟି ଝିଅ ଥିବା ସତ୍ତ୍ୱେ ସେ ୨୦୨୨ ପଞ୍ଚାୟତ ନିର୍ବାଚନ ସତ୍ୟପାଠରେ ଭୁଲ ତଥ୍ୟ ଦେଇ ନିର୍ବାଚନ ଲଢ଼ି ୱାର୍ଡସଭ୍ୟ ଭାବେ ବିଜୟୀ ହେବା ସହ ନାଏବ ସରପଞ୍ଚ ପଦବୀ ହାତେଇଥିଲେ। ଏହି ଭୁଲ ତଥ୍ୟ ସମ୍ପର୍କରେ ସେହି ଗ୍ରାମର ଭୀମ ବେହେରା କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଟାଙ୍ଗୀ ସିଡିପିଓ ଏବଂ ଜିଲା ଗ୍ରାମ ପଞ୍ଚାୟତ ଅଧିକାରୀ ତଦନ୍ତ କରି ରିପୋର୍ଟ ପ୍ରଦାନ କରିଥିଲେ। ଏହି ରିପୋର୍ଟକୁ ଆଧାର କରି ଦୁଃଖିଶ୍ୟାମଙ୍କ ୱାର୍ଡସଭ୍ୟ ପଦବୀକୁ ଜିଲାପାଳ ରଦ୍ଦ କରିଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

### ବେଗୁନିଆରେ ନୂତନ ତହସିଲଦାରଙ୍କ ଯୋଗଦାନ

ବେଗୁନିଆ,୯।୧ (ସନ୍ଧ୍ୟାରାଣୀ ମିଶ୍ର):
ଖୋର୍ଦ୍ଧା ଜିଲା ବେଗୁନିଆରେ ନୂତନ ତହସିଲଦାର ଭାବେ ଆଦିତ୍ୟ ଦୀପଙ୍କର ଷଡ଼ଙ୍ଗୀ ଯୋଗଦେଇଛନ୍ତି। ସେ ଯୋଗଦେବା ପରେ କାର୍ଯ୍ୟାଳୟର କର୍ମଚାରୀ, ଖବରଦାତା ଏବଂ ଅଞ୍ଚଳର ବହୁ ବୁଦ୍ଧିଜୀବୀ ତାଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ ଜଣାଇଥିଲେ। ଏଠାରେ କାର୍ଯ୍ୟରତ ତହସିଲଦାର ତାପସ ବିଶ୍ୱାଳ ଓସେପାର ଡେପୁଟି ଡାଇରେକ୍ଟର ଭାବେ ବଦଳି ହୋଇଛନ୍ତି। ଜନସାଧାରଣଙ୍କ ସମସ୍ୟାର ସମାଧାନ ଏବଂ ଲଘୁ ଖଣିଜ ଦ୍ରବ୍ୟ ଚୋରାଚାଲାଣ ରୋକିବା ଉପରେ ଗୁରୁତ୍ୱ ଦେବେ ବୋଲି ଷଡ଼ଙ୍ଗୀ କହିଛନ୍ତି। ଏଥିପାଇଁ ଜନସାଧାରଣଙ୍କ ସହଯୋଗ ଲୋଡ଼ା ବୋଲି ସେ କହିଛନ୍ତି।



# 'ନିଜ ମାଟିର ଇତିହାସକୁ ପଢ଼, ଜାଣ'



ଅତିଥିମାନେ 'ବେଗୁନିଆ ଇତିହାସ' ପୁସ୍ତକ ଲୋକାର୍ପଣ କରୁଛନ୍ତି।

## 'ବେଗୁନିଆ ଇତିହାସ' ପୁସ୍ତକ ଲୋକାର୍ପିତ

ବେଗୁନିଆ,୯।୧ (ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ସଦର ମହକୁମାସ୍ଥିତ ସରକାରୀ ପୂର୍ତ୍ତ ଡାକବଙ୍ଗଳା ପରିସରରେ ଶୁକ୍ରବାର 'ବେଗୁନିଆ ଇତିହାସ' ପୁସ୍ତକ ଲୋକାର୍ପିତ ହୋଇଯାଇଛି। ବଡ଼ବେରଣା ଗ୍ରାମସ୍ଥିତ ନଳିନୀକାନ୍ତ ସ୍ମୃତି ସଂସଦ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ବେଗୁନିଆ ବ୍ଲକ ଅଞ୍ଚଳର ବହୁ କବୟିତ୍ରୀ, କବି, ସାହିତ୍ୟିକ ଏବଂ ବୁଦ୍ଧିଜୀବୀମାନେ ଯୋଗଦେଇଥିଲେ। ବିଶିଷ୍ଟ ଐତିହାସିକ, କବି ତଥା ସାରସ୍ୱତ ସାଧକ ସ୍ୱର୍ଗତ ନଳିନୀକାନ୍ତ ମହାପାତ୍ରଙ୍କ ରଚିତ ଉକ୍ତ ପୁସ୍ତକ ଲୋକାର୍ପଣ ସମାରୋହରେ ରସାୟନ ବିଜ୍ଞାନୀ ପ୍ରଫେସର ଡ. ହରିପ୍ରସାଦ ଦାସ ଅଧ୍ୟକ୍ଷତା କରିଥିଲେ। ବସନ୍ତ ଦାସ ମଙ୍ଗଳାଚରଣ ପାଠ କରିବା ପରେ ସ୍ୱର୍ଗତ ନଳିନୀକାନ୍ତଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେବା ସହ ବେଗୁନିଆର ଅସ୍ମିତା ଆଧାରିତ ସ୍ୱରଚିତ ଆବାହନୀ ସଙ୍ଗୀତ ଗାନ କରିଥିଲେ। ଆବାହକ ଡା. ଅମରେନ୍ଦ୍ର ନାଥ ମହାପାତ୍ର ପୁସ୍ତକର ନିର୍ଯାସ ପଠନ କରିଥିଲେ। ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି, ଉପନିବନ୍ଧକ ଅମିତ୍ କୁମାର ସେଠୀ ବିଶିଷ୍ଟ ଅତିଥି, ସଂସ୍କୃତ ବିଭାଗର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଅଖିଳେଶ ପ୍ରସାଦ ପଣ୍ଡା, ନାଟ୍ୟକାର ଡ. ବନବିହାରୀ ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପ୍ରତ୍ୟେକ ନାଗରିକ ନିଜ ମାଟିର ଇତିହାସକୁ ପଢ଼ିବା, ଜାଣିବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଖୋର୍ଦ୍ଧା ପାଇକଙ୍କ ବିଜୟ ସ୍ମାରକୀ 'ମୁଣ୍ଡ ଦେଉଳ' ସ୍ମୃତିସ୍ତମ୍ଭ ନିର୍ମାଣର ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇ ପାଣ୍ଠି ସଂଗ୍ରହ ଅଭିଯାନକୁ ତ୍ୱରାନ୍ୱିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସୁଧାକର ସାମନ୍ତରାୟ, ଶରତ ପଣ୍ଡା, ମାନସୀ ଦାସ, ସବିତା ରାୟ, ସୁରେନ୍ଦ୍ର ପାଲ୍‌ଟାସିଂହ, ଭାଗବତ ମହାପାତ୍ର, ବ୍ରଜବନ୍ଧୁ ପଣ୍ଡା, ରମେଶ ଚନ୍ଦ୍ର ମହାନ୍ତି, ନବକିଶୋର ସ୍ୱାଇଁ, ମହମ୍ମଦ ମହିଉଦ୍ଦିନ ଅହମ୍ମଦ, ପୀତବାସ ମହାପାତ୍ର, କୈଳାସ ନାଥ ପଟ୍ଟନାୟକ, ପଣ୍ଡିତ ଦୀନବନ୍ଧୁ ଦାଶ, ଇଂ. ରାମମାନସ ପଣ୍ଡା, ଉପେନ୍ଦ୍ର ନାଥ ସାହୁ, ତ୍ରିଲୋଚନ ଗଡ଼ବାଡ଼, ଶ୍ରୀନିବାସ ବାଘସିଂହ, ରସାନନ୍ଦ ସାମନ୍ତରାୟ, ସରୋଜ ମହାପାତ୍ର, ପ୍ରଶାନ୍ତ ବାରିକ, ଲକ୍ଷ୍ମୀକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ହରିହର ମହାପାତ୍ର ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିବା ବେଳେ ଶିକ୍ଷାବିତ୍ ଗଗନ ବିହାରୀ ବେହେରା ଧନ୍ୟବାଦ ଦେଇଥିଲେ।

## ପେନ୍‌ସନର୍ସ ଆସୋସିଏଶନର କାର୍ଯ୍ୟକାରିଣୀ ବୈଠକ

ଖୋର୍ଦ୍ଧା,୯।୧ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ପେନ୍‌ସନର୍ସ ଆସୋସିଏଶନର କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ଶ୍ୟାମମାଧବ ବାସନ୍ତୀ ଦେବୀ ପାଠାଗାରଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶିକ୍ଷାବିତ୍ ଭୀମସେନ ପ୍ରଧାନ ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ହାଜି ନସିରୁଦ୍ଦିନ ଖାନ ପୂର୍ବ ବିବରଣୀ ପାଠ କରିଥିଲେ। ଉପସଭାପତି ଡ.ବିମଳ ଚନ୍ଦ୍ର ଷଡ଼ଙ୍ଗୀ ସଂଘର ନୂତନ ସଂଶୋଧିତ ନିୟମାବଳୀ ପଠନ ପରେ ଗୃହୀତ ହୋଇଥିଲା। ଏଣିକି ସଭ୍ୟମାନଙ୍କୁ କେବଳ ଆଜୀବନ ସଭ୍ୟ ଚାନ୍ଦା ବାବଦରେ ପାଞ୍ଚଶହ ଟଙ୍କା ଏକକାଳୀନ ଦେବାକୁ ପଡ଼ିବ। ସଂଘର ସ୍ଥାୟୀ କାର୍ଯ୍ୟାଳୟ ନିର୍ମାଣ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ଚଳିତ ବର୍ଷର ସାଧାରଣ ସଭା ଆସନ୍ତା ଫେବୃଆରୀ ୭ରେ ହେବା ପାଇଁ ନିଷ୍ପତ୍ତି ହୋଇଛି। କୃଷ୍ଣ ଚନ୍ଦ୍ର ହରିଚନ୍ଦନ, ସେକ୍ ନାଉଲା, ଜ୍ଞାନରଞ୍ଜନ ଦାଶ, ଶତ୍ରୁଘ୍ନ ବିଶୋଇ, ସେବତୀ ଭୂୟାଁ, ସାରଥି ନାୟକ, ପ୍ରଫୁଲ୍ଲ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବୈକୁଣ୍ଠ ନାଥ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଜମି ବିକ୍ରି ପାଇଁ ଲକ୍ଷାଧିକ ଟଙ୍କା ନେଇ ଦଲାଲ ଫେରାର

ଖୋର୍ଦ୍ଧା, ୯।୧ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧାରେ ଜମି ଦଲାଲଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ଜମି ବିକ୍ରି କରିବା ଲାଗି ଜଣେ ଲୋକଙ୍କଠାରୁ ଲକ୍ଷାଧିକ ଟଙ୍କା ନେଇ ଦଲାଲ ଫେରାର ହୋଇଯାଇଛନ୍ତି। ଟଙ୍କା ଫେରସ୍ତ ପାଇଁ ବ୍ୟକ୍ତି ଜଣଙ୍କ ଦୌଡ଼ି ଦୌଡ଼ି ନିରାଶ ହେବା ପରେ ଦେଉଳଟାଙ୍ଗୀ ଥାନାରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପୋଲିସ ଏକ ମାମଲା(ନଂ.୧୫/୨୬) ରୁଜୁକରି ତଦନ୍ତ ଚଳାଉଛି। ଅଭିଯୋଗ ଅନୁସାରେ, ବେଗୁନିଆ ଥାନା ଅଧୀନ ଗୋଲିପୁର ଗ୍ରାମର ମୌଳାଜ ଅଭିଯୋଗକାରୀ ପ୍ରକାଶ ହାତୀଙ୍କ ସ୍ତ୍ରୀଙ୍କ ସମେତ ଅନ୍ୟ ୨ଜଣଙ୍କ ନାଁରେ ଜମି ରହିଛି। ତନ୍ମଧ୍ୟ ସଦର ଥାନା ଅନ୍ତର୍ଗତ ଦେଉଳଟାଙ୍ଗୀ ଅଞ୍ଚଳର ଗୋଟିଏ ଅଂଶ ମାଲିକ ଥିବା ଜନୈକ ବ୍ୟକ୍ତି ତାଙ୍କ ଅଂଶକୁ ବିକ୍ରି କରିବା ଲାଗି ପ୍ରତିଶ୍ରୁତି ଦେଇ ପ୍ରକାଶଙ୍କଠାରୁ ବିଭିନ୍ନ ସମୟରେ ୨ ବାବଦରେ ୭ ଲକ୍ଷ ୨୫ ହଜାର ଟଙ୍କା ନେଇଥିବା ଅଭିଯୋଗ ହୋଇଛି। ଜମି ପଞ୍ଜୀକରଣ ଲାଗି ପ୍ରକାଶ ବାରମ୍ବାର ଅନୁରୋଧ କରିବା ସତ୍ତ୍ୱେ ସେ ଦିନ ଗଡ଼ାଇ ଚାଲିଥିବା ବେଳେ ଉକ୍ତ ଜମିର ୩ ଜଣ ମାଲିକାନା ଅଂଶ ସତ୍ତ୍ୱେ ଅନ୍ୟ ଦୁଇ ଜଣଙ୍କଠାରୁ ମଞ୍ଜୁର ନ ନେଇ ଉପନିବନ୍ଧକ ବେଗୁନିଆ କାର୍ଯ୍ୟାଳୟର କେତେଜଣ ଅସାଧୁ କର୍ମଚାରୀଙ୍କୁ ହାତକରି ରଞ୍ଜକତାପୂର୍ବକ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଗତ ଅଗଷ୍ଟ ୧୨ରେ ବିକ୍ରି କରିଦେଇଛନ୍ତି ବୋଲି ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଖବରପାଇ ପ୍ରକାଶ ଆଦର୍ଶ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଉଭୟଙ୍କୁ ଗତ ସେପ୍ଟେମ୍ବର ୨୯ ରେ ଥାନାକୁ ଡାକି ପଚରାଉଚରା କରିଥିଲେ। ଘଟଣା ସମ୍ପର୍କରେ ମାନିବା ସହ ୪୦ ହଜାର ଟଙ୍କା ପୋଲିସ ଉପସ୍ଥିତିରେ ଫେରାଇଥିଲେ। ଅବଶିଷ୍ଟ ଟଙ୍କାସବୁ ଏକ ମାସ ମଧ୍ୟରେ ଦେବା ଲାଗି ଥାନା ଅଧିକାରୀଙ୍କ ଆଗରେ ପ୍ରକାଶ କରିଥିଲେ। ସମୟ ବିତିଚାଲିଥିଲେ ମଧ୍ୟ ଫେମାସ୍ ପ୍ରସ୍ତାବର ଦେଇ ନ ଥିଲେ। ତେବେ ଲକ୍ଷାଧିକ ଟଙ୍କା ନେଇ ସମ୍ପୃକ୍ତ ବ୍ୟକ୍ତି ଜଣକ ଫେରାର ହୋଇଯାଇଥିବା ପୋଲିସ ଜାଣିବାକୁ ପାଇଛି। ସମ୍ପୃକ୍ତ ବ୍ୟକ୍ତିଙ୍କ ନାଁରେ ବିଭିନ୍ନ ସମୟରେ ଜମି କିଣାବିକାରେ ବ୍ୟାପକ ଅନିୟମିତତା କରିଥିବା ଅଭିଯୋଗ ରହିଥିବା ଜଣାପଡ଼ିଛି।

## ସର୍ବଭାରତୀୟ ଟାଙ୍ଗୀ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ୟୁନାଇଟେଡ୍ ସ୍ପୋର୍ଟ୍ସ କ୍ଲବ୍ ବରଗଡ଼ ଫାଇନାଲରେ


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

ଟାଙ୍ଗୀ,୯।୧ (ରଘୁନାଥ ସାହୁ)

ଟାଙ୍ଗୀ ଚିଲିକା ଷ୍ଟାଡିୟମରେ ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ଟାଙ୍ଗୀ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଶୁକ୍ରବାର ୟୁନାଇଟେଡ୍ ସ୍ପୋର୍ଟ୍ସ କ୍ଲବ୍ ବରଗଡ଼ ଏବଂ ରୁଦ୍ରାଂଶୁ ଫୁଟବଲ କ୍ଲବ ଖଡ଼ଗପୁର ମଧ୍ୟରେ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ୩-୦ ଗୋଲରେ ୟୁନାଇଟେଡ୍ ସ୍ପୋର୍ଟ୍ସ କ୍ଲବ୍ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଅତିଥିଭାବେ ଖୋର୍ଦ୍ଧା ଜିଲା ପରିଷଦ ପୂର୍ବତନ ଅଧ୍ୟକ୍ଷା ବାସନ୍ତୀ ମହାପାତ୍ର, ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଡା.ସତ୍ୟ ରଞ୍ଜନ ନନ୍ଦ, ଆଇନଜୀବୀ ମନୋଜ ମାନସିଂହ, ଭୁଷଣ୍ଡପୁର ସରପଞ୍ଚ ସୌରଭ ଦାସ ମହାପାତ୍ର, ଆମ୍ବ ସଭାପତି ସୁକାନ୍ତ ରାଉତରାୟ, ଟାଙ୍ଗୀ ସମିତିସଭ୍ୟା ଅନ୍ନପୂର୍ଣ୍ଣା ବେହେରା, ନବ କିଶୋର ଚହଟରାୟ, ଅଶୋକ କୁମାର ଚମ୍ପତି, ଜଗନ୍ନା ଗୋପୀନାଥପୁର ସମିତିସଭ୍ୟ ସୂର୍ଯ୍ୟମଣି ସାହୁ, ସୁଦର୍ଶନପୁର ସମିତିସଭ୍ୟା ମମତା ରାଉତ, ସଭାପତି କିଶୋର କୁମାର ବେହେରା, ଉପଦେଷ୍ଟା ବିଜୟ ରାଉତ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଡାକ୍ତର କରୁଣାକର ଶ୍ରୀଚନ୍ଦନ ସ୍ମାରକୀ ଶ୍ରେଷ୍ଠ ଖେଳାଳି ଟ୍ରଫି ୟୁନାଇଟେଡ୍ ସ୍ପୋର୍ଟ୍ସ କ୍ଲବର ଜର୍ସି ନଂ.୨୧ ଖେଳାଳି ବିଜୟ ବଡ଼ିଆଙ୍କୁ ପ୍ରଦାନ କରାଯାଇଥିଲା। ମାନସ ବିଶ୍ୱାଳ ମ୍ୟାଚ୍ ପରିଚାଳନା କରିଥିବା ବେଳେ ରାମଚନ୍ଦ୍ର ବେଜ୍ରା, ପ୍ରିୟବ୍ରତ ବାହିନୀପତି ଏବଂ ନନ୍ଦ କିଶୋର ସ୍ୱାଇଁ ସହାୟତା କରିଥିଲେ। କମିଟି ସଦସ୍ୟ ବଳଭଦ୍ର ମିଶ୍ର, ବାସୁଦେବ ବିଶ୍ୱାଳ, କୋଷାଧ୍ୟକ୍ଷ ସୁନିଲ ମହାନ୍ତି, ପ୍ରଣୟ ପାଇକରାୟ, ସମର ମାଝୀ, ରମେଶ ବେହେରା, ମାନସ ସାହୁ, ଅଭୟ ମହାପାତ୍ର, ପବିତ୍ର ମହାରଣା, ସହ ସମ୍ପାଦକ ଅମରେନ୍ଦ୍ର ମହାନ୍ତି, ବିଶ୍ୱ ରଞ୍ଜନ ପଟ୍ଟନାୟକ, ବେଣୁଧର ପାଇକରାୟ ପ୍ରମୁଖ ସହଯୋଗ କରିଥିଲେ। ଶନିବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ମା'ମଙ୍ଗଳା କ୍ଲବ କଟକ ଏବଂ ସ୍ପୋର୍ଟ୍ସ ଫୁଟବଲ ଏକାଡେମୀ ମଣିପୁର ମଧ୍ୟରେ ହେବ ବୋଲି ସମ୍ପାଦକ ନରେନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି।


KALINGA HOSPITAL LIMITED ODISHA

## କଳିଙ୍ଗ ହସ୍ପିଟାଲ୍ ଲିମିଟେଡ୍

CIN: U85110OR1990PLC002492
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା -751023
ୱେବସାଇଟ୍: www.kalingahospital.com,
ଟେଲ ନଂ: 0674-2300570, ଇମେଲ୍: cs@kalingahospital.com

### ଡାକ ବାଲାଟ ଏବଂ ଇ-ଭୋଟିଂ ସୂଚନା ପାଇଁ ବିଜ୍ଞପ୍ତି

କମ୍ପାନୀ ଅଧିନିୟମ, 2013 ("ଅଧିନିୟମ") ର ଧାରା 108 ଏବଂ 110 ର ନିୟମାବଳୀ ଅନୁଯାୟୀ ଏଠାରେ ବିଜ୍ଞପ୍ତି ଦିଆଯାଉଛି। [illegible] ... https://evoting.kfintech.com ... www.kalingahospital.com ... cs@kalingahospital.com ... [illegible]

1. [illegible]
2. ଜାନୁଆରୀ 9, 2026 ରେ ... [illegible]
3. [illegible]
4. [illegible]
5. [illegible]
6. ଇ-ଭୋଟିଂ ଅବଧି 11 ଜାନୁଆରୀ 2026at 9.00 AM (IST) ... ଫେବୃଆରୀ 9, 2026 until 5.00 PM (IST) ... Once the ଭୋଟ ... [illegible]
7. ଶ୍ରୀ ... (CSI ସଦସ୍ୟତା ନମ୍ବର F5443) N.Bagaria & Associates, ... [illegible]
8. [illegible] ... www.kalingahospital.com ... https://evoting.kfintech.com
9. [illegible] ... einward.ris@kfintech.com, ... 040 67161526/040 67162222, ... FAQ ... KFintech ... https://evoting.kfintech.com

ସ୍ଥାନ: ଭୁବନେଶ୍ୱର, ଓଡିଶା
ତାରିଖ: ଜାନୁଆରୀ 9, 2026

କଳିଙ୍ଗ ହସ୍ପିଟାଲ୍ ଲିମିଟେଡ୍
Sd/-
ଦେବାଶିଷ ବିଦ୍ୟାଜ୍ୟୋତି ଦେଓ
କମ୍ପାନୀ ସଚିବ

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଶୁଭେନ୍ଦୁ



@ ବିଦ୍ୟାଭୂଷଣ



@ ବିଭୂତି



@ ହ୍ରିତିକ୍



@ ଗୌରହରି

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଆଜିଠାରୁ ଆକାଶରେ ସବୁଠୁ ବଡ଼, ଉଜ୍ଜ୍ୱଳ ଦେଖାଯିବେ ବୃହସ୍ପତି

ଭୁବନେଶ୍ୱର, ୯।୧ (ସୁଚିସ୍ମିତା ସାହୁ)



ସୌରଜଗତର ସବୁଠାରୁ ବଡ଼ ଗ୍ରହ ବୃହସ୍ପତି ଶନିବାରଠାରୁ ଆକାଶରେ ଅଧିକ ବଡ଼ ଓ ଉଜ୍ଜ୍ୱଳ ଦେଖାଯିବେ। ମହାକାଶରେ ପୃଥିବୀ, ସୂର୍ଯ୍ୟ ଏବଂ ବୃହସ୍ପତି ଏକ ସରଳରେଖାରେ ଖୁବ୍ ନିକଟରେ ରହିବେ। ଏହି ବିରଳ ଓ ଚମତ୍କାର ଦୃଶ୍ୟକୁ ଖାଲି ଆଖିରେ ଦେଖିହେବ ବୋଲି ଜନବିଜ୍ଞାନୀ ଡ. ଶୁଭେନ୍ଦୁ ପଟ୍ଟନାୟକ ସୂଚନା ଦେଇଛନ୍ତି। ବୃହସ୍ପତିକୁ ଚିହ୍ନଟ କରିବା ଅତ୍ୟନ୍ତ ସହଜ। ତାରାପରି ବୃହସ୍ପତି ଝିଲ୍‌ମିଲ୍ କରେ ନାହିଁ, ବରଂ ଏକ ସ୍ଥିର, ଉଜ୍ଜ୍ୱଳ ହଳଦିଆ-ଧଳା ଆଲୋକ ବିନ୍ଦୁ ଭାବେ ଦେଖାଯାଏ। ଶନିବାରଠାରୁ ସୂର୍ଯ୍ୟାସ୍ତ ପରେ ପୂର୍ବ ଆକାଶରେ ଏହାକୁ ଦେଖିବାକୁ ମିଳିବ। ରାତି ବଢ଼ିବା ସହିତ ବୃହସ୍ପତି ଉପରକୁ ଗତି କରି ମଧ୍ୟରାତ୍ରି ବେଳକୁ ମୁଣ୍ଡ ଉପରେ ଆକାଶର ସବୁଠାରୁ ଉଜ୍ଜ୍ୱଳ ବସ୍ତୁ ହେବ। ବୃହସ୍ପତିକୁ

## ଏକ ମାସ ଯାଏ ଖାଲି ଆଖିରେ ଦେଖିହେବ

ଦେଖିବା ପାଇଁ କୌଣସି ଦୂରବୀକ୍ଷଣ ଆବଶ୍ୟକ ନାହିଁ। ତଥାପି ଏକ ଛୋଟ ଦୂରବୀକ୍ଷଣ ବା ବଡ ବାଇନାକୁଲାରରେ ଏହାର ଚାରିଟି ବୃହତ୍ ଚନ୍ଦ୍ର - ଆୟୋ, ୟୁରୋପା, ଗାନିମିଡ ଏବଂ କାଲିଷ୍ଟୋ ଦେଖାଯାଇପାରିବ। ବୃହସ୍ପତି ପୃଥିବୀ କକ୍ଷପଥ ବାହାରେ ସୂର୍ଯ୍ୟଠାରୁ ପ୍ରାୟ ୭୮ କୋଟି କି.ମି. ଓ ପୃଥିବୀଠାରୁ ମାତ୍ର ୧୫ କୋଟି କି.ମି. ଦୂରରେ ବୁଲୁଛି। ବୃହସ୍ପତି ପ୍ରତି ୧୩ ମାସରେ ଥରେ ପୃଥିବୀର ନିକଟତର ହୋଇଥାଏ। ସେହି ସମୟରେ ବୃହସ୍ପତି ରାତି ଆକାଶରେ ଉଜ୍ଜ୍ୱଳ ଦେଖାଯାଏ। ଏହି କାରଣରୁ ପ୍ରାଚୀନ ସଭ୍ୟତାର ଲୋକମାନେ ସହଜରେ ବୃହସ୍ପତିକୁ ଲକ୍ଷ୍ୟ କରିଥିଲେ ଏବଂ ଟେଲିସ୍କୋପ ଅସ୍ତିତ୍ୱର ବହୁ ପୂର୍ବରୁ ଏହାର ଗତିକୁ ଆକଳନ କରିପାରିଥିଲେ। ସୋସିଆଲ ମିଡିଆ ଏବଂ ଜ୍ୟୋତିଷଗ୍ରନ୍ଥରେ ବାରମ୍ବାର ଦାବି ସତ୍ତ୍ୱେ ବିଜ୍ଞାନ କୁହେ ବୃହସ୍ପତିର ଅବସ୍ଥିତି ମାନବ ସ୍ୱାସ୍ଥ୍ୟ, ଆଚରଣ, ଭୂମିକମ୍ପ, ଜଳବାୟୁ କିମ୍ବା ଭାଗ୍ୟ ଉପରେ କୌଣସି ପ୍ରଭାବ ପକାଏ ନାହିଁ। ମାନବ ଭାଗ୍ୟ ଗଠନ କରୁଥିବା ଏକ ଶକ୍ତି ଭାବରେ ନୁହେଁ, ବରଂ ମହାକାଶରେ ଝଲସୁଥିବା ପୃଥିବୀ ଭଳି ଆଉ ଏକ ଚମତ୍କାର 'ବିଶ୍ୱ'କୁ ଦେଖିବାର ସୁଯୋଗ ନେବାକୁ ଜନବିଜ୍ଞାନୀ ଶୁଭେନ୍ଦୁ କହିଛନ୍ତି।

# ଆଜିଠୁ ସର୍ବସାଧାରଣଙ୍କ ପାଇଁ ଖୋଲିବ ଲୋକଭବନ ଉଦ୍ୟାନ

ଭୁବନେଶ୍ୱର, ୯।୧ (ସୁଚିସ୍ମିତା ସାହୁ)

ସର୍ବସାଧାରଣଙ୍କ ପାଇଁ ଲୋକଭବନ ଉଦ୍ୟାନ ଶନିବାରଠାରୁ ଖୋଲିବ। ଲୋକେ ୨୦ ତାରିଖ ପର୍ଯ୍ୟନ୍ତ ଅପରାହ୍ନ ୨ଟା୩୦ରୁ ସନ୍ଧ୍ୟା ୬ଟା ୧୫ଟା ଯାଏ ଉଦ୍ୟାନ ପରିଦର୍ଶନ କରିପାରିବେ। କେବଳ ମୋବାଇଲ ଆପ୍ ପଞ୍ଜୀକରଣ ମାଧ୍ୟମରେ ପ୍ରବେଶ ପାଇଁ ଅନୁମତି ଦିଆଯିବ। ଲୋକଭବନ ଉଦ୍ୟାନ ପରିଦର୍ଶନ ପାଇଁ କୌଣସି ପ୍ରବେଶ ଶୁଳ୍କ ଦେବାକୁ ପଡ଼ିବ ନାହିଁ। ଏଥିନିମନ୍ତେ ପ୍ଲେ ଷ୍ଟୋର କିମ୍ବା ଆପ୍ ଷ୍ଟୋରରୁ ଲୋକଭବନ ଓଡ଼ିଶାର ମୋବାଇଲ ଆପ୍ ଡାଉନ୍‌ଲୋଡ୍ କରିବାକୁ ପଡ଼ିବ। ଓଡ଼ିଶାର ଲୋକଭବନ ୱେବ୍‌ସାଇଟରେ ଉପଲବ୍ଧ ଥିବା କ୍ୟୁଆର୍ କୋଡ୍ ମାଧ୍ୟମରେ ମୋବାଇଲ ଆପ୍ ଡାଉନ୍‌ଲୋଡ୍ କରାଯାଇପାରିବ। ସେହିପରି ସ୍କୁଲ ପିଲାଙ୍କ ପାଇଁ ଉଦ୍ୟାନ ପରିଦର୍ଶନ ଲାଗି ସକାଳ ସମୟ ସ୍ଥିର କରାଯାଇଛି। ଏନେଇ ଅଧିକ ବିବରଣୀ ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷ ୱେବ୍‌ସାଇଟ: https://lokabhavan.odisha.gov.in ପରିଦର୍ଶନ କରିବାକୁ କୁହାଯାଇଛି।

# ଶିକ୍ଷକ, ଅଧ୍ୟାପକଙ୍କ ସମସ୍ୟା ନେଇ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ସହ ଆଲୋଚନା ଆରମ୍ଭ କଲା ଉଚ୍ଚସ୍ତରୀୟ କମିଟି

ଭୁବନେଶ୍ୱର, ୯।୧ (ସୁଚିସ୍ମିତା ସାହୁ)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗ ଅଧୀନରେ କାର୍ଯ୍ୟରତ ବିଭିନ୍ନ ଶିକ୍ଷକ/ଅଧ୍ୟାପକ ଏବଂ କର୍ମଚାରୀଙ୍କ ସମସ୍ୟା ସମାଧାନ ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ କ୍ରମେ ଅଶୋକ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚସ୍ତରୀୟ କମିଟି ଆଲୋଚନା ଆରମ୍ଭ କରିଛି। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଭେଟି ଅଶୋକ ବିଭିନ୍ନ ଅଧ୍ୟାପକ ଓ କର୍ମଚାରୀ ସଂଘର ଦାବିକୁ ତର୍ଜମା କରି ସମାଧାନ କରିବା ସମ୍ବନ୍ଧରେ ଆଲୋଚନା ହୋଇଥିଲା। ଉଚ୍ଚଶିକ୍ଷାରେ ଜାତୀୟ ଶିକ୍ଷା ନୀତି-୨୦୨୦ ପ୍ରଣୟନ ହେବା ପରେ ଅଧ୍ୟାପକଙ୍କ ଦକ୍ଷତା ବିକାଶ, ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ-୨୦୨୪ ଲାଗୁ ହେବା ପରେ ବିଶ୍ୱ ବିଦ୍ୟାଳୟରେ ଖାଲି ପଡ଼ିଥିବା କୁଳପତି ଓ ଅଧ୍ୟାପକ ପଦବୀ ପୂରଣକୁ ତ୍ୱରାନ୍ୱିତ କରାଯାଉ। ମହାବିଦ୍ୟାଳୟକୁ ସ୍ୱୟଂଶାସିତ ମାନ୍ୟତା ପ୍ରଦାନ କରିବା ସହିତ ଖାଲି ଥିବା ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ପଦବୀ ପୂରଣ କରାଯାଉ। ଏଥିସହ ଅନ୍ୟ କେତେକ ଦାବି ପୂରଣ ସମ୍ପର୍କରେ ସେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ଉଚ୍ଚସ୍ତରୀୟ କମିଟିର ସଦସ୍ୟ ଗୃହ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଶାନ୍ତନୁ କୁମାର ସାହୁ, ଅବସରପ୍ରାପ୍ତ ଓଡ଼ିଶା ଶିକ୍ଷା ସେବା ସନାତନ ପଣ୍ଡା, ବଲାଙ୍ଗୀର ସରକାରୀ ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ମନୋରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଶବ ବ୍ୟବଚ୍ଛେଦ ଭତ୍ତା ୧୦୦୦ ଟଙ୍କାକୁ ବୃଦ୍ଧି

ଭୁବନେଶ୍ୱର, ୯।୧ (ବନ୍ଦନା ସେଠୀ)

ଓଡ଼ିଶା ମେଡିକାଲ ହେଲ୍‌ଥ ସର୍ଭିସ (ଓଏମ୍‌ଏଚ୍‌ଏସ୍) କ୍ୟାଡରର ମେଡିକାଲ ଅଧିକାରୀଙ୍କୁ ଶବ ବ୍ୟବଚ୍ଛେଦ ନିମନ୍ତେ ଦିଆଯାଉଥିବା ଭତ୍ତା ବୃଦ୍ଧି କରାଯାଇଛି। ପୂର୍ବରୁ ପ୍ରତି କେସ୍‌କୁ ୫୦୦ଟଙ୍କା ଭତ୍ତା ଦିଆଯାଉଥିବାବେଳେ ଏବେ ଏହାକୁ ୧୦୦୦ ଟଙ୍କାକୁ ବଢ଼ାଇ ଦିଆଯାଇଛି। ତେବେ ଭତ୍ତା ଦାବି ସମୟରେ ସମ୍ପୃକ୍ତ ପୋଲିସ୍ କେସ୍ ନମ୍ବର ଉଲ୍ଲେଖ କରିବା ଅନିବାର୍ଯ୍ୟ ହେବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଚିକିତ୍ସା ସେବାକୁ ଅଧିକ ସୁଦୃଢ଼ କରିବା ଓ ଡାକ୍ତରମାନଙ୍କ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟକୁ ସମ୍ମାନ ଦେବା ଦିଗରେ ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି। ୨୦୨୬ ଜାନୁଆରୀ ୯ରେ ବିଭାଗ ପକ୍ଷରୁ ପ୍ରକାଶ ପାଇଥିବା ରିଜୋଲ୍ୟୁଶନ ନଂ. ୯୬୫ ଅନୁଯାୟୀ ଏହି ନିୟମ ଲାଗୁ ହୋଇଥିବାବେଳେ ଏଥିପାଇଁ ଅର୍ଥ ବିଭାଗର ସମ୍ମତି ମିଳିଥିବା ସୂଚନା ଦିଆଯାଇଛି।

# ନୃତ୍ୟରେ ମନ ମୋହିଲେ ଗୁରୁ କେଳୁଚରଣଙ୍କ ଶିଷ୍ୟାଶିଷ୍ୟ



ରୁଦ୍ରାକ୍ଷ ଫାଉଣ୍ଡେଶନର ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି। (ଫଟୋ-ବିକାଶ ନାୟକ)

## କେଳୁଚରଣ କୀର୍ତ୍ତି ଶତକମ୍‌ର ଦ୍ୱିତୀୟ ଦିବସ

ଭୁବନେଶ୍ୱର, ୯।୧
(ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଓ ସୃଜନ ଓଡ଼ିଶୀ ନୃତ୍ୟବାସ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା 'କେଳୁଚରଣ କୀର୍ତ୍ତି ଶତକମ୍'ର ଶୁକ୍ରବାର ଥିଲା ଦ୍ୱିତୀୟ ଦିବସ। ଅତିଥି ଭାବେ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାଶ, ଓଡ଼ିଶୀ ନୃତ୍ୟାଙ୍ଗନା ଗୁରୁ ଦୁର୍ଗା ଚରଣ ରଣବୀର, ଓଡ଼ିଶୀ ଗବେଷିକା ଡ. ରୋହିଣୀ ଚକ୍ରବର୍ତ୍ତୀ ଏବଂ ସୃଜନର ନିର୍ଦ୍ଦେଶକ ରତିକାନ୍ତ ମହାପାତ୍ର ଯୋଗଦେଇଥିଲେ। ଏହି ଅବସରରେ



ସୁଜାତା ମହାପାତ୍ର କିର୍‌ୱାନୀ ପଲ୍ଲବୀ ପରିବେଷଣ କରୁଛନ୍ତି।

ଗୁରୁ କେଳୁଚରଣଙ୍କ ୧୦ଜଣ ଶିଷ୍ୟଙ୍କୁ ନେଇ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସିକତା ଦାସଙ୍କ ଦ୍ୱାରା ଓଡ଼ିଆ ଅଭିନୟ 'ଦିନେ ନ ଡାକିବୁ', ସ୍ୱପ୍ନରାଣୀ ସିହ୍ନା ଓ ଦୀପ୍ତି ରାଉତରାୟଙ୍କ ଅଭିନୟ 'ଅନୁରାଗିଣୀ', ଶର୍ମିଳା ବିଶ୍ୱାସଙ୍କ ଦ୍ୱାରା 'ବାତ୍ସଲ୍ୟ ରାସ' ଦର୍ଶକଙ୍କ ମନ ମୋହିଥିଲା। ପରବର୍ତ୍ତୀ ଉପସ୍ଥାପନରେ ଗଜେନ୍ଦ୍ର ପଣ୍ଡାଙ୍କ ଦ୍ୱାରା ମାନ ଉଦ୍ଧାରଣ, ଦ୍ୱାଦଶ ଶତାବ୍ଦୀର କବି ଶ୍ରୀ ଜୟଦେବଙ୍କ ମହାନ୍ ରଚନା ଗୀତଗୋବିନ୍ଦ ପ୍ରତି ଗୁରୁଜୀଙ୍କ ସ୍ନେହକୁ ଆଗକୁ ବଢ଼ାଇ କସ୍ତୁରୀ ପଟ୍ଟନାୟକ ୟାହି ମାଧବ ଉପସ୍ଥାପନ କରିଥିଲେ। ପରେ ଶର୍ମିଳା ମୁଖାର୍ଜୀ ଗୁରୁଜୀଙ୍କ ରଚନା ମଧ୍ୟରୁ ଏକ ବିରଳ ପ୍ରସ୍ତୁତି ନିନ୍ଦତି ଚନ୍ଦନମ୍ ପରିବେଷଣ କରିଥିଲେ। ସୁଜାତା ମହାପାତ୍ରଙ୍କ ଦ୍ୱାରା କିର୍‌ୱାନୀ ପଲ୍ଲବୀ, ଲୀନା ନନ୍ଦ ଓ ମୁନମୁନ ଚକ୍ରବର୍ତ୍ତୀ ଦ୍ୱାରା ବିଲାହରି ପଲ୍ଲବୀ ପରିବେଷିତ ହୋଇଥିଲା। ଶେଷ ଉପସ୍ଥାପନରେ ବିଚିତ୍ରାନନ୍ଦ ସ୍ୱାଇଁଙ୍କ ରୁଦ୍ରା ଫାଉଣ୍ଡେଶନର ଶିଳ୍ପୀଙ୍କ ଦ୍ୱାରା ତାଳ ତରଙ୍ଗ ଏବଂ ନିରଞ୍ଜନ ରାଉତଙ୍କ ନୂପୁର ଅନୁଷ୍ଠାନର ଶିଳ୍ପୀଙ୍କ ଦ୍ୱାରା ଶିବ ବନ୍ଦନା ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଡ. ମୃତ୍ୟୁଞ୍ଜୟ ରଥ ଓ ଡ. ନାଜିଆ ଆଲାମ୍।


କଳିଙ୍ଗ ହସ୍ପିଟାଲ୍ ଲିମିଟେଡ୍

CIN: U85110OR1990PLC002492
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା -751023
ୱେବସାଇଟ୍: www.kalingahospital.com,
ଟେଲ ନଂ: 0674-2300570, ଇମେଲ୍: cs@kalingahospital.com

ଡାକ ବାଲାଟ ଏବଂ ଇ-ଭୋଟିଂ ସୂଚନା ପାଇଁ ବିଜ୍ଞପ୍ତି

କମ୍ପାନୀ ଅଧିନିୟମ, 2013 ("ଅଧି ନିୟମ") ର ଧାରା 108 ଏବଂ 110 ର ନିୟମାବଳୀ ଅନୁଯାୟୀ ଏଠାରେ ବିଜ୍ଞପ୍ତି ଦିଆଯାଇଛି। କମ୍ପାନୀଗୁଡିକ (ପରିଚାଳନା ଏବଂ ପ୍ରଶାସନ) ନିୟମ, 2014 ("ନିୟମ") ର ନିୟମ 20 ଏବଂ 22 ସହିତ ପଢ଼ନ୍ତୁ | କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ପ୍ରଯୁଜ୍ୟ ସର୍କୁଲାର୍ ଏବଂ ଅନ୍ୟାନ୍ୟ ପ୍ରଯୁଜ୍ୟ ନିୟମ, ନିୟମାବଳୀ | ବର୍ତ୍ତମାନ ପର୍ଯ୍ୟନ୍ତ, କଳିଙ୍ଗ ହସ୍ପିଟାଲ୍ ଲିମିଟେଡ୍ ("କମ୍ପାନୀ") ର ସଦସ୍ୟଙ୍କ ଅନୁମୋଦନ ଲୋଡିଛି ସଂଶୋଧନ, ବଦଳାଇବା, ଗ୍ରହଣ କରିବା ସମ୍ବନ୍ଧରେ କେବଳ ଦୂର ଇ-ଭୋଟିଂ ("ଇ-ଭୋଟିଂ") ମାଧ୍ୟମରେ ଡାକ ବାଲାଟ୍ ମାଧ୍ୟମରେ | ଏବଂ ଅଂଶୀଦାରମାନଙ୍କ ବିଭିନ୍ନ ଧାରାକୁ ଅନ୍ତର୍ଭୁକ୍ତ କରି ଆସୋସିଏସନର ବିଦ୍ୟମାନ ଆର୍ଟିକିଲଗୁଡିକୁ ବଦଳାଇବା | ଏପ୍ରିଲ୍ 25, 2022 ତାରିଖର ଚୁକ୍ତିନାମା, କମ୍ପାନୀ, ଓଡ଼ିଶା ହସ୍ପିଟାଲ୍ କର୍ପୋରେସନ୍, ଏବଂ କମ୍ପାନୀ ମଧ୍ୟରେ ପ୍ରବେଶ କରିଥିଲା | ଏବଂ BRS କ୍ୟାପିଟାଲ୍ ଦକ୍ଷୁ PTE ଲିମିଟେଡ୍ | ସୀମିତ | ପ୍ରଯୁଜ୍ୟ ନିୟମାବଳୀ ଅନୁଯାୟୀ, ପୋଷ୍ଟାଲ୍ ବାଲାଟ୍ ନୋଟିସ୍ ("ବିଜ୍ଞପ୍ତି") ସହିତ ବ୍ୟାଖ୍ୟାକାରୀ ବିବୃତ୍ତି ଦିଆଯାଉଛି | ସେହି ସଦସ୍ୟମାନଙ୍କୁ କେବଳ ଇଲେକ୍ଟ୍ରୋନିକ୍ ମୋଡ୍ ମାଧ୍ୟମରେ ପଠାଯାଇଛି ଯାହାର ଇ-ମେଲ୍ ଠିକଣା କମ୍ପାନୀରେ ପଞ୍ଜିକୃତ ହୋଇଛି | କିମ୍ବା ଏହାର ରେଜିଷ୍ଟ୍ରାର ଏବଂ ସେୟାର ଟ୍ରାନ୍ସଫର ଏଜେଣ୍ଟ ଯଥା କେଫିନ ଟେକ୍ନୋଲୋଜି ଲିମିଟେଡ୍ ("RTA") କିମ୍ବା ଜମାକାରୀ (ies) ଏବଂ କାହାର ନାମଗୁଡିକ କମ୍ପାନୀର ସଦସ୍ୟଙ୍କ ରେଜିଷ୍ଟରରେ ଏବଂ / କିମ୍ବା ରକ୍ଷଣାବେକ୍ଷଣକାରୀ ଲାଭକାରୀ ମାଲିକଙ୍କ ରେଜିଷ୍ଟରରେ ଦେଖାଯାଏ | ଜମାକାରୀଙ୍କ ଦ୍ୱାରା ରବିବାର, ଜାନୁୟାରୀ 4, 2026 ("କଟ୍ ଅଫ୍ ତାରିଖ") | ସଦସ୍ୟମାନେ ଏଠାରେ ସୂଚନା ଦେଇଛନ୍ତି ଯେ: କମ୍ପାନୀର ୱେବସାଇଟରେ www.kalingahospital.com ଏବଂ ଇ-ଭୋଟିଂରେ ମଧ୍ୟ ଏହି ବିଜ୍ଞପ୍ତି ଉପଲବ୍ଧ | htps://evoting.kfintech.com ରେ RTA ର ୱେବସାଇଟ୍ | ଯେଉଁ ସଦସ୍ୟମାନେ ସେମାନଙ୍କର ଇ-ମେଲ୍ ଠିକଣା ପଞ୍ଜୀକୃତ କରିନାହାଁନ୍ତି, ସେମାନଙ୍କୁ ଇମେଲ୍ କରି ସମାନ ପଞ୍ଜିକରଣ କରିବାକୁ ଅନୁରୋଧ କରାଯାଇଛି | cs@kalingahospital.com ରେ କମ୍ପାନୀର କମ୍ପାନୀ ସଚିବ ଶ୍ରୀ ଦେବାଶିଷ ଦିବ୍ୟାଜୋତି ଦେଓଙ୍କ ନାମ | ଇଲେକ୍ଟ୍ରୋନିକ୍ ଭାବରେ କମ୍ପାନୀ ଠାରୁ ସମସ୍ତ ଯୋଗାଯୋଗ ଗ୍ରହଣ କରୁଛି | ଇ-ମେଲ୍ ଠିକଣାର ସଫଳ ପଞ୍ଜୀକରଣକୁ ସମର୍ଥନ କରନ୍ତୁ, ଇ-ଭୋଟିଂ ପାଇଁ ୟୁଜର୍-ଆଇଡି ଏବଂ ପାସୱାର୍ଡ ସଦସ୍ୟଙ୍କ ପଞ୍ଜୀକୃତ ଇ-ମେଲ୍ ଠିକଣାରେ ଅଂଶୀଦାର ହେବ |

1. କଟ୍ ଅଫ୍ ତାରିଖ ପରି ଅଂଶଧନ ଧାରଣ କରିଥିବା ସଦସ୍ୟ ଇ-ଭୋଟିଂ ମାଧ୍ୟମରେ ଭୋଟ୍ ଦେବାର ଅଧିକାର ପାଇଛନ୍ତି | ଆପର୍ସନ୍ ଯିଏ ସଦସ୍ୟ ନୁହଁନ୍ତି | ଯେପରି କଟ୍ ଅଫ୍ ତାରିଖ କେବଳ ସୂଚନା ଉଦ୍ଦେଶ୍ୟରେ ନୋଟିସକୁ ବ୍ୟବହାର କରିବା ଉଚିତ୍ |
2. ଜାନୁୟାରୀ 9, 2026 ରେ ଇ-ମେଲ ମାଧ୍ୟମରେ କମ୍ପାନୀ ନୋଟିସର ପଠାଇବା କାର୍ଯ୍ୟ ସମାପ୍ତ କରିଛି |
3. ପ୍ରଯୁଜ୍ୟ ନିୟମ ଅନୁଯାୟୀ, କମ୍ପାନୀ ଏହି ନୋଟିସକୁ ଇଲେକ୍ଟ୍ରୋନିକ୍ ଫର୍ମରେ ସଦସ୍ୟମାନଙ୍କୁ ଇ-ମେଲ୍ ମାଧ୍ୟମରେ ପଠାଉଛି | ଡିମେଟେରିଆଲାଇଜଡ୍ ଫର୍ମରେ କମ୍ପାନୀରେ ଅଂଶଧନ ଧାରଣ କରନ୍ତୁ ଏବଂ ସେମାନଙ୍କ ସହିତ ସେମାନଙ୍କର ଇ-ମେଲ୍ ଠିକଣା ପଞ୍ଜିକରଣ କରିଛନ୍ତି |
4. କମ୍ପାନୀ ଅନ୍ୟ ସମସ୍ତ ସଦସ୍ୟଙ୍କ ପାଇଁ, ଏହି ବିଜ୍ଞପ୍ତି ପଞ୍ଜୀକୃତ ପୋଷ୍ଟ କିମ୍ବା ସ୍ପିଡ୍ ପୋଷ୍ଟ ମାଧ୍ୟମରେ ପଠାଯାଇଛି | ଇ-ଭୋଟିଂକୁ ସୁବିଧା କରିବା ପାଇଁ କମ୍ପାନୀ ଏହାର ଆରଟିଆର ସେବାଗୁଡିକ ନିୟୋଜିତ କରିଛି |
5. ଇ-ଭୋଟିଂ ପ୍ରକ୍ରିୟା ଉପରେ ବିସ୍ତୃତ ପଦ୍ଧତି / ନିର୍ଦ୍ଦେଶାବଳୀ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି |
6. ଇ-ଭୋଟିଂ ଅବଧି 11 ଜାନୁୟାରୀ 2026at 9.00 AM (I ST) ରେ ଆରମ୍ଭ ହେବ ଏବଂ ସୋମବାର ଦିନ ଶେଷ ହେବ, ଫେବୃଆରୀ 9, 2026 until 5.00 PM (IST) | ଏହା ପରେ ଇ-ଭୋଟିଂ ମଡ୍ୟୁଲ୍ ଅକ୍ଷମ ହେବ | Once the ଭୋଟ ଦିଅନ୍ତୁ | ରିଜୋଲ୍ୟୁସନ୍ ଜଣେ ସଦସ୍ୟଙ୍କ ଦ୍ୱାରା କାଷ୍ଟ ହୋଇଛି, ତାଙ୍କୁ ପରବର୍ତ୍ତୀ ସମୟରେ ଏହାକୁ ପରିବର୍ତ୍ତନ କରିବାକୁ ଦିଆଯିବ ନାହିଁ |
7. ଶ୍ରୀ ନାରୋଟାମ ବାଗରିଆ (CSI ସଦସ୍ୟତା ନମ୍ବର F5443) N.Bagaria & Associates, ଅଭ୍ୟାସ କମ୍ପାନୀ ସଚିବ, ମୁମ୍ବାଇ ସ୍କ୍ରୁଟିନାଇଜର ("ସ୍କ୍ରୁଟିନାଇଜର") ଡାକଘର ଭୋଟ୍ ପ୍ରକ୍ରିୟାକୁ ଏକ ମେଳାରେ ପରିଚାଳନା କରିବା ପାଇଁ ଏବଂ ସ୍ୱଚ୍ଛ ପଦ୍ଧତି |
8. ଭୋଟ୍ ଶେଷ ହେବା ଠାରୁ 2 କାର୍ଯ୍ୟଦିବସ ମଧ୍ୟରେ ଡାକଘରର ଫଳାଫଳ ଘୋଷଣା କରାଯିବ | କହିଛନ୍ତି ସ୍କ୍ରୁଟିନାଇଜରଙ୍କ ରିପୋର୍ଟ ସହିତ ଫଳାଫଳଗୁଡିକ କମ୍ପାନୀର ପଞ୍ଜୀକୃତ ଏବଂ କର୍ପୋରେଟ୍ କାର୍ଯ୍ୟାଳୟରେ ପ୍ରଦର୍ଶିତ ହେବ | ଏହା ସହିତ, ଉକ୍ତ ଫଳାଫଳଗୁଡିକ କମ୍ପାନୀର ୱେବସାଇଟ୍ www.kalingahospital.com ରେ ମଧ୍ୟ ଅପଲୋଡ୍ ହେବ | ସେହିପରି ଆରଟିଆର ଇ-ଭୋଟିଂ ୱେବସାଇଟରେ https://evoting.kfintech.com।
9. ଇ-ଭୋଟିଂ ସମ୍ବନ୍ଧୀୟ କୌଣସି ପ୍ରଶ୍ନ କିମ୍ବା ଅଭିଯୋଗ କ୍ଷେତ୍ରରେ, ସଦସ୍ୟମାନେ ଶ୍ରୀ ହନୁମାନଥା ରାଓ ପାତ୍ରିଙ୍କ ସହ ଯୋଗାଯୋଗ କରିପାରିବେ, ସହକାରୀ ଉପରାଷ୍ଟ୍ରପତି, ଡି। ଉପରାଷ୍ଟ୍ରପତି, ଇ-ମେଲରେ KFin ଟେକ୍ନୋଲୋଜି ଲିମିଟେଡ୍: einward.ris@kfintech.com, ଫୋନ୍: 040 6716526/040 67162222, ଅଧିକନ୍ତୁ, ଅଂଶୀଦାରମାନେ ସହାୟତା ଏବଂ FAQ ର ବିଭାଗକୁ ମଧ୍ୟ ପରିଦର୍ଶନ କରିପାରିବେ | KFintech ର ୱେବସାଇଟ୍ https: //evoting.kfintech.comhttps: llevoting.kfintech.com।

ସ୍ଥାନ: ଭୁବନେଶ୍ୱର, ଓଡିଶା
ତାରିଖ: ଜାନୁଆରୀ 9, 2026

କଳିଙ୍ଗ ହସ୍ପିଟାଲ୍ ଲିମିଟେଡ୍
Sd / -
ଦେବାଶିଷ ଦିବ୍ୟାଜ୍ୟୋତି ଦେଓ
କମ୍ପାନୀ ସଚିବ


# ମାଞ୍ଜାସୂତାରେ ସେବାୟତଙ୍କ ବେକ କଟିଲା

## କାର୍ଯ୍ୟାନୁଷ୍ଠାନ ପାଇଁ କମିଶନରଙ୍କୁ ଦାବିପତ୍ର

ପୁରୁଣା ଭୁବନେଶ୍ୱର, ୯।୧ (ସୁବାସ ଚନ୍ଦ୍ର ପ୍ରଧାନ)

ଆଗକୁ ମକର ଉତ୍ସବ ଥିବାବେଳେ ଏବେଠୁ ଭୁବନେଶ୍ୱରରେ ଗୁଡ଼ି ଉଡ଼ା ଆରମ୍ଭ ହୋଇଗଲାଣି। ତେବେ ଗୁଡ଼ିରେ ମାଞ୍ଜାସୂତା ବ୍ୟବହାର ଯୋଗୁ ଏହା ଜୀବନ ପ୍ରତି ବିପଦ ସୃଷ୍ଟି କରିଛି। ଗୁରୁବାର ଅପରାହ୍ନରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ସେବାୟତ ଗୋପାଳ ମକଦମ ପିଲାଙ୍କୁ ଟ୍ୟୁଶନ ଛାଡ଼ି ଫେରିବା ବେଳେ ବଢ଼େଇବାଙ୍କ ନିକଟ ଭାରତୀ ମଠ ଗଳିରେ ମାଞ୍ଜାସୂତା ତାଙ୍କ ବେକରେ ଲାଗିଯିବାରୁ ସେ ତଳେ ପଡ଼ିଯାଇଥିଲେ। ଚିକିତ୍ସା ପରେ ସେ ସୁସ୍ଥ ଥିବା ଜଣାପଡ଼ିଛି। ଏନେଇ ଶୁକ୍ରବାର ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ କମିଶନରେଟ ପୋଲିସ ଆୟୁକ୍ତଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଛି। ମାଞ୍ଜାସୂତା ବିକ୍ରି କରୁଥିବା ଏବଂ ମାଞ୍ଜାସୂତାରେ ଗୁଡ଼ି ଉଡ଼ାଉଥିବା ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହୋଇଛି। ମାଞ୍ଜାସୂତାକୁ ପ୍ରଶାସନ ପକ୍ଷରୁ ରଦ୍ଦ କରାଯାଉ ବୋଲି ପରିବେଶବିତ୍ ସୁଶାନ୍ତ ସାହୁ କହିଛନ୍ତି।

# ଇଞ୍ଜିନିୟରିଂ ଛାତ୍ରଙ୍କ ମଉଜରୁ ସିରିଜ ଦୁର୍ଘଟଣା: ୪ ଗୁରୁତର

ଭୁବନେଶ୍ୱର, ୯।୧ (ତ୍ରିନାଥ ମହାନ୍ତି)

ମଦ୍ୟପାନ କରି କାର୍ ଭିତରେ ମଉଜ କରୁଥିଲେ ୪ ଇଞ୍ଜିନିୟରିଂ ଛାତ୍ର। ପାର୍ଟି ଚିଲାଇ ରାସ୍ତା କମ୍ପାଉଥିଲେ। ଗାଡି ଚଳାଉଥିବା ଛାତ୍ର ଜଣକ ମଧ୍ୟ ମଦ ନିଶାରେ ଚୁର୍ ଥିଲେ। ଗୁରୁବାର ରାତି ପ୍ରାୟ ୨ଟା ସମୟରେ ଦ୍ରୁତଗତିରେ କାର ଚଳାଇ ଜାଗମରା ଛକରେ ସିରିଜ ଦୁର୍ଘଟଣା ଘଟାଇଥିଲେ। ତମାଣ୍ଡୋରୁ କାରଟି ଭୁବନେଶ୍ୱର ଅଭିମୁଖେ ଆସୁଥିବା ବେଳେ କାରଟି ଭାରସାମ୍ୟ ହରାଇ ଏକାଧିକ ଗାଡିକୁ ଧକ୍କା ଦେଇଥିଲା। ଏଥିରେ ୪ଜଣ ବାଇକ ଆରୋହ ଗୁରୁତର ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଜଣାପଡିଛି। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, କାରକୁ ଡ୍ରାଇଭର ଦ୍ରୁତଗତିରେ ବେପରୁଆ ଭାବେ ଚଳାଉଥିଲେ। ପ୍ରଥମେ ଏକ ବାଇକକୁ ଧକ୍କା ଦେବା ପରେ ସ୍ଥାନୀୟ ଲୋକେ ଗାଡିକୁ ଅଟକାଇବାକୁ ଚେଷ୍ଟା କରିଥିଲେ। ହେଲେ ଗୋଟିଏ ପରେ ଗୋଟିଏ ଗାଡିକୁ ଧକ୍କା ଦେଇ ଶେଷରେ କାରଟି ହରାଇ ଓଲଟି ପଡ଼ିଥିଲା।

# ଜାତୀୟ ସମ୍ମିଳନୀ 'ଓଟିକନ ୨୦୨୬' ଉଦ୍‌ଘାଟିତ




ସମ୍ମିଳନୀରେ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗଙ୍କ ସହ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର, ୯।୧ (ଅନୁରାଧା ମହାରଣା)

ଅଲ ଇଣ୍ଡିଆ ଅକ୍ୟୁପେଶନାଲ ଥେରାପିଷ୍ଟସ ଆସୋସିଏଶନ ଏବଂ ସ୍ୱାମୀ ବିବେକାନନ୍ଦ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟ୍ରେନିଂ ଆଣ୍ଡ୍ ରିସର୍ଚ୍ଚ ସହଯୋଗରେ ୩ଦିନିଆ ୬୩ତମ ବାର୍ଷିକ ଜାତୀୟ ସମ୍ମିଳନୀ 'ଓଟିକନ ୨୦୨୬' ସୋଆ ବିଶ୍ୱବିଦ୍ୟାଳୟ ଅଡିଟୋରିୟମରେ ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ, ସମ୍ମାନିତ ଅତିଥି ଭାବେ ଜଗତ୍‌ସିଂହପୁର ଏମ୍‌ପି ଡା. ବିଭୁପ୍ରସାଦ ତରାଇ, ସୋଆ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ଏନ୍‌ଆଇଏମ୍‌ଏଚ୍‌ଆର୍ ନିର୍ଦ୍ଦେଶକ ତଥା ଅକ୍ୟୁପେଶନାଲ ଥେରାପି ପରିଷଦ ଅଧ୍ୟକ୍ଷ ଡା. ଅଖିଳେଶ କୁମାର ଶୁକ୍ଳା, ଏସ୍‌ଭି ନିରତାର ନିର୍ଦ୍ଦେଶକ ଡା. ପି. ପି. ମହାନ୍ତି, ଏଆଇଓଟିଏ ଅଧ୍ୟକ୍ଷ ଡା. ପଙ୍କଜ ବାଜପେୟୀ, ସଚିବ ଡା. ଜୋସେଫ ସନି, ଉପାଧ୍ୟକ୍ଷା ଡା. ପ୍ରତିଭା ମିଲିନ୍ଦ ବୈଦ୍ୟ, ବୈଜ୍ଞାନିକ ସଭାପତି ଡା. ପ୍ରଜ୍ଞାନ ସିଂ, ଆୟୋଜକ ସଚିବ ତଥା ଏସ୍‌ଭି ନିରତାରର ଅକ୍ୟୁପେଶନାଲ ଥେରାପି ବିଭାଗ ମୁଖ୍ୟ ଡା. ଅନୁରୂପା ସେନାପତି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଏଆଇଓଟିଏ ଆପ୍‌ର ଶୁଭାରମ୍ଭ କରାଯାଇଥିଲା। ଭାରତରେ ଅକ୍ୟୁପେଶନାଲ ଥେରାପି ଓ ପୁନର୍ବାସ ସେବାକୁ ମଜବୁତ କରିବା ଉଦ୍ଦେଶ୍ୟରେ ଶିକ୍ଷା ଅଧିବେଶନ ସହ ସ୍ୱାସ୍ଥ୍ୟସେବାରେ ଅକ୍ୟୁପେଶନାଲ ଥେରାପିର ଭୂମିକା ଉପରେ ଆଲୋଚନା କରାଯାଇଥିଲା। ପ୍ରି କନଫରେନ୍ସ (କୋଟେ)ରେ ମୁଖ୍ୟ ଅତିଥି ଭାବେ ପିଜିଆଇଏମ୍‌ଇଆର୍ ଓ କ୍ୟାପିଟାଲ ହସପିଟାଲର ଚିକିତ୍ସା ଅଧୀକ୍ଷକ ପ୍ରଫେସର ଡା. ବିଶ୍ୱଜିତସାହୁ ଓ ସମ୍ମାନିତ ଅତିଥି ଭାବେ ନ୍ୟୁରୋସାଇକାଟ୍ରିକ୍ ଡା. ଜିତେନ୍ଦ୍ରୀୟ ବିଶ୍ୱାଳ ଯୋଗଦେଇଥିଲେ। ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଭିନେତ୍ରୀ ପ୍ରିୟା ଚୌଧୁରୀ ମୁଖ୍ୟ ଆକର୍ଷଣ ଥିଲେ।

# ଦୂରହେଲା ଚାଷୀଙ୍କ ଚିନ୍ତା: ଖୋଲିଲା ଧାନମଣ୍ଡି

ବାଙ୍କୀ/ତାଳବସ୍ତ/ତିଗିରିଆ, ୯ା୧ (ଶୁଭେନ୍ଦୁ ମହାପାତ୍ର/ସୁବ୍ରତ କୁମାର ନାୟକ/ଜାଫର ଖାଁ )

ରାଜ୍ୟ ସରକାର ଡିସେମ୍ବର ୨୬ରୁ ଧାନମଣ୍ଡି ଖୋଲିବା ଘୋଷଣା କରିଥିଲେ ମଧ୍ୟ ମିଲରମାନେ ସହଯୋଗ କରୁ ନଥିଲେ। ଏନେଇ ଚାଷୀମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଅମଳ ଧାନ ବିକ୍ରି କରି ପାରୁ ନ ଥିବାରୁ ସେମାନଙ୍କ ସମସ୍ୟା ବଢ଼ିଯାଇଥିଲା। ରାଜ୍ୟ ସରକାର ଓ ମିଲରମାନଙ୍କ ମଧ୍ୟରେ ଆଲୋଚନା ପରେ ଏହି ସମସ୍ୟା ଦୂର ହୋଇଯାଇଛି। କଟକ ଜିଲା ବାଙ୍କୀ ବ୍ଲକ ଅନ୍ତର୍ଗତ ତାଳବସ୍ତ ସେବା ସମିତି ଓ ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣା ପ୍ରାଥମିକ ସେବା ସମିତିରେ ଶୁକ୍ରବାର ଧାନମଣ୍ଡି ଖୋଲିବା ପରେ ଉଭୟ ସମିତିରୁ ପ୍ରଥମ ଦିନରେ ୧୨୪୦ କୁଇଣ୍ଟାଲ ଧାନ କ୍ରୟ ହୋଇଛି। ଏନେଇ ଚାଷୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।

ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନ ତାଳବସ୍ତ ସେବା ସମବାୟ ସମିତି ପକ୍ଷରୁ ଶନିବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଏହାର ପ୍ରଥମ ଦିନରେ ୯ ଜଣ ପଞ୍ଜୀକୃତ ଚାଷୀଙ୍କଠାରୁ ୪୯୦ କୁଇଣ୍ଟାଲ ଧାନ କ୍ରୟ କରାଯାଇଛି। ଫେବୃଆରୀ ୨୨ ସୁଦ୍ଧା ୪୯୩ ଜଣ ଚାଷୀଙ୍କଠାରୁ ପ୍ରାୟ ୧୫ ହଜାର କୁଇଣ୍ଟାଲ ଧାନ ମିଲର ସିଧାସଳଖ କ୍ରୟ କରିବେ ବୋଲି ସମ୍ପାଦକ ପ୍ରଫୁଲ୍ଲ କୁମାର ଦାସ ସୂଚନା ଦେଇଛନ୍ତି। ଏଥିରେ ସଭାପତି ଅକ୍ଷୟ କୁମାର ବେହେରା, ଏଆର୍‌ଏସ୍‌ଏସ୍ ସୁରେନ୍ଦ୍ର କୁମାର ଜେନା, ବାଙ୍କୀ କେନ୍ଦ୍ର ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ, ଡମପଡ଼ା ଶାଖାର ପରିଚାଳକ ଅକ୍ଷୟ କୁମାର ନାୟକ ପ୍ରମୁଖ ଯୋଗଦେଇ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ସମସ୍ତ ଧାନକ୍ରୟକୁ ଶାନ୍ତିଶୃଙ୍ଖଳା ସହ କରାଯିବ ବୋଲି ପରିଚାଳନା ସମିତିର ବରିଷ୍ଠ ସଦସ୍ୟ ବିପିନ ବିହାରୀ ନାୟକ କହିଛନ୍ତି। ଶୁଭ ଉଦ୍‌ଘାଟନ ଉତ୍ସବରେ ତାଳବସ୍ତ ସେବା ସମବାୟ ସମିତିର ସମସ୍ତ ସଭ୍ୟ ସଭ୍ୟା ଶ୍ୟାମସୁନ୍ଦର ପରିଡ଼ା, ସୁଧାଂଶୁ ଶେଖର ନାୟକ, ବ୍ରଜବନ୍ଧୁ ନାୟକ, ବେବିନା ପ୍ରଧାନ, ଭଜମନ ନାୟକ, ଅଇଁଠା ସାହୁ, ତାଳବସ୍ତ ରାଜସ୍ୱ ନିରୀକ୍ଷକ ଦେବ ପ୍ରସାଦ ବିଶ୍ୱାଳ ଉପସ୍ଥିତ ଥିଲେ।


ତାଳବସ୍ତ ଧାନମଣ୍ଡି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ମିଲର ଓ ଚାଷୀମାନେ ।

ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣା ପ୍ରାଥମିକ କୃଷି ସେବା ସମବାୟ ସମିତିରେ ଧାନମଣ୍ଡି କଳାପାଟ ମାର୍କେଟ କମ୍ପ୍ଲେକ୍ସଠାରେ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ୨୩ ଜଣ ଚାଷୀଙ୍କଠାରୁ ମିଲର୍ ୭୫୦ କୁଇଣ୍ଟାଲ ଧାନ କ୍ରୟ କରିଛନ୍ତି। ଏଥିରେ ମୁଖ୍ୟ ଅତିଥିଭାବେ ସମିତି ସଭାପତି ଧ୍ରୁବଚରଣ ଦାସ ଯୋଗଦେଇ ମଣ୍ଡି ଉଦ୍‌ଘାଟନ କରିଥିଲେ। ମିଲର ସିଜଲ୍ ଧାନକ୍ରୟ କରିଥିବା ବେଳେ ନୂଆପାଟଣା ସରପଞ୍ଚ ସୋମନାଥ ଦାସ, ସମିତି ବୋର୍ଡ ସଭ୍ୟ ସୁବାସ ନାୟକ, ପୀତବାସ ବେହେରା, ସାହାଦତ ଖାଁ, ରାମଚନ୍ଦ୍ର ବାରିକ, ବସିରୁଲ ହକ୍, ନୂଆପାଟଣା ସର୍କଲ ରାଜସ୍ୱ ନିରୀକ୍ଷକ ଚିନ୍ମୟ କୁମାର ବେହେରା, ଆର୍‌ଏମ୍‌ସି କର୍ମଚାରୀ ସୁଜିତ କୁମାର ସାହୁ, ତିଗିରିଆ ତହସିଲ୍‌ଦାର ଅକ୍ଷୟ କୁମାର ପରିଡ଼ା ଉପସ୍ଥିତ ଥିଲେ। ସମିତି ସମ୍ପାଦକ ଚନ୍ଦନ ଜେନା ଓ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ପୋଖରୀରେ ବୁଡ଼ି ବୃଦ୍ଧା ମୃତ

ସାଲେପୁର, ୯ା୧ (ଅରବିନ୍ଦ ଭୂୟାଁ)

ପୋଖରୀକୁ ଶୌଚ ହେବାକୁ ଯାଇ ଗୋଡ଼ ଖସିଯିବାରୁ ପାଣିରେ ବୁଡ଼ିଯିବାରୁ ଶନିବାର ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସାଲେପୁର ବ୍ଲକ ଅନ୍ତର୍ଗତ ବାଲିସାହି ପଞ୍ଚାୟତ ରାଘବପୁର ଗ୍ରାମର ହେମନ୍ତ କୁମାର ସାମଲଙ୍କ ମା' ନିର ସାମଲ(୬୫)। ସାଲେପୁର ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନା ପଠାଇଛି। ନିର ସକାଳୁ ଶୌଚ ହେବା ପାଇଁ ଘର ନିକଟ ପୋଖରୀକୁ ଯାଇଥିଲେ। ସେଠାରେ କୌଣସି କାରଣରୁ ତାଙ୍କ ଗୋଡ଼ ଖସିଯାଇଥିଲା। ଫଳରେ ସେ ପାଣିରେ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ପରିବାର ଲୋକଙ୍କୁ ଖବର ଦେବା ସହ ବୃଦ୍ଧାଙ୍କୁ ପାଣିରୁ ଉଦ୍ଧାର କରିଥିଲେ। ଘଟଣାସ୍ଥଳରେ ପୁଅ ହେମନ୍ତ ପହଞ୍ଚି ମା'ଙ୍କୁ ଗ୍ରାମବାସୀଙ୍କ ସହାୟତାରେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସାଲେପୁର ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଯୁବ ସାମାଜିକ କର୍ମୀ ତଥା କଂଗ୍ରେସ ନେତା ହରିବନ୍ଧୁ ଶତପଥୀ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ନିରଙ୍କ ଶେଷଦର୍ଶନ କରିବା ସହ ତାଙ୍କ ଅନ୍ତିମସଂସ୍କାର ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

# ୩୪୯ ଛାତ୍ରୀଛାତ୍ର ଦେଲେ ପ୍ରବେଶିକା ପରୀକ୍ଷା

## ଓଡ଼ିଶା ଆଦର୍ଶ ବିଦ୍ୟାଳୟ

ତିଗିରିଆ, ୯ା୧ (ଜାଫର ଖାଁ)

ତିଗିରିଆ ବ୍ଲକର ୨ଟି ପରୀକ୍ଷା କେନ୍ଦ୍ରରେ ଶୁକ୍ରବାର ୩୪୯ ଜଣ ଛାତ୍ରୀଛାତ୍ର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଶାନ୍ତିଶୃଙ୍ଖଳାର ସହ ଦେଇଛନ୍ତି। ୨ଟି ପରୀକ୍ଷା କେନ୍ଦ୍ରରେ ଷଷ୍ଠ, ସପ୍ତମ, ଅଷ୍ଟମ ଓ ନବମ ଶ୍ରେଣୀ ପାଇଁ ୩୪୯ ଜଣ ଛାତ୍ରୀଛାତ୍ର ଏହି ପରୀକ୍ଷା ଦେଇଥିବା ବେଳେ ୧୨ ଜଣ ଅନୁପସ୍ଥିତ ଥିବା ବ୍ଲକ ଶିକ୍ଷାଧିକାରୀ ଅମର କୁମାର ମହାରଣା ସୂଚନା ଦେଇଛନ୍ତି। ନିଜିଗଡ଼ ପଞ୍ଚାୟତସ୍ଥିତ ପବିତ୍ର ମୋହନ ସରକାରୀ ଉଚ୍ଚ ବିଦ୍ୟାଳୟରେ ହୋଇଥିବା ପରୀକ୍ଷାରେ ୧୬୬ ଜଣ ଷଷ୍ଠ ଶ୍ରେଣୀର ଶିକ୍ଷାର୍ଥୀ ପରୀକ୍ଷା ଦେଇଥିବା ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ସିଙ୍ଗୋ ହାଁସଦା ସୂଚନା ଦେଇଛନ୍ତି। ୧୭୧ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫ ଜଣ ଅନୁପସ୍ଥିତ ଥିବାବେଳେ ପରୀକ୍ଷା ଦେଇଥିବା ଶିକ୍ଷାର୍ଥୀଙ୍କ ମଧ୍ୟରୁ ୮୮ ଜଣ ଛାତ୍ରୀ ଓ ୭୮ ଜଣ ଛାତ୍ର ରହିଥିବା ସୂଚନା ମିଳିଛି।

ସେହିପରି ଉକ୍ତ ପଞ୍ଚାୟତସ୍ଥିତ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ୧୮୩ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ବେହେରା ସୂଚନା ଦେଇଛନ୍ତି। ସେମାନଙ୍କ ମଧ୍ୟରୁ ଷଷ୍ଠ ଶ୍ରେଣୀ ଲାଗି ୧୩୩ ଜଣ, ସପ୍ତମ ଶ୍ରେଣୀ ୨୬, ଅଷ୍ଟମ ଶ୍ରେଣୀ ୧୮ ଜଣ, ନବମ ଶ୍ରେଣୀ ପାଇଁ ୬ ଜଣ ପରୀକ୍ଷା ଦେଇଥିବା ସୂଚନା ମିଳିଛି।


ଛାତ୍ରୀଛାତ୍ର ପରୀକ୍ଷା ଦେଇ ଫେରୁଛନ୍ତି।

## ବିଜୁ ଯୁବଛାତ୍ର ଜନତା ଦଳ ବନ୍ଧୁମିଳନ

ବାଙ୍କୀ, ୯ା୧ (ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଶୁଭେନ୍ଦୁ ମହାପାତ୍ର)

ବାଙ୍କୀ ଡମପ ବ୍ଲକ ଅନ୍ତର୍ଗତ ବିଲିପଡା ପଂଚାୟତସ୍ଥ ତାରିଣି ମନ୍ଦିର ପରିସରରେ ଆଜି ବାଙ୍କୀ କେନ୍ଦ୍ରୀୟ ଜୋନ ବିଜୁ ଯୁବଛାତ୍ର ଜନତା ଦଳ ପକ୍ଷରୁ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଛାତ୍ର ନେତା ତପନ ବେହେରାଙ୍କ ପରିଚାଳନାରେ ମୁଖ୍ୟଅତିଥି ଭାବେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦାନ କରି ଯୁବଛାତ୍ର ମାନଙ୍କୁ ନବବର୍ଷର ଅଭିନନ୍ଦନ ଜଣାଇ ଯୁବ ଓ ଛାତ୍ର ସଂଗଠନକୁ ତୃଣମୂଳ ସ୍ତରରେ ସୁଦୃଢ଼ କରିବା ସହିତ ସମାଜର ମୁଖ୍ୟସ୍ରୋତରେ ଯୁବ ଓ ଛାତ୍ରମାନେ ସାମିଲ ହୋଇ ସାଧାରଣ ଲୋକଙ୍କର ସେବା କରିବା ପାଇଁ ଆହ୍ୱାନ ଦେଇଥିଲେ । ଏଥିରେ ଡମପ ଛାତ୍ର ବିଜେଡି ସଭାପତି ଗୌରବ ବଳିୟାର ସିଂହଙ୍କ ସଂଚାଳନରେ ସମାଜସେବୀ ଅମର ସୱାଇଁ, ତ୍ରିନାଥ ପରିଡା, କୃଷକ ନେତା ଶରତ ମନ୍ତ୍ରୀ, କୃଷ୍ଣଚନ୍ଦ୍ର ରଣା, ଏନ.ଏ.ସି ଛାତ୍ର ବିଜେଡି ସଭାପତି ବ୍ରଜବଲ୍ଲଭ କର, ସୌରଭ ସୱାଇଁ, ପପୁ ବେଉରା, ଶୈଳେନ୍ଦ୍ର ରାୟ, ବିଧାନ ବେହେରା, ସୁନୀଲ ଖଟୁଆ, ଅଶ୍ୱିନୀ କୁମାର ମତଗଜ ସିଂହ, ମାନସ ମହାପାତ୍ର, ବିଭୂପ୍ରସାଦ ସାମଲ, ବିଜୟ କୁମାର ସୱାଇଁ ଙ୍କ ସମେତ କେନ୍ଦ୍ରୀୟ ଜୋନ ଅନ୍ତର୍ଗତ ବିଭିନ୍ନ ପଂଚାୟତର ଯୁବ ଓ ଛାତ୍ରମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଏହି ଅବସରରେ ରାଜ୍ଯ ଯୁବ ଜନତାଦଳର ନୂତନ ଭାବେ ସାଧାରଣ ସଂପାଦକ ଶୋଭନ ମହାନ୍ତିଙ୍କୁ ଉପୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ରଗଡି ସମିତି ସଭ୍ଯ ଭାଗୀରଥି ପାଣି ଧନ୍ୟବାଦ ଦେଇଥିଲେ ।

# ରାଜ୍ୟସ୍ତରୀୟ କର୍କ ବଲ୍ କ୍ରିକେଟ: ଫାଇନାଲରେ ରତାପାଟ


ଖେଳାଳିଙ୍କ ସହ ଅତିଥି କରମର୍ଦ୍ଦନ କରୁଛନ୍ତି।

ବଡ଼ମ୍ବା, ୯ା୧ (ମାୟାଧର ମଲ୍ଲିକ)

ବଡ଼ମ୍ବା ବ୍ଲକ ଅନ୍ତର୍ଗତ କନ୍ତପଡ଼ା ସହିଦ ପଡିଆରେ ଚାଲିଥିବା କନ୍ତପଡ଼ା ରାଜ୍ୟସ୍ତରୀୟ କର୍କ ବଲ୍ କ୍ରିକେଟ ଟୁର୍ନାମେଣ୍ଟର ଷଷ୍ଠ ଦିବସ ମ୍ୟାଚ୍ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଏନ୍‌ସିସି, ରତାପାଟ ଓ ସିଏସ୍‌ଏସଏ, ନୂଆପାଟଣା ଦଳ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ନୂଆପାଟଣା ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୧୮ ଓଭରରେ ୬ ଉଇକେଟ ହରାଇ ୧୭୯ ରନ୍ ସଂଗ୍ରହ କରିଥିଲେ। ଜବାବରେ ରତାପାଟ ଦଳ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇ ଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି। ବ୍ରଦର ଆଣ୍ଡ ବ୍ରଦର କ୍ରିକେଟ କ୍ଲବ, କନ୍ତପଡ଼ା ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ ଷଷ୍ଠ ଦିବସ ମ୍ୟାଚ୍‌ରେ ମୁଖ୍ୟ ଅତିଥିଭାବେ ବଡ଼ମ୍ବାସ୍ଥିତ ବୃନ୍ଦାବନ ବିଜ୍ଞାନ ଆବାସିକ ମହାବିଦ୍ୟାଳୟ ଅଧ୍ୟକ୍ଷ ଦେବାଶିଷ ପରିଡ଼ା ଯୋଗଦେଇ ଉଭୟ ଦଳ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରବିବାର ବିଏନ୍‌ସିସି, ରତାପାଟ ଓ ଆରଏସିଏ, ବିନ୍ଧାଣିମା ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକ ଦଳ ସଭାପତି ବଟକୃଷ୍ଣ ମହାନ୍ତି ପ୍ରକାଶ କରିଛନ୍ତି।

## ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ : ଶିକ୍ଷକ ଟିମ୍ ବିଜୟୀ

ବାଙ୍କୀ, ୯ା୧ (ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଶୁଭେନ୍ଦୁ ମହାପାତ୍ର)

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡ଼ିଆରେ ୫୦ତମ ବାର୍ଷିକ କ୍ରୀଡ଼ା ଉତ୍ସବର ଦ୍ୱିତୀୟ ଦିବସ ମ୍ୟାଚ୍ ଶନିବାର ଅନୁଷ୍ଠିତ ହୋଇଥିଲା। କଲେଜ ଶିକ୍ଷକ ସଂଘ ଟିମ୍ ସହ ଅଣଶିକ୍ଷକ ସଂଘ ଟିମ୍ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ହୋଇଥିଲା। ଭାରପ୍ରାପ୍ତ ଅଧ୍ୟକ୍ଷା ପ୍ରାଧ୍ୟାପିକା ଗାୟତ୍ରୀ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ମ୍ୟାଚ୍‌ରେ ମୁଖ୍ୟ ଅତିଥିଭାବେ ପୂର୍ବତନ ଅଧ୍ୟକ୍ଷ ଡ. ନିରଞ୍ଜନ ମହାନ୍ତି ଓ ସମ୍ମାନିତ ଅତିଥିଭାବେ ପୂର୍ବତନ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇଥିଲେ। ଅଣଶିକ୍ଷକ ଦଳର କ୍ୟାପ୍‌ଟେନ୍ ଭାବେ ନଳିନୀକାନ୍ତ ମହାପାତ୍ର ଓ ଶିକ୍ଷକ ସଂଘର କ୍ୟାପ୍‌ଟେନ୍ ଭାବେ ଅଧ୍ୟାପକ ମହେଶ ପ୍ରସାଦ ବେହେରା ନେତୃତ୍ୱ ନେଇଥିଲେ। ପ୍ରଥମେ ଟସ୍ ଜିଣି ଅଣଶିକ୍ଷକ ଦଳ ନିର୍ଦ୍ଧାରିତ ୧୫ ଓଭରରେ ୭ ଉଇକେଟ ହରାଇ ୮୬ ରନ୍ ସଂଗ୍ରହ କରିଥିଲେ। ଜବାବରେ ଶିକ୍ଷକ ସଂଘ ବିନା ଉଇକେଟରେ ୮ ଓଭର ଖେଳି ୮୮ ରନ୍‌କରି ୧୦ ଉଇକେଟରେ ବିଜୟୀ ହୋଇଥିଲା। ଦଳର ଅଧ୍ୟାପକ ବିପ୍ରବର ରାଉତ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

# ୨ୟ ଧବଳେଶ୍ୱର କ୍ରିକେଟ, ଫାଇନାଲରେ ମେଣ୍ଢାଶାଳ

ଆଠଗଡ଼, ୯ା୧ (ସତ୍ୟ ପ୍ରସାଦ ରଥ)



ଆଠଗଡ଼ ଭେଟେରାନ କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଷ୍ଟାଡିୟମରେ ଅନୁଷ୍ଠିତ ୨ୟ ଧବଳେଶ୍ୱର କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍ ବାଙ୍କୀ କ୍ରୀଡ଼ା ସଂସଦ ଓ ମେଣ୍ଢାଶାଳ କ୍ରିକେଟ କ୍ଲବ ଖୋର୍ଦ୍ଧା ମଧ୍ୟରେ ହୋଇଥିଲା। ଏଥିରେ ବାଙ୍କୀକୁ ୨୭ ରନ୍‌ରେ ପରାସ୍ତ କରି ମେଣ୍ଢାଶାଳ ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ଟସ୍ ଜିତି ମେଣ୍ଢାଶାଳ କ୍ଲବ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ଉଇକେଟ ବିନିମୟରେ ୨୧୬ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସ୍ୱାଧୀନ ପଟ୍ଟନାୟକ ୩୪ ବଲ୍‌ରୁ ୫୪ରନ, ଅଭିମନ୍ୟୁ ସାହୁ ୨୬ ବଲ୍‌ରୁ ୪୯ରନ୍ ଓ ମହମ୍ମଦ ସୁଲେମାନ ୧୬ ବଲରୁ ୪୦ ରନ୍ କରିଥିଲେ। ବାଙ୍କୀ ବ୍ଲକ ପକ୍ଷରୁ ଆଦର୍ଶ ମହାପାତ୍ର ଓସି.ଏସ୍. କାନୁନଗୋ ୨ଟି ଲେଖାଁଏ ଉଇକେଟ ଅକ୍ତିଆର କରିଥିଲେ। ୨୧୭ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବାଙ୍କୀ ଦଳ ୧୬.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୮୯ ରନ୍ ସଂଗ୍ରହ କରି ୨୭ ରନ୍‌ରେ ପରାସ୍ତ ହୋଇଥିଲା। ଦଳ ପକ୍ଷରୁ ସବୀର ବେହେରା ୨୧ ବଲରୁ ୩୭ରନ୍ କରିଥିଲେ। ସମସ୍ତ ବିଭାଗରେ ଉନ୍ନତ ପ୍ରଦର୍ଶନ ପାଇଁ ମେଣ୍ଢାଶାଳ କ୍ଲବର ମହମ୍ମଦ ସୁଲେମାନ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିଲେ। ଏହି ମ୍ୟାଚ୍‌କୁ ଆମ୍ପାୟର ଭାବେ ସୌମ୍ୟରଞ୍ଜନ ଲେଙ୍କା ଓ ଅଲୁପ ଦାଶ ପରିଚାଳନା କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ରଞ୍ଜିତା ଭକ୍ତା ଓ ସମ୍ମାନିତ ଅତିଥି ଭାବେ ବରିଷ୍ଠ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଭୁବନାନନ୍ଦ ଦାସ ଯୋଗଦେଇଥିଲେ। ମ୍ୟାଚ୍ ଶେଷରେ ଅବସରପ୍ରାପ୍ତ ସେନା ଅଧିକାରୀ ବରୁଣ ରାଜ ଓ ବିଶ୍ୱଜିତ ନାୟକ ପ୍ରମୁଖ ଯୋଗଦେଇ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

# 'ପ୍ରବୃତ୍ତିକୁ ତ୍ୟାଗକରିବା ହେଉଛି ଯୋଗ'

କଟକ, ୯ା୧ (କାର୍ତ୍ତିକ ସାହୁ)

ମନୁଷ୍ୟ ଶରୀର ଯଜ୍ଞରେ ଆହୁତି ହେଉଛି ଶ୍ୱାସ। ଅହଂକାର, କାମ, କ୍ରୋଧ ଆଦି ପ୍ରବୃତ୍ତିକୁ ତ୍ୟାଗ କରିବା ହେଉଛି ଯୋଗ। କଟକ ପ୍ରଜ୍ଞାନ ମିଶନ ପକ୍ଷରୁ ତୁଳସୀପୁର ଆନନ୍ଦଭବନ ସମ୍ମୁଖସ୍ଥ ଖେଳ ପଡ଼ିଆଠାରେ ଅନୁଷ୍ଠିତ ତ୍ରିଦିବସୀୟ ଗୀତା ଜ୍ଞାନଯଜ୍ଞର ଶୁକ୍ରବାର ଉଦ୍‌ଘାଟନୀ ସମାରୋହରେ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜ ଏହି ମତବ୍ୟକ୍ତ କରିଛନ୍ତି।

ତ୍ରିଦିବସୀୟ ଗୀତା ଜ୍ଞାନଯଜ୍ଞର ପ୍ରଥମ ଦିବସରେ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜ ଗୀତାର ଚତୁର୍ଥ ଅଧ୍ୟାୟ ବତିଶ ଶ୍ଳୋକ ଉପରେ ପ୍ରବଚନ ଦେଇଥିଲେ। ପ୍ରାରମ୍ଭରେ ଚକ୍ରଧର ମହାନ୍ତିଙ୍କ ଭଜନ ମଣ୍ଡଳୀ ଭଜନ ପରିବେଷଣ କରିଥିଲା। ସ୍ୱାମୀ ବିଜ୍ଞାନାନନ୍ଦ ଗିରି ପ୍ରାରମ୍ଭିକ ସୂଚନା ଦେଇଥିଲେ। ପ୍ରଜ୍ଞାନ ମିଶନର ସନ୍ୟାସୀ ବ୍ରହ୍ମଚାରୀବୃନ୍ଦ ଗୀତା ଧ୍ୟାନମ ଆବୃତ୍ତି କରିଥିଲେ। ସ୍ୱାମୀ କୃଷ୍ଣାନନ୍ଦ ଗିରି ପ୍ରାରମ୍ଭିକ ସୂଚନା ଦେଇଥିଲେ। ସ୍ୱାମୀ ଶୁଦ୍ଧାନନ୍ଦ ଗିରି, ସ୍ୱାମୀ ପରିପୂର୍ଣ୍ଣା ନନ୍ଦ, ସ୍ୱାମୀ ନିତ୍ୟପ୍ରେମାନନ୍ଦ, ସ୍ୱାମୀ ବିଜ୍ଞାନାନନ୍ଦ, ସ୍ୱାମୀ ବ୍ରହ୍ମଜ୍ଞାନାନନ୍ଦ, ସ୍ୱାମୀ ଅନିର୍ବାଣାନନ୍ଦ, ସ୍ୱାମୀ ଆନନ୍ଦାନନ୍ଦ, ସ୍ୱାମୀ ପୂଜାନନ୍ଦ, ସ୍ୱାମୀ ଅଖଣ୍ଡାନନ୍ଦ ପ୍ରମୁଖ ସାଧୁ ସନ୍ଥଙ୍କ ସମେତ ସ୍ୱାମୀ ନାରାୟଣା, ଆଇନଜୀବୀ ଦେବୀପ୍ରସାଦ ଧଳ, ଅରବିନ୍ଦ ବାବା, ତାପସ ବାବା, ପ୍ରଦୀପ ବାବା, ଶରତ ବାବା, ବିଜୟ ବାବା, ଶୁଭ୍ରାଂଶୁ ବାବା ପ୍ରମୁଖ ସମସ୍ତ କ୍ରିୟା ସାଧକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜ ପ୍ରବଚନ ଦେଉଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ହ୍ରିତିକ


@ ଗୌରହରି


@ ଶୁଭେନ୍ଦ୍ର


@ ବିଭୂତି


@ ବିଦ୍ୟାଭୂଷଣ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


## କଳିଙ୍ଗ ହସ୍ପିଟାଲ୍ ଲିମିଟେଡ୍

CIN: U85110OR1990PLC002492
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା -751023
ୱେବସାଇଟ୍: www.kalingahospital.com,
ଟେଲ ନଂ: 0674-2300570, ଇମେଲ୍: cs@kalingahospital.com

### ଡାକ ବାଲାଟ ଏବଂ ଇ-ଭୋଟିଂ ସୂଚନା ପାଇଁ ବିଜ୍ଞପ୍ତି

'ଏଆଇ ସର୍ବଦା ମାନବ ମନର ଏକ ପ୍ରତିଫଳନ ଭାବେ ରହିଆସିଛି। ଯଦିଓ ଆଧୁନିକ ମେଶିନ ବର୍ତ୍ତମାନ ଜୀବନଶୈଳୀକୁ ଉନ୍ନତ କରିବା ସହ ନିଯୁକ୍ତି କ୍ଷେତ୍ରରେ ପରିବର୍ତ୍ତନ ଆଣୁଛି।' ଭୁବନେଶ୍ୱର ବରମୁଣ୍ଡା ପଡ଼ିଆରେ ଚାଲିଥିବା ଚତୁର୍ଥ ଓଡ଼ିଶା ଖଣି ଏବଂ ଭିତ୍ତିଭୂମି ଅନ୍ତର୍ଜାତୀୟ ଏକ୍ସପୋ ୨୦୨୬ର ଦ୍ୱିତୀୟ ଦିନରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏପରି ମନ୍ତବ୍ୟ ରଖିଛନ୍ତି। କାର୍ଯ୍ୟକ୍ରମରେ ଏମ୍ଏସ୍ଏମ୍ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଫ୍ୟୁଚରେକ୍ସ ଗ୍ରୁପର ଅଧ୍ୟକ୍ଷ ସ୍ୱାମୀ ପ୍ରେମ ଅନ୍ୱେଶୀ, ଫ୍ୟୁଚରେକ୍ସ ଗ୍ରୁପର ନିର୍ଦ୍ଦେଶକ ନମିତ ଗୁପ୍ତା, ନାଲ୍‌କୋର ପୂର୍ବତନ ସିଏମ୍‌ଡି ତଥା ଆୟୋଜକ କମିଟିର ଅଧ୍ୟକ୍ଷ ଡ. ତପନ କୁମାର ଚାନ୍ଦ, ଟିସିଏସ୍ ଗ୍ଲୋବାଲ ମୁଖ୍ୟ ସେଣ୍ଟର ଅଫ ଏକ୍ସିଲେନ୍ସ ଆମେରିକା ଅଜିତ କୁମାର କର ଏବଂ ନିର୍ଦ୍ଦେଶକ ତଥା ସିଇଓ, ଏମ୍ଆର୍ ଇଞ୍ଜିନିୟର୍ସ ପ୍ରାଇଭେଟ ଲିମିଟେଡ୍‌ର ବିବେକ ଅଗ୍ରୱାଲ ଯୋଗଦେଇଥିଲେ। ସ୍ୱାମୀ ପ୍ରେମଅନ୍ୱେଶୀ ସ୍ୱାଗତ ଭାଷଣ ଦେଇଥିଲେ। ଏକ୍ସପୋର ଅନ୍ତର୍ଜାତୀୟ ସଫଳତା ସମ୍ପର୍କରେ ସୂଚନା ଦେଇ ଆୟୋଜକ କମିଟିର ଅଧ୍ୟକ୍ଷ ଡ. ତପନ କୁମାର ଚାନ୍ଦ କହିଛନ୍ତି, '୩୦,୦୦୦ ବର୍ଗମିଟର ପରିମିତ ସ୍ଥାନରେ ବ୍ୟାପିଥିବା ଏହି 'ଚତୁର୍ଥ ଅନ୍ତର୍ଜାତୀୟ ଖଣି ଏବଂ ଭିତ୍ତିଭୂମି ଏକ୍ସପୋ, ଅଷ୍ଟ୍ରେଲିଆର କୁଇନ୍ସଲ୍ୟାଣ୍ଡ ଅନ୍ତର୍ଜାତୀୟ ଖଣି ଏକ୍ସପୋ ଭଳି ବିଶ୍ୱସ୍ତରୀୟ ପ୍ଲାଟଫର୍ମ ସହ ତୁଳନୀୟ ନୂତନ ମାନଦଣ୍ଡ ସ୍ଥାପନ କରିଛି। ଏହା ଆଗାମୀ ବର୍ଷଗୁଡ଼ିକରେ ବିଶ୍ୱର ଅନ୍ୟତମ ସର୍ବବୃହତ ଖଣି ପ୍ରଦର୍ଶନୀ ହେବାକୁ ଯାଉଛି । ଓଡ଼ିଶାର ଜିଡିପିରେ ଖଣିକ୍ଷେତ୍ର ପ୍ରାୟ୧୦% ଯୋଗଦାନ ଦେବା ସହ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଛି। ବର୍ତ୍ତମାନ ଏହା ରାଜ୍ୟ ଅର୍ଥନୀତିକୁ ୬୦,୦୦୦ରୁ ୭୦,୦୦୦ କୋଟି ଟଙ୍କା ପ୍ରଦାନ କରୁଥିବା ବେଳେ ଭବିଷ୍ୟତରେ ଏହା ୨ଲକ୍ଷ କୋଟି ଟଙ୍କାରେ ପହଞ୍ଚିବାର ସମ୍ଭାବନା ରହିଛି। ଅଜିତ କୁମାର କର ଖଣି କ୍ଷେତ୍ରର ପ୍ରଯୁକ୍ତି-ଆଧାରିତ ଭବିଷ୍ୟତ ଉପରେ ଆଲୋକପାତ କରିଥିଲେ। ଏହି ଦିବସର ଏକ ପ୍ରମୁଖ ଆକର୍ଷଣ ଥିଲା 'ଚେଞ୍ଜ ମେକର ଆୱାର୍ଡ' ପ୍ରଦାନ ସମାରୋହ। ଉପ-ମୁଖ୍ୟମନ୍ତ୍ରୀଙ୍କଅଧ୍ୟକ୍ଷତାରେ ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ଅରୁଣା ମହାନ୍ତି, ପୂର୍ବତନ ନକ୍ସଲଙ୍କ ପରିବର୍ତ୍ତନଏବଂ ଯୌନକର୍ମୀଙ୍କ ଥଇଥାନ ପାଇଁ କାର୍ଯ୍ୟ କରୁଥିବା ପ୍ରେରଣାଦାୟୀ ବକ୍ତା ସଂଯୁକ୍ତା ପଟ୍ଟନାୟକ, ଓଡ଼ିଆ ସଂସ୍କୃତି ଓ ଐତିହ୍ୟର ପ୍ରଚାର କରୁଥିବା ତନୟା ପଟ୍ଟନାୟକ ଏବଂ ଲାଞ୍ଜିଗଡ଼, ଅନୁଗୁଳ ଓ ସୁନ୍ଦରଗଡ଼ ଆଦି ଅଞ୍ଚଳରେ ଆଦିବାସୀଙ୍କ ବିକାଶ ପାଇଁ ଉତ୍ସର୍ଗୀକୃତ ହରମିତ୍ ସେହରଙ୍କ ସମେତ ବହୁ ପ୍ରେରଣାଦାୟୀ ବ୍ୟକ୍ତିତ୍ୱ ସାମିଲ ଥିଲେ।

# ଓଡ଼ିଶା ଗ୍ରୀଡ୍ ଇନ୍‌ସାଇଟ୍‌ର ଶୁଭାରମ୍ଭ

**ଭୁବନେଶ୍ୱର,୯।୧(ଅନୁରାଧା ମହାରଣା)**

ସଚିବାଳୟଠାରେ ଶୁକ୍ରବାର ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ, ଶକ୍ତି ଏବଂ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ କନକ ବର୍ଦ୍ଧନ ସିଂହଦେଓ ଓପିଟିସିଏଲ୍ ଦ୍ୱାରା ନିର୍ମିତ ଓଡ଼ିଶା ଗ୍ରୀଡ୍ ଇନ୍‌ସାଇଟ୍‌ର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଓପିଟିସିଏଲ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭାସ୍କର ଶର୍ମା ଏବଂ ଓପିଟିସିଏଲ୍‌ର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ରାଜ୍ୟରେ ଥିବା ୨୦୧ଟି ଗ୍ରୀଡ୍ ସମ୍ପର୍କିତ ସମସ୍ତ ଭୌଗୋଳିକ ଏବଂ ବୈଷୟିକ ତଥ୍ୟ ଏହି ୱେବ୍‌ସାଇଟରେ ଉପଲବ୍ଧ ରହିବ । ଗ୍ରୀଡ୍‌ର ଟ୍ରାନ୍ସଫରମେଶନ କ୍ଷମତା, ବିଦ୍ୟୁତ୍ ଉପଲବ୍ଧତା, ବର୍ତ୍ତମାନ କେତେ ଲୋଡ ରହିଛି ଆଉ କେତେ ଅଧିକ ନେଇ ହେବ ଏପରି ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସହଜରେ ସମସ୍ତଙ୍କ ପାଖେ ଉପଲବ୍ଧ ହେବ । ଏହି ୱେବସାଇଟ ପୁଞ୍ଜି ନିବେଶକ ତଥା ଶିଳ୍ପାନୁଷ୍ଠାନମାନଙ୍କୁ ରାଜ୍ୟର ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ଉପଲବ୍ଧତା ସମ୍ପର୍କରେ ପ୍ରାମାଣିକ ସୂଚନା ପ୍ରଦାନ କରି ନିବେଶ ନିଷ୍ପତ୍ତି ନେବାରେ ବେଶ ସହାୟକ ହେବ । ଗ୍ରୀଡ୍ ସବଷ୍ଟେସନରେ ଉପଲବ୍ଧତା ସମ୍ପର୍କରେ ଏପରି ସ୍ୱଚ୍ଛତା ରଖିବାରେ ଓଡ଼ିଶା ରାଜସ୍ଥାନ ପରେ ଦ୍ୱିତୀୟ ରାଜ୍ୟ । ଏହି ୱେବସାଇଟ ସରକାରୀ ବିଭାଗ ଓ ନୀତିନିର୍ଦ୍ଧାରକମାନଙ୍କୁ କୌଶଳଗତ ନିଷ୍ପତ୍ତି ନେବାରେ ସହାୟତା କରିବା ସହିତ ରାଜ୍ୟର ବିଦ୍ୟୁତ୍ ସରବରାହ ବ୍ୟବସ୍ଥାର ସମନ୍ୱୟ ରକ୍ଷା କରିବା ପାଇଁ ଏକ ଭରସାଯୋଗ୍ୟ ଡିଜିଟାଲ ପ୍ଲାଟଫର୍ମ ଭାବେ କାର୍ଯ୍ୟ କରିବ । ଏହି ପଦକ୍ଷେପ ରାଜ୍ୟ ସରକାରଙ୍କ ଶିଳ୍ପ ନୀତିର ମୂଳ ଆଧାର ଭାବେ ଥିବା ସ୍ୱଚ୍ଛତା ଏବଂ ବ୍ୟବସାୟ କରିବାର ସହଜତା ମନ୍ତ୍ରକୁ ସ୍ପଷ୍ଟଭାବେ ପ୍ରତିଫଳିତ କରେ ବୋଲି ଉପମୁଖ୍ୟମନ୍ତ୍ରୀ ସିଂହଦେଓ କହିଛନ୍ତି।

# ଚାନ୍ଦିଭଣ୍ଡାର ଷ୍ଟୋର ସଂଖ୍ୟା ୨୬କୁ ବୃଦ୍ଧି



**ଭୁବନେଶ୍ୱର,୯।୧(ଅନୁରାଧା ମହାରଣା)**

ଓଡ଼ିଶାର ଅଗ୍ରଣୀ ରୁପା ଗହଣା ଓ ଲାଇଫ୍ ଷ୍ଟାଇଲ୍ ବ୍ରାଣ୍ଡ ଚାନ୍ଦି ଭଣ୍ଡାରର ନୂଆ ଏକ ଷ୍ଟୋର କଟକ ଲିଙ୍କରୋଡ୍‌ରେ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଏହାକୁ ମିଶାଇ ଚାନ୍ଦି ଭଣ୍ଡାରର ଷ୍ଟୋର ସଂଖ୍ୟା ୨୬ରେ ପହଞ୍ଚିଛି। ଅନ୍ୟପଟେ ପଟିଆରେ ଥିବା ଏହା ଦ୍ୱିତୀୟ ଷ୍ଟୋରର ପୁନଃ ଉଦ୍‌ଘାଟନ କରାଯାଇଛି। ଏନେଇ ଆୟୋଜିତ ଖବରଦାତା ସମ୍ମିଳନୀରେ ଚାନ୍ଦି ଭଣ୍ଡାରର ନିର୍ଦ୍ଦେଶିକା ଲିପସା ହଂସ ଏବଂ ନିର୍ଦ୍ଦେଶକ ମାଣିକ ଉଭୟ ଷ୍ଟୋର ବିଷୟରେ ବିସ୍ତୃତ ସୂଚନା ଦେଇଛନ୍ତି। ପଟିଆର ୩୦୦୦ ବର୍ଗଫୁଟ୍ ପରିମିତ ଷ୍ଟୋରରେ ବ୍ୟାପକ ଡିନର ୱେର୍ ସହ ମହିଳା, ପୁରୁଷ ଓ ଶିଶୁ ବର୍ଗରେ ସ୍ୱତନ୍ତ୍ର ସିଗ୍ନେଚର କଲେକ୍ସନ ଉପଲବ୍ଧ କରାଯାଇଛି। ସେହିପରି ଲିଙ୍କରୋଡ୍‌ରେ ୨୦୦୦ ବର୍ଗଫୁଟ୍ ପରିମିତ ସ୍ଥାନରେ ୨ ମହଲା ବିଶିଷ୍ଟ ଶୋ'ରୁମ୍‌ରେ ଟ୍ରେଜର୍ସ, ଆମୋଘ, ବ୍ଲିଙ୍ଗ୍, ଆର୍ଯ୍ୟ, ପାର୍ଟି ଏଡିଟ୍, ଭିନସ୍ ଏବଂ ପାୟଲ ଆଦି ବ୍ୟାପକ କଲେକ୍ସନ ରହିଛି। ଏହି ଅବସରରେ ଉଭୟ ଷ୍ଟୋରରେ ସ୍ୱତନ୍ତ୍ର ଅଫର ମଧ ଘୋଷଣା କରାଯାଇଛି। ବିଭିନ୍ନ ଗହଣା ଉପରେ ଗ୍ରାହକ ୧୦% ପର୍ଯ୍ୟନ୍ତ ରିହାତି ପାଇବେ। ଏହି ଅଫର ଜାନୁଆରୀ ୨୪ ଯାଏ ଉପଲବ୍ଧ ହେବ। ଚାନ୍ଦି ଭଣ୍ଡାରର ନିର୍ଦ୍ଦେଶିକା ଲିପ୍‌ସା ହଂସ କହିଛନ୍ତି, ଉଭୟ ଶୋ'ରୁମ୍‌ର ଶୁଭାରମ୍ଭ ଆମ ପାଇଁ ଏକ ଉତ୍ସାହଜନକ ମାଇଲଖୁଣ୍ଟ। ରୁପାକୁ ଏହାର ବହୁ ବିଶୋଧିତ ଏବଂ ସମସାମୟିକ ରୂପରେ ପାଳନ ଜାରି ରଖି ଗ୍ରାହକ ଅନୁଭୂତି ବଢ଼ାଇବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

**ଲିଙ୍କ୍‌ରୋଡ, ପଟିଆ ଷ୍ଟୋରେ ସ୍ୱତନ୍ତ୍ର ଅଫର୍**

# ଅରୁନ୍ଧତୀ ଜୁଏଲର୍ସଙ୍କୁ 'ବେଷ୍ଟ ସିଏସ୍ଆର ଇମ୍ପାକ୍ଟ' ସମ୍ମାନ

**ଭୁବନେଶ୍ୱର,୯।୧(ଅନୁରାଧା ମହାରଣା)**



ଅରୁନ୍ଧତୀ ଜୁଏଲର୍ସ ଜାତୀୟ ସ୍ତରରେ 'ଦ ରିଟେଲ୍ ଜୁଏଲର୍ସ ଇଣ୍ଡିଆ ସପୋର୍ଟେଡ୍ ବାଏ ଡେଲୋଏଟ୍' ପକ୍ଷରୁ ଅନୁଷ୍ଠିତ ଏମ୍‌ଡି ଆଣ୍ଡ୍ ସିଇଓ ସମ୍ମାନ ଉତ୍ସବରେ 'ବେଷ୍ଟ ସିଏସ୍ଆର ଇମ୍ପାକ୍ଟ-୨୦୨୬' ସମ୍ମାନରେ ସମ୍ମାନିତ ହୋଇଛି। ମୁମ୍ବାଇସ୍ଥିତ ଏକ ହୋଟେଲ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅରୁନ୍ଧତୀ ଗ୍ରୁପର ଯୁବ ନିର୍ଦ୍ଦେଶକ ପ୍ରତୀକ ମେହେର ଏହି ସମ୍ମାନ ଗ୍ରହଣ କରିଛନ୍ତି। ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ମିଳିଥିବା ସୂଚନାନୁସାରେ ଅରୁନ୍ଧତୀ ପକ୍ଷରୁ ବିଗତ ଦିନରେ ୧୦୦୦ ୟୁନିଟ୍‌ରୁ ଉର୍ଦ୍ଧ୍ୱ ରକ୍ତଦାନ ସଂଗ୍ରହ କରାଯାଇଛି। ଏହାସହ ରଥଯାତ୍ରା ସମୟରେ ପୁରୀ ବଡ଼ଦାଣ୍ଡରେ ୧୫ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କୁ ଅନ୍ନପ୍ରସାଦ ବଣ୍ଟନ କରାଯାଇଥିଲା। ସାମାଜିକ ଉନ୍ନତି ସହ ସାଂସ୍କୃତିକ ସଂରକ୍ଷଣର ପ୍ରଚାରପ୍ରସାର ପାଇଁ ବଲାଙ୍ଗୀରରେ ଯଜ୍ଞ ମଣ୍ଡପ ଓ କଲ୍ୟାଣ ମଣ୍ଡପ ଆଦି ନିର୍ମାଣ ସହ ୩ ହଜାର ଲୁମ୍ ବିଶିଷ୍ଟ ଅତ୍ୟାଧୁନିକ ହ୍ୟାଣ୍ଡଲୁମ୍ ପାର୍କ ନିର୍ମାଣ କରି ୫ ହଜାର ବୁଣାକାରଙ୍କ ପ୍ରତିଭା ଓ ଓଡ଼ିଶାର ବାନ୍ଧକଳାକୁ ବିଶ୍ୱ ବଜାରରେ ଏକ ବିଶେଷ ପରିଚୟ ଦେବାକୁ ପ୍ରୟାସ କରିଛି। ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ସିଏସ୍ଆର୍ କାର୍ଯ୍ୟକ୍ରମ କରାଯାଉଛି। ଏ ଅବସରରେ ବ୍ରହ୍ମାନନ୍ଦ କହିଛନ୍ତି, ବ୍ୟବସାୟ ସହ ସମାଜ ପାଇଁ ଓ ନିଜ ମାଟି ଲାଗି କିଛି କରିବାର ଦୃଢ଼ ସଂକଳ୍ପ ସହ ଅରୁନ୍ଧତୀ ଜୁଏଲର୍ସ ଆଗାମୀ ଦିନରେ ମଧ୍ୟ ନିଜର ସାମାଜିକ ପ୍ରତିବଦ୍ଧତାକୁ ଜାରି ରଖିବା ସହିତ ଏହି ସମ୍ମାନ ରାଜ୍ୟବାସୀଙ୍କୁ ସମର୍ପଣ କରିବୁ।

# ନିୟୁ 'କିଆ ସେଲ୍ଟସ'ର ବଜାର ପ୍ରବେଶ



**ଫୁଲନଖରା ୯।୧**
**(ସତ୍ୟରଞ୍ଜନ ଦାସମହାପାତ୍ର)**

ପାହଲସ୍ଥିତ 'କିଆ ଇଣ୍ଡିଆ'ର ସ୍ୱୀକୃତିପ୍ରାପ୍ତ ଡିଲର୍ ସେଣ୍ଟ୍ରାଲ କିଆ ଶୋ' ରୁମ ପକ୍ଷରୁ ନିୟୁ କିଆ ସେଲ୍ଟସ୍ ବଜାର ପ୍ରବେଶ କରାଯାଇଛି। ଏହି ଅବସରରେ ୟୁନିଅନ ବ୍ୟାଙ୍କର ଡିଜିଏମ୍ ନିରଞ୍ଜନ ବାରିକ, ୟୁକୋ ବ୍ୟାଙ୍କ (ସିଏମ୍ ରିଟେଲ)ସତ୍ୟବ୍ରତ ସାହାଣୀ, ବ୍ୟାଙ୍କ ଅଫ୍ ବରୋଦାର ଡିଆର୍‌ଏମ୍ ରାଜୀବ ସିହ୍ନା ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସେଣ୍ଟ୍ରାଲ କିଆର ମ୍ୟାନେଜିଂ ଡାଇରେକ୍ଟର ବିଶାଲ ଧାୱନ ଏବଂ କିଆ ଇଣ୍ଡିଆର ଏରିଆ ମ୍ୟାନେଜର ହେମନ୍ତ ମିଶ୍ର ଓ ସେଲସ୍ ଜେନେରାଲ ମ୍ୟାନେଜର ଚମ୍ପକରାଜ ନନ୍ଦ ଉପସ୍ଥିତ ଥିଲେ। କିଆ ଏହାର ଅତ୍ୟାଧୁନିକ ଡିଜାଇନ ଏବଂ ଉନ୍ନତ ଫିଚର ସହିତ ଏହି ବର୍ଗରେ ଏକ ନୂତନ ଚାଳନା ଅଭିଜ୍ଞତା ଦେଇପାରିବ। ଏହାର ବାହାର ଆକୃତି ଏକ ଶକ୍ତିଶାଳୀ ଉପସ୍ଥିତିକୁ ଦର୍ଶାଇଥାଏ ଓ ଏହାର ଆଭ୍ୟନ୍ତରୀଣ ଡିଜାଇନ 'ନିୟୁ କିଆ ସେଲ୍ଟସ'ର ବିଶାଳ ଅତ୍ୟାଧୁନିକ ଡିଜାଇନକୁ ଦର୍ଶାଉଛି। କିଆ ସେଲ୍ଟସ କେବଳ ଏହାର ବାହ୍ୟ କିମ୍ବା ଆଭ୍ୟନ୍ତରୀଣ ଡିଜାଇନ ପାଇଁ ଉତ୍କୃଷ୍ଟ ତାହା ନୁହେଁ, ପରନ୍ତୁ ଏହା ଅତ୍ୟାଧୁନିକ ୨୧ଟି ଅଟୋନୋମସ ଆଡାସ୍ ଲେଭେଲ ୨.୦, ଯାହାକି ଚାଳକଙ୍କ ସୁବିଧା ଓ ସୁରକ୍ଷା ପାଇଁ ଉତ୍ସର୍ଗୀକୃତ । ଏହା ମଧ୍ୟ ଅଡ୍ାପ୍ଟିଭ କ୍ରୁଜ୍ କଣ୍ଟ୍ରୋଲ, ଲେନ କିପ ଆସିଷ୍ଟ, କଲିଜନ ଆଭଏଡାନ୍ସ ଏବଂ ଆହୁରି ଅନେକ ନୂତନ ଫିଚର ସମ୍ବଳିତ, ଯାହା ଆପଣଙ୍କୁ ସୁରକ୍ଷିତ ଏବଂ ଆରାମଦାୟକ ଯାତ୍ରାର ଅନୁଭୂତି ଦେବା ସହିତ ୪୬ ଭାରିଏଣ୍ଟ ସହିତ ମାର୍କେଟରେ ପ୍ରବେଶ କରିଛି।

# ଡ଼ା. ଆଲେକ୍ସଜାଣ୍ଡର ଦାସ ଆସୋଚାମ ଓଡ଼ିଶା ରାଜ୍ୟ ଶିକ୍ଷା ପରିଷଦ ଅଧ୍ୟକ୍ଷ

**ଭୁବନେଶ୍ୱର,୯।୧**

୪.୫ ଲକ୍ଷରୁ ଅଧିକ ସଦସ୍ୟଙ୍କୁ ପ୍ରତିନିଧିତ୍ୱ କରୁଥିବା ଦି ଆସୋସିଏଟେଡ୍ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଅଫ୍ ଇଣ୍ଡିଆ (ଆସୋଚାମ) ଓଡ଼ିଶା ରାଜ୍ୟ ଶିକ୍ଷା ପରିଷଦର ଅଧ୍ୟକ୍ଷ ଭାବେ କଳିଙ୍ଗ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍‌ସର ଅଧ୍ୟକ୍ଷ ଭାବେ ଡା. ଆଲେକ୍ସଜାଣ୍ଡର ଦାସଙ୍କୁ ନିଯୁକ୍ତ କରାଯାଇଛି। ଏହି ନିଯୁକ୍ତି ସହ ଓଡ଼ିଶାରେ ଆସୋଚାମ ଦ୍ୱାରା ପରିଚାଳିତ ଶିକ୍ଷା, ଉଚ୍ଚଶିକ୍ଷା, କୌଶଳ ବିକାଶ, ବୃତ୍ତିମୂଳକ ପ୍ରଶିକ୍ଷଣ, ଏଡ୍‌ଟେକ୍ ଏବଂ ଶିକ୍ଷାଶିଳ୍ପ ସହଯୋଗ ସମ୍ପର୍କିତ ସମସ୍ତ ପଦକ୍ଷେପ ଡ଼ା. ଦାସଙ୍କ ନେତୃତ୍ୱରେ ଆଗକୁ ବଢ଼ିବ।


**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, GANJAM [R&B] DIVISION NO.II, BERHAMPUR**
No.B-946
Phone/Fax : 0680-2233996, e-mail : sernb2.ganjam@gmail.com
INVITATION FOR BIDS (IFB) [e-Procurement]
**TENDER CALL NOTICE**
**Bid Identification No. SC (R&B)-GM-II-28/2025-26 No. Dated.06.01.2026**

1) The Superintending Engineer, Ganjam [R&B] Division No.II, Berhampur on behalf of Governor of Odisha invites **percentage rate bid** in single cover system to be received in **ONLINE MODE** only for the work as detailed below :
2) Nature of Work : Electrical work
3) No. of work : 07 Nos.
4) Tender Cost : Rs.4,000/- & Rs.6,000/-
5) Class of Contractor : HT/LT of registered with the ELBO Authorized HT License
6) Availability of bid documents in the website : From 12.01.2026 10.00 AM to 21.01.2026 4.00 P.M.
7) Date of opening of Bid : 22.01.2026 at 11.30 A.M.
8) The Bidders have to participate in ONLINE bidding only. Further details can be seen from the website https://tendersorissa.gov.in

Sd./- (S. Panigrahy)
Superintending Engineer
Ganjam (R&B) Division No.II
OIPR-



ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ନବରଙ୍ଗପୁର-୭୬୪୦୫୯
Ph:(06858)- 222568 (Off), E-mail:dpcnawrangssa.opepa@od.gov.in
No.74/PED/26 **NOTICE INVITING TENDER (NIT)** Dated 09.01.2026

Sealed tenders are invited from the reputed & credible printers/firms/agencies for printing & supply of "Question cum Answer Sheets, Answer key & Oral questions" for SA-II for Class-I to IV and VI, VII and Annual Examination for Class-V & VIII 2026 students in two bid systems (Technical & Commercial Bid) as detailed below.

| Name of the Tender | Bid Processing fees | Amount of EMD | Last Date & Time of receipt of Bid | Date & time of opening of Technical Bid |
|---|---|---|---|---|
| Printing & Supply of Question cum Answer Sheet for SA-II for Class-I to IV and VI, VII and Annual Examination for Class-V & VIII 2026 Students | Rs.1000/- | Rs.75,000/- | 30.01.2026 5.30 PM | 31.01.2026 11.00 AM |

The detailed BID document is available in the website www.osepa.odisha.gov.in & www.nabarangpur.odisha.gov.in (website details to be given). Interested and eligible agency/firm may download BID DOCUMENT from the above website and apply accordingly. Corrigendum/addendum, if required, will be uploaded in the above website. Hence potential bidders are requested to be in continuous touch with the above website. The Tender Inviting Authority (TIA) reserves the right to accept/ reject any full or part/ all BID/ cancel the entire selection process at any stage without assigning any reason thereof.

Sd./- District Project Coordinator, Samagra Shiksha, Nabarangpur



**OFFICE OF THE SUPERINTENDING ENGINEER ELECTRICAL CIRCLE (R&B) NIRMAN SOUDHA, BHUBANESWAR**
E-mail : seec.bbsr2010@gmail.com
**Bid Identification No.S.E.E.C (R&B) 26/2025-26**
**No 4694/Date 26.12.2025/**

**No.B-907** : The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in :https://tendersorissa.gov.in. The details of bid documents will be available in the above website from dt.13.01.2026 at 05.00 P.M. to dt.29.01.2026 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt.30.01.2026 at 11.30 A.M. in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

Sd./- Superintending Engineer
Electrical Circle (R&B), Odisha, BBSR
OIPR-



**GOVERNMENT OF ODISHA, "e"-PROCUREMENT NOTICE**
**OFFICE OF THE SUPERINTENDING ENGINEER, KHARIAR (R&B) DIVISION, KHARIAR**
E-mail : eeroads.khr@rediffmail.com
No.B-926 No. 31 Date : 02.01.2026
**Invitation For Bids**
**Bid Identification No. SER&BKHR - 19/2025-26**

| | | |
|---|---|---|
| 1 | The Superintending Engineer, Khariar (R&B) Division. Khariar on behalf of Governor of Odisha, invites percentage rate Composite (Civil+EI+PH) bids in Double Cover system in ONLINE MODE only. | |
| 2 | Nature of work | Development of Tourism Infrastructure at Patalganga, Boden Block |
| 3 | No. of work | 01 No. work |
| 4 | Tender Paper cost | As specified in the notice for the respective Work, to be remit online only |
| 5 | Class of Contractor | As specified in the notice for the respective Work |
| 6 | Availability of Bid documents in the website | 10.00 hours of 13.01.2026 to 17.00 hours of 27.01.2026 |
| 7 | Date of opening of Technical Bid | Dt.28.01.2026 at 11:00 hours |
| 8 | EMD/Bid Security | As specified in the notice to be remitted online only |
| 9 | The Bidders shall have to participate in ONLINE bidding only. Further details can be seen from the website : https://www.tendersodisha.gov.in. Any addendum / corrigendum / cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | |

Sd./- Superintending Engineer,
Kharíar (R&B) Division, Khariar
OIPR-



**ଦ.ପୂ. ରେଳପଥ – ଇ-ଟେଣ୍ଡର**

**ଟେଣ୍ଡର ବିଜ୍ଞପ୍ତି ନଂ. ପିସିଏମ୍‌ଏମ୍/ଜିଇଏନ୍‌ଏଲ୍/ଟିପି/୨୦୨୬/୦୨, ତାରିଖ: ୦୯।୦୧।୨୦୨୬ ।**
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଦ.ପୂ. ରେଳପଥ, ମୁଖ୍ୟ କାର୍ଯ୍ୟାଳୟ (୫ମ ମହଲା), ନୂତନ ପ୍ରଶାସନିକ ଭବନ, ୧୧, ଗାର୍ଡେନ୍ ରିଚ୍ ରୋଡ୍, କୋଲକାତା-୭୦୦୦୪୩ଙ୍କ ଦ୍ୱାରା "ଇ" ସଂଗ୍ରହଣ ପ୍ରଣାଳୀ ନିମନ୍ତେ ନିମ୍ନ ଅନୁଯାୟୀ ଖୋଲା ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହା ନିମ୍ନ ଅନୁଯାୟୀ ୱେବ୍‌ସାଇଟ୍ **www.ireps.gov.in**ରେ ଅପଲୋଡ୍ ହୋଇଛି । ସମସ୍ତ ଟେଣ୍ଡର **୧୪.୦୦** ଘଟିକାରେ ବନ୍ଦ ହେବ ।

| କ୍ର.ସଂ. | ଟେଣ୍ଡର ନଂ. | ବନ୍ଦ ତାରିଖ | ସଂକ୍ଷିପ୍ତ ବର୍ଣ୍ଣନା | ପରିମାଣ | ଇଏମ୍‌ଡି (₹) |
|---|---|---|---|---|---|
| ୧ | ୩୩୨୫୫୦୨୫ | ୦୬/୦୨/୨୦୨୬ | ଇମ୍ପ୍ରୁଭଡ ହାଇ ଟେନ୍‌ସାଇଲ ଟାଇଟ୍ ଲକ୍ ସେଣ୍ଟର ବଫର୍ କପ୍ଲର ଆଦି | ୬୮ ଗୋଟି | ୩,୮୩,୮୧୦/- |
| ୨ | ୩୩୨୫୫୦୨୭ଏ | ୧୬/୦୨/୨୦୨୬ | ନନ୍-ଏସି ଏୟାର୍ ସ୍ପ୍ରିଙ୍ଗ୍ ଟାଇପ୍ ଏଲ୍‌ଏଚ୍‌ବି ଫ୍ଲାଟ୍ ବଗି ପାଇଁ ବଗି ଫ୍ରେମ୍ ଆସେମ୍ବ୍ଲି ଆଦି | ୮୦ ଗୋଟି | ୪,୮୯,୯୪୦/- |
| ୩ | ୩୩୨୫୧୪୭୩ | ୧୯/୦୨/୨୦୨୬ | କ୍ରସ୍ ମେମ୍ବର ଆଦି | ୨୪୬୦ ଗୋଟି | ୧,୧୨,୩୨୦/- |
| ୪ | ୩୩୨୫୩୦୯୩ବି | ୦୩/୦୨/୨୦୨୬ | ଗ୍ୟାଙ୍ଗୱେ ବ୍ରିଜ୍ ମାଉଣ୍ଟିଂ ଆଦି | ୧୬୬୦ ଗୋଟି | ୧,୮୧,୩୩୦/- |
| ୫ | ୬୫୨୫୫୦୬୦ଏ | ୦୩/୦୨/୨୦୨୬ | ଟ୍ରାଭର୍ସର୍ ୮୦ଟି ପିଟ୍ ଟାଇପ୍ | ୦୧ ଗୋଟି | ୩,୧୨,୦୦୦/- |
| ୬ | ଆଇଏଫ୍୨୫୬୧୮୩ | ୨୯/୦୧/୨୦୨୬ | ଫ୍ରିକ୍ସନ୍ ବଫର୍ ଷ୍ଟପର ଡିଜାଇନ୍, ଯୋଗାଣ ଓ କମିଶନିଂ | ୨୨ ଗୋଟି | ୩,୯୯,୬୮୦/- |
| ୭ | ୬୫୨୫୫୦୩୯ସି | ୧୯/୦୨/୨୦୨୬ | ୫୦ଟି ଟ୍ରାଭର୍ସରର ଯୋଗାଣ, ସଂସ୍ଥାପନ, ପରୀକ୍ଷଣ, କମିଶନିଂ ଏବଂ ପ୍ରୁଭିଂ | ୦୧ ଗୋଟି | ୨,୩୬,୪୮୦/- |
| ୮ | ୬୫୨୫୫୦୧୯ସି | ୦୫/୦୨/୨୦୨୬ | ଇଓଟି ୪୦/୧୦ ଟନ୍‌ର ଯୋଗାଣ, ସଂସ୍ଥାପନ ଏବଂ କମିଶନିଂ | ୦୨ ଗୋଟି | ୩,୭୦,୦୦୦/- |
| ୯ | ୬୫୨୫୫୦୨୨ଏ | ୦୫/୦୨/୨୦୨୬ | ୩୦ ଟନ୍ କ୍ଷମତାର ଇଓଟି କ୍ରେନ୍ | ୦୨ ଗୋଟି | ୨,୯୪,୦୦୦/- |
| ୧୦ | ୬୫୨୫୫୦୬୬ସି | ୧୯/୦୨/୨୦୨୬ | ୫୦ ଟନ୍ ଇଓଟି କ୍ରେନ୍ | ୦୧ ଗୋଟି | ୨,୬୩,୦୯୦/- |
| ୧୧ | ୬୫୨୫୫୦୫୭ଏ | ୧୨/୦୨/୨୦୨୬ | ଇଓଟି କ୍ରେନ୍ ୧୫ ଟନ୍ ଆଦି | ୦୨ ଗୋଟି | ୪,୫୪,୦୦୦/- |
| ୧୨ | ୨୯୨୫୩୨୪୪ଏ | ୨୮/୦୧/୨୦୨୬ | ରୋଟର ଶାଫ୍ଟ (ଫିନିଶ୍ ମେଶିନ୍‌ଡ) | ୮୨ ଗୋଟି | ୧,୪୫,୦୯୦/- |
| ୧୩ | ୨୯୨୫୩୧୬୯ଏ | ୦୨/୦୨/୨୦୨୬ | ଭିଜିଲାନ୍ସ କଣ୍ଟ୍ରୋଲ ଡିଭାଇସ୍ (ଭିସିଡି) କମ୍ପ୍ଲାଇଙ୍ଗ | ୩୧ ଗୋଟି | ୧,୨୮,୯୬୦/- |
| ୧୪ | ୬୦୨୫୫୫୬୧ | ୦୪/୦୨/୨୦୨୬ | ୨୫ଟି ଏକ୍ସିଲ୍ ଲୋଡ୍ ପାଇଁ ୱାଇଡର୍ ପ୍ରି-ଷ୍ଟ୍ରେସ୍‌ଡ କଂକ୍ରିଟ୍ ସ୍ଲିପରର ବିନିର୍ମାଣ ଓ ଯୋଗାଣ ଆଦି । | ୧୫୦୦ ସେଟ୍ | ୧୪,୧୭,୮୧୦/- |
| ୧୫ | ୬୦୨୫୫୫୬୨ | ୧୨/୦୨/୨୦୨୬ | ବି.ଜି. ୬୦ କିଗ୍ରା ପାଇଁ ୨୫ଟି ଏକ୍ସିଲ ଲୋଡ୍ ନିମନ୍ତେ ୱାଇଡର୍ ପ୍ରି-ଷ୍ଟ୍ରେସ୍‌ଡ କଂକ୍ରିଟ୍ ସ୍ଲିପରର ବିନିର୍ମାଣ ଓ ଯୋଗାଣ ଆଦି | ୧୦୦୦୦ ଗୋଟି | ୮,୫୯,୨୮୦/- |
| ୧୬ | ୩୩୨୫୩୨୮ବି | ୧୦/୦୨/୨୦୨୬ | ଫିଆଟ୍ ବଗି ପାଇଁ ଏୟାର୍ ସ୍ପ୍ରିଙ୍ଗ୍ ସହ ସେକେଣ୍ଡାରୀ ଲାଟେରାଲ ଡାମ୍ପର | ୨୫୭୦ ଗୋଟି | ୩,୧୬,୬୦୦/- |

ଟେଣ୍ଡରର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ପାଇଁ ଏବଂ ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତା ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ବି.ଦ୍ର.:** ଅନ୍ୟ ସମସ୍ତ ଟେଣ୍ଡର ଏବଂ ତତ୍‌ପଶ୍ଚାତ୍ ପ୍ରକାଶିତ କୌଣସି ଶୁଦ୍ଧିପତ୍ର ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି । (PR-1048)



**GOVERNMENT OF ODISHA**
**OFFICE OF THE EXECUTIVE ENGINEER RURAL WORKS DIVISION-II, SUNDARGARH**
No.O-1975
E-Mail : rw_rourkela@yahoo.co.in
**TENDER CALL NOTICE**
**BID IDENTIFICATION NO. ONLINE-EERKL-26 of 2025-26**

1. Name of the Work : Road and Bridges Works, 2. Total No. of works : 11 (Eleven) Nos., 3. Estimated cost : Rs.7.46 Lakhs to 46.61 Lakhs, 4. Class of contractor : "D" & "C" & "B" Class, 5. Period of completion : 01 (One) Calendar months, 6. Type of Tender : Single Cover, 7. Other details :

| Procurement Officer | Bid Identification No. | Availability of Tender on-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| **Executive Engineer, Rural Works Division-II, Sundargarh** | **Online - EERKL-26 of 2025-26** | **12.01.2026 from 10.00 A.M.** | **17.01.2026 upto 5.00 P.M.** |

Further details can be seen from the website www.tendersodisha.gov.in

Sd./- Executive Engineer
RW Division-II, Sundargarh
OIPR-



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER RURAL WORKS DIVISION-I, KEONJHAR**
No.O-1952
Tel. 06766-258094(O), Mail : eerw1_kjr@yahoo.com
**e-Procurement Notice for Road works**
**Identification No. Online NCB - 16/2025-26**

1. Name of the Work : 18 No. Road Works, 2. Total Number of Work : 18 No., 3. Estimated Cost : Rs.5.98 Lakhs to 47.10 Lakhs, 4. Class of Contractor : "D, C" & "B" Class, 5. Period of Completion : As per annexure of e-Procurement Notice No. **16 of 2025-26**, 6. Other Details :

| Procurement officer | Bid Identification No. | Availability of tender online for bidding | | Last Date & Time of seeking Tender Clarification | Date & Time of Opening of Tender in O/o S.E., R.W. Division, Keonjhar |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division-I, Keonjhar | Road Online NCB No.16 | Dt.12.01.2026 at 11.00 A.M. | Dt.20.01.2026 up to 5.00 P.M. | Dt.19.01.2026 up to 5.00 P.M. | Dt.21.01.2026 at 11.00 A.M. |

Further details can be seen from the website www.tenderorissa.gov.in

Sd./- Superintending Engineer
R.W. Division-I, Keonjhar
OIPR-



idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
No. CAD-2949
**OFFICE OF THE DIVISIONAL HEAD, WS & EC DIVISION-I, IDCO, IDCO TOWERS, BHUBANESWAR - 751022**
Tender Call Notice No. WS & EC-I/D2-225/2025-26/3704 Dated: 31.12.2025
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

| Sl. No. | Name of Work | Value of Work (Approx.) | Period of Completion |
|---|---|---|---|
| 1. | Supply, Installation, Testing and commissioning of online Continuous Effluent Quality Monitoring System (CEQMS) at CETP, Sea Food Park Deras | Rs.28.10 lakhs | 02 (Two) Calendar Months |

**1. Other details**

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Divisional Head, WS & EC Division-I, IDCO, IDCO Towers, Bhubaneswar - 751022 | Bid ID No. WS & EC-I/ EST/E-05/ 2025-26 | 16.00 hours of Dt.12.01.2026 | 16.00 hours of Dt.27.01.2026 |

Further details can be seen from the e-Procurement Portal **www.tendersodisha.gov.in**. Corrigendum or addendum if any will not be published in News Papers and can only be seen in the e-procurement portal **www.tenderodisha.gov.in** as well as IDCO website **www.idco.in**.

Sd./- Divisional Head
WS&EC Divn.-I, IDCO, Bhubaneswar
OIPR:






ନୂଆପଲ୍ଲୀ ଏକାମ୍ର କାନନସ୍ଥିତ ବଟାନିକାଲ ଗାର୍ଡେନଠାରେ ଆରମ୍ଭ ହୋଇଥିବା 'ବାର୍ଷିକ ପୁଷ୍ପ ପ୍ରଦର୍ଶନୀ'ରେ ଓଡ଼ିଶାର ଐତିହ୍ୟ ଓ ସଂସ୍କୃତିକୁ ନେଇ ଫୁଲରେ ତିଆରି କଳାକୃତି, ଆକର୍ଷଣୀୟ ପ୍ରବେଶ ପଥ ଓ 'ଅପରେଶନ ସିନ୍ଦୁର'। (ଫଟୋ – ବିକାଶ ନାୟକ)




# ଆରମ୍ଭ ହେଲା 'ବାର୍ଷିକ ପୁଷ୍ପ ପ୍ରଦର୍ଶନୀ'

## 'ପ୍ରକୃତି, ପରମ୍ପରା ଓ ପୁଷ୍ପର ପର୍ବ'

ଭୁବନେଶ୍ୱର,୯।୧
(ସୌମ୍ୟରଞ୍ଜନ ରାଉତ)

ରାଜଧାନୀର ଆକର୍ଷଣୀୟ ଶୀତକାଳୀନ କାର୍ଯ୍ୟକ୍ରମ 'ବାର୍ଷିକ ପୁଷ୍ପ ପ୍ରଦର୍ଶନୀ' ଶୁକ୍ରବାରଠାରୁ ଏକାମ୍ର କାନନସ୍ଥିତ ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର (ଆର୍‌ପିଆର୍‌ସି)ର ବଟାନିକାଲ ଗାର୍ଡେନଠାରେ ଆରମ୍ଭ ହୋଇଛି। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଛନ୍ତି। ପ୍ରଦର୍ଶନୀର ପୁଷ୍ପ ସଜ୍ଜିତ ପ୍ରବେଶ ଦ୍ୱାର ଓ ପ୍ରାକୃତିକ ସୌନ୍ଦର୍ଯ୍ୟରେ ବିମୋହିତ ହୋଇ ମନ୍ତ୍ରୀ କହିଲେ, ଏହା ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ଦର୍ଶକଙ୍କୁ ନିଶ୍ଚୟ ଆକୃଷ୍ଟ କରିବ। ଏଥିସହ ଏଠାରେ ଥିବା ଅତ୍ୟାଧୁନିକ ଟିସୁ କଲ୍‌ଚର ଲାବରେଟୋରି ମାଧ୍ୟମରେ କଦଳୀ, ଅର୍କିଡ୍ ଏବଂ ବିଭିନ୍ନ ଫୁଲଗଛର ବହୁଳ ବଂଶ ବୃଦ୍ଧି କରାଯାଉଥିବାରୁ ଏହା ରାଜ୍ୟର ପରିବେଶ ସୁରକ୍ଷା ଓ କୃଷି କ୍ଷେତ୍ର ପାଇଁ ବିଶେଷ ସହାୟକ ହେବ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଗବେଷଣା କ୍ଷେତ୍ରରେ ଅଧିକ ଉନ୍ନତି ପାଇଁ ଆର୍‌ପିଆର୍‌ସି ପକ୍ଷରୁ ସିକିମ୍‌ର ନ୍ୟାଶନାଲ ରିସର୍ଚ୍ଚ ସେଣ୍ଟର ଫର୍ ଅର୍କିଡ୍ସ (ଏନ୍‌ଆର୍‌ସିଓ), ଲକ୍ଷ୍ନୌର ନ୍ୟାଶନାଲ ବଟାନିକାଲ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ (ଏନ୍‌ବିଆର୍‌ଆଇ), ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମିନେରାଲ ଆଣ୍ଡ ମ୍ୟାଟେରିଆଲ ଟେକ୍ନୋଲୋଜି (ଆଇଆଇଏମ୍‌ଟି) ସହିତ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ, ଜଙ୍ଗଲ ଓ ପରିବେଶ ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ପିସିସିଏଫ୍ ସୁରେଶ ପନ୍ତ ଏବଂ ଆର୍‌ପିଆର୍‌ସିର ମୁଖ୍ୟ ନିର୍ବାହୀ ସୁଧାଂଶୁ ଶେଖର ଖୋରା ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଆର୍‌ପିଆର୍‌ସି ଏବଂ ପ୍ଲାଣ୍ଟ ଲଭର୍ସ ଆସୋସିଏଶନର ମିଳିତ ସହଯୋଗରେ ଆୟୋଜିତ ବାର୍ଷିକ ପୁଷ୍ପ ପ୍ରଦର୍ଶନୀର ଏହା ହେଉଛି ୩୭ତମ ସଂସ୍କରଣ। ଚଳିତବର୍ଷର ଥିମ୍ ରହିଛି 'ପ୍ରକୃତି, ପରମ୍ପରା ଓ ପୁଷ୍ପର ପର୍ବ'। ଏହି ପ୍ରଦର୍ଶନୀ ଆସନ୍ତା ୧୧ ପର୍ଯ୍ୟନ୍ତ ପ୍ରତିଦିନ ସକାଳ ୮ଟା ୩୦ରୁ ରାତି ୮ଟା ୩୦ ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପାଇଁ ଖୋଲା ରହିବ ବୋଲି ସୂଚନା ଦିଆଯାଇଛି।




ପୁଷ୍ପ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବା ଅବସରରେ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆଙ୍କ ସହ ଅନ୍ୟ ଅତିଥି।

### ଫୁଲରେ 'ଅପରେଶନ ସିନ୍ଦୂର', ଓଡ଼ିଶାର ପରିବେଶ ଐତିହ୍ୟ

ଦେଶୀ ଓ ବିଦେଶୀ ପ୍ରଜାତିର ଗୋଲାପ, ଗ୍ଲାଡିଓଲସ, ଜର୍‌ବେରା, ପେଟୁନିଆ, ଲିଲି, ଅର୍କିଡ, ଆଷ୍ଟର୍ ଏବଂ ଶୀତକାଳୀନ ଋତୁକାଳୀନ ପୁଷ୍ପର ଆକର୍ଷଣୀୟ ପ୍ରଦର୍ଶନୀ ଦର୍ଶକଙ୍କୁ ମୁଗ୍ଧ କରୁଛି। ପ୍ରାକୃତିକ ଥିମ୍ ଆଧାରିତ ପୁଷ୍ପ ବିନ୍ୟାସ, ଫୁଲରେ ତିଆରି କଳାକୃତି, ଫୁଲ ମାଧ୍ୟମରେ ଓଡ଼ିଆ ସଂସ୍କୃତି ଓ ପରମ୍ପରାର ପ୍ରତିଫଳନ ପ୍ରଦର୍ଶନୀର ମୁଖ୍ୟ ଆକର୍ଷଣ ପାଲଟିଛି। ଏଥିସହ ଫୁଲରେ 'ଅପରେଶନ ସିନ୍ଦୂର' ଦେଶଭକ୍ତି ଓ ସାହସର ବାର୍ତ୍ତା ଦେଉଛି। ପ୍ରଥମ ଦିନରେ ଉଦ୍ୟାନ ପ୍ରେମୀ, ଛାତ୍ରୀଛାତ୍ର ଓ ସାଧାରଣ ନାଗରିକ ପ୍ରଦର୍ଶନୀ ବୁଲି ସୃଜନଶୀଳତାକୁ ଉତ୍ସାହିତ କରାଯିବା ସହ ପରିବେଶ ସଚେତନତା ଓ ପ୍ରକୃତି ପ୍ରତି ଆଗ୍ରହ ପରିପ୍ରକାଶ କରିଥିଲେ।

# ଗାଡ଼ି ଧକ୍କାରେ ୨ ସ୍କୁଟି ଆରୋହୀଙ୍କ ଜୀବନଗଲା

## ପରୀକ୍ଷା ଦେବାକୁ ଯାଇ ଶବ ହୋଇ ଫେରିଲେ


ବିକାଶ


ସୁଧାଂଶୁ

ଖୋର୍ଦ୍ଧା/ବାଣପୁର,୯।୧
(ପ୍ରଭାତ ପାଣିଗ୍ରାହୀ/ଦିଲୀପ ସ୍ୱାଇଁ)

୧୬ ନମ୍ବର ଜାତୀୟ ରାଜପଥର ଖୋର୍ଦ୍ଧା ସଦର ଥାନା ଅଧୀନ ଦଧିମାଛଗାଡ଼ିଆ ଛକ ନିକଟରେ ଶୁକ୍ରବାର ସକାଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଅଜଣା ଗାଡ଼ି ଧକ୍କାରେ ଦୁଇଜଣ ସ୍କୁଟି ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ ବାଣପୁର ଥାନା ଅଧୀନ ସାନହନ୍ତୁଆଡ଼ ଗ୍ରାମର ସୁଧାଂଶୁ ସୁନ୍ଦରାୟ (୨୨) ଏବଂ ବିକାଶ ବରାଳ(୨୦)। ଉଭୟ ଭୁବନେଶ୍ୱରର ଏକ ଘରୋଇ କଲେଜକୁ ପରୀକ୍ଷା ଦେବାକୁ ଯାଉଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ଖବରପାଇ ସଦର ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନା ମୁତାବକ, ସାନହନ୍ତୁଆଡ଼ର ସୁଧାଂଶୁ ଏବଂ ବିକାଶ ଏକ ସ୍କୁଟିରେ ଶୁକ୍ରବାର ଭୋରୁ ଭୁବନେଶ୍ୱରର ଏକ ଘରୋଇ କଲେଜକୁ ପରୀକ୍ଷା ଦେବାକୁ ଯାଉଥିଲେ। ଭୋର୍ ସମୟ ଥିବାରୁ ରାଜପଥରେ ଘନ କୁହୁଡ଼ି ରହିଥିଲା। ଦଧିମାଛଗାଡ଼ିଆ ଛକ ନିକଟରେ ସେମାନଙ୍କୁ ଏକ ଅଜଣା ଗାଡ଼ି ଧକ୍କା ଦେଇଥିଲା। ଉଭୟ ସ୍କୁଟି ସହ ତଳେ ପଡ଼ିଯାଇଥିବା ବେଳେ ଅଜଣା ଗାଡ଼ଟି ସେମାନଙ୍କୁ କିଛିବାଟ ଘୋଷାରି ନେବା ସହ ଚଢ଼ିଯାଇଥିଲା। ଘଟଣାସ୍ଥଳରେ ଉଭୟଙ୍କର ମୃତ୍ୟୁ ଘଟିଥିବା ବେଳ ସ୍କୁଟିଟି ଭାଙ୍ଗି ଚୂର୍‌ମାର ହୋଇଯାଇଛି।

### ଦୁର୍ଘଟଣାରେ ମା'ମୃତ, ପୁଅ ଗୁରୁତର

ଜଟଣୀ/ଝାଁଳା,୯।୧
(ରବୀନ୍ଦ୍ରନାଥ ମହାକୁଡ଼/ବୁଲା ବାରିକ)

ଇନ୍‌ଫୋଭ୍ୟାଲି ଥାନା ଅଧୀନ ଗଙ୍ଗପଡ଼ାଠାରେ ଶୁକ୍ରବାର ହାଇୱା ଚଢ଼ିଯିବାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସୁସ୍ମିତା ରଣା (୩୫)। ତାଙ୍କ ଘର ବାଲେଶ୍ୱର ଜିଲ୍ଲା ମୋତିଗଞ୍ଜ ଅଞ୍ଚଳରେ ହୋଇଥିବା ବେଳେ ସେ ଭୁବନେଶ୍ୱର ଲକ୍ଷ୍ମୀସାଗରରେ ରହୁଥିଲେ। ସୂଚନା ମୁତାବକ, ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ସୁସ୍ମିତା ତାଙ୍କ କୁନିପୁଅ ସହ ଏକ ସ୍କୁଟିରେ ଭୁବନେଶ୍ୱରରୁ ଖୋର୍ଦ୍ଧା ଅଭିମୁଖେ କୌଣସି କାର୍ଯ୍ୟରେ ଯାଉଥିଲେ। ଗଙ୍ଗପଡ଼ାଠାରେ ରାସ୍ତା ଏବଂ ବ୍ରିଜ୍ କାର୍ଯ୍ୟ ଜାରି ରହିଥିବାରୁ ଅପ୍ରୋଚ୍ ରୋଡ୍ ଦେଇ ଯିବା ସମୟରେ ଭାରସାମ୍ୟ ହରାଇ ରାସ୍ତାରେ ଛିଟିକି ପଡ଼ିଥିଲେ। ସେହି ସମୟରେ ଭୁବନେଶ୍ୱରପଟୁ ଆସୁଥିବା ଏକ ହାଇୱା ସୁସ୍ମିତାଙ୍କ ଉପରେ ଚଢ଼ିଯାଇଥିଲା। ତେବେ ସ୍କୁଟିରୁ ତାଙ୍କ କୁନିପୁଅ ତଳେ ପଡ଼ିଯିବାରୁ ଗୁରୁତର ଆହତ ହୋଇଥିଲା। ଖବରପାଇ ଇନ୍‌ଫୋଭ୍ୟାଲି ପୋଲିସ ପହଞ୍ଚି ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଏମ୍ସ ମେଡିକାଲ ପଠାଇଥିଲା। ସେଠାରେ ଡାକ୍ତର ସୁସ୍ମିତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୧୩/୨୬) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# କଳିଙ୍ଗ ହସ୍ପିଟାଲ ପକ୍ଷରୁ ଗ୍ଲୋବାଲ ହେଲ୍‌ଥ କର୍ମଶାଳା

ଭୁବନେଶ୍ୱର,୯।୧(ଅନୁରାଧା ମହାରଣା)



କଳିଙ୍ଗ ହସପିଟାଲ ଲିମିଟେଡ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ଅମେରିକୀୟ ଆସୋସିଏଶନ ଅଫ ଫିଜିସିଆନ୍ସ ଅଫ୍ ଇଣ୍ଡିଆନ ଅରିଜିନ (ଏଏପିଆଇ) ଗ୍ଲୋବାଲ ହେଲ୍‌ଥ କେୟାର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟ ସେବାର ନୂତନ ଜ୍ଞାନକୌଶଳ ଚିକିତ୍ସା ଓ ସର୍ବୋତ୍ତମ ପ୍ରଶିକ୍ଷଣ ଉପରେ ଆଲୋଚନା କରାଯାଇଥିଲା। ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ବାଶିଷ୍ଟ ଡାକ୍ତର, ସ୍ୱାସ୍ଥ୍ୟସେବା ବିଶେଷଜ୍ଞ ଓ ଚିକିତ୍ସା ପେଶାଜୀବୀ ଯୋଗଦେଇ ରୋଗୀ ସେବାର ଉନ୍ନତି, ପ୍ରଯୁକ୍ତି–ଭିତ୍ତିକ ସ୍ୱାସ୍ଥ୍ୟସେବା ଓ ନୈତିକ ଚିକିତ୍ସା ପ୍ରଚଳନ ଉପରେ ମତବ୍ୟକ୍ତ କରିଥିଲେ। କଳିଙ୍ଗ ହସ୍ପିଟାଲ ଅଧ୍ୟକ୍ଷ ତଥା ପ୍ରୋବାୟୋଟିକ ବୈଜ୍ଞାନିକ ଡ. ସୀତାକାନ୍ତ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜ ପାଇଁ ଶସ୍ତା, ଗୁଣାତ୍ମକ ଓ ନୈତିକ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ପ୍ରତି କଳିଙ୍ଗ ହସ୍ପିଟାଲର ପ୍ରତିବଦ୍ଧତା ଉପରେ ଗୁରୁତ୍ୱ ଦେଇଥିଲେ। ଉନ୍ନତ ଚିକିତ୍ସା ପ୍ରଯୁକ୍ତିକୁ ସାଧାରଣ ଲୋକଙ୍କ ପାଖରେ ସହଜରେ ପହଞ୍ଚାଇବା କଳିଙ୍ଗ ହସ୍ପିଟାଲର ମୁଖ୍ୟ ଲକ୍ଷ୍ୟ। ଏହା ସହ ଏଏପିଆଇ ବିଶ୍ୱସ୍ତରୀୟ ଜ୍ଞାନ ବିନିମୟ ଓ ସହଯୋଗ ବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାଏ ବୋଲି ସେ କହିଥିଲେ। ଏଏପିଆଇର ସଭାପତି ଡା. ଅମିତ ଚକ୍ରବର୍ତ୍ତୀ ସର୍ବୋତ୍ତମ ଚିକିତ୍ସା ପ୍ରଣାଳୀ ଉପରେ କହିବା ସହ କଳିଙ୍ଗ ହସ୍ପିଟାଲର ଜନହିତକର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କର୍ମଶାଳାକୁ ପ୍ରଶଂସା କରିଥିଲେ।

# ବ୍ୟାଙ୍କ୍ କର୍ତ୍ତୃପକ୍ଷଙ୍କୁ ତାଗିଦ କଲେ ପୋଲିସ କମିଶନର

## ଏଟିଏମ୍‌ରେ ଉଚ୍ଚକ୍ଷମତା ସମ୍ପନ୍ନ କ୍ୟାମେରା ଲଗାଇ ନ ଥିଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୯।୧(ତ୍ରିନାଥ ମହାନ୍ତି)

ଦ୍ୱୈତନଗରୀ କଟକ ଓ ଭୁବନେଶ୍ୱରରେ ଥିବା ଏକାଧିକ ଏଟିଏମ୍ ଏବେ ଅସୁରକ୍ଷିତ ରହିଛି। ଦୁର୍ବୃତ୍ତମାନେ ବାରମ୍ବାର ଏଟିଏମ୍ ଭାଙ୍ଗି ଲୁଟ୍‌ପାଟ କରୁଛନ୍ତି। ଏବେ ଘାଟିକିଆସ୍ଥିତି ଏକ ଏଟିଏମ୍ ଲୁଟ୍ ଉଦ୍ୟମ ଘଟଣାକୁ ନେଇ ପୋଲିସ କମିଶନର ଉଦ୍‌ବେଗ ପ୍ରକାଶ କରିବା ସହ ଆକ୍ସନମୁଡ୍‌କୁ ଆସିଛନ୍ତି। ଏଟିଏମ୍‌ରେ ପୋଲିସ୍‌ର ନିର୍ଦ୍ଦେଶ ଅନୁସାରେ ଉଚ୍ଚକ୍ଷମତା ସମ୍ପନ୍ନ କ୍ୟାମେରା ଲାଗି ନ ଥିବାରୁ ସେ ସମ୍ପୃକ୍ତ ବ୍ୟାଙ୍କ୍ କର୍ତ୍ତୃପକ୍ଷଙ୍କୁ ଦାଗିଦ କରିଛନ୍ତି। ଏନେଇ ପୋଲିସ କମିଶନର ୫୦ଟି ବ୍ୟାଙ୍କକୁ ଜବାବ ମାଗିଥିଲେ। କିନ୍ତୁ ୩୦ ବ୍ୟାଙ୍କ୍ ଜବାବ ରଖିଥିବା ବେଳେ ବାକି ୨୦ଟି ବ୍ୟାଙ୍କ ପକ୍ଷରୁ କୌଣସି ଉତ୍ତର ମିଳି ନ ଥିବାରୁ ପୋଲିସ କମିଶନର ତାଗିଦ କରିବା ସହ ସମୟ ଦେଇଛନ୍ତି। ହାଇ ରିଜୋଲ୍ୟୁଶନ ବିଶିଷ୍ଟ କ୍ୟାମେରା ଲଗାଇ ନ ଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ପୁରୁଣା ଭୁବନେଶ୍ୱରରୁ ଲୁଟେରାମାନେ ଏଟିଏମ୍‌ରୁ ଏକ ଟିଣ ପାତ ସାହାଯ୍ୟରେ ଟଙ୍କା ଲୁଟିନେଇ ଚମ୍ପଟ ମାରିଥିଲେ। ସେହିପରି ଲିଙ୍ଗିପୁର ଅଞ୍ଚଳରୁ ଲୁଟେରାମାନେ ଏଟିଏମ୍ ଟେକି ନେଇ ପଳାଇଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ଟଙ୍କା ଜବତ କରାଯାଇପାରିନି। ଏସବୁ ଘଟଣା ପରେ ଏଟିଏମ୍ ସୁରକ୍ଷା ପାଇଁ ପୋଲିସ ଏସ୍‌ଓପି ଜାରି କରିଥିଲେ। କିନ୍ତୁ ଏହାକୁ ବ୍ୟାଙ୍କ୍ କର୍ତ୍ତୃପକ୍ଷ ମାନୁନାହାନ୍ତି। ଯେଉଁଥିପାଇଁ ଏଟିଏମ୍ ଲୁଟ୍ ଘଟଣା ବଢ଼ି ଚାଲିଛି।

### ଟଙ୍କା ନେଇ ନ ପାରି ଏଟିଏମ୍ ଭାଙ୍ଗିଦେଲେ: ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୯।୧(ତ୍ରିନାଥ ମହାନ୍ତି): ଘାଟିକିଆସ୍ଥିତ ସିଇଟି କଲେଜ କ୍ୟାମ୍ପସ ଭିତରେ ଥିବା କାନାରା ବ୍ୟାଙ୍କ୍‌ର ଏକ ଏଟିଏମ୍‌ରୁ ଲୁଟ୍ ଉଦ୍ୟମ ବିଫଳ ହେବାପରେ ଭଙ୍ଗାରୁଜା ହୋଇଛି। ଏହି ଘଟଣାରେ ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଶୁକ୍ରବାର ସକାଳ ପ୍ରାୟ ୯ଟାରେ ଭରତପୁରସ୍ଥିତ ତାରିଣୀ ମାର୍କେଟରୁ ଗିରଫ କରିଛି। ସେ ହେଲେ ନୟାଗଡ଼ ରଣପୁରର ଅମରେନ୍ଦ୍ର ମହାପାତ୍ର। ତାଙ୍କ ପାଖରୁ ଏକ ହାତୁଡ଼ି ଓ ଶାବଳ ଜବତ କରାଯାଇଛି। କାନାରା ବ୍ୟାଙ୍କ ସିଇଟି କ୍ୟାମ୍ପସ ଶାଖାର ପରିଚାଳକ ସୁଜିତ କୁମାର ସାହୁଙ୍କ ଲିଖିତ ରିପୋର୍ଟ ଆଧାରରେ ପୋଲିସ ମାମଲା ରୁଜୁ କରି ପଦକ୍ଷେପ ଗ୍ରହଣ କରିଛି। ଗତ ୫ ତାରିଖ ରାତିରେ ଏହି ଘଟଣା ଘଟିଥିବାବେଳେ ୬ ତାରିଖ ସକାଳେ ଜଣାପଡିଥିଲା।

# ଶାରୀ ଦେଉଳ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ

## ଆବିଷ୍କୃତ ଦେବୀ ମନ୍ଦିର ସଂରକ୍ଷଣ ହେବ

ପୁରୁଣା ଭୁବନେଶ୍ୱର,୯।୧(ସୁବାସ ଚନ୍ଦ୍ର ପ୍ରଧାନ)



ଶ୍ରୀଲିଙ୍ଗରାଜ ମନ୍ଦିର ଉତ୍ତର ଦ୍ୱାରର ଅନତି ଦୂର ଏବଂ ବିନ୍ଦୁସାଗର ନିକଟରେ ଥିବା ଐତିହ୍ୟ ଶାରୀ ଦେଉଳର ପୁନରୁଦ୍ଧାର କାର୍ଯ୍ୟ ଶୁକ୍ରବାରଠାରୁ ପୁଣି ଆରମ୍ଭ ହୋଇଛି। ପୂର୍ବାହ୍ନରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଶାରୀ ଦେଉଳଠାରେ ପହଞ୍ଚି ଏଏସ୍‌ଆଇର ଟେକ୍ନିକାଲ ମୁଖ୍ୟଙ୍କ ସହ ଆଲୋଚନା କରିଥିଲେ। ସୂଚନାଥାଉ କି, ଦୁଇବର୍ଷ ପୂର୍ବରୁ ଏଏସ୍‌ଆଇ ପକ୍ଷରୁ ଏହି ଦେଉଳର ମରାମତି ହେଉଥିବା ବେଳେ ମାଟି ଖନନ ସମୟରେ ମନ୍ଦିର ପରିସରରେ ଅନ୍ୟ ଏକ ମନ୍ଦିର ଆବିଷ୍କୃତ ହୋଇଥିଲା, ଯାହା ଏକ ଦେବୀ ମନ୍ଦିର। ବିନ୍ଦୁସାଗର ଖନନ ସମୟରେ ମାଟି ପୋତାଯାଉଥିବା ବେଳେ ଏହି ମନ୍ଦିରଟି ପୋତିହୋଇ ଯାଇଥିଲା। ପରବର୍ତ୍ତୀ ସମୟ ପ୍ରାୟ ୬୦୦ ବର୍ଷର ବ୍ୟବଧାନ ପରେ ଅର୍ଥାତ୍ ତ୍ରୟୋଦଶ ଶତାବ୍ଦୀରେ ଶାରୀ ଦେଉଳର ମୂଳଦୁଆ ପୋତିହୋଇ ରହିଥିବା ଏହି ଦେବୀ ମନ୍ଦିର ଉପରେ ହିଁ ନିର୍ମାଣ କରାଯାଇଥିଲା। ଏହି ମନ୍ଦିରର କାରୁକାର୍ଯ୍ୟ ଏବଂ ଗଠନଶୈଳୀକୁ ଅନୁସନ୍ଧାନ କରିବା ପରେ ଏଏସ୍‌ଆଇକୁ ଅନେକ ତଥ୍ୟ ମିଳିଥିଲା। ଏହା ଏକ ତନ୍ତ୍ର ମନ୍ଦିର, ଏହାର ସାମଞ୍ଜସ୍ୟ ବୈତାଳ ମନ୍ଦିର ସହ ରହିଛି। ଭୁବନେଶ୍ୱରରେ ଅନେକ ମନ୍ଦିର ରହିଥିଲେ ମଧ୍ୟ ଆବିଷ୍କୃତ ଏହି ମନ୍ଦିର ଐତିହ୍ୟ ସମ୍ପନ୍ନ ବୋଲି ଏଏସ୍‌ଆଇ ସୁପେରିଣ୍ଟେଣ୍ଡେଣ୍ଟ ନନ୍ଦ କିଶୋର ସ୍ୱାଇଁ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ବାବୁ ସିଂ, ଏଏସ୍‌ଆଇର ଉପଅଧୀକ୍ଷକ ପ୍ରତ୍ନତତ୍ତ୍ୱବିତ୍ ଭାଗୀରଥି ଗଡ଼ତିଆ, ଉପ ଅଧୀକ୍ଷଣ ଯନ୍ତ୍ରୀ ଇଂ. ଚିତ୍ତରଞ୍ଜନ ଦାସଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୧୬୨ ଛାତ୍ରୀଛାତ୍ରଙ୍କ ହେଲା ଚକ୍ଷୁ ପରୀକ୍ଷା

ବେଗୁନିଆ,୯।୧(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜନା ଅନ୍ତର୍ଭୁକ୍ତ ବିଦ୍ୟାଳୟସ୍ତରୀୟ ଚକ୍ଷୁ ପରୀକ୍ଷଣ ଶିବିର ବୋତଳମା ପଞ୍ଚାୟତ ଅନ୍ତର୍ଗତ ଛତ୍ରପଡା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ହଜ, ଲୋକିପୁର ଓ ଜାଲଭାର କ୍ଲଷ୍ଟର ଅନ୍ତର୍ଗତ ୧୬୨ଜଣ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷଣ କରାଯାଇଥିଲା। ଗୋଷ୍ଠୀ ସାଧନକର୍ମୀ ରଞ୍ଜିତା ବେଉରା ଓ ରଶ୍ମିତା ସାହୁଙ୍କ ସହଯୋଗରେ ଖୋର୍ଦ୍ଧା ଚକ୍ଷୁ ଚିକିତ୍ସା କେନ୍ଦ୍ରର ସହକାରୀ ଚକ୍ଷୁ ବିଶେଷଜ୍ଞ ସନାତନ ମିଶ୍ର, ଅମିଶା ମହାନ୍ତି, ସଞ୍ଜୀବ ବେହେରା ପ୍ରମୁଖ ଚକ୍ଷୁ ପରୀକ୍ଷା କରିଥିଲେ। ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କାଙ୍କ ତତ୍ତ୍ୱାବଧାନରେ ପ୍ରଧାନ ଶିକ୍ଷକ ପ୍ରୀତିଶ ବେଉରା, ସହକାରୀ ଶିକ୍ଷକ ସୂର୍ଯ୍ୟକାନ୍ତ ବେହେରା ସହଯୋଗ କରିଥିଲେ। ଚକ୍ଷୁ ପରୀକ୍ଷଣ ପରେ ଦୃଷ୍ଟି ଦୋଷ ଚିହ୍ନଟ କରାଯାଇ ଔଷଧ ବଣ୍ଟନ କରାଯାଇଥିଲା। ଚଷମା ବ୍ୟବହାର ପାଇଁ ଆବଶ୍ୟକ ପଡୁଥିବା ପିଲାମାନଙ୍କୁ ମାଗଣାରେ ପ୍ରଦାନ କରାଯିବ।

### ୧୧ରେ ମେଗା ସ୍ୱାସ୍ଥ୍ୟ ଶିବିର

ବାଲୁଗାଁ,୯।୧(ସଂଗ୍ରାମ ପାଇକରାୟ)

ଆସନ୍ତା ୧୧ତାରିଖରେ ନାଚୁଣୀ କଲେଜ ପରିସରରେ କିମ୍ସ ମେଡିକାଲ ପକ୍ଷରୁ ନିଶୁଳ୍କ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେବ। ଏହି ପରିପେକ୍ଷୀରେ ମହାବିଦ୍ୟାଳୟ ପରିସରରେ କିଟ୍ ଓ କିମ୍ସ ଉପଦେଷ୍ଟା ପ୍ରଫେସର ଶଶାଙ୍କ ଶେଖର ଚୂଡ଼ାମଣୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ହୋଇଯାଇଛି। ଏଥିରେ କିମ୍ସ ଡା.ହରିଶ ଚୌଧୁରୀ, ଚିଲିକା ବ୍ଲକ ଚେୟାରମ୍ୟାନ ଜ୍ୟୋତ୍ସ୍ନାରାଣୀ ବେହେରା, ବାଣପୁର ବ୍ଲକ ଚେୟାରମ୍ୟାନ ଅମରେନ୍ଦ୍ର ରଣସିଂହ, ପୂର୍ବତନ ଜିଲାପରିଷଦ ଦୁଷ୍ମନ୍ତ ହରିଚନ୍ଦନ, ବାଲୁଗାଁ ନଗର ଭାଜପା ସଭାପତି ସନ୍ତୋଷ ପାଇକରାୟ, ମହାବିଦ୍ୟାଳୟ ଅଧ୍ୟକ୍ଷ, ଅଧ୍ୟାପକ, କର୍ମଚାରୀ, ବୁଦ୍ଧିଜୀବୀ, ସ୍ଥାନୀୟ ସରପଞ୍ଚଙ୍କ ସମେତ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ଶିବିରରେ ୨୫ଟି ବିଭାଗର ବିଶେଷଜ୍ଞ ଡାକ୍ତରମାନେ ଯୋଗଦେଇ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ମେଡିକାଲ ପକ୍ଷରୁ ନିଶୁଳ୍କ ଔଷଧ ବଣ୍ଟନ କରାଯିବ। ଏହା ସକାଳ ୯ଟାରୁ ଆରମ୍ଭ ହୋଇ ଅପରାହ୍ନ ୫ ଟା ପର୍ଯ୍ୟନ୍ତ ଚାଲିବ। ସାଧାରଣ ଲୋକେ ଏହାର ସୁଯୋଗ ନେବାକୁ ମେଡିକାଲ ପକ୍ଷରୁ ଅନୁରୋଧ କରାଯାଇଛି।

### ବରିଷ୍ଠ ନାଗରିକ ମଞ୍ଚର ସଙ୍ଗତ ଓ ପଙ୍ଗତ କାର୍ଯ୍ୟକ୍ରମ

ଟାଙ୍ଗୀ,୯।୧(ରଘୁନାଥ ସାହୁ)

ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ସଙ୍ଗତ ଓ ପଙ୍ଗତ କାର୍ଯ୍ୟକ୍ରମ ଭଜାଗଡ଼ସ୍ଥିତ ମା'ବୁଢ଼ୀତାରା ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟାଙ୍ଗୀ, ରଣପୁର, ଚିଲିକା ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ବରିଷ୍ଠ ନାଗରିକ ଯୋଗଦେଇଥିଲେ। ମଞ୍ଚ ସଭାପତି ନାରାୟଣ ମହାପାତ୍ରଙ୍କ ସଭାପତିତ୍ୱରେ 'ସମାଜରେ ବରିଷ୍ଠ ନାଗରିକଙ୍କ ଭୂମିକା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପଞ୍ଚାନନ ପ୍ରଧାନ, ଲିଙ୍ଗରାଜ ସାହୁ, ରମେଶ ବଳବନ୍ତରାୟ, କୁମର ପ୍ରଧାନ, ଭାସ୍କର ପ୍ରଧାନ, ଉମେଶ ପ୍ରସାଦ ଧଳ, ସାରଙ୍ଗଧର ପାଲଟାସିଂ, ଅବସରପ୍ରାପ୍ତ ଅଧ୍ୟାପକ ବାଳକୃଷ୍ଣ ମିଶ୍ର, ଅଗ୍ରଣୀ ଚାଷୀ ରମେଶ ରାଉତ, ପୂର୍ଣ୍ଣଚନ୍ଦ୍ର ଛୋଟରାୟ, ଘନଶ୍ୟାମ ମହାନ୍ତି, ପ୍ରଫୁଲ୍ଲ ଜେନା, ରଘୁନାଥ ସାହୁ, ସହ ସମ୍ପାଦକ ରବୀନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ସମାଜରେ ବରିଷ୍ଠ ନାଗରିକଙ୍କ ଭୂମିକା ସମ୍ପର୍କରେ ମନ୍ତବ୍ୟ ରଖିଥିଲେ। ସମ୍ପାଦକ ବିଜୟ ରାଉତ ମଞ୍ଚର ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। ଅଧିକାରୀ ସୁବୁଧି, ଲକ୍ଷ୍ମୀଧର ପାଇକରାୟ, ଦିଲୀପ ନାଥ, କୃଷ୍ଣଚନ୍ଦ୍ର ପ୍ରଧାନ, ବିଜୟ ନରେନ୍ଦ୍ର, ପଠାଣି ସୁନ୍ଦରାୟ, ବସନ୍ତ ମଙ୍ଗରାଜ, ଶରତ ପଟ୍ଟନାୟକ, ସୁକାନ୍ତ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ସୁରେନ୍ଦ୍ର ରାଉତ ଧନ୍ୟବାଦ ଦେଇଥିଲେ।

# ଶୃଙ୍ଖଳା, ସମୟାନୁବର୍ତ୍ତିତାକୁ ଗୁରୁତ୍ୱ ଦିଅନ୍ତୁ ଛାତ୍ରୀଛାତ୍ର

### ବେଗୁନିଆ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

ବେଗୁନିଆ,୯।୧(ହର ପ୍ରସନ୍ନ ପଣ୍ଡା)



ବେଗୁନିଆ ବାଳିକା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି।

ବେଗୁନିଆ ସଦର ମହକୁମାସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ମନୀଷା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଡିଙ୍ଗର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିବାକର ସାହୁ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବକ୍ତା ଭାବେ ସାରୁଅସ୍ଥିତ ପଞ୍ଚପଲ୍ଲି ବାଉତି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗଣେଶର ମିଶ୍ର ଏବଂ ଶିକ୍ଷାବିତ୍ ରେହେମତ ଅଲ୍ଲୀ, କୁଶୁପଲ୍ଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନବଘନ ସାହୁ, ଜାଲଭାର ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶ୍ରୀନିବାସ ମିଶ୍ର, ବିଦ୍ୟାଳୟ ପରିଚାଳନା ପରିଷଦର ସଭାପତି ପ୍ରକାଶ ରାଉତ, ପଞ୍ଚସଖା ଶିକ୍ଷା ସେତୁର ସଭାପତି ସୁଶ୍ରୀ ସୁନିତା ବାହୁବଳେନ୍ଦ୍ର, ସିଆର୍‌ସିସି ସନ୍ଧ୍ୟାରାଣୀ ରଥ ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ଶୃଙ୍ଖଳିତ, ସମୟାନୁବର୍ତ୍ତିତା ଏବଂ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଲେ ଉତ୍ତମ ଭବିଷ୍ୟତ ଗଢ଼ିପାରିବ ବୋଲି ଅତିଥି ସାହୁ ପିଲାମାନଙ୍କୁ ଆହ୍ୱାନ ଦେଇଥିଲେ। ସହକାରୀ ଶିକ୍ଷକ ଅଭୟ କୁମାର ସୁବୁଦ୍ଧିଙ୍କ ସଂଯୋଜନାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ବିଭିନ୍ନ ବିଭାଗର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀ ଧରିତ୍ରୀ ସାହୁଙ୍କୁ ଚାମ୍ପିୟନ ମନୋନୀତ କରାଯାଇଥିଲା। ବିଦ୍ୟାଳୟର ଖେଳ ଶିକ୍ଷୟିତ୍ରୀଙ୍କ ସହିତ ଅନ୍ୟ ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ସହଯୋଗ କରିଥିଲେ।

# ସେବା ସମବାୟ ସମିତିର ନୂତନ କାର୍ଯ୍ୟାଳୟ ଗୃହ ଉଦ୍‌ଘାଟିତ



ବେଗୁନିଆ,୯।୧(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ଅଧୀନରେ ଥିବା ବଡ଼ବେରଣା ସେବା ସମବାୟ ସମିତିର ନୂତନ କାର୍ଯ୍ୟାଳୟ ଗୃହ ଉଦ୍‌ଘାଟିତ ହୋଇଯାଇଛି। ଖୋର୍ଦ୍ଧା ଡିଭିଜନ ସେବା ସମବାୟ ସମିତିର ଉପନିବନ୍ଧକ ଅଳକା ନନ୍ଦା ଜେନା ମୁଖ୍ୟ ଅତିଥି, ଖୋର୍ଦ୍ଧା ଜିଲା ସେବା ସମବାୟ ସମିତିର ସହକାରୀ ଉପନିବନ୍ଧକ ଭାଗବତ ମାରାଣ୍ଡି, ବଡ଼ବେରଣା ସେବା ସମବାୟ ସମିତିର ସଭାପତି ପରମାନନ୍ଦ ମହାପାତ୍ର, ସମ୍ପାଦକ ମଦନ ମୋହନ ସାହୁ, ନିରଞ୍ଜନ ଦାଶ, ରାମଚନ୍ଦ୍ର ମହାପାତ୍ର, ପୂର୍ବତନ ସଭାପତି ପୁରୁଷୋତ୍ତମ ମହାପାତ୍ର, ବଂଶୀଧର ପାଣିଗ୍ରାହୀ, ଅରୁଣ କୁମାର ମହାପାତ୍ର, ପ୍ରମିଳା ବେହେରା, ସବିତା ରାଣୀ ପଣ୍ଡା, କାହ୍ନୁ ଚରଣ ସାହୁ, ମହାଦେବ ଗୁରୁ, ଶୁକଦେବ ସାହୁ, ବିଦ୍ୟାଧର ପ୍ରଧାନ, ପତି ତପାବନ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# ରାଷ୍ଟ୍ରୀୟ ଗୀତ ପ୍ରଶିକ୍ଷଣ, ସାମୂହିକ ଗାନ କାର୍ଯ୍ୟକ୍ରମ


ଜଟଣୀ ଟାଉନ ହଲ୍‌ଠାରେ ଅନୁଷ୍ଠିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଶିକ୍ଷୟିତ୍ରୀ, ଶିକ୍ଷକମାନେ।

ଜଟଣୀ/କୃଷ୍ଣପ୍ରସାଦ,୯।୧
(ରବୀନ୍ଦ୍ରନାଥ ମହାକୁଡ଼/ କୈଳାସ ଚନ୍ଦ୍ର ପଟ୍ଟନାୟକ)

ରାଷ୍ଟ୍ରୀୟ ଗୀତ 'ବନ୍ଦେ ମାତରମ'ର ୧୫୦ତମ ବାର୍ଷିକୀ ଅବସରରେ ଶୁକ୍ରବାର ଜଟଣୀ ପୌର ପରିଷଦ ସ୍ତରୀୟ ପ୍ରଶିକ୍ଷଣ ଶିବିର ଓ ସାମୂହିକ ଗାନ କାର୍ଯ୍ୟକ୍ରମ ସ୍ଥାନୀୟ ଟାଉନ ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜଟଣୀ ପୌରାଞ୍ଚଳ ଅଧୀନ ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ଶିକ୍ଷାନୁଷ୍ଠାନରୁ ଜଣେ ଲେଖାଏ ଶିକ୍ଷକ ଆସିଥିଲେ। ନଗରପାଳ ଅନନ୍ତ ବେହେରା, ଉପାଧ୍ୟକ୍ଷା ଆରତୀ ରାଉତ, ମଣ୍ଡଳ ଶିକ୍ଷା ଅଧିକାରୀ ଯୋଗେଶ ଚନ୍ଦ୍ର ସମନ୍ତସିଂହାର, ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ବେହେରା ଅତିଥିଭାବେ ଯୋଗଦେଇଥିଲେ। ମାଷ୍ଟର ଟ୍ରେନର ଭାବେ ଜଟଣୀ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡାକ୍ତର ବିଜୟ ଶଙ୍କର, ରାଜାବଜାର ବିଦ୍ୟାଳୟର ମାନଗୋବିନ୍ଦ ସାହୁ, ଲୋକୋ ସେଟଲମେଣ୍ଟ ବିଦ୍ୟାଳୟର ଶ୍ରୀନିବାସ ପାଇକରାୟ ଯୋଗଦେଇ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଶିକ୍ଷକଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷଣ ନେଇଥିବା ସମସ୍ତ ଶିକ୍ଷକମାନେ ନିଜ ନିଜ ଶିକ୍ଷାନୁଷ୍ଠାନରେ ପ୍ରଶିକ୍ଷଣ ଦେବା ସହ ଆସନ୍ତା ୧୨ତାରିଖର ଜାତୀୟ ଯୁବ ଦିବସ ତଥା ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ବିଦ୍ୟାଳୟସ୍ତରେ ସମୂହ ଗାନ କରିବା ସହ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରିବେ। ସୁଜ୍ଞାନୀ ପାଢ଼ୀ, ମନସ୍ୱିନୀ ମହାରଣା, ଜ୍ୟୋତିରଞ୍ଜନ ରାଉତରାୟ, ସତ୍ୟବ୍ରତ ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ସେହିପରି କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ସଭାଗୃହରେ ରାଷ୍ଟ୍ରୀୟ ଗୀତ 'ବନ୍ଦେ ମାତରମ'ର ୧୫୦ତମ ବାର୍ଷିକୀ ଅବସରରେ ଜଟଣୀ ବ୍ଲକସ୍ତରୀୟ ପ୍ରଶିକ୍ଷଣ ଶିବିର ଓ ସାମୂହିକ ଗାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଅମୀୟ କୁମାର ପଣ୍ଡା ମୁଖ୍ୟ ଅତିଥି ଏବଂ ବିଆର୍‌ସିସି ସିଦ୍ଧେଶ୍ୱର କରଣ, ବ୍ଲକ ସିପି ପ୍ରଭାତ କୁମାର ଜେନା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି କର୍ମଶାଳାରେ ୭୭ଟି ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ସାନସୀମା ନୋଡାଲ ଉଚ୍ଚ ବିଦ୍ୟାଳୟ ସହକାରୀ ଶିକ୍ଷକ ଶଙ୍କର୍ଷଣ ଦାଶ, ପିରିଜିପୁର ହାଇସ୍କୁଲ ସହକାରୀ ଶିକ୍ଷକ ପ୍ରଶାନ୍ତ ଦାସ, ରୁକ୍ମଣୀ ଦେବୀ ଚିଲିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପିକା ସୁମିତ୍ରା ପ୍ରଧାନ ପ୍ରମୁଖ ପ୍ରଶିକ୍ଷକଭାବେ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶନିବାର ସାତପଡ଼ା ସର୍କଲ ହରିହର ବିଦ୍ୟାପୀଠ ପଣସପଦା ପରିସରରେ ଅତିରିକ୍ତ ଶିକ୍ଷା ଅଧିକାରୀ ବଳଭଦ୍ର ସାହୁଙ୍କ ନେତୃତ୍ୱରେ ଆୟୋଜନ କରାଯିବ ବୋଲି ଜଣାପଡଛି।

### ୨ କେନ୍ଦ୍ରରେ ପରୀକ୍ଷା ଦେଲେ ୫୮୬ ଛାତ୍ରୀଛାତ୍ର

#### ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା

ବେଗୁନିଆ,୯।୧
(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

୨୦୨୬ ଶିକ୍ଷା ବର୍ଷ ପାଇଁ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରବେଶିକା ପରୀକ୍ଷା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବେଗୁନିଆ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ପରିଚାଳିତ ଏହି ପରୀକ୍ଷଣକୁ ବ୍ଲକ ଅଞ୍ଚଳର ୨ଟି ବିଦ୍ୟାଳୟକୁ କେନ୍ଦ୍ର ଭାବେ ସ୍ଥିର କରାଯାଇଥିଲା। ପିଏମଶ୍ରୀ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ମୋଟ୍ ୫୮୬ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ନାମ ପଞ୍ଜୀକରଣ କରିଥିବା ମୋଟ୍ ୬୦୫ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟରେ ୨୪୫ ଜଣ ଏବଂ ଆଦର୍ଶ ବିଦ୍ୟାଳୟରେ ୩୬୦ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ସ୍ଥିର କରାଯାଇଥିଲା। ହେଲେ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୧୦ଜଣ ଏବଂ ଆଦର୍ଶ ବିଦ୍ୟାଳୟରେ ୯ଜଣଙ୍କୁ ମିଶାଇ ମୋଟ୍ ୧୯ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ ଏବଂ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଭକ୍ତଚରଣ ବେହେରା ପରିଚାଳକ ଦାୟିତ୍ୱ ତୁଲାଇଥିଲେ। ଖୋର୍ଦ୍ଧା ଜିଲା ଅତିରିକ୍ତ ଶିକ୍ଷା ଅଧିକାରିଣୀ ପ୍ରଜ୍ଞା ପରମିତା ଜେନା ଏବଂ ବେଗୁନିଆ ବ୍ଲକ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା ପରୀକ୍ଷା କେନ୍ଦ୍ର ପର୍ଯ୍ୟବେକ୍ଷକ ଦାୟିତ୍ୱ ନିର୍ବାହ କରିଥିଲେ।

# ୨୫ ଚାଷୀଙ୍କଠାରୁ ୯୦୦ କୁଇଣ୍ଟାଲ ଧାନ କିଣାଗଲା

ବାଣପୁର,୯।୧(ଦଲୀପ କୁମାର ସ୍ୱାଇଁ)

ବାଣପୁର ବ୍ଲକ ଦେଓଗାଁ ସମବାୟ ସମିତିରେ ଶୁକ୍ରବାର ଚାଷୀଙ୍କଠାରୁ ମଣ୍ଡି ମାଧ୍ୟମରେ ଧାନ ସଂଗ୍ରହ ଆରମ୍ଭ ହୋଇଛି। ଜିଲା ଭାଜପାର ସାଧାରଣ ସମ୍ପାଦକ ଦୁଷ୍ମନ୍ତ ହରିଚନ୍ଦନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ସମବାୟ ସମିତିରେ ମୋଟ ୪୧୨ଜଣ ଚାଷୀ ଧାନ ବିକ୍ରି କରିବା ପାଇଁ ପଞ୍ଜୀକରଣ କରିଥିବା ବେଳେ ପ୍ରଥମ ଦିନରେ ୨୫ଜଣ ଚାଷୀଙ୍କଠାରୁ ୯୦୦ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଛି। ତେବେ ଏପର୍ଯ୍ୟନ୍ତ ୪୦ ପ୍ରତିଶତ ଚାଷୀଙ୍କ ଟୋକନ ଆସିଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଶ୍ରୀଜଗନ୍ନାଥ ରାଇସ ମିଲ୍‌ର ଦୁଇଜଣ କର୍ମଚାରୀଙ୍କ ସହ ଆର୍‌ଏମସିର ତିନିଜଣ କର୍ମଚାରୀ, ସମବାୟ ସମିତିର ସଭାପତି ସୁକାନ୍ତ କୁମାର ବିଶୋଇ, ସମ୍ପାଦକ ଭବାନୀ ଶଙ୍କର ବିଶୋଇ, ସମବାୟ ନିରୀକ୍ଷକ ସାଗରିକା ପରିଡ଼ାଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।

# ପ୍ଲାଷ୍ଟିକ୍ ମୁକ୍ତ ସଚେତନତା ଅଭିଯାନ



ବାଲୁଗାଁ,୯।୧(ସଂଗ୍ରାମ ପାଇକରାୟ)

ବାଲୁଗାଁ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା, ରାଷ୍ଟ୍ରୀୟ ସମର ଶିକ୍ଷାର୍ଥୀ ବାହିନୀ, ଯୁବ ରେଡକ୍ରସ ଏବଂ ରୋଭର୍ସ ଶାଖାର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ପ୍ଲାଷ୍ଟିକ ମୁକ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ନିର୍ଦ୍ଦେଶନାରେ ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମରେ ଅଧ୍ୟାପକ କୈଳାସ ଚନ୍ଦ୍ର ମହାରଣା, ମୋନାଲିସା ମାନସିଂହ, ଅଧ୍ୟାପିକା ରୀନା ରାଉତ, ଅଧ୍ୟାପିକା ମନସ୍ୱିନୀ ପଟ୍ଟନାୟକ, ଅଧ୍ୟାପିକା ଝରଣା ନାଥ, ଅଧ୍ୟାପକ ଶିବରାମ ସିଂହ, ଅଧ୍ୟାପକ ଧୋବି ଚରଣ ପରିଡାଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ମହାବିଦ୍ୟାଳୟ ପରିସରରେ ପ୍ଲାଷ୍ଟିକ ଓ ପଲିଥିନ ଆବର୍ଜନା ସଫେଇ କରିବା ସହ ଚିଲିକା କୂଳରେ ସଫେଇ କାର୍ଯ୍ୟ କରି ପ୍ଲାଷ୍ଟିକ ମୁକ୍ତ ଚିଲିକା ଅଭିଯାନ ପାଇଁ ସଙ୍କଳ୍ପ କରିଥିଲେ। ଚିଲିକା କୂଳ ଜନସାଧାରଣଙ୍କୁ ଚିଲିକା କୂଳରେ ପ୍ଲାଷ୍ଟିକ ଆବର୍ଜନା ନ ପକାଇବାକୁ ଅନୁରୋଧ କରିଥିଲେ।

# ବିଜେବି ହାଇସ୍କୁଲରେ ସ୍ଥିର ବିଦ୍ୟୁତ୍ ଦିବସ

ଖୋର୍ଦ୍ଧା,୯।୧(ପ୍ରଭାତ ପାଣିଗ୍ରାହୀ)


କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଶିକ୍ଷୟିତ୍ରୀ ଶିକ୍ଷକମାନେ।

ସ୍ଥାନୀୟ ବିଜେବି ଉଚ୍ଚ ବିଦ୍ୟାଳୟର ସମ୍ମିଳନୀ ଗୃହରେ ଜାତୀୟ ସ୍ଥିର ବିଦ୍ୟୁତ୍ ଦିବସ ପାଳିତ ହୋଇଯାଇଛି। ସ୍ଥିର ବିଦ୍ୟୁତ୍ ସମ୍ପର୍କରେ ସଚେତନତା ବୃଦ୍ଧି କରିବା ପାଇଁ ଏହି ଦିବସ ପାଳନ କରାଯାଇଥିଲା। ଶୀତକାଳରେ ସ୍ଥିର ବିଦ୍ୟୁତ୍ ପ୍ରଭାବ ଅଧିକ ଦେଖାଯାଏ, ତେଣୁ ଜାନୁଆରୀ ମାସକୁ ଏହି ଦିବସ ପାଇଁ ଉପଯୁକ୍ତ ଭାବେ ଚୟନ କରାଯାଇଛି। ପ୍ରଧାନଶିକ୍ଷକ ବିଭୁ ପ୍ରସାଦ ସେନାପତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ସ୍ଥିର ବିଦ୍ୟୁତ୍ ସମ୍ପର୍କରେ ସୂଚନା ଦେଇଥିଲେ। ଦୈନନ୍ଦିନ ଜୀବନରେ ଏହାର ଉଦାହରଣ ଗୁଡ଼ିକ କିପରି ପରିଲକ୍ଷିତ ହୁଏ, ସେ ବିଷୟରେ ଛାତ୍ରୀଛାତ୍ରଙ୍କୁ ସୂଚନା ଦେଇଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ସିମାରାଣୀ ବେହେରା, ରାହୁଲ ମହାରଣା ଏବଂ ଦେବାଶିଷ ପାଇକରାୟ ସ୍ଥିର ବିଦ୍ୟୁତ୍ ସମ୍ପର୍କରେ କହିଥିଲେ। ଶିକ୍ଷକ ବିଭୁପ୍ରସାଦ ପଣ୍ଡା, ନିବେଦିତା ଛୁଆଳସିଂହ, ଚନ୍ଦ୍ରକାନ୍ତ ଦାସ, ଶ୍ରୀରାମ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରମାନେ ଏହି ସ୍ଥିର ବିଦ୍ୟୁତ୍ ପରୀକ୍ଷାକୁ ନିଜେ କରି ଆନନ୍ଦ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ଅଂଶଗ୍ରହଣ କରିଥିଲେ।

# ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ପକ୍ଷରୁ ଶୀତକାଳୀନ କ୍ରୀଡ଼ା ଉଦ୍‌ଘାଟିତ

ଜଟଣୀ,୯।୧(ରବୀନ୍ଦ୍ରନାଥ ମହାକୁଡ଼)

ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ପକ୍ଷରୁ ରେଳକର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟଙ୍କ ନିମନ୍ତେ ଶୁକ୍ରବାର ଶୀତକାଳୀନ କ୍ରୀଡ଼ା-୨୦୨୬ ଉଦ୍‌ଘାଟିତ ହୋଇଯାଇଛି। ଇଣ୍ଡୋର ବ୍ୟାଡମିଣ୍ଟନ ହଲ୍ ପରିସରରେ ଆୟୋଜିତ କ୍ରୀଡ଼ା କାର୍ଯ୍ୟକ୍ରମରେ ମଣ୍ଡଳ ରେଳ ପ୍ରବନ୍ଧକ ଆଲୋକ ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ପରିଚାଳନା) ପ୍ରଦୀପ କୁମାର ବେହେରା, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଭିତ୍ତିଭୂମି) ଶୁଭ୍ରଜ୍ୟୋତି ମଣ୍ଡଳ, ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଙ୍ଗଠନ (ଇକୋରୋ)/ଖୋର୍ଦ୍ଧାରୋଡର ସଭାପତି ଦିବ୍ୟା ତ୍ରିପାଠୀଙ୍କ ଉପସ୍ଥିତିରେ ଏହି କ୍ରୀଡା ଉତ୍ସବ ଉଦ୍‌ଘାଟିତ ହୋଇଥିଲା। ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ ଅନିଲ କୁମାର ଏସ୍ ସଂଯୋଜନା କରିଥିଲେ। ଶୀତକାଳୀନ କ୍ରୀଡା-୨୦୨୬ ଅନ୍ତର୍ଗତ ବିଭିନ୍ନ ଇଣ୍ଡୋର କ୍ରୀଡା ପ୍ରତିଯୋଗିତା ଆୟୋଜିତ ହେବ। ଇକୋରୋର ସଦସ୍ୟ ଏବଂ ବରିଷ୍ଠ ଅଧିକାରୀ ଓ ସେମାନଙ୍କ ପରିବାର ସଦସ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ।



ଶୀତକାଳୀନ କ୍ରୀଡ଼ା ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥିମାନେ।

# ପ୍ରଦର୍ଶନୀ ମ୍ୟାଚ୍‌ରେ ଦିନେଶ ଏକାଦଶ ବିଜୟୀ


ଅତିଥିଙ୍କଠାର ଜଣେ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

ଖୋର୍ଦ୍ଧା,୯।୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା କ୍ରିକେଟ୍ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ସବ୍ୟସାଚୀ-ଦିନେଶ ମେମୋରିଆଲ ଗିନି କପ୍ କ୍ରିକେଟ ଟୁର୍ନାମେଣ୍ଟରେ ଶୁକ୍ରବାର ପ୍ରଦର୍ଶନୀ ମ୍ୟାଚ୍ ଦୀନେଶ ଏକାଦଶ ଏବଂ ସବ୍ୟସାଚୀ ଏକାଦଶ ମଧ୍ୟରେ ହୋଇଥିଲା। ଟସ୍ ଜିତି ଦୀନେଶ ଏକାଦଶ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୮ ଉଇକେଟ ବିନିମୟରେ ୧୩୬ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ମୁକେଶ ପଟ୍ଟନାୟକ ସର୍ବାଧିକ ୫୪ରନ କରିଥିଲେ। ଜବାବରେ ସବ୍ୟସାଚୀ ଏକାଦଶ ଟିମ୍ ୧୫ ଓଭରରେ ୬ ଉଇକେଟ ବିନିମୟରେ ୧୩୪ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ବ୍ରିଜେଶ ପ୍ରଧାନ ସର୍ବାଧିକ ୩୬ରନ କରିଥିଲେ। ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳିଭାବେ ମୁକେଶ ପଟ୍ଟନାୟକ, ବେଷ୍ଟ ଅଲରାଉଣ୍ଡର ବ୍ରିଜେଶ ପ୍ରଧାନ ଓ ବିଶେଷ ପ୍ରଦର୍ଶନ ପାଇଁ ତାପସ ବୋଷଙ୍କୁ ଅତିଥି ସୌର୍ଯ୍ୟ ରଞ୍ଜନ ମହାନ୍ତି ଏବଂ ବିଭାବସୁ ମହାନ୍ତି ପୁରସ୍କୃତ କରିଥିଲେ।ଭାଷ୍ୟକାର ଭାବେ ଅବ୍ୟକ୍ତ ହରିହର ଖାଡ଼ଙ୍ଗା ପରିଚାଳନା କରିଥିଲେ। ରବିନାରାୟଣ ରାଉତରାୟ ଏବଂ ସୁବ୍ରତ ଦାସ ମ୍ୟାଚ୍ ପରିଚାଳନା କରିଥିଲେ। ରୋହିତ ଦାସ ଏବଂ ରବିନାରାୟଣ ପରିଡ଼ା ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଆସୋସିଏଶନର ସମ୍ପାଦକ ଭବାନୀ ଶଙ୍କର ପଣ୍ଡା, ସୁରେଶ ଭୂଷଣ ପଟ୍ଟନାୟକ, ଦେବୀଶଙ୍କର ପଣ୍ଡା, ବିଜ୍ଞାନ ସୁନ୍ଦରାୟ, ସୌମେନ୍ଦ୍ର ଦାସ, ଶଶିକାନ୍ତ ଦାସ ପ୍ରମୁଖ ସହାୟତା କରିଥିଲେ। ଶନିବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ସୋଲାର କଟକ ଏବଂ ଆଲଫା ବ୍ରହ୍ମପୁର ଟିମ୍ ମଧ୍ୟରେ ହେବ ବୋଲି ସଭ୍ୟ ରବି ସ୍ୱାଇଁ ସୂଚନା ଦେଇଛନ୍ତି।

### ଫୁଟ୍‌ବଲ୍ ଟୁର୍ନାମେଣ୍ଟ: ଏସ୍‌ଏସ୍‌ଏ ଶରଧାପୁର ବିଜୟୀ

ବେଗୁନିଆ,୯।୧(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ସିକୋସ୍ଥିତ ଚନ୍ଦ୍ରଶେଖର ଦେବ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ରାଇଜିଂ ସ୍ପୋର୍ଟିଂ ୟୁଥ ଫୁଟ୍‌ବଲ ଆସୋସିଏଶନ ଆନୁକୂଲ୍ୟରେ ଶୁକ୍ରବାର ଦ୍ୱିବାର୍ଷିକ ଫୁଟବଲ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍ ସ୍ପୋର୍ଟ୍ସ ହଷ୍ଟେଲ ନୟାଗଡ଼ ଏବଂ ଏସ୍‌ଏସ୍‌ଏ ଶରଧାପୁର ଟିମ୍ ମଧ୍ୟରେ ହୋଇଥିଲା । ୪-୨ ଗୋଲରେ ଏସ୍‌ଏସ୍‌ଏ ଶରଧାପୁର ଟିମ୍ ବିଜୟୀହୋଇଥିଲା। ଚିତ୍ତରଞ୍ଜନ ପରିଡା, ଏମ୍.ଏସ୍ ବେଗ, ବୈକୁଣ୍ଠ ମହାପାତ୍ର ଏବଂ ସରୋଜ କୁମାର ଛୋଟରାୟ ମ୍ୟାଚ୍ ପରିଚାଳନା କରିଥିଲେ। ସାମାଜିକକର୍ମୀ ଅରବିନ୍ଦ ରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଚନ୍ଦ୍ରଶେଖରଦେବ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସସ୍ମିତା କୁମାରୀ ମହାପାତ୍ର ଏବଂ ସମିତିସଭ୍ୟ ଅଞ୍ଜଳି ସାହୁ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ୧୦ ଟଙ୍କା ଦେଇ ଗୁଣ୍ଡିଚାମନ୍ଦିର ଯିବେ ଶ୍ରଦ୍ଧାଳୁ

- ବିଭିନ୍ନ ପ୍ରସଙ୍ଗକୁ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମୀକ୍ଷା ବୈଠକ
- ୧୭ରେ ବସିବ ପରିଚାଳନା କମିଟି ବୈଠକ

ପୁରୀ,୯।୧(ଅଜିତ୍ କୁମାର ମହାନ୍ତି)

ଚଳିତ ବର୍ଷ ଜୁଲାଇ ୧୬ରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା। ପରମ୍ପରା ଅନୁଯାୟୀ, ସରସ୍ୱତୀ ପୂଜାରେ ରଥକାଠ ପୂଜା ହେବ। ରଥ ପାଇଁ ଆବଶ୍ୟକ କାଠ ଠିକ୍ ସମୟରେ କିପରି ପହଞ୍ଚିବ ଓ ଅନ୍ୟାନ୍ୟ ଦିଗକୁ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶୁକ୍ରବାର ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ସମୀକ୍ଷା ବୈଠକ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ବୈଠକରେ ଶ୍ରୀମନ୍ଦିରର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଗୁରୁତ୍ୱପୂର୍ଣ୍ଣ ବିଷୟ ଆଲୋଚନା କରାଯାଇଛି।

ଡ. ପାଢ଼ୀ କହିଛନ୍ତି, ଚଳିତବର୍ଷ ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଜାନୁଆରୀ ୨୩ ତାରିଖ ବସନ୍ତ ପଞ୍ଚମୀ ଦିନ ରଥ କାଠ ପୂଜା ଅନୁଷ୍ଠିତ ହେବ। ଏଥିପାଇଁ ଶୁକ୍ରବାର ସମସ୍ତ ଡିଏଫ୍ଓ ଓ ପିସିଏଲର ଏକ ବୈଠକ ଭିଡିଓ କନ୍ଫରେନ୍ସି ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା। ରଥ ନିର୍ମାଣ ପାଇଁ ୮୬୫ ଖଣ୍ଡ ବିଭିନ୍ନ କାଠ ଆବଶ୍ୟକ। କାଠ ମଧ୍ୟରୁ କିଛି କଟକ ସ' ମିଲ୍କୁ ଯାଇଥାଏ ଓ କିଛି କାଠ ରଥ ଖଳାକୁ ଆସିଥାଏ। ପୂର୍ବବର୍ଷର ୪୭ ଖଣ୍ଡ କାଠ ବଳକା ରହିଛି। ଚଳିତ ବର୍ଷ ରଥ ନିର୍ମାଣ ପାଇଁ ଆଉ ୮୧୮ ଖଣ୍ଡ କାଠ ଆବଶ୍ୟକ ରହିଛି। ଚଳିତ ବର୍ଷ ଖପୁରିଆ ସ' ମିଲ୍କୁ ଚିରଟ ପାଇଁ ୪୦୨ ଖଣ୍ଡ କାଠ ଯିବ। ସେହିଭଳି ବାକି ୪୧୬ ଖଣ୍ଡ କାଠ ରଥଖଳାକୁ ଆସିବ। ଏହାକୁ ଦୃଷ୍ଟିରେ ରଖି ସମସ୍ତ ଡିଏଫ୍ଓଙ୍କୁ ଅନୁରୋଧ କରାଯାଇଛି, ଆଗରୁ କାଠଗୁଡ଼ିକ ଚିହ୍ନଟ କରିବେ। ରଥ କାମ ମଧ୍ୟ ଆରମ୍ଭ ହୋଇଯାଇଛି। ତିନିରଥର ଚାରମାଳ ନୂତନ ଭାବେ କରାଯିବ। ଶ୍ରୀଗୁଣ୍ଡିଚା ମନ୍ଦିର ଓ ଶ୍ରୀମନ୍ଦିରଠାରେ ଗୋଟିଏ ଗୋଟିଏ ସେଟ୍ ରହିବ। ଚାରମାଳ ପାଇଁ ଆବଶ୍ୟକ କାଠ ଯୋଗାଇଦେବାକୁ ମଧ୍ୟ ଡିଏଫ୍ଓଙ୍କୁ କୁହାଯାଇଛି।

ରତ୍ନଭଣ୍ଡାରର ଗଣତିମଣତି ଯେବେ ଆରମ୍ଭ ହେବ, ତାହାର ମାର୍ଗଦର୍ଶିକା ଚୂଡ଼ାନ୍ତ ହେବାକୁ ଯାଉଛି। କିପରି ଗଣତି ହେବ, ସେ ସମସ୍ତ ଦିଗ ଉପରେ ବିସ୍ତୃତ ଭାବେ ଆଲୋଚନା ହୋଇଛି। ଜାନୁଆରୀ ୧୭ରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହେବାକୁ ଥିବାବେଳେ ରତ୍ନଭଣ୍ଡାରର ଅଳଙ୍କାରର ଗଣତିମଣତି ନେଇ ନୂତନ ଏସ୍ଓପି ଅନୁମୋଦନ କରାଯିବ। ୨୦୨୬-୨୭ ଶ୍ରୀମନ୍ଦିର ବଜେଟ୍ ଉପରେ ମଧ୍ୟ ଆଲୋଚନା କରାଯାଇଛି। ପରିଚାଳନା କମିଟି ବୈଠକ ପରେ ତାହାକୁ ରାଜ୍ୟ ସରକାରଙ୍କ ନିକଟକୁ ପଠାଯିବ। ମହାପ୍ରଭୁଙ୍କ ରାଜସ୍ୱ ଜମିର ସୁରକ୍ଷା ସହ ରାଜସ୍ୱ ଉତ୍ସଗୁଡ଼ିକ ଅପ୍ସନ ଯେପରି ହୋଇପାରିବ ସେ ଦିଗରେ ଆଲୋଚନା କରାଯାଇଛି। ଡିନେସନ ସେଲ୍ ଆକ୍ଟିଭେଟ ନେଇ ବିଭିନ୍ନ ଯୋଜନା କରାଯାଉଛି। ଶ୍ରୀଗୁଣ୍ଡିଚା ମନ୍ଦିରକୁ ଭକ୍ତମାନେ ପ୍ରବେଶ ନେଇ ପୂର୍ବରୁ ପ୍ରସ୍ତୁତ କରାଯାଇଥିବା ବେଳେ ଏବେ ଚୂଡ଼ାନ୍ତ କରାଯାଇଛି। ଭକ୍ତଙ୍କ ସୁବିଧା ପାଇଁ ଗୁଣ୍ଡିଚା ମନ୍ଦିରରେ ଆଗାମୀ ଦିନରେ ମାହାଲ ବ୍ୟବସ୍ଥା ହେବ ନାହିଁ। ଶ୍ରୀମନ୍ଦିର ପ୍ରଶାସନ ଶ୍ରଦ୍ଧାଳୁଙ୍କ ଦର୍ଶନ ବ୍ୟବସ୍ଥାକୁ ପରିଚାଳନା କରିବ। ଭକ୍ତଙ୍କ ପାଇଁ ପ୍ରବେଶ ଶୁଳ୍କ ୧୦ ଟଙ୍କା ରହିବ। ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ ଏବଂ ଛୋଟ ପିଲାଙ୍କ ପାଇଁ ପ୍ରବେଶ ସମ୍ପୂର୍ଣ୍ଣ ମାଗଣା ରହିବ। ଖୁବ୍ଶୀଘ୍ର ଭକ୍ତଙ୍କ ଉଦ୍ଦେଶ୍ୟରେ ଶ୍ରୀଗୁଣ୍ଡିଚା ମନ୍ଦିର ଖୋଲାଯିବ। ଭକ୍ତଙ୍କ ସୁରକ୍ଷା ଉପରେ ଦୃଷ୍ଟି ଦିଆଯିବ। ମୋବାଇଲ ଷ୍ଟାଣ୍ଡ, ଜୋତା ଷ୍ଟାଣ୍ଡ, ଜିନିଷ ରଖିବା ପାଇଁ ଭକ୍ତଙ୍କୁ ନିଃଶୁଳ୍କ ସେବା ଯୋଗାଇ ଦିଆଯିବ। ସକାଳ ୬ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଖୋଲାଯିବ। ଋତୁ ଅନୁଯାୟୀ, ବନ୍ଦ ସମୟ ଅଧିକ ଓ କମ ରଖାଯିବ। ଶ୍ରୀଗୁଣ୍ଡିଚା ମନ୍ଦିର ଖୋଲିବାର ପ୍ରଥମ ୩ଦିନ ଭକ୍ତ ନିଃଶୁଳ୍କ ପ୍ରବେଶ କରିବା ନେଇ ନିଷ୍ପତ୍ତି ହୋଇଛି। ଭଲ ଦିନ ତିଥି ଦେଖି ଖୁବଶୀଘ୍ର ଖୋଲାଯିବ। ବସନ୍ତ ପଞ୍ଚମୀରେ ଖୋଲିପାରେ। ଓବିସିସି ପକ୍ଷରୁ ଯେଉଁ ଉନ୍ନତିମୂଳକ କାର୍ଯ୍ୟ ଚାଲିଛି ସେ ନେଇ ମଧ୍ୟ ଆଲୋଚନା କରାଯାଇ ସମସ୍ତ ପ୍ରକଳ୍ପ ଏପ୍ରିଲ୍ ସୁଦ୍ଧା ଶେଷ କରିବାକୁ ଅନୁରୋଧ କରାଯାଇଛି। ଶ୍ରୀଗୁଣ୍ଡିଚା ମନ୍ଦିରର ଉନ୍ନତୀକରଣ କାର୍ଯ୍ୟ ଖୁବ୍ଶୀଘ୍ର ଶେଷ ହେବ। ଶ୍ରୀଗୁଣ୍ଡିଚା ମନ୍ଦିରର ୩ ପାର୍ଶ୍ୱ ନବୀକରଣ ସହ ଉତ୍ତର ପାର୍ଶ୍ୱ ଗୁମୁଟକୁ ନୂତନଭାବେ ନିର୍ମାଣ କରାଯାଇଛି। ଗୁଣ୍ଡିଚା ମନ୍ଦିର ଅନ୍ୟସ୍ଥାନର ନିର୍ମାଣ କାର୍ଯ୍ୟ ଜାରି ରହିଛି। ଗଜପତି ମହାରାଜାଙ୍କ ଅଧ୍ୟକ୍ଷତାରେ ଏକ କମିଟି ଏହି କାର୍ଯ୍ୟର ତଦାରଖ କରିବ। କମିଟି ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ କରାଯିବ। ଶ୍ରୀମନ୍ଦିରରେ ଦିବ୍ୟାଙ୍ଗ ଓ ବରିଷ୍ଠଙ୍କ ସୁରକ୍ଷିତ ଦର୍ଶନ ପାଇଁ ଖୁବ୍ଶୀଘ୍ର ଉତ୍ତର ଦ୍ୱାରରେ ସ୍ଥାୟୀ ବ୍ୟବସ୍ଥା କରାଯିବ। ଦିବ୍ୟାଙ୍ଗ ଏବଂ ବରିଷ୍ଠ ଭକ୍ତଙ୍କୁ ନେବା ଆଣିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ କର୍ମଚାରୀ ନିୟୋଜିତ କରିବ। କର୍ମଚାରୀଜନିତ ସମସ୍ତ ଖର୍ଚ୍ଚ ଶ୍ରୀମନ୍ଦିର ପ୍ରଶାସନ ବହନ କରିବ। ସଂଖ୍ୟା ନିରୁପଣ କରାଯିବ। ଏଥିପାଇଁ ଏକ ଆପ୍ ବ୍ୟବସ୍ଥା କରାଯାଉଛି। ଯେଉଁମାନେ ସୁବିଧା ନେବେ ସେମାନେ ସେଥିରେ ଆଗ ପଞ୍ଜୀକରଣ କରିବେ।



ବୈଠକରେ ଉପସ୍ଥିତ ଅଧିକାରୀମାନେ ।

## ସଂକ୍ଷେପରେ

### ବ୍ରାଉନ ସୁଗାର ବ୍ୟବସାୟୀ ଗିରଫ

ପୁରୀ,୯।୧(ଅଜିତ୍ କୁମାର ମହାନ୍ତି)

ବ୍ରାଉନ ସୁଗାର କାରବାର ଅଭିଯୋଗରେ ଟାଉନ୍ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଗୌଡ଼ବାଡ଼ ସାହି ବେଙ୍ଗପାଣିଆ ଲେନ୍ର କ୍ଷେତ୍ରମୋହନ ସୁବୁଦ୍ଧି। ପୋଲିସ ଅଭିଯୁକ୍ତଙ୍କ ନିକଟରୁ ୨୦.୦୮ ଗ୍ରାମ ବ୍ରାଉନ ସୁଗାର ସହ ୬ଶହ ଟଙ୍କା, ମୋବାଇଲ ଜବତ କରିଛି। ଏନେଇ ପୋଲିସ କେସ୍ ନଂ ୧୬/୨୬ରେ ଏକ ମାମଲା ରୁଜୁ କରିଛି। ଅଭିଯୁକ୍ତ ଲୁହାଗଡ଼ ଯାଗା ନିକଟରେ ବ୍ରାଉନ ସୁଗାର ବିକ୍ରି କରୁଥିବା ଖବରପାଇ ପୋଲିସ ଉକ୍ତ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରି ଥାନାକୁ ଆଣିବା ସହ କୋର୍ଟଚାଲାଣ କରିଛି।

### ୭ମ ଆରମ୍ଭ ମହୋତ୍ସବ ଉଦ୍‌ଘାଟିତ

ପୁରୀ,୯।୧(ଅଜିତ୍ କୁମାର ମହାନ୍ତି)

ସାମାଜିକ ତଥା ସାଂସ୍କୃତିକ ଅନୁଷ୍ଠାନ ଆରମ୍ଭ ପକ୍ଷରୁ ୭ମ ଆରମ୍ଭ ମହୋତ୍ସବ ଶୁକ୍ରବାର ସ୍ଥାନୀୟ ପୌରସଦନ ଠାରେ ସଭାପତି ପ୍ରଦୀପ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟିତ ହୋଇଯାଇଛି। ଅତିଥି ଭାବରେ ଭାଜପା ଯୁବମୋର୍ଚ୍ଚା ସଭାପତି ଅଭିଳାସ ପଣ୍ଡା, ଭାଜପା କାର୍ଯ୍ୟକାରୀ ସଭାପତି ଦିବାକର ପାତ୍ର, ନିଶାନ୍ତ ସାହୁ, ଭାଜପା ଜିଲା ସଭାପତି ଡ. ଦେବେନ୍ଦ୍ର ନାଥ ତରେଇଙ୍କ ସହ ମଧୁସୂଦନ ସିଂହାରୀ, ରବିନ୍ଦ୍ର ପ୍ରଧାନ, ଚକ୍ରଧର ମହାପାତ୍ର, ରୁଚିସ୍ମିତା ଜଗଦେବ ପଣ୍ଡା, ଜଗନ୍ନାଥ ପୂଜାପଣ୍ଡା, ଚିତରଞ୍ଜନ ବିଶ୍ୱାସ ପ୍ରମୁଖ ଅତିଥିଭାବରେ ଯୋଗଦାନ କରି ମଞ୍ଚାସୀନ ଥିଲେ। ଏହି ଅବସରରେ ସ୍ୱର୍ଗତ ଶ୍ୟାମ ସୁନ୍ଦର କରଙ୍କୁ ଶହୀଦ ସମ୍ମାନ, ଡ. ସିଦ୍ଧେଶ୍ୱର ମହାପାତ୍ରଙ୍କୁ ସଂସ୍କୃତି ସମ୍ମାନ ଏବଂ ପବିତ୍ର ମହାରଣାଙ୍କୁ ସାମାଜିକ କର୍ମୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶେଷରେ ଭରତ ନାୟକ ଧନ୍ୟବାଦ ଦେଇଥିଲେ। ସଭାକାର୍ଯ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପୀୟୂଷ ପଟ୍ଟନାୟକ ପରିଚାଳନା କରିଥିଲେ।

### ଡେଲାଙ୍ଗରେ ଏକତା ପଦଯାତ୍ରା

ଡେଲାଙ୍ଗ, ୯।୧(ରଶ୍ମୀରଞ୍ଜନ ପ୍ରଧାନ)

ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ତମ ଜନ୍ମବାର୍ଷିକୀ ଗୁରୁବାର ଡେଲାଙ୍ଗ ବ୍ଲକ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ପଞ୍ଚାୟତ ସମିତି ପକ୍ଷରୁ ଆୟୋଜିତ ସମାବେଶରେ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ବାଶା ନିଶଙ୍କ, ବିଡିଓ ସମୀର ବେହେରା, ଅତିରିକ୍ତ ବିଡିଓ ନୀଳଶୈଳ ସ୍ୱାଇଁ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁବ୍ରତ କୁମାର ବାରିକ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଜାପାନୀ କୁମାରୀ ମିତ୍ର ପ୍ରମୁଖ ଯୋଗଦେଇ ସର୍ଦ୍ଦାର ପଟେଲଙ୍କ ଦେଶପ୍ରତି ଥିବା ଅବଦାନ ଓ ଭାରତ ଗଠନରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ପରିପ୍ରେକ୍ଷୀରେ ଏକତା ପଦଯାତ୍ରା ବ୍ଲକ କାର୍ଯ୍ୟାଳୟ ପରିସରରୁ ବାହାରି ଜଗଦଳପୁର, ଆଙ୍କୋଇ, ଗଡକାଲୁପଡା ଆଦି ପରିକ୍ରମା କରିଥିଲା। ପଦଯାତ୍ରାରେ ମହତାବ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ, ପଞ୍ଚାୟତିରାଜ ପ୍ରତିନିଧି, ବ୍ଲକ କାର୍ଯ୍ୟାଳୟ କର୍ମଚାରୀ, କନିଷ୍ଠ ଯନ୍ତ୍ରୀ, ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟା, ଅଙ୍ଗନଓ୍ୱାଡ଼ିକର୍ମୀ, ବରିଷ୍ଠ ନାଗରିକ, ଯୁବଗୋଷ୍ଠୀ ପ୍ରମୁଖ ସାମିଲ ଥିଲେ। କ୍ରୀଡ଼ା ଶିକ୍ଷକ ନଟବର ସେଠୀ, ସୂର୍ଯ୍ୟନାରାୟଣ ଜେନା, ମନୋଜ ମହାପାତ୍ର, ଶର୍ମିଷ୍ଠା ପଣ୍ଡା, ରାଜଲକ୍ଷ୍ମୀ ରାଉୟତରାୟ, ରାକେଶ ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଔଷଧ ଦୋକାନରେ ଚଢ଼ାଉ, ନମୁନା ସଂଗ୍ରହ

କାକଟପୁର/ଅସ୍ତରଙ୍ଗ,୯।୧
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

**ବିନା ପଞ୍ଜୀକୃତ ଦୋକାନୀ ଛାନିଆ**

ପ୍ରଶାସନର ନୀରବତା ପାଇଁ ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଚାଲିଛି ନିମ୍ନମାନର ଔଷଧ କାରବାର। ସେହିପରି ବିନା ଫାର୍ମାସିଷ୍ଟରେ ଔଷଧ ବିକ୍ରି କରୁଛନ୍ତି ଅସାଧୁ ବ୍ୟବସାୟୀ। ସେମାନେ ବିଭିନ୍ନ କମ୍ପାନୀର ନକଲି ଔଷଧ ବିକ୍ରି କରୁଥିବା ଅଭିଯୋଗ ହେଉଛି। ଏ ନେଇ ଖବର ପ୍ରକାଶ ପରେ ଗତ ଏକମାସ ମଧ୍ୟରେ ୩ଥର ଡ୍ରଗ୍ସ ବିଭାଗ ପକ୍ଷରୁ ଚଢାଉ କରାଗଲାଣି।

ଶୁକ୍ରବାର ପୂର୍ବାହ୍ନରେ ପୁରୀ ଅତିରିକ୍ତ ଭେଷଜ ନିୟନ୍ତ୍ରକ ଡ. ସୁଦର୍ଶନ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଭେଷଜ ନିରୀକ୍ଷକ ଜ୍ଞାନଦା ଶୁଭଦର୍ଶିନୀ ନନ୍ଦ ଓ ହିତେଶ କୁମାର ବେହେରାଙ୍କ ସମେତ ଖୋର୍ଦ୍ଧା ଭେଷଜ ନିରୀକ୍ଷକ ଅର୍ଦ୍ଧେନ୍ଦୁ ଶେଖର ମାନସିଂ ଅସ୍ତରଙ୍ଗ ବ୍ଲକ ଶିଶୁଅ ଛକରେ ଥିବା ଏକ ଔଷଧ ଦୋକାନରେ ଦିନତମାମ ଯାଞ୍ଚ କରିଥିଲେ। ସେମାନେ ଦୋକାନରୁ ଔଷଧ ନମୁନା ସଂଗ୍ରହ କରି ପରୀକ୍ଷଣ ପାଇଁ ନେଇଛନ୍ତି। ଗର୍ଭ ନଷ୍ଟ କିଟ୍, ଫାର୍ମାସିଷ୍ଟ, ଲାଇସେନ୍ସ, କାଗଜପତ୍ର ଓ ରେକର୍ଡ ଯାଞ୍ଚ କରାଯାଇଥିଲା। ଏହି ଚଢ଼ାଉ ଖବର ପାଇ ଅନେକ ବ୍ୟବସାୟୀ ତୁରନ୍ତ ଔଷଧ ଦୋକାନରେ ତାଲା ପକାଇ ପଳାଇ ଯାଇଥିଲେ। ଏ ନେଇ ଡ୍ରଗ୍ସ ବିଭାଗ ଅଧିକାରୀ କହିଛନ୍ତି, ଆଗାମୀ ଦିନରେ ସ୍ୱତନ୍ତ୍ର ଟିମ୍, ପୋଲିସ ଓ ତହସିଲଦାରଙ୍କ ଉପସ୍ଥିତିରେ ଔଷଧ ଦୋକାନ ଯାଞ୍ଚ ସହ ସିଲ୍ କରାଯିବ। ଅନ୍ୟପକ୍ଷରେ ଡିସେମ୍ବର ୧୯ ପରେ ମଧ୍ୟ ଏଭଳି ଯାଞ୍ଚ କରାଯାଇଥିଲା। ଏହାସତ୍ତ୍ୱେ ଅସ୍ତରଙ୍ଗ, ନଗର, ଆଳସାହି, ଖଣ୍ଡାସାହି, ତାଳଦା, ପୋଟଳ ଛକ ଆଦି ସ୍ଥାନରେ ବିନା ଲାଇସେନ୍ସରେ ଔଷଧ ବିକ୍ରି ହେଉଥିବାବେଳେ ବିନାନୁମତିରେ ଇଞ୍ଜେକ୍ସନ ଦେବା, ସାଲାଇ ଲଗାଇବା ପ୍ରଭୃତି କାର୍ଯ୍ୟ କରାଯାଉଛି।

# ସମାଜ ବିକାଶର ବାହକ ଗଣମାଧ୍ୟମ




ବୈଠକରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷ ।

କୋଣାର୍କ,୯।୧(ଜ୍ୟୋତିରାଜ ମହାନ୍ତି)

**କର୍ମଜୀବୀ ସାମ୍ବାଦିକ ସଂଘ ପୁରୀ ଶାଖାର ସାଧାରଣ ପରିଷଦ ବୈଠକ**

କୋଣାର୍କସ୍ଥିତ ମା' ଭଗବତୀ ପୀଠରେ ଶୁକ୍ରବାର ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘ ପୁରୀ ଜିଲା ଶାଖାର ସାଧାରଣ ପରିଷଦ ବୈଠକ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ଜିଲା ଶାଖାର ସଭାପତି ଶରତ ଚନ୍ଦ୍ର ପରିଡ଼ା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ(ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଯୋଗଦେଇ କହିଥିଲେ, ସମାଜ ବିକାଶର ବାହକ ହେଉଛି ଗଣମାଧ୍ୟମ। ଖବରଦାତାମାନେ ନିର୍ଭୀକ ହୋଇ ନିରପେକ୍ଷ ଭାବେ ଖବର ପରିବେଷଣ କରିବା ଜରୁରୀ। ସମ୍ମାନିତ ଅତିଥି ଭାବେ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘର ରାଜ୍ୟ ଉପସଭାପତି ପରମାନନ୍ଦ ମିଶ୍ର, ପୁରୀ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟର ମହିଳା ଆଇନ ସହାୟତା କେନ୍ଦ୍ର ନିର୍ଦ୍ଦେଶିକା ଜୟଶ୍ରୀ ମହାପାତ୍ର, ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘ ପୁରୀ ଶାଖାର ମୁଖ୍ୟ ଉପଦେଷ୍ଟା ପ୍ରତାପ ଚନ୍ଦ୍ର ପରିଡ଼ା, ଜିଲା ଶାଖା ଶୃଙ୍ଖଳା କମିଟି ଅଧ୍ୟକ୍ଷ ଜଗନ୍ନାଥ ବେହୁରା ପ୍ରମୁଖ ଯୋଗଦେଇ କୃତ୍ରିମ ବୁଦ୍ଧିମତ୍ତାର ଉପାଦେୟତା ଓ ସାମ୍ବାଦିକ ସୁରକ୍ଷା ତଥା ଏହା ଉପରେ ଏଆଇର ପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ଶାଖା କୋଷାଧ୍ୟକ୍ଷ ବିଚିତ୍ର ଓଝା, କଲ୍ୟାଣ ପାଣ୍ଠି ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ସ୍ତମ୍ଭକାର ଲଳିତେନ୍ଦୁ ପଲାଉରୀ, ଖବରଦାତା ଭାଗୀରଥି ସ୍ୱାଇଁ, ଅକ୍ଷୟ କୁମାର ନାୟକ, ମହେଶ୍ୱର ସାମଲ ଓ ୧୫ରୁ ଊର୍ଦ୍ଧ୍ୱ ଖବରଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ଶାଖାର ସାଧାରଣ ସମ୍ପାଦକ ଜ୍ୟୋତିଶଙ୍କର ଦାଶ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମକୁ ଅରୁଣ କୁମାର ବିଶ୍ୱାଳ, ଅଲେଖ ବିଶ୍ୱାଳ, ଗଣେଶ ଚନ୍ଦ୍ର ବେହେରା, ତାରକେଶ୍ୱର ବରାଳ, ପ୍ରଶାନ୍ତ ଜେନା ପ୍ରମୁଖ ପରିଚାଳନା କରିଥିଲେ।



ପୁରୀ ପୌରସଦନରେ ଶୁକ୍ରବାର 'ଆରମ୍ଭ ୟୁଥ୍ କଲଚରାଲ ଫାଉଣ୍ଡେଶନ' ପକ୍ଷରୁ ଆୟୋଜିତ ୭ମ ଆରମ୍ଭ ମହୋତ୍ସବରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

# ପୋଲିସର ସାପ୍ତାହିକ ପରେଡ୍

ପୁରୀ,୯।୧(ଅଜିତ୍ କୁମାର ମହାନ୍ତି)

ପୁରୀ ପୋଲିସର ସାପ୍ତାହିକ ପରେଡ୍ ଶୁକ୍ରବାର ରିଜର୍ଭ ପୋଲିସ ଲାଇନ୍ରେ ଶାନ୍ତି, ଶୃଙ୍ଖଳା ଓ ଗୌରବମୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଏହି ସାପ୍ତାହିକ ପରେଡ୍କୁ ଏସ୍ପି ପ୍ରତୀକ ସିଂ ସମୀକ୍ଷା କରିଥିଲେ। ଜିଲାର ବିଭିନ୍ନ ଥାନା ଓ ୟୁନିଟ୍ରୁ ପୋଲିସ ଅଧିକାରୀ ଓ କର୍ମଚାରୀମାନେ ଏହି ପରେଡ୍ରେ ଅଂଶଗ୍ରହଣ କରିଥିଲେ। ସାପ୍ତାହିକ ପରେଡ୍ ସମୟରେ ଏସ୍ପି ପୁରୀ ପୋଲିସ ବଳର ଡ୍ରିଲ୍, ଶାରୀରିକ ଫିଟ୍ନେସ୍, ୟୁନିଫର୍ମ, ଅସ୍ତ୍ର-ଶସ୍ତ୍ରର ରକ୍ଷା-ରଖା ଓ ସାମଗ୍ରିକ ପ୍ରସ୍ତୁତିର ସମୀକ୍ଷା କରିଥିଲେ। ପରେଡ୍ ମାଧ୍ୟମରେ ପୋଲିସ କର୍ମଚାରୀଙ୍କ ଶୃଙ୍ଖଳା, ଶାରୀରିକ ସକ୍ଷମତା ଓ ପେଶାଗତ ଦକ୍ଷତାକୁ ଆହୁରି ମଜଭୁତ କରିବା ଉଦ୍ଦେଶ୍ୟ ରହିଛି। ଏସ୍ପି ସିଂ ପରେଡ୍ ପରେ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ସମ୍ବୋଧନ କରି ଲୋକମୁଖୀ, ଶିଷ୍ଟାଚାର, ନିଷ୍ଠା ଓ ଦାୟିତ୍ୱବୋଧ ସହିତ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ। ପୋଲିସର ମୂଳ କର୍ତ୍ତବ୍ୟ ହେଉଛି ସାଧାରଣ ଜନତାଙ୍କ ସୁରକ୍ଷା, ସହଯୋଗ ଓ ବିଶ୍ୱାସ ଅର୍ଜନ କରିବା। ଆସନ୍ତା ଦିନଗୁଡ଼ିକରେ ପର୍ଯ୍ୟଟକ ଓ ଭକ୍ତଙ୍କ ସୁରକ୍ଷା, ଯାତାୟାତ ପରିଚାଳନା ଓ ଆଇନ-ଶୃଙ୍ଖଳା ରକ୍ଷାରେ ସମସ୍ତ କର୍ମଚାରୀଙ୍କୁ ସଚେତନ ଓ ସକ୍ରିୟ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ପୋଲିସ ବଳକୁ ସଦା ସଜାଗ, ଶକ୍ତିଶାଳୀ ଓ ସାଧାରଣ ଲୋକଙ୍କ ପାଇଁ ସହଜଲଭ୍ୟ ରଖିବା ପାଇଁ ଏପରି ସାପ୍ତାହିକ ପରେଡ୍ ଗୁରୁତ୍ୱପୂର୍ଣ୍ଣ ବୋଲି ଏସ୍ପି ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍ପି, ଡିଏସ୍ପି, ଏସଡିପିଓ, ଥାନାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ସମାଜରେ ସାହିତ୍ୟ ବୈପ୍ଳବିକ ପରିବର୍ତ୍ତନ ଆଣିପାରିବ

ନିମାପଡ଼ା,୯।୧(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଏକ ବାର୍ଷିକ ପାଠଚକ୍ର ମହାବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ଅବସରପ୍ରାପ୍ତ ପ୍ରଫେସର ବୈଷ୍ଣବ ଚରଣ ସାମଲ, ଅବସରପ୍ରାପ୍ତ ପ୍ରଫେସର ଗୋବିନ୍ଦ ଚନ୍ଦ୍ର ଲେଙ୍କା, ଅଧ୍ୟକ୍ଷା ଶିକ୍ଷାବିତ୍ ଅମିତା ମହାନାୟକ, ଓଡ଼ିଆ ଭାଷା, ସାହିତ୍ୟ ବିଭାଗର ମୁଖ୍ୟ ଅଧ୍ୟାପକ ଡ. ଅଜୟ କୁମାର ବେହେରା, ସେମିନାରର ସଂଯୋଜକ ସୁଶାନ୍ତ କୁମାର ଜେନା ପ୍ରମୁଖ ଯୋଗଦେଇ ସାହିତ୍ୟହିଁ ସମାଜରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିପାରିବ, ସାହିତ୍ୟ ବିକଶିତ ହେଲେ ସମାଜ ବିକଶିତ ଓ ସମୃଦ୍ଧ ହୋଇପାରିବ। ବିପ୍ଳବ ନ ଥିଲେ ସାହିତ୍ୟ ସୃଷ୍ଟି ହୋଇପାରିବ ନାହିଁ, କାବ୍ୟର ଆତ୍ମା ହେଉଛି ରୀତି, ଓଡ଼ିଆ ସାହିତ୍ୟକୁ ଅଧିକ ସମୃଦ୍ଧ କରାଯିବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଆୟୋଜିତ ପାଠଚକ୍ରରେ ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟର ଆଙ୍ଗିକ ଓ ଆର୍ମିକ ବିଭେଦ ଓ ପ୍ରଗତିବାଦୀ ସାହିତ୍ୟରେ ବୈପ୍ଳବିକ ଚେତନା ଶୀର୍ଷକ ଆଲୋଚନାଚକ୍ରରେ ଓଡ଼ିଆ ସାହିତ୍ୟ ସମ୍ପର୍କରେ ସାରଗର୍ଭକ ବିଶଦ ଆଲୋଚନା କରାଯାଇଥିଲା। ଏହି ପାଠଚକ୍ରରେ ଓଡ଼ିଆ ବିଭାଗର ଶତାଧିକ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଅଧ୍ୟାପିକା ଡ. ମମତା ସାହୁ, ଡ. ସଂଯୁକ୍ତା ପରିଡ଼ା, ବବିତା ମହାପାତ୍ର, ସୁମତି ବିଶ୍ୱାଳ, ବରିଷ୍ଠ ଅଧ୍ୟାପକ ଡ. ବିଷ୍ଣୁ ପ୍ରସାଦ ସାହୁ, ଅଜୟ ଦାଶ, ସୁକାନ୍ତ ବାରିକ ପ୍ରମୁଖ ଏହି କାର୍ଯ୍ୟକ୍ରମ ଓ ପାଠଚକ୍ରର ସଂଯୋଜନା ଓ ପରିଚାଳନା କରିଥିଲେ।

# ଏରବଙ୍ଗ ପଞ୍ଚାୟତସ୍ତରୀୟ ଭାଜପାର ସାଂଗଠନିକ ବୈଠକ

ଗୋପ,୯।୧(ଭାରତୀ ଭୂଷଣ ଉପାଧ୍ୟାୟ)

ସାଧାରଣ ଲୋକଙ୍କ ସମସ୍ୟା ଉପରେ ଆମମାନଙ୍କୁ ପ୍ରଥମେ ଗୁରୁତ୍ୱ ଦେବାକୁ ପଡ଼ିବ। କାହିଁକି ନାଁ ଗରିବଙ୍କ ସମସ୍ୟା ଆମ ସରକାରଙ୍କ ପ୍ରାଧାନ୍ୟତା ବୋଲି ଶୁକ୍ରବାର ଗୋପ ଅନ୍ତର୍ଗତ ମହଲପଡ଼ା ପଞ୍ଚାୟତ ସ୍ଥିତ ଗରୁଡ଼େଶ୍ୱର ମନ୍ଦିର ପରିସରରେ ଆୟୋଜିତ ଏରବଙ୍ଗ ପଞ୍ଚାୟତର ସାଂଗଠନିକ ବୈଠକ ଓ ମିଶ୍ରଣ ପର୍ବରେ ଭାଜପାର ବ୍ଲକ ଯୁବନେତା ଶିବ ପ୍ରସାଦ ସ୍ୱାଇଁ ଉପସ୍ଥିତ କର୍ମୀଙ୍କୁ ଏପରି ପରାମର୍ଶ ଦେଇଥିଲେ। ଏରବଙ୍ଗ ପଞ୍ଚାୟତର ପୂର୍ବତନ ଭାଜପା ପଞ୍ଚାୟତ ସଭାପତି ମନ୍ଦର ଲେଙ୍କାଙ୍କ ସଭାପତିତ୍ୱରେ ବୈଠକରେ ଉପସଭାପତି ରବୀନ୍ଦ୍ର ନାୟକ, ସାଧାରଣ ସମ୍ପାଦକ ଯୋଗେନ୍ଦ୍ର ଜେନାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଏରବଙ୍ଗ ପଞ୍ଚାୟତର ୧୭ଟି ଓ୍ୱାର୍ଡର ଶତାଧିକ ଭାଜପା କର୍ମୀ ଏହି ବୈଠକରେ ଯୋଗ ଦେଇଥିବା ବେଳେ ୧୧ନଂ. ଓ୍ୱାର୍ଡର ସଭ୍ୟ ମନୋଜ କୁମାର ଭୋଇ ଓ ୪ନଂ. ଓ୍ୱାର୍ଡର ସଭ୍ୟ ଦୀପା ସ୍ୱାଇଁ, ଯୁବନେତା ଶିବ ପ୍ରସାଦ ସ୍ୱାଇଁଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଭାଜପାରେ ଯୋଗ ଦେଇଛନ୍ତି। ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଦଳ ଯେପରି ତା'ର ଗାରିମା ବଜାୟ ରଖିବ ଓ ପଞ୍ଚାୟତ ଲାଗି କାର୍ଯ୍ୟ କରୁଥିବା ଯୁବ ନେତୃତ୍ୱକୁ ବିଜୟୀ କରାଇବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଲକ୍ଷ୍ମୀ ନାରାୟଣ ଦଳାଇ, ଦୀପ୍ତି ଜେନା, ମୃତ୍ୟୁଞ୍ଜୟ ବିଶ୍ୱାସ ଓ ମାନସ ଖଟୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ବରିଷ୍ଠ ନାଗରିକ ସମ୍ମିଳନୀ, ସଚେତନତା କାର୍ଯ୍ୟକ୍ରମ

ପୁରୀ,୯।୧(ଅଜିତ୍ କୁମାର ମହାନ୍ତି)

ପୁରୀ ପୋଲିସ୍ ପକ୍ଷରୁ ରିଜର୍ଭ ପୋଲିସ୍ ଲାଇନ୍ସର କନଫରେନ୍ସ ହଲ୍ରେ ଏକ ବରିଷ୍ଠ ନାଗରିକ ସମ୍ମିଳନୀ ଓ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏସ୍ପି ପ୍ରତୀକ ସିଂହଙ୍କ ନେତୃତ୍ୱରେ ସମ୍ମିଳନୀ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ମିସ୍ ଅନଖା କେ. ବିଜୟା, ଏସ୍ଏସ୍ଏମ୍ଏସ୍ଭି କମାଣ୍ଡାଣ୍ଟ ତପସ ଦାସ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଶୀଳ ମିଶ୍ର, ଦେବୀ ପ୍ରତାପ, ସଚିନ ପଟେଲ, ସୌମ୍ୟରଞ୍ଜନ ମଲ୍ଲିକ, ତାରା ଜାସମିନ ଗୁରିଆଙ୍କ ସହିତ ସମସ୍ତ ଡିଏସ୍ପି ଓ ପୁରୀ ସହର ଉପବିଭାଗର ସମସ୍ତ ଥାନାଧିକାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ତାରା ଜାସମିନ ଗୁରିଆଙ୍କୁ ବରିଷ୍ଠ ନାଗରିକଙ୍କ ପାଇଁ ନୋଡାଲ୍ ଅଫିସର ଭାବେ ନିଯୁକ୍ତ କରାଯାଇଛି ବୋଲି ସୂଚନା ପ୍ରଦାନ କରାଯାଇଥିଲା। ଏସ୍ପି ସିଂ ଏହି ସଭାରେ ବରିଷ୍ଠ ନାଗରିକଙ୍କୁ ବର୍ତ୍ତମାନ ସମୟରେ ବଢ଼ିଚାଲିଥିବା ସାଇବର ଠକେଇ, ଅନଲାଇନ୍ ଫ୍ରଡ୍, ଫେକ୍ କଲ୍, ଓଟିପି ଠକେଇ, କେଓ୍ୱାଇସି ଅପଡେଟ୍ ନାମରେ ଠକେଇ ଇତ୍ୟାଦି ସମ୍ପର୍କରେ ବିସ୍ତୃତ ଭାବେ ସଚେତନ କରିଥିଲେ। ଅଜଣା ଫୋନ୍ କଲ୍, ଲିଙ୍କ୍ ଓ ମେସେଜ୍ରୁ ସତର୍କ ରହିବାକୁ ଏବଂ କୌଣସି ପରିସ୍ଥିତିରେ ବ୍ୟକ୍ତିଗତ ତଥ୍ୟ, ଓଟିପି କିମ୍ବା ବ୍ୟାଙ୍କ ସମ୍ପର୍କିତ ସୂଚନା ସେୟାର ନ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ମଧ୍ୟ ଆୟୋଜିତ ହୋଇଥିଲା। ଯେଉଁଥିରେ ପ୍ରାୟ ୧୦୦ ଜଣ ବରିଷ୍ଠ ନାଗରିକ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ବରିଷ୍ଠ ନାଗରିକଙ୍କୁ ଆଶ୍ୱାସନା ଦେଇ କହିଛନ୍ତି, ପୁରୀ ପୋଲିସ୍ ସବୁବେଳେ ସେମାନଙ୍କ ସହ ଅଛି ଏବଂ କୌଣସି ସମସ୍ୟା, ଅସୁବିଧା କିମ୍ବା ସନ୍ଦେହଜନକ ଘଟଣା ହେଲେ ପୋଲିସ୍କୁ ସୂଚନା ଦେବାକୁ ଅନୁରୋଧ କରିଥିଲେ। ସେ ଏହା ମଧ୍ୟ ସ୍ପଷ୍ଟ କରି କହିଥିଲେ ଯେ, ୧୧୨ ହେଉଛି ପୁରୀ ପୋଲିସ୍ର ୨୪ ଘଣ୍ଟିଆ ଜରୁରୀ ସେବା ନମ୍ବର, ଯାହା ମାଧ୍ୟମରେ ସମସ୍ତ ସମୟରେ ସାହାଯ୍ୟ ମିଳିପାରିବ। ପୋଲିସ ବରିଷ୍ଠ ନାଗରିକଙ୍କ ସୁରକ୍ଷା, ସମ୍ମାନ ଓ ସୁଖସୁବିଧା ପାଇଁ ସଦା ସଚେତନ ଓ ପ୍ରତିବଦ୍ଧ।



କାର୍ଯ୍ୟକ୍ରମରେ ଏସ୍ପି ପ୍ରତୀକ ସିଂହଙ୍କ ସହ ବରିଷ୍ଠ ନାଗରିକ ।

# ଖୋର୍ଦ୍ଧା ଜିଲା କ୍ରିକେଟ ଆସୋସିଏଶନ ଫାଇନାଲରେ

**ନିମାପଡ଼ା କପ୍ କ୍ରିକେଟ**

ନିମାପଡ଼ା,୯।୧(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଆଥ୍ଲେଟିକ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡରେ ଆୟୋଜିତ ରାଜ୍ୟସ୍ତରୀୟ ୩୦ତମ ନିମାପଡ଼ା କପ୍ ଓ ଦ୍ୱିତୀୟ ତାପସ ଦାସ ସ୍ମାରକୀ କ୍ରିକେଟ ପ୍ରତିଯୋଗିତାର ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍ରେ ଭୁବନେଶ୍ୱର ରାମେଶ୍ୱର ସ୍ପୋର୍ଟିଂକୁ ୫୯ ରନ୍ରେ ପରାସ୍ତ କରି ଖୋର୍ଦ୍ଧା ଜିଲା କ୍ରିକେଟ ଆସୋସିଏଶନ ବିଜୟ ହାସଲକରି ଫାଇନାଲ୍ରେ ପ୍ରବେଶ କରିଛି। ଟସ୍ ଜିତି ଖୋର୍ଦ୍ଧା ଜିଲା କ୍ରିକେଟ ଆସୋସିଏଶନ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭର ମ୍ୟାଚ୍ରେ ୮ଟି ଉଇକେଟ ହରାଇ ୨୩୪ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ରାକେଶ ପଟ୍ଟନାୟକ ସର୍ବାଧିକ ୫୯ ରନ୍, ରଣଜିତ ପାଇକରାୟ ୪୬ ରନ୍, ସରୋଜ ପାତ୍ର ୪୫ ରନ୍ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ଭୁବନେଶ୍ୱର ରାମେଶ୍ୱର ସ୍ପୋର୍ଟିଂର ବୋଲର ଏମ୍. ଜି. ଗୋପାଲ ସର୍ବାଧିକ ୫ଟି ଉଇକେଟ ନେଇଥିଲେ।

ଏହାର ଜବାବରେ ବ୍ୟାଟିଂ କରି ଭୁବନେଶ୍ୱର ରାମେଶ୍ୱର ସ୍ପୋର୍ଟିଂ ନିର୍ଦ୍ଧାରିତ ୩୦ ଓଭର ଖେଳରୁ ୨୭. ୫ ଓଭରରେ ସମସ୍ତ ଉଇକେଟ ହରାଇ ୧୭୫ ରନ୍ ସଂଗ୍ରହ କରି ପରାସ୍ତ ହୋଇଥିଲେ। ଦଳ ପକ୍ଷରୁ ଏମ୍ ଜି. ଗୋପାଲ ସର୍ବାଧିକ ୪୫ ରନ୍, ସ୍ୱୟଂ ଦାସ ୨୮ ରନ୍ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ଖୋର୍ଦ୍ଧା ଜିଲା କ୍ରିକେଟ ଆସୋସିଏଶନର ବୋଲର୍ ଶୁଭମ ନାୟକ ୩ଟି, ସୁନୀଲ ବାରିକ ୨ଟି, ବିଶ୍ୱଭୂଷଣ ବିହାରୀ ୨ଟି ଉଇକେଟ ନେଇଥିଲେ। ଅମ୍ପାୟାର ଭାବେ ନିର୍ମଳ ମିଶ୍ର ଓ ତ୍ରିଭୁବନ ନାଥ ଦାଶ ମ୍ୟାଚ୍ ପରିଚାଳନା କରିଥିଲେ। ଏହି ମ୍ୟାଚରେ ସଂଗ୍ରାମ କେଶରୀ ଭୋଳ ଧାରା ବିବରଣୀ ପ୍ରଦାନ କରିଥିଲେ। ସ୍କୋରର ଭାବେ ଅଭିନନ୍ଦନ ପାତ୍ର ଓ ଆନନ୍ଦ ପ୍ରସାଦ ମଲ୍ଲିକ ମ୍ୟାଚର ସଂଯୋଜନା ଓ ପରିଚାଳନା କରିଥିଲେ। ଶୁକ୍ରବାର ମ୍ୟାଚରେ ବିଜୟୀ ଖୋର୍ଦ୍ଧା ଜିଲା କ୍ରିକେଟ ଆସୋସିଏଶନର ଖେଳାଳି ରାକେଶ ପଟ୍ଟନାୟକ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ଭାବେ ବିବେଚିତ ହୋଇ ସ୍ୱତନ୍ତ୍ର ଭାବେ ପୁରସ୍କୃତ ହୋଇଥିଲେ। ଏହି ମ୍ୟାଚ୍ରେ ଅତିଥି ଭାବେ ପୂର୍ବତନ କାଉନ୍ସିଲର ଅରୁଣପ୍ରସାଦ ଦାଶ, ଚାରିଛକ ପ୍ରେସ୍ କ୍ଲବ ସଭାପତି ପ୍ରଫୁଲ୍ଲ କର, ନିମାପଡ଼ା ସ୍ୱର୍ଣ୍ଣକାର ସଂଘର ସଭାପତି ତଥା ବାସୁଦେବ ଜୁଏଲାରୀର ପ୍ରୋପାଇଟର୍ ପୂର୍ଣ୍ଣଚନ୍ଦ୍ର ସାହୁ, କ୍ରୀଡ଼ାବିତ ଅକ୍ଷୟ କୁମାର ବେହେରା, ସରୋଜ କୁମାର ମହାନ୍ତି, ସାମାଜିକ କର୍ମୀ ପବିତ୍ର ମୋହନ ସ୍ୱାଇଁ ପ୍ରମୁଖ ଯୋଗଦେଇ କୃତୀ ମ୍ୟାନ୍ ଅଫ ଦି ମ୍ୟାଚ୍ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରଥିଲେ। ଶନିବାର ଆୟୋଜିତ ପ୍ରଦର୍ଶନୀ ମ୍ୟାଚରେ ନିମାପଡ଼ା ଟାଉନ୍ କ୍ଲବକୁ ସାକ୍ଷୀଗୋପାଳ ପଞ୍ଚସଖା କ୍ରିକେଟ କ୍ଲବ ଭେଟିବ।




ଅତିଥିମାନେ କୃତୀ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।

### ଚୌଦ୍ୱାର କଲେଜ ଇଂଲିଶ ସାହିତ୍ୟ ବିଭାଗର ବାର୍ଷିକ ପାଠଚକ୍ର

ଚୌଦ୍ୱାର,(ଆଶୁତୋଷ ଦାସ): ଚୌଦ୍ୱାର ମହାବିଦ୍ୟାଳୟ ଇଂଲିଶ ସାହିତ୍ୟ ବିଭାଗର ବାର୍ଷିକ ପାଠଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷା ରଶ୍ମି ରାଉତରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଲେପୁର ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ସତ୍ୟାନନ୍ଦ ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗଦେଇ ପାଠଚକ୍ରର ବିଷୟବସ୍ତୁ 'ରି ଇମାଜିନିଂ ଇଣ୍ଡିଆନ ମିଥୋଲୋଜି ଆଣ୍ଡ ଟ୍ରାଡିଶନ' ଉପରେ ଆଲୋଚନା କରିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପକ ରଜନୀକାନ୍ତ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଯୁକ୍ତ ୩ ବର୍ଷର ଛାତ୍ର ଅର୍ଶାର ଅହମଦ ଖାଁ ଏବଂ ଦ୍ୱିତୀୟ ବର୍ଷର ଛାତ୍ରୀ ଶ୍ରାୟା ଠାକୁରତା ସଭା ପରିଚାଳନା କରିଥିଲେ। ତୃତୀୟ ବର୍ଷର ଛାତ୍ରୀ ଚିନ୍ମୟୀ ମହାରଣା ବିଷୟ ଭିତ୍ତିକ ସନ୍ଦର୍ଭ ପାଠ କରିଥିଲେ। ଅଧାପିକା ଶୁଭସ୍ମିତା ଭୂୟାଁ ଓ ସୁଭଦର୍ଶିନୀ ପତ୍ରୀ ସହଯୋଗ ଏବଂ ଅଧାପିକା ଶିଳ୍ପାଶ୍ରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଶିଶୁ ଭବନ: ଭଙ୍ଗା ହେଲା ଅସୁରକ୍ଷିତ କୋଠା

■ମଲ୍ଟିଷ୍ଟୋରେଜ କୋଠା ନିର୍ମାଣ ନେଇ ଯୋଜନା

■ରହିବେ ୫ ଶହରୁ ଅଧିକ ଡାକ୍ତର, କର୍ମଚାରୀ

କଟକ,୯।୧(ଶିଳ୍ପା ପ୍ରିୟଦର୍ଶିନୀ)

ସର୍ଦ୍ଦାର ବଲ୍ଲଭଭାଇ ପଟେଲ ସ୍ନାତକୋତ୍ତର ଶିଶୁରୋଗ ପ୍ରତିଷ୍ଠାନ (ଶିଶୁଭବନ) ପରିସରରେ ଥିବା ଅସୁରକ୍ଷିତ କୋଠାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଭଙ୍ଗାଯାଇଛି। ପ୍ରାୟ ୪ଟି କ୍ୱାର୍ଟର୍ସକୁ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଦିଆଯାଇଛି। ମାଜିଷ୍ଟ୍ରେଟ୍ ଓ ପୋଲିସ ଉପସ୍ଥିତିରେ ଏହି କାର୍ଯ୍ୟ ସମ୍ପନ୍ନ ହୋଇଥିବାବେଳେ ଘଟଣାସ୍ଥଳରେ ଆର୍‌ଆଣ୍ଡବି, ଟିପିସିଓଡିଏଲ ଓ ୱାଟ୍‌କୋର ଅଧିକାରୀମାନେ ଉପସ୍ଥିତ ଥିଲେ। ଅନ୍ୟପଟେ ଅସୁରକ୍ଷିତ କୋଠା ସ୍ଥାନରେ କର୍ମଚାରୀଙ୍କ ନିମନ୍ତେ ନିର୍ମାଣ ହେବ ମଲ୍ଟିଷ୍ଟୋରେଜ ଜି ପ୍ଲସ-୬ କୋଠା ବୋଲି ମେଡିକାଲ ପକ୍ଷରୁ ସୂଚନା ମିଳିଛି।

ମିଳିଥିବା ସୂଚନା ମୁତାବକ, ଶିଶୁଭବନ ପରିସରରେ ନୂତନ କରି ତିଆରି ହେବ ଜି ପ୍ଲସ-୬ ମଲ୍ଟିଷ୍ଟୋରେଜ କୋଠା। ଏଥିରେ ୫ଶହ ନର୍ସିଂ ଅଫିସର, ପାରାମେଡିକାଲ କର୍ମଚାରୀ ଓ ଡାକ୍ତରଙ୍କ ରହଣି ନିମନ୍ତେ କ୍ୱାର୍ଟର୍ସ କରାଯିବ। ଏହାସହ ରନ୍ଧାଖାଦ୍ୟ ପାଇଁ ଷ୍ଟାଫ୍ କ୍ୟାଣ୍ଟିନ ଓ ମେସ୍ ନିର୍ମାଣ କରାଯିବ। ଏହି କାର୍ଯ୍ୟ ନେଇ ଏବେ ବିଭାଗୀୟ ଅଧିକାରୀଙ୍କ ସହ ମେଡିକାଲ କର୍ତ୍ତୃପକ୍ଷ ଆଲୋଚନା କରିଛନ୍ତି। ପରେ ଏ ନେଇ ଟେଣ୍ଡର ଡକାଯିବ। ଖୁବଶୀଘ୍ର ଏହି କୋଠାର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ପ୍ରଭାକର ମିଶ୍ର କହିଛନ୍ତି। ସୂଚନାଥାଉ କି, ଲାଲବାଗ ଥାନା ପଟକୁ ରହିଥିଲା ଶିଶୁଭବନର ପୁରୁଣା କୋଠା। ଯାହାକି ଦୀର୍ଘବର୍ଷ ହେବ ଅସୁରକ୍ଷିତ ଘୋଷଣା କରାଯାଇଥିଲା। ଏଠାକୁ ଶତାଧିକ ଶିଶୁରୋଗୀଙ୍କୁ ନେଇ ତାଙ୍କ ଅଭିଭାବକ ଚିକିତ୍ସା ନିମେନ୍ତ ଆସୁଥିବାବେଳେ ମେଡିକାଲ ପରିସରରେ ଏଭଳି ଅସୁରକ୍ଷିତ କୋଠା ରହିବା ଲୋକଙ୍କ ଜୀବନ ଉପରେ ବିପଦ ଥିବାରୁ ହାଇକୋର୍ଟ ଏଦିଗରେ ହସ୍ତକ୍ଷେପ କରିଥିଲେ। ଏ ନେଇ ହାଇକୋର୍ଟ ଉକ୍ତ କୋଠାଗୁଡ଼ିକୁ ଭାଙ୍ଗିବାକୁ ନିର୍ଦ୍ଦେଶ ଦେବା ପରେ ଏହାକୁ ଶୁକ୍ରବାର ଭଙ୍ଗାଯାଇଛି।



ଶୁଶୁ ଭବନ ପରିସରରେ ଥିବା ଅସୁରକ୍ଷିତ କୋଠାକୁ ଭଙ୍ଗାଯାଉଛି।




ଜିଲା ଜଜ୍ କୋର୍ଟ ପରିସର ପ୍ରବେଶ ପଥରେ ଶୁକ୍ରବାର ଲଗାଯାଇଥିବା ମେଟାଲ ଡିଟେକ୍ଟର।

## ସଂକ୍ଷେପରେ

### ନିର୍ମଳ ଭକ୍ତିର କଥା କହିଲେ ସ୍ୱାମୀ ମୁକୁନ୍ଦାନନ୍ଦ



କଟକ,୯।୧(କାର୍ତ୍ତିକ ସାହୁ)

ଭଗବାନଙ୍କ ପ୍ରତି ନିଷ୍କାମ ପ୍ରେମ ରହିବା ନିହାତି ଆବଶ୍ୟକ। ମାନବ ଜୀବନରେ ଭକ୍ତିର ପରିବର୍ତ୍ତନଶୀଳ ଶକ୍ତି ରହିଛି। ଶାସ୍ତ୍ରୀୟ ତତ୍ତ୍ୱ ଆଧାରରେ ନିର୍ମଳ ଭକ୍ତିର କଥା କହିଛନ୍ତି ଆଧ୍ୟାତ୍ମିକ ଗୁରୁ ସ୍ୱାମୀ ମୁକୁନ୍ଦାନନ୍ଦ। ସାରଳା ଭବନଠାରେ ଅନୁଷ୍ଠିତ ଦୁଇଦିନିଆ ପ୍ରବଚନ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଆତ୍ମିକ ଚେତନାର ନୂତନ ଉଚ୍ଚତା ନାରଦ ଭକ୍ତି ସୂତ୍ର ଉପରେ ସ୍ୱାମୀ ମୁକୁନ୍ଦାନନ୍ଦ ଜୀଙ୍କ ଉପଦେଶ ଶ୍ରୋତାମାନଙ୍କୁ ଗଭୀର ଭାବେ ଆକର୍ଷିତ କରିଥିଲା। ବିଧାୟିକା ସୋଫିଆ ଫିର୍ଦ୍ଦୋସ, ବିଧାୟକ ସୌଭିକ ବିଶ୍ୱାଳ ଏବଂ ରାଜ୍ୟ ଭାଜପା ସାଧାରଣ ସମ୍ପାଦିକା ସ୍ମୃତି ପଟ୍ଟନାୟକ ସ୍ୱାମିଜୀଙ୍କୁ ପୁଷ୍ପାଞ୍ଜଳିଅର୍ପଣ କରିସମ୍ମାନ ଜଣାଇଥିଲେ। ଏହି ଅବସରରେ ଜଗଦ୍‌ଗୁରୁ କୃପାଳୁ ଯୋଗର କାର୍ଯ୍ୟକଳାପ ଓ ଆତ୍ମିକ ଦୃଷ୍ଟିକୋଣ ସମ୍ପର୍କରେ ଏକ ସଂକ୍ଷିପ୍ତ ଭିଡିଓ ପ୍ରଦର୍ଶିତ ହୋଇଥିଲା। ଏଥିସହ ସ୍ୱାମିଜୀ ନାରଦ ଭକ୍ତି ସୂତ୍ର ଗ୍ରନ୍ଥର ଲୋକାର୍ପଣ କରିଥିଲେ।

### ଦୁର୍ଘଟଣାରେ ଆହତ ହରିଣ ମୃତ

ଖୁଣ୍ଟୁଣୀ,୯।୧(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ରାଧାଦାମୋଦରପୁର (କଣ୍ଟାବନ୍ଧ) ଠାରେ ଶୁକ୍ରବାର ଏକ ଗାଡି ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା ଏକ ଅଣ୍ଡିରା ହରିଣର ମୃତ୍ୟୁ ଘଟିଛି। ହରିଣର ବୟସ ୩ରୁ ୪ ବର୍ଷ ମଧ୍ୟରେ ହେବ ବୋଲି ବନ ବିଭାଗ ସୂତ୍ରରୁ ପ୍ରକାଶ। ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ନୀଳମାଧବ ସାହୁଙ୍କ ସୂତ୍ରରୁ ପ୍ରକାଶ ସକାଳେ ସୁବାସୀ ରିଜର୍ଭ ଫରେଷ୍ଟ ମଧ୍ୟରୁ ଏକ ଅଣ୍ଡିରା ଚିତ୍ରା ହରିଣ କଣ୍ଟାବନ୍ଧଠାରେ ୫୫ ନଂ. ଜାତୀୟ ରାଜପଥ ପାର ହେଉଥିବା ବେଳେ ଏକ କାର ଦୁର୍ଘଟଣାର ସମ୍ମୁଖୀନ ହୋଇ ଆହତ ହୋଇ ସ୍ଥାନୀୟ ଏକ ରାଇସ ମିଲ ନିକଟକୁ ଚାଲି ଆସିଥିଲା। ହରିଣକୁ ଦେଖି ଗ୍ରାମର କେତେଜଣ ଯୁବକ ଖୁଣ୍ଟୁଣୀ ବନ ବିଭାଗକୁ ଜଣାଇଥିଲେ। ଖୁଣ୍ଟୁଣୀ ବନପାଳ ସରୋଜ କୁମାର ପଣ୍ଡା ଓ ତାଙ୍କର ସହଯୋଗୀ ଷ୍ଟାଫଙ୍କ ସହ ପହଞ୍ଚି ଆହତ ହରିଣ ଚିକିତ୍ସା ପାଇଁ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ଚିକିତ୍ସା ଅବସ୍ଥାରେ ହରିଣର ମୃତ୍ୟୁ ଘଟିଥିଲା। ଭିଏସଏସଙ୍କ ଦ୍ୱାରା ବ୍ୟବଚ୍ଛେଦ ପରେ ହରିଣକୁ ବନ ବିଭାଗ ଅଡାଳସ୍ଥିତ କେନ୍ଦ୍ରୀୟ ନର୍ସରୀରେ ପୋତି ଦେଇଥିବା ଜଣାପଡିଛି।

### ସାମାଜିକ କର୍ମୀ ସୁଧାଂଶୁ ମହାନ୍ତିଙ୍କ ପରଲୋକ

କଟକ,୯।୧(କାର୍ତ୍ତିକ ସାହୁ)

ସାମାଜିକ କର୍ମୀ ସୁଧାଂଶୁ ମହାନ୍ତି (୭୬)ଙ୍କ ନିଜ ଅରୁଣୋଦୟ ନଗରସ୍ଥିତ ବାସଭବନରେ ପରଲୋକ ହୋଇଛି। ସେ ଦୀର୍ଘ ଦିନ ଧରି ରୋଗାକ୍ରାନ୍ତ ହୋଇ ଶଯ୍ୟାଶାୟୀ ଥିଲେ। ସ୍ୱର୍ଗତ ମହାନ୍ତି ସ୍ୱାଧୀନତା



ସଂଗ୍ରାମୀ ଗୋବିନ୍ଦ ଚନ୍ଦ୍ର ମହାନ୍ତିଙ୍କ ଜ୍ୟେଷ୍ଠ ପୁତ୍ର। ପିତାଙ୍କ ପଥ ଅନୁସରଣ କରି ସେ ଜନହିତକର କାର୍ଯ୍ୟରେ ସାମିଲ ହୋଇଥିଲେ। ସେ ଡ. ହିମାଂଶୁ ମହାନ୍ତି ଓ ଶୀତାଂଶୁ ମହାନ୍ତିଙ୍କ ବଡ଼ ଭାଇ। ତାଙ୍କ ପୁତ୍ର ଆମେରିକାରୁ ଆସିଲା ପରେ ଖାନନଗର ଶ୍ମଶାନରେ ଶବସତ୍କାର କରାଯାଇଛି। ତାଙ୍କ ମରଶରୀରକୁ ପ୍ରଶିକ୍ଷଣ ପାଇଁ ଦାନ କରାଯାଇଥିଲେ ମଧ୍ୟ କେତେକ କାରଣବଶତଃ ତାହା ହୋଇପାରି ନ ଥିଲା। ତାଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ବାସିନ୍ଦା, ଆତ୍ମୀୟସ୍ୱଜନମାନେ ପହଞ୍ଚି ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ ଜଣାଇଥିଲେ। ସିପିଆଇ କଟକ ନଗର ସମ୍ପାଦକ ପ୍ରସନ୍ନ ମହାପାତ୍ର, ଶ୍ରମିକ ନେତା କିଶୋର ଚନ୍ଦ୍ର ଜେନା, ସୁଶାନ୍ତ ମହାପାତ୍ର, ଇସକଫ ରାଜ୍ୟ ସମ୍ପାଦକ ଜାନକୀବଲ୍ଲଭ ମହାନ୍ତି ଓ ସଞ୍ଜୟ ପରିଜା, ସିପିଆଇ ରାଜ୍ୟ ନେତା ଆଡଭୋକେଟ ଅମରେନ୍ଦ୍ର ମହାନ୍ତି, ଜିଲା ସମ୍ପାଦକ ବିନୋଦ ବେହେରା ଅନ୍ତିମ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।



ଷ୍ଟିୱାର୍ଟ ସ୍କୁଲରେ ଶିଶୁ ନେତାଜୀଙ୍କ ପ୍ରଥମ ବିଦ୍ୟାଳୟ ପ୍ରବେଶର ଐତିହାସିକ ସ୍ମରଣ ଦିବସ ପାଳନ ଅବସରରେ ଓଡ଼ିଆ ବଜାର ନେତାଜୀ ଜନ୍ମ ସ୍ଥାନ ସଂଗ୍ରହାଳୟରୁ ବାହାରିଥିବା ରାଲି। (ଫଟୋ: ରାଜକିଶୋର ମହାନ୍ତି)

## ଥରାଇଲା ଶୀତ: ଆଜିଠୁ ଶନିବାରିଆ ସ୍କୁଲ ୧୦ଟାରୁ

କଟକ,୯।୧(କାର୍ତ୍ତିକ ସାହୁ)

ଶୀତର ପ୍ରକୋପ ସାଙ୍ଗକୁ ଘନ କୁହୁଡ଼ି ଅସହ୍ୟ ହୋଇଛି। ସକାଳୁ ଶେଯରୁ ଉଠିବା ବଡ଼ କଷ୍ଟ ଦାୟକ ସାବ୍ୟସ୍ତ ହୋଇଛି। ପ୍ରଚଣ୍ଡ ଶୀତର ପ୍ରକୋପ ଓ ଘନ କୁହୁଡ଼ିକୁ ଦୃଷ୍ଟିରେ ରଖି କଟକ ଜିଲାରେ ଶନିବାରିଆ ସ୍କୁଲ ସକାଳୁଆ ପରିବର୍ତ୍ତେ ପୂର୍ବାହ୍ଣ ୧୦ଟାରୁ ଅପରାହ୍ଣ ୪ଟା ଯାଏ କରିବାକୁ ନିର୍ଦ୍ଦେଶନାମା ଜାରି ହୋଇଛି। ସାମ୍ପ୍ରତିକ ପରିସ୍ଥିତିକୁ ଜିଲାପାଳ ହୃଦୟଙ୍ଗମ କରି ସ୍କୁଲ ସକାଳୁଆ କରିବାକୁ ଅନୁମତି ଦେଇଛନ୍ତି। ଆଗକୁ ବାର୍ଷିକ ପରୀକ୍ଷା ଥିବାରୁ ଏଭଳି ନିର୍ଦ୍ଦେଶନାମା ପାଠପଢ଼ା ନିମନ୍ତେ ସହାୟକ ହେବ। ତେବେ ପରବର୍ତ୍ତୀ ନିର୍ଦ୍ଦେଶନାମା ନ ହେବା ଯାଏ ଶନିବାରିଆ ସ୍କୁଲ ଏହି ସମୟରେ ହେବ ବୋଲି କଟକ ଜିଲା ଶିକ୍ଷାଧିକାରୀଙ୍କ ପକ୍ଷରୁ ଶୁକ୍ରବାର ଜାରି ନିର୍ଦ୍ଦେଶନାମାରେ ଦର୍ଶାଯାଇଛି।

## ଶିକ୍ଷାନୁଷ୍ଠାନ ସମୂହର ବାର୍ଷିକ କ୍ରୀଡ଼ା ଉତ୍ସବ




ବାର୍ଷିକ କ୍ରୀଡ଼ା ଉତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ।

ଚୌଦ୍ୱାର,୯।୧(ଆଶୁତୋଷ ଦାସ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ବଡ଼ସାମନ୍ତରାପୁର ପଞ୍ଚାୟତ ସର୍ଦ୍ଦାରଖରିଦାସ୍ଥିତ ଲକ୍ଷ୍ମୀନାରାୟଣ ଶିକ୍ଷାନୁଷ୍ଠାନ ସମୂହର ୩୦ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ହିନ୍ଦ୍ ସେବକ ସଂଘର ବରିଷ୍ଠ ସଦସ୍ୟ ଗଙ୍ଗାଧର ସାହୁଙ୍କ ପୌରୋହିତ୍ୟରେ ବିଦ୍ୟାଳୟ ପରିସରରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଭାଜପା ଯୁବନେତା ଅଭୟ କୁମାର ବାରିକ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟରେ ଉନ୍ନତ ଶିକ୍ଷାଦାନ ସହିତ ପିଲାମାନଙ୍କ ସର୍ବାଙ୍ଗୀନ ବିକାଶ ପାଇଁ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ବ୍ଲକ୍ ଶିକ୍ଷାଧିକାରୀ ପ୍ରଭାତ କୁମାର ନାୟକ, ଯୁବ ବ୍ୟବସାୟୀ ରବି ନାରାୟଣ ସାହୁ, ସାମାଜିକ କର୍ମୀ ସୋନାଲି ଘୋଷ, ଶିକ୍ଷାବିତ୍ ଶଙ୍କର୍ଷଣ ବେହେରା, ରବୀନ୍ଦ୍ର ରାଉତ, ପରମାନନ୍ଦ ସାହୁ, ଦାମୋଦର ଗୋଛାୟତ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ବାସୁଦେବ ସାହୁ ବିବରଣୀ ପାଠ କରିଥିଲେ। ଦୁଇଦିନ ଧରି ଅନୁଷ୍ଠିତ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାଥମିକ ପ୍ରଧାନ ଶିକ୍ଷୟିତ୍ରୀ ସରସ୍ୱତୀ ଦେହୁରୀ, ସ୍ମୃତିସୁଧା ନାୟକ, ରୁବିନା ରାଉତ, ଚିନ୍ମୟୀ ସାହୁ, ଶ୍ରାବଣୀ ସେଠୀ ଓ ପୁଷ୍ପଲତା ଦେହୁରୀ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ। ଶିକ୍ଷକ ଉମାକାନ୍ତ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ପିଲାମାନଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କ୍ରୀଡ଼ା ଉତ୍ସବକୁ ରୋଟାରିଆନ୍ ମନୋରମା ଜେନା ଉଦ୍‌ଘାଟନ କରିଥିଲେ।

## ବରିଷ୍ଠ ନାଗରିକଙ୍କ ସୁରକ୍ଷା ପାଇଁ ମଞ୍ଚ ଗଠନ ଆବଶ୍ୟକ

କଣ୍ଟାପଡ଼ା,୯।୧(ସୁରନାରାୟଣ ସାହୁ)

କଣ୍ଟାପଡ଼ା ବ୍ଲକ ବରିଷ୍ଠ ନାଗରିକ ମଞ୍ଚର ଚତୁର୍ଥ ପ୍ରତିଷ୍ଠା ଦିବସ ବାଗଲପୁର ଗ୍ରାମ ପଞ୍ଚାୟତ କଲ୍ୟାଣ ମଣ୍ଡପଠାରେ ଶୁକ୍ରବାର ପାଳିତ ହୋଇଯାଇଛି। ବରିଷ୍ଠ ନାଗରିକ ମଞ୍ଚର ସଭାପତି ପଦ୍ମନାଭ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଭାରତୀୟ ପ୍ରଶାସନିକ ସେବା ବିଭାଗର ଅବସରପ୍ରାପ୍ତ ଅଧିକାରୀ ରାଜକିଶୋର ଚୌଧୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ ସଙ୍ଗଠନ ସବୁ ଅଞ୍ଚଳରେ ଗଠନ କରାଯିବା ସହ ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବା ଉଚିତ ବୋଲି କହିଥିଲେ। ଭାରତୀୟ ପୋଲିସ ସେବା ବିଭାଗର ଅବସରପ୍ରାପ୍ତ ଅଧିକାରୀ ରାଜକିଶୋର ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ ସୁରକ୍ଷା ପାଇଁ ପୋଲିସ ସବୁବେଳେ ଯତ୍ନବାନ ହେବ ବୋଲି କହିଥିଲେ। ଓଡ଼ିଶା ନ୍ୟାୟ ସେବାର ଅବସରପ୍ରାପ୍ତ ଜିଲା ଦୌରାଜଜ୍ ଅରବିନ୍ଦ ଗିରି ଓ ଫୁଲନଖରାସ୍ଥିତ ସମ୍ ହସ୍ପିଟାଲର ଆଡିଶନାଲ ଡିନ୍ ରାଜେଶ କୁମାର ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମଞ୍ଚର ସାଧାରଣ ସମ୍ପାଦକ ଫଣିଭୂଷଣ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବରିଷ୍ଠ ନାଗରିକ ଇନ୍ଦ୍ରମଣି ବେହେରା, କପିଳ ଚରଣ ବେହେରା, ରମାକାନ୍ତ ସ୍ୱାଇଁ ଓ ଅଭିମନ୍ୟୁ ବେହେରାଙ୍କୁ ସମ୍ମାନିତ କରାଯାଇଥିଲା। ଅନୁବାଦ ଓ ଅନୁସରଣ ସାହିତ୍ୟ ପୁସ୍ତିକା 'ସାୟାହ୍ନ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ମଞ୍ଚର ସଦସ୍ୟମାନେ ଏକ କ୍ଷୁଦ୍ର ନାଟକ 'ଭିନ୍ନ ଏକ ପ୍ରୟାସ'ରେ ଅଭିନୟ କରିଥିଲେ। ଶେଷରେ କବିଚରଣ ସେନାପତି ଧନ୍ୟବାଦ ଦେଇଥିଲେ। ପ୍ରଭାକର ବାରିକ, ଚନ୍ଦ୍ର ଶେଖର ଦାଶ, କେଦାରନାଥ ମିଶ୍ର, ଲକ୍ଷ୍ମୀଧର ବାରିକ, ମଧୁସୂଦନ ମହାନ୍ତି, ସରୋଜ କୁମାର ସାମନ୍ତରାୟ, ବିଭୁପ୍ରସାଦ ମହାନ୍ତି, ଉଲ୍ଲାସ ଚନ୍ଦ୍ର ମହାନ୍ତି, ଜିତେନ୍ଦ୍ର କୁମାର ମହାନ୍ତି, ଅଶୋକ କୁମାର ବାରିକ, ସନା ଭୋଇ, ବୁଦ୍ଧନାଥ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସେଣ୍ଟ ଜାଭିୟର୍ସ ହାଇସ୍କୁଲ ବାର୍ଷିକ କ୍ରୀଡ଼ା ଉତ୍ସବ

ଫୁଲନଖରା,୯।୧(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ଜିଲା ବାରଙ୍ଗ ବ୍ଲକ ଅନ୍ତର୍ଗତ କୁରାଙ୍ଗପ୍ରଧାନ ପଞ୍ଚାୟତସ୍ଥିତ ବ୍ରାହ୍ମଣଝରିଲୋଠାରେ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ ତିନି ଦିନ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି। କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବରେ ବିଦ୍ୟାଳୟ ସମ୍ପାଦିକା ଜସ୍ମିନ ବେଗମ, ପରିଚାଳନା ସମିତି ସଭାପତି ସୟଦ ଇକବାଲ ଅଲ୍ଲୀ, ସଭ୍ୟ ମୁସ୍ତାକ ଅଲ୍ଲୀ, ବିଦ୍ୟାଳୟ ଅଧକ୍ଷ ସୟଦ ସେହରିୟର ଅଲ୍ଲୀ, ବରିଷ୍ଠ ଶିକ୍ଷକ ବିଜୟ କୁମାର ଦାସ ପ୍ରମୁଖ କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ। ପ୍ରତିଯୋଗିତାରେ ଦୌଡ଼, ମ୍ୟୁଜିକ ଚେୟାର, ହାଇଜମ୍ପ, ଲଙ୍ଗଜମ୍ପ, ସଟପୁଟ, ଜାଭେଲିନ ଥ୍ରୋ, ସ୍କିପିଂ ଆଦି କ୍ରୀଡା ଅନୁଷ୍ଠିତ ହୋଇଥିଲା। ଏଥିରେ ୯୫୦ ପ୍ରତିଯୋଗୀ ଭାଗ ନେଇଥିଲେ। ବିଭିନ୍ନ କ୍ରୀଡ଼ାରେ ଅଂଶଗ୍ରହଣ କରି ୫୦୭ ପ୍ରତିଯୋଗୀ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଜୟୀ ଛାତ୍ରୀଛାତ୍ରମାନଙ୍କୁ ଅଧକ୍ଷ, ଉପାଧକ୍ଷମାନେ ପୁରସ୍କୃତ କରିଥିଲେ। ସେହିଭଳି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାରଙ୍ଗ ବ୍ଲକ ଉପାଧକ୍ଷା ବିରାଜିନୀ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଇଂ. ସୁଶାନ୍ତ କୁମାର ତ୍ରିପାଠୀ, ବିଦ୍ୟାଳୟ ପରିଚାଳନା ସମିତି ସଭ୍ୟ କୈଳାସ ଚନ୍ଦ୍ର ବେହେରା, ବିଶ୍ୱରଞ୍ଜନ ସାହୁ ଓ ବିଦ୍ୟାଳୟର ପ୍ରତିଷ୍ଠାତା ଶେଖ କଲିମୁଦ୍ଦିନ ପ୍ରମୁଖ ଯୋଗଦେଇଥିଲେ। କ୍ରୀଡା ଶିକ୍ଷକ ସୁନୀଲ ସେଠୀ, ଶିକ୍ଷକ ସୌମ୍ୟକାନ୍ତ ପଟ୍ଟନାୟକ, ସଂଯୋଜିକା ବିଜୟଲକ୍ଷ୍ମୀ ଜେନା ଓ ଅନ୍ୟାନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ। ଉପାଧକ୍ଷା ପ୍ରିୟଙ୍କା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଘଣ୍ଟିଖାଲ ପଞ୍ଚାୟତ ହାଇସ୍କୁଲ, ନୋଡାଲ ୟୁପି ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ



ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି।

ଖୁଣ୍ଟୁଣୀ,୯।୧(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ଘଣ୍ଟିଖାଲ ପଞ୍ଚାୟତ ହାଇସ୍କୁଲ ଓ ନୋଡାଲ ୟୁପି ସ୍କୁଲର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଓ ପୁରସ୍କାର ବିତରଣ ଉତ୍ସବ ଶୁକ୍ରବାର ଅପରାହ୍ଣରେ ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନଶିକ୍ଷକ ହରେକୃଷ୍ଣ ବିଶ୍ୱାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଆରତି ଷ୍ଟିଲ ଉପସଭାପତି ଅଶୋକ କୁମାର ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ଆଠଗଡ଼ ବ୍ଲକ ଶିକ୍ଷା ଅଧିକାରୀ କବିରାଜ ଜେନା ଯୋଗଦେଇ କ୍ରୀଡା ଦ୍ୱାରା ଛାତ୍ରୀଛାତ୍ରମାନଙ୍କ ଶାରୀରିକ ଓ ମାନସିକ ଅଭିବୃଦ୍ଧି ଘଟିଥାଏ ବୋଲି କହିବା ସହ ଶିକ୍ଷା ସାଙ୍ଗକୁ କ୍ରୀଡ଼ା ବିଦ୍ୟାର୍ଥୀଙ୍କ ପାଇଁ ଏକ ଅବିଚ୍ଛେଦ୍ୟ ଅଂଶ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜେ.କେ. ଲକ୍ଷ୍ମୀ ସିମେଣ୍ଟ ପ୍ଲାଣ୍ଟର ସିଏସ୍‌ଆର୍ ମୁଖ୍ୟ ସୁଶୀଲ କୁମାର ରାଉତ, ଓଡ଼ିଶା ସିମେଣ୍ଟ ପ୍ଲାଣ୍ଟର ମ୍ୟାନେଜର ପ୍ରଦୀପ କୁମାର ଭୋଇ, ଘଣ୍ଟିଖାଲ ସରପଞ୍ଚ ସୁଜାତା ମଞ୍ଜରୀ ରାଉତରାୟ, ସିଆର୍‌ସିସି ସୁମନ ବେହେରା, ସ୍କୁଲ ପରିଚାଳନା କମିଟି ସଭାପତି ଲକ୍ଷ୍ମୀଧର ମହାନ୍ତି, ମୋ ସ୍କୁଲ କମିଟି ଅଧକ୍ଷ ସୁବାସ ଚନ୍ଦ୍ର ବିଶ୍ୱାଳ, ଆଲୁମନି କମିଟି ଅଧକ୍ଷ ରବୀନ୍ଦ୍ର ବରାଳ ପ୍ରମୁଖ ଯୋଗଦାନ କରି ନିଜ ଅଭିଭାଷଣ ପ୍ରଦାନ କରିଥିଲେ। କ୍ରୀଡ଼ା ପ୍ରତିଯୋଗିତାରେ ଉଭୟ ସ୍କୁଲର ୧୪୭ ଛାତ୍ରୀଛାତ୍ର ବିଭିନ୍ନ ବିଭାଗରେ ଅଂଶଗ୍ରହଣ କରି ନିଜର କ୍ରୀଡ଼ା ପ୍ରଦର୍ଶନ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥି ମାନପତ୍ର ସହ ପୁରସ୍କୃତ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ନୃସିଂହ ଚରଣ ମହାନ୍ତି ମଞ୍ଚ ପରିଚାଳନା କରିଥିବା ବେଳେ ନୋଡାଲ ଉପ୍ରା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଜୟ କୁମାର ସେଠୀ ଧନ୍ୟବାଦ ଦେଇଥିଲେ। ଶିକ୍ଷକ ନୀଳମଣି କଅଁର ଓ ଶିକ୍ଷୟିତ୍ରୀ ମମତା ସାହୁ ବାର୍ଷିକ କ୍ରୀଡ଼ାକୁ ପରିଚାଳନା କରିଥିବା ବେଳେ ସୌଭାଗିନୀ ସାମନ୍ତରାୟ, ତପନ ସାହୁ, ରତ୍ନପର୍ଣ୍ଣା ମନ୍ତ୍ରୀ, ଅସିତ କୁମାର ତ୍ରିପାଠୀ, ସୁଧାଂଶୁ ବେଉରାଙ୍କ ସମେତ ଉଭୟ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

## ଗ୍ରାମ୍ୟ ସାଧନା କର୍ମୀଙ୍କ ପ୍ରଶିକ୍ଷଣ କର୍ମଶାଳା

କଟକ ସଦର,୯।୧(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକରେ ୪ ଦିନିଆ ଗ୍ରାମ୍ୟ ସାଧନା କର୍ମୀଙ୍କ ପ୍ରଶିକ୍ଷଣ କର୍ମଶାଳା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କଟକ ସଦର ବ୍ଲକ ସମେତ ସାଲେପୁର ଓ ନିଶ୍ଚିନ୍ତକୋଇଲି ବ୍ଲକର ୨୬ଜଣ ଗ୍ରାମ୍ୟ ସାଧନା କର୍ମୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଗ୍ରାମ୍ୟ ସାଧନା କର୍ମୀଙ୍କ ପ୍ରଶିକ୍ଷଣ କର୍ମଶାଳା ସଦର ବିଡିଓ ପ୍ରତୀକ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ୪ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜାତୀୟ ଖାଦ୍ୟ ସୁରକ୍ଷା, ଗ୍ରାମୀଣ ଗୃହ ନିର୍ମାଣରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପଞ୍ଚଦଶ ଅର୍ଥ କମିଶନ ଯୋଜନା, ଏନ୍‌ଏସ୍‌ଏପି ଇତ୍ୟାଦି ସମ୍ପର୍କରେ ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଏବିଡିଓ ଗିରିଜା ପ୍ରସାଦ ବାରିକ, ଡିଏସ୍‌ଏ କଳ୍ପନା ବିଶ୍ୱାଳ, ଟାଙ୍ଗୀ ଚୌଦ୍ୱାର ବ୍ଲକ ସୋସିଆଲ ଅଡିଟର ମନୋଜ କୁମାର ବାରିକ, ସଦର ବ୍ଲକ ସୋସିଆଲ ଅଡିଟର ରଶ୍ମି ନାୟକ, ସଦର ଏପିଓ, ବିଏସଏସଓ, ଜିପିଡିଓ, ଜେଇ, ବିପିସିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଶେଷରେ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।



ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ସାଧନ କର୍ମୀ ଏବଂ ଅନ୍ୟମାନେ।

## ୩ୟ ସ୍ଥାନରେ ଓଡ଼ିଶାର ନୀତା ଫୁଟ୍‌ବଲ ଏକାଡେମୀ

ଖୁଣ୍ଟୁଣୀ,୯।୧(ସଚ୍ଚିଦାନନ୍ଦ ପଣ୍ଡା)



ଅତିଥିଙ୍କ ଗହଣରେ ନୀତା ଫୁଟବଲ ଏକାଡେମୀର ଖେଳାଳିମାନେ।

**ଇଣ୍ଡିଆନ ଓମେନ୍ସ ଲିଗ୍-୨୦୨୬ ଉଦ୍‌ଯାପିତ**

କୋଲକାତାର ସେଣ୍ଟର ଅଫ ଏକ୍ସିଲେନ୍ସ ଷ୍ଟାଡିୟମରେ ଚାଲିଥିବା ଇଣ୍ଡିଆନ ଓମେନ୍ସ ଲିଗ୍-୨୦୨୬ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଓଡ଼ିଶାର ନୀତା ଫୁଟବଲ ଏକାଡେମୀ ସର୍ବ ଭାରତୀୟସ୍ତରରେ ୩ୟ ସ୍ଥାନ ଅଧିକାର କରି ଓଡ଼ିଶା ମହିଳା ଫୁଟବଲ ଖେଳାଳିଙ୍କ ମଧ୍ୟରେ ଆନନ୍ଦର ଲହରି ଖେଳାଇ ଦେଇଛି। ଶ୍ରୀଭୂମି ଫୁଟବଲ କ୍ଲବ କୋଲକାତା ଓ ନୀତା ଫୁଟବଲ ଏକାଡେମୀ ଓଡିଶା ମଧ୍ୟରେ ହୋଇଥିବା ଖେଳରେ ନୀତା ଫୁଟବଲ ଏକାଡେମୀ ୩-୨ ଗୋଲରେ ବିଜୟୀ ହୋଇଛି। ନିତା ଫୁଟବଲ ଏକାଡେମୀ ପକ୍ଷରୁ ପ୍ୟାରି ଏକ୍କା ୨୫ ମିନିଟ ଓ ୯୦ ମିନିଟରେ ଦୁଇଟି ଗୋଲ ଦେଇଥିବା ବେଳେ ଟପର ଖେଳାଳି ନିହା ୫୫ ମିନିଟରେ ଗୋଟିଏ ଗୋଲ ଦେଇଥିଲେ। ପ୍ଲେୟାର ଅଫ ଦି ମ୍ୟାଚ ଭାବରେ ପ୍ୟାରି ଏକ୍କା ବିବେଚିତ ହୋଇଥିଲେ । ଟୁର୍ନାମେଣ୍ଟରେ ୧୦ଟି ଗୋଲ ସ୍କୋର କରି ପ୍ୟାରି ଏକ୍କା ଟପ ସ୍କୋରର ଭାବରେ ଓ ୧୩ ପଏଣ୍ଟ ପାଇ ନୀତା ଫୁଟବଲ ଏକାଡେମୀ ପଏଣ୍ଟ ଟେବୁଲର ତୃତୀୟ ସ୍ଥାନରେ ରହିଛି। ନୀତା ଫୁଟବଲ ଏକାଡେମୀର ବିଜୟ ଓଡ଼ିଶାର ଗୌରବ ବୋଲି ଏକାଡେମୀର ଚେୟାରମ୍ୟାନ ଇଂ. ସୁବ୍ରତ ଦାସ କହିଛନ୍ତି। ଏକାଡେମୀର ସମ୍ପାଦକ ଇଂ. ଅରୁଣ ପରିଜା, ଟେକ୍ନିକାଲ ଆଡଭାଇଜର ମହମ୍ମଦ ଶହିଦ ଜାବର, ମ୍ୟାନେଜର ପ୍ରଦୀପ କୁମାର ରାଉତ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିବା ସହିତ କୋଚ ଏବଂ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ମହିଳା ଫୁଟବଲ ଖେଳକୁ ନୀତା ଫୁଟବଲ ଏକାଡେମୀ ପ୍ରୋତ୍ସାହନ ଦେବା ସହିତ ଖେଳ ମାଧ୍ୟମରେ ଅସହାୟ ଶିଶୁ ଏବଂ କିଶୋରଙ୍କୁ ନିଜ ଗୋଡ଼ରେ ଛିଡ଼ା କରି ସେମାନଙ୍କୁ ସ୍ୱାବଲମ୍ବୀ କରାଉଥିବା ଏହି ପ୍ରୟାସକୁ ପୁରୀର ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଏକାଡେମୀକୁ ପ୍ରଶଂସା କରିବା ସହିତ ଏକାଡେମୀର କର୍ମକର୍ତ୍ତାମାନଙ୍କୁ ସାଧୁବାଦ ଜଣାଇଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ: ....................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଧରାପଡ଼ିଲା ୬.୨୭ କୋଟିର ସାଇବର ଠକେଇ

**ଫୁଲବାଣୀ,୯ା୧(ରାକେଶ କୁମାର ରାଉତ)**

- ୫ ଅଭିଯୁକ୍ତ ଗିରଫ, ୧୦ ଜଣଙ୍କୁ ନୋଟିସ
- ବିଦେଶକୁ ଲମ୍ବିଛି ଅର୍ଥ କାରବାର ଲିଙ୍କ୍

କନ୍ଧମାଳ ଜିଲା ସାଇବର ଥାନା ପୋଲିସ ବଡ଼ଧରଣର ସାଇବର ଅପରାଧର ପର୍ଦ୍ଦାଫାଶ କରିଛି । ଜିଲାର ବିଭିନ୍ନ ବ୍ୟାଙ୍କରେ ଖୋଲାଯାଇଥିବା ମ୍ୟୁଲ ଆକାଉଣ୍ଟରେ ହୋଇଥିବା ୬ କୋଟି ୨୭ ଲକ୍ଷ ଟଙ୍କାର ସାଇବର ଠକେଇ ଧରାପଡିଛି । ଏହି ଘଟଣାର ମାଷ୍ଟରମାଇଣ୍ଡଙ୍କ ସମେତ ୫ଜଣଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ ମାଷ୍ଟରମାଇଣ୍ଡ ମୟୂରଭଞ୍ଜ ଜିଲା ଶୂଳିଆପଦା ଥାନା ଅନ୍ତର୍ଗତ କାଲଟିଆର ତୁଷାରକାନ୍ତି ଦାସ, ଫୁଲବାଣୀର ଅବିନାଶ ମହାପାତ୍ର, କିରଣ କୁମାର ବେହେରା, ଗୋପାଳ ସିଂ ଓ ବାଦଲ କୁମାର ସ୍ୱାଇଁ। ଏଥିସହ ୧୦ ଆକାଉଣ୍ଟଧାରୀଙ୍କୁ ଭାରତୀୟ ନ୍ୟାୟ ସଂହିତା ୟୁ/ଏସ୍ ୩୫ରେ ନୋଟିସ ଜାରି କରାଯାଇଛି । ଘଟଣାର ଅଧିକ ତଦନ୍ତ ଚାଲିଥିବା ଏଏସ୍‌ପି ରମେନ୍ଦ୍ର ପ୍ରସାଦ ଶୁକ୍ରବାର ଜିଲା ପୋଲିସ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି।

କ୍ରାଇମବ୍ରାଞ୍ଚ ସିଆଇଡି ପକ୍ଷରୁ କନ୍ଧମାଳ ଜିଲା ସାଇବର ସେଲକୁ ଫୁଲବାଣୀରେ ଥିବା ଏକାଧିକ ବ୍ୟାଙ୍କରେ ସାଇବର ଠକେଇ ହେଉଥିବା ସମ୍ପର୍କରେ ସୂଚନା ଦିଆଯାଇଥିଲା । ଏହାକୁ କନ୍ଧମାଳ ଏସ୍‌ପି ହରିଶ ବିଶି ଗୁରୁଦ୍ୱର ସହ ନେଇ ଏଏସ୍‌ପି ରମେନ୍ଦ୍ରଙ୍କୁ ତଦନ୍ତ ଦାୟିତ୍ୱ ଦେଇଥିଲେ । ତଦନ୍ତ ବେଳେ ସମସ୍ତ ଆକାଉଣ୍ଟ ନିରୀହ, ଗରିବ ଶ୍ରେଣୀର ଲୋକଙ୍କ ନାମରେ ଥିବା ଜଣାପଡ଼ିଥିଲା । ସେମାନଙ୍କୁ ପଚରାଉଚରା କରିବାରୁ ଆକାଉଣ୍ଟ ଖୋଲିଥିବା କେତେଜଣ ଯୁବକଙ୍କ ସମ୍ପର୍କରେ ପୋଲିସକୁ ସୂଚନା ମିଳିଥିଲା । ଆକାଉଣ୍ଟ ଟ୍ରାଞ୍ଜାକଶନ ଏବଂ ଫୋନ କଲକୁ ଆଧାର କରି ପୋଲିସ ଭୁବନେଶ୍ୱରର ସୂର୍ଯ୍ୟୋଦୟ ବ୍ୟାଙ୍କରେ କାମ କରୁଥିବା ମାଷ୍ଟରମାଇଣ୍ଡ ତୁଷାରକାନ୍ତିଙ୍କୁ ଉଠାଇ ଆଣି ପଚରାଉଚରା କରିବା ପରେ ସମସ୍ତ ତଥ୍ୟ ପଦାକୁ ଆସିଥିଲା । ଏହି ଘଟଣାରେ ଅନ୍ୟ ୪ ଜଣଙ୍କ ସମ୍ପୃକ୍ତି ଥିବା ଜଣାପଡିବା ପରେ ସେମାନଙ୍କୁ ଗିରଫ କରାଯାଇଛି। ତୁଷାରକାନ୍ତି ଏକ ହ୍ୱାଟସ୍‌ଆପ ଗ୍ରୁପ୍ କରି ସମ୍ପୃକ୍ତ ଯୁବକଙ୍କୁ ସେଭିଂ ଆକାଉଣ୍ଟ ଖୋଲିଲେ କମିଶନ ବାବଦରେ ୫ ହଜାର ଏବଂ କର୍ପୋରେଟ ଆକାଉଣ୍ଟ ଖୋଲିଲେ ୫୦ ହଜାର ଟଙ୍କା ମିଳିବ ବୋଲି ପ୍ରଲୋଭନ ଦେଖାଉଥିଲେ । ଯୁବକମାନେ ସାଇବର ଅପରାଧ ଉପରେ ଅବଗତ ଥିଲେ । ତେଣୁ ସେମାନେ ଆକାଉଣ୍ଟଧାରୀଙ୍କ ପାସ୍ ବୁକ, ଏଟିଏମ୍, ନେଟ ବ୍ୟାଙ୍କିଂ ଏବଂ ସିମ୍ କାର୍ଡ ମାସକ ପାଇଁ ଦେବାକୁ କହି ଆଣୁଥିଲେ । କିନ୍ତୁ ପରେ ଫେରାଉ ନ ଥିଲେ । ସିଆଇଡି ପକ୍ଷରୁ ଖବର ମିଳିବା ପରେ ତଦନ୍ତକୁ ଜୋରଦାର କରାଯାଇଥିଲା। ଫୁଲବାଣୀରେ ୧୬ଟି ଆକାଉଣ୍ଟରେ ୬ କୋଟି ୨୭ ଲକ୍ଷ ଟଙ୍କା କାରବାର ହୋଇଥିବା ଜଣାପଡିଥିଲା । ଦେଶ ଏବଂ ବିଦେଶରେ ଏହି ଠକେଇର ଲିଙ୍କ ଥିବା ସହ ଅର୍ଥ କାରବାର ହୋଇଛି । ସମସ୍ତ ଆକାଉଣ୍ଟକୁ ଅଚଳ କରାଯାଇଛି। ତୁଷାରକାନ୍ତିଙ୍କ ଲିଙ୍କ୍‌ରେ ଥିବା ଅନ୍ୟ ସାଇବର ଅପରାଧୀଙ୍କ ସମ୍ପର୍କରେ ଅଧିକ ତଦନ୍ତ ଚାଲିଛି ବୋଲି ଏଏସପି ରମେନ୍ଦ୍ର କହିଛନ୍ତି। ଖବରଦାତା ସମ୍ମିଳନୀରେ ବାଲିଗୁଡା ଏସ୍‌ଡିପିଓ କେ.ଶ୍ରୀନିବାସୁଲ, ଫୁଲବାଣୀ ସାଇବର ଥାନାଧିକାରୀ ଗେହ୍ଲି କୁମାରୀ ଉପସ୍ଥିତ ଥିଲେ।

## ତ୍ରିକୋଣୀୟ ପ୍ରେମରୁ ବବୁଲ ହତ୍ୟାକାଣ୍ଡ

# ଗୁଜରାଟରୁ ୫ ଅଭିଯୁକ୍ତ ଗିରଫ



ଗିରଫ ୫ ଅଭିଯୁକ୍ତ ।

**ଭୁବନେଶ୍ୱର,୯ା୧(ତ୍ରିନାଥ ମହାନ୍ତି)**

ତ୍ରିକୋଣୀୟ ପ୍ରେମକୁ କେନ୍ଦ୍ରକରି ଜିତେନ୍ଦ୍ର ଦାସ ଓରଫ ବବୁଲଙ୍କୁ ହତ୍ୟା ଘଟଣାରେ ସମ୍ପୃକ୍ତ ୫ଜଣ ଅଭିଯୁକ୍ତଙ୍କୁ ନୟାପଲ୍ଲୀ ଥାନା ପୋଲିସ ଗୁଜରାଟରୁ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ଦେହୁରି ସାହି ନାରାୟଣବସ୍ତିର ରାଜା ରାୟ ଓରଫ ବେଙ୍ଗଲୀ ରାଜା, କାଳିଆ ମହାନ୍ତି, ଶନି ନାୟକ ଓରଫ ଚିନା, ରାଜେଶ ନାୟକ ଓରଫ ନଣ୍ଟୁ ଓ ରାଜେଶ ବେହେରା । ସେମାନଙ୍କ ନିକଟରୁ ପୋଲିସ ଗୋଟିଏ ଆନ୍ନା କଟୁରି, ୪ଟି ମୋବାଇଲ୍ ଫୋନ୍ ଏବଂ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଥିବା ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ସୂଚନା ଦେବା ସହ ପୂରା ଘଟଣା ସମ୍ପର୍କରେ କହିଛନ୍ତି। ଜିତେନ୍ଦ୍ରଙ୍କୁ ହାଣିବା ପରେ ଅଭିଯୁକ୍ତମାନେ ରାତିରେ ଅଟୋରେ ରସୁଲଗଡ଼ରେ ପହଞ୍ଚିବା ପରେ ବସ୍‌ରେ କଟକ ଯାଇ ସେଠାରୁ ଟ୍ରେନ୍‌ରେ ଗୁଜରାଟ ପଳାଇଥିଲେ। ସେଠାରେ ଏକ ସୂତା ମିଲ୍‌ରେ ଶ୍ରମିକଭାବେ କାମ କରିବାକୁ ବୁଝିଥିଲେ। ଆସନ୍ତା ସୋମବାରଠାରୁ ସେମାନେ ସୂତା ମିଲ୍‌ରେ କାମ କରିଥାନ୍ତେ। ହେଲେ ତାହା ପୂର୍ବରୁ ସେମାନଙ୍କୁ ଗିରଫ କରିଥିଲା ପୋଲିସ ।

### ଅଭିଯୁକ୍ତଙ୍କ ପାଖରେ କେମିତି ପହଞ୍ଚିଲା ପୋଲିସ

ପୋଲିସ ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ପରେ ତଦନ୍ତକୁ ତ୍ୱରାନ୍ୱିତ କରିଥିଲା। ଅଭିଯୁକ୍ତ ନଣ୍ଟୁର ଫୋନ୍ ବନ୍ଦ ରହିଥିବା ବେଳେ ତାଙ୍କ ସମ୍ପର୍କରେ ସୂଚନା ପାଇଁ ପୋଲିସ ତା'ର ଖବରୀକୁ ଲଗାଇଥିଲା। ଅଭିଯୁକ୍ତ କାଳିଆଙ୍କ ଜଣେ ସମ୍ପର୍କୀୟ ଗୁଜରାଟରେ କାମ କରନ୍ତି। ତେଣୁ ବବୁଲଙ୍କୁ ହାଣିବା ପରେ ସମସ୍ତ ଅଭିଯୁକ୍ତଙ୍କୁ କାଳିଆ ଗୁଜରାଟ ନେଇଯାଇଥିବା ଜଣାପଡିଥିଲା। ଏହାପରେ ସେମାନଙ୍କୁ ଗିରଫ ପାଇଁ ଯୋଜନା ହୋଇଥିଲା। ତେବେ ଅଭିଯୁକ୍ତ ନଣ୍ଟୁଙ୍କ ନାମରେ କ୍ୟାପିଟାଲ ଥାନାରେ ୨ଟି ମାମଲା ଓ ଶନିଙ୍କ ନାମରେ ମଧ୍ୟ ଆର୍ମସ ଆକ୍ଟରେ ୨ଟି ମାମଲା ରହିଛି।

### ପୂର୍ବରୁ ଦୁଇଥର ବର୍ତ୍ତିଯାଇଥିଲେ ବବୁଲ

ମୃତ ବବୁଲ ଜଣେ ଟ୍ୟାକ୍ସି ଡ୍ରାଇଭର। ଗତ ଡିସେମ୍ବର ୨୭ ତାରିଖରେ ସେ ୟୁନିଟ୍-୮ ଡିଏଭି ସ୍କୁଲ ନିକଟରେ ନୟାପଲ୍ଲୀ ନୂଆସାହିସ୍ଥିତ ଘରକୁ ଫେରୁଥିଲେ। ଘର ନିକଟରେ ପୂର୍ବରୁ ଜଗି ରହିଥିବା ୭ଜଣ ଅଭିଯୁକ୍ତ ତାଙ୍କୁ ଘେରି ଯାଇ ଆନ୍ନା କଟୁରିରେ ମୁଣ୍ଡ ଓ ଛାତିକୁ ଚୋଟ ପରେ ଚୋଟ ମାରିଥିଲେ। ଗୁରୁତର ଅବସ୍ଥାରେ ରାସ୍ତା ଉପରେ ଫିଙ୍ଗି ଅଭିଯୁକ୍ତମାନେ ଚମ୍ପଟ ମାରିଥିଲେ। ଖବର ପାଇ ପୋଲିସ ତୁରନ୍ତ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ସ୍ଥାନୀୟ ବଳିଆତୋଟା ସାହିର କାର୍ତ୍ତିକ ଚନ୍ଦ୍ର ଦାସ ଥାନାରେ ଅଭିଯୋଗ କରିବା ପରେ ପୋଲିସ ପ୍ରଥମେ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ତଦନ୍ତ କରୁଥିଲା। ଗତ ୧ ତାରିଖରେ ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ସମ୍ପୃକ୍ତ ଜଣେ ନାବାଳଙ୍କ ସହ ସୁମନ ନାୟକ ନାମକ ବ୍ୟକ୍ତିଙ୍କୁ ଗିରଫ କରିଥିଲା। ପୋଲିସ କମିଶନର କହିଛନ୍ତି, ଏହି ହତ୍ୟାକାଣ୍ଡ ତ୍ରିକୋଣୀୟ ପ୍ରେମକୁ ନେଇ ଘଟିଥିଲା। ଅଭିଯୁକ୍ତ ନଣ୍ଟା ଓ ହତ୍ୟାର ଶିକାର ହୋଇଥିବା ବବୁଲ ଜଣେ ଯୁବତୀଙ୍କୁ ଭଲ ପାଉଥିଲେ। ବବୁଲ ଉକ୍ତ ଯୁବତୀଙ୍କ ଅତି ନିକଟତର ହେବା ପରେ ନଣ୍ଟା ତାଙ୍କୁ ଦୂରେଇଯିବା ପାଇଁ କହିଥିଲେ। ହେଲେ ବବୁଲ କିଛି ନ ଶୁଣିବାରୁ ନଣ୍ଟା ତାଙ୍କୁ ରାସ୍ତାରୁ ହଟାଇବା ପାଇଁ ଯୋଜନା କରିଥିଲେ। ଏହି ଘଟଣାକୁ ନେଇ ପୂର୍ବରୁ ଗଣେଶ ପୂଜା ଓ କାର୍ତ୍ତିକେଶ୍ୱର ଭସାଣିରେ ଗଣ୍ଡଗୋଳ ହୋଇଥିଲେ ମଧ୍ୟ ସେ ବର୍ତ୍ତିଯାଇଥିଲେ। ଶେଷରେ ଗତ ୨୭ ତାରିଖରେ ଘର ନିକଟରେ ସେମାନେ ମିଶି ଗୋଡାଇ ହାଣିଥିଲେ।

# ସାନବାପା ପୁଅକୁ ବଡ଼ବାପା ପୁଅ ହାଣିଦେଲେ

**ରାୟଗଡ଼ା/ଅମ୍ବାଦଳା,୯ା୧(ଆଶିଷ ରଞ୍ଜନ ପଣ୍ଡା/ରବୀନ୍ଦ୍ର ପଣ୍ଡା)**

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବଡ଼ବାପାଙ୍କ ପୁଅ ଟାଙ୍ଗିଆ ଚୋଟରେ ସାନବାପାଙ୍କ ପୁଅର ମୃତ୍ୟୁ ଘଟିଛି। ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ୍ ଅମ୍ବାଦଳା ଥାନା ଇଚ୍ଛାପୁର ପଞ୍ଚାୟତର ବଡ଼ନାଗଝରି ଗ୍ରାମରେ ଶୁକ୍ରବାର ଏହି ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ ବଡ଼ନାଗଝରି ଗ୍ରାମର ବଡ଼ନୁନା କଟିମ୍ । ଅମ୍ବାଦଳା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରିବା ସହ ଅଭିଯୁକ୍ତ ବିଶ୍ୱମ୍ଭର କଟିମଙ୍କୁ ଗିରଫ କରିଛି।

ସୂଚନା ଅନୁଯାୟୀ, ସାନବାପା ପୁଅ ବଡ଼ନୁନା ତାଙ୍କ କାନ୍ଧୁଲ ବାଡ଼ ରକ୍ଷଣାବେକ୍ଷଣ ପାଇଁ ଜମିକୁ ଯାଉଥିବାବେଳେ ପୂର୍ବରୁ ବଡ଼ବାପା ପୁଅ ବିଶ୍ୱମ୍ଭର ତାଙ୍କ ଜମିରେ ଥିବା ଏକ ଜାମୁକୋଳି ଗଛ କାଟୁଥିବା ଦେଖିଥିଲେ । ଏତେ ବଡ଼ ଗଛ କାହିଁକି କାଟି ଦେଉଛ ବୋଲି ବଡନୁନା ବିଶ୍ୱମ୍ଭରକୁ ପଚାରିବାରୁ ସେ ଗଛରୁ ଓହ୍ଲାଇ ଆସିଥିଲେ। ଉଭୟଙ୍କ ମଧ୍ୟରେ ଗଛ କଟାକୁ ନେଇ ବଚସା ହେବା ପରେ ବିଶ୍ୱମ୍ଭର ଉତ୍ତ୍ୟକ୍ତ ହୋଇ ହାତରେ ଧରିଥିବା ଟାଙ୍ଗିଆରେ ବଡନୁନାଙ୍କୁ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ବଡନୁନାଙ୍କ ମୃତ୍ୟୁ ହୋଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ଅନ୍ୟପଟେ ବଡ଼ନୁନାଙ୍କ ସ୍ତ୍ରୀ ଓ ନାବାଳିକା ଝିଅ କାନ୍ଧୁଲ ବାଡ଼ରେ ଅପେକ୍ଷା କରିଥିବାବେଳେ ସେ ନ ପହଞ୍ଚିବାରୁ ତାଙ୍କୁ ଖୋଜାଖୋଜି କରିଥିଲେ। ବାପାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଝିଅ ଦେଖି ଗାଁ ଲୋକଙ୍କୁ ଜଣାଇବା ପରେ ସେମାନେ ପୋଲିସକୁ ଖବର ଦେଇଥିଲେ । ଅମ୍ବାଦଳା ଥାନା ଅଧିକାରୀ କଳ୍ପନା ବେହେରା ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ହତ୍ୟାରେ ବ୍ୟବହୃତ ଟାଙ୍ଗିଆ ପୋଲିସ ଜବତ କରିଛି। ଏ ନେଇ ଅମ୍ବାଦଳା ଥାନାରେ କେସ୍ ନ. ୫/୨୬ରେ ମାମଲା ରୁଜୁକରି ପୋଲିସ ତଦନ୍ତ କରୁଛି। ପୋଲିସ ହତ୍ୟାକାରୀ ବିଶ୍ୱମ୍ଭରଙ୍କୁ ଗିରଫ କରିଥିବାବେଳେ ଶନିବାର କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ବେହେରା ସୂଚନା ଦେଇଛନ୍ତି।

# ନିଶାସକ୍ତ ପୁଅକୁ କୁରାଢ଼ିରେ ହାଣି ହତ୍ୟା

**ଠାକୁରମୁଣ୍ଡା,୯ା୧(ତାରାକାନ୍ତ ପଟ୍ଟନାୟକ)**

**ଥାନାରେ ଆତ୍ମସମର୍ପଣ କଲେ ବାପା**

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା ଅଧୀନ ଭରାଣ୍ଡିହା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ନିଶାସକ୍ତ ପୁଅକୁ କୁରାଢ଼ିରେ ହାଣି ହତ୍ୟା କରିବାପରେ ଥାନାରେ ଆତ୍ମସମର୍ପଣ କରିଛନ୍ତି ବାପା। ମୃତକ ହେଲେ ତପନ ବାଇଁଶିଆ (୩୫)। ଏନେଇ ପୋଲିସ ଏକ ମାମଲା(ନଂ.୭/୨୬) ରୁଜୁ କରି ଅଭିଯୁକ୍ତ ଅନାମ ବାଇଁଶିଆ (୬୫)ଙ୍କୁ ଗିରଫ କରିଛି।

ସୂଚନା ଅନୁଯାୟୀ, ଗୁରୁବାର ରାତିରେ ଅନାମ ଘର ସମ୍ମୁଖରେ ନିଆଁ ପୋଇଁ ହେଉଥିବା ବେଳେ ରାତି ପ୍ରାୟ ୮ଟା ସମୟରେ ପୁଅ ତପନ ନିଶାସକ୍ତ ଅବସ୍ଥାରେ ଆସି ତାଙ୍କ ପାଖରେ ବସିଥିଲେ। କୌଣସି କଥାକୁ ନେଇ ବାପା ଅନାମଙ୍କ ସହିତ ଝଗଡ଼ା କରିବା ସହ ଗୋଇଠା ମାରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଅନାମ ଘରୁ ଏକ କୁରାଢ଼ି ଆଣି ପୁଅ ତପନଙ୍କ ବେକକୁ ହାଣି ହତ୍ୟା କରିଥିଲେ। ପରେ ରାତି ପ୍ରାୟ ୯ଟା ସମୟରେ ଠାକୁରମୁଣ୍ଡା ଥାନାକୁ ଆସି ଆତ୍ମସମର୍ପଣ କରିଥିଲେ।

# ଅଷ୍ଟଧାତୁ ମୂର୍ତ୍ତି ଚୋରି ଘଟଣାର ମୁଖ୍ୟ ଅଭିଯୁକ୍ତ ଗିରଫ

**ଧର୍ମଶାଳା,୯ା୧(ବଟକୃଷ୍ଣ ପରିଡ଼ା)**

ଯାଜପୁର ଜିଲା ଧର୍ମଶାଳା ଥାନା ପାଟପୁର ପଞ୍ଚାୟତର ବଳଦେବଜୀଉ ମନ୍ଦିରରୁ ୬ ବିରଳ ଅଷ୍ଟଧାତୁ ମୂର୍ତ୍ତି ଚୋରି ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେ ହେଲେ ବିକାଶ ଯାଦବ।

୨୦୨୨ ନଭେମ୍ବର ୧୧ରେ ମନ୍ଦିରରୁ ଚୋରି ହୋଇଥିଲା। ମନ୍ଦିର ଟ୍ରଷ୍ଟି ବିନୋଦ ଦାଶ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୬୦୯/୨୨ରେ ମାମଲା ରୁଜୁ କରିଥିଲା। ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ଯାଜପୁର ଏସ୍‌ପି ଏକ ଟିମ୍ ଗଠନ କରିଥିଲେ। ଏହି ଟିମ୍ ଉତ୍ତରପ୍ରଦେଶ ଯାଇ ବିକାଶଙ୍କୁ ଧରିବାରେ ସଫଳ ହୋଇଥିଲା। ମୁଖ୍ୟ ଅଭିଯୁକ୍ତ ଧରା ପଡ଼ିଥିଲେ ମଧ୍ୟ ରାମକୃଷ୍ଣ, ମଦନମୋହନ, ଦେବୀରାଧା, ଲକ୍ଷ୍ମୀ, ସରସ୍ୱତୀ ଆଦି ୬ଟି ବିରଳ ଅଷ୍ଟଧାତୁ ମୂର୍ତ୍ତି ଉଦ୍ଧାର ହୋଇପାରିନାହିଁ। ପୋଲିସ ବିକାଶଙ୍କୁ ରିମାଣ୍ଡରେ ଆଣି ମୂର୍ତ୍ତି ଉଦ୍ଧାର କରିବ ବୋଲି ଥାନା ଅଧିକାରୀ ରମାକାନ୍ତ ନାୟକ ସୂଚନା ଦେଇଛନ୍ତି। ୫ ଶହ ବର୍ଷର ଏହି ପୁରୁଣା ମନ୍ଦିରରୁ ଏଭଳି ଚୋରି ପ୍ରଥମ ବୋଲି ପରିଚାଳନା କମିଟି ସଦସ୍ୟ ଦାଶ ପ୍ରକାଶ କରିଛନ୍ତି।

# ଗୋଚାଲାଣରେ କନ୍‌ଷ୍ଟେବଲଙ୍କ ସମ୍ପୃକ୍ତି

**ଟଙ୍କା ଦେଣନେଣକୁ ନେଇ ଅଡିଓ ଭାଇରାଲ**

**କେନ୍ଦୁଝର,୯ା୧(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା କାଳିଆହତା ପୋଲିସ ଫାଣ୍ଡିର ଜଣେ କନ୍‌ଷ୍ଟେବଲଙ୍କ ଗୋଚାଲାଣରେ ସମ୍ପୃକ୍ତି ଅଭିଯୋଗ ହେଉଛି। ଟଙ୍କା ଦେଣନେଣକୁ ନେଇ ସୋସିଆଲ ମିଡ଼ିଆରେ ଗୋଚାଲାଣକାରୀଙ୍କ ସହ କନ୍‌ଷ୍ଟେବଲଙ୍କ ଅଡିଓ ଭାଇରାଲ ହେଉଥିବାରୁ ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ପ୍ରକାଶ ଯେ, ଟଙ୍କା ଦେଣନେଣକୁ ନେଇ ଜଣେ ଦଲାଲଙ୍କ ସହିତ ଫାଣ୍ଡିର ଜଣେ କନଷ୍ଟେବଲ ଫୋନ୍ ଯୋଗେ କଥାବାର୍ତ୍ତା ହେଉଥିବା ଅଡିଓରୁ ଜଣାପଡୁଛି। କନଷ୍ଟେବଲ ଜଣକ ଦୀର୍ଘ ବର୍ଷ ହେଲା ଏଭଳି କାମ କରି ଆସୁଥିବା ସ୍ଥାନୀୟ ଲୋକ ଆଲୋଚନା କରୁଛନ୍ତି। କେଉଁ ମାଫିଆ କେତେ ଟଙ୍କା ଦେଲା କେତେବେଳେ ଦେଲା ଅଡିଓରେ ସ୍ପଷ୍ଟ ଜଣାପଡୁଛି। ଅନ୍ୟପକ୍ଷେ ମାସେ ପୂର୍ବରୁ ଗୋ ଚାଲାଣରେ ପୋଲିସ ସମ୍ପୃକ୍ତିକୁ ନେଇ ତେଲକୋଇ ଥାନାର ଜଣେ କର୍ମଚାରୀ ଗିରଫ ହୋଇଥିଲେ। ଏବେ ତେଲକୋଇ ଥାନା ଅଧୀନ କାଳିଆହତା ଫାଣ୍ଡିର ଜଣେ କନ୍‌ଷ୍ଟେବଲଙ୍କ ସହିତ ଗୋଚାଲାଣକୁ ନେଇ ଅଡିଓ ଭାଇରାଲ ହେବା ଗୋଚାଲାଣରେ ପୋଲିସ ସମ୍ପୃକ୍ତିକୁ ସ୍ପଷ୍ଟ କରୁଛି। ଏ ନେଇ ଅତିରିକ୍ତ ଏସ୍‌ପି ସ୍ନେହାଶିଷ ସାହୁ କହିଛନ୍ତି, ଅଡିଓ ଶୁଣିବା ପରେ ପଦକ୍ଷେପ ନିଆଯିବ।


# Classified Everyday

**0674-2580101, 9692975378**



**REAL ESTATE**

**SALE**

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023




3500sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-2777




Professional body massage & steam-bath. Please contact TRUPTI SPA CENTER, PH.- 9861550765. D-3012

All types of physiotherapy and massage. Contact: 9556924059/ 7656969134. D-3013

Wellness relax body massage & jointpain treatment by traind therapist. 7008773793. D-3034

Newlyopenhealthbenefits, joint pain relax good environment atmosphere. 7653969971. D-3035

**AFFIDAVIT**

By virtue of an affidavit sworn before the Executive Magistrate, Jagannathprasad, Ganjam, dated- 09.12.2025, I, Smt Saraswati Pradhan, W/o.- Laxman Pradhan, age- 47 year, Address: Village- Mentapur, P.O.- B.D Pur, P.S.- Jagannath Prasad and presently residing at Village/Post- B. D Pur, P.S.- Jagannath Prasad, in the district of Ganjam Odisha declare that I have changed my name from Smt Sarswati Pradhan to Smt Saraswati Pradhan. Henceforth, I shall be known as Smt Saraswati Pradhan for all purposes. D-3065

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Executive Magistrate, Panposh on Dtd.- 09.01.2026, I, Satyanarayan Mahanta, S/o.- Harekrushna Mahanta, Vill.- Sukhapali, P.O./P.S.- Lahunipada, Dist.- Sundargarh, Odisha- 770040 declare that name of my parents in some documents mentioned as Harekrishna Mahanta (Father), Lilmani Mahanta (Mother) instead of Harekrushna Mahanta (Father), Jira Mahanta (Mother) which is correct. Both name Harekrushna Mahanta (Father), Jira Mahanta (Mother) & Harekrishna Mahanta (Father), Lilmani Mahanta (Mother) is one and same person. D-3067

I, Manaranjan Malik, father of minor Mamita Malik of Village Jirakua, P.O.- Ramnabadi- 761151, P.S.- Surada. Hereby notify that through this affidavit filed before Executive Magistrate, Surada, Ganjam that my daughter's name has been changed to Mami Malik. All records, deeds and transactions should henceforth reflect her new name. Old Name: Mamita Malik, New Name: Mami Malik. Henceforth, she will be known as Mami Malik for all purposes.
Sd./- Manaranjan Malik D-3068

**Email** ମାଧ୍ୟମରେ କ୍ଲାସିଫାଏଡ୍ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

I, Batakrushna Mohanty, S/o.- Basanta Mohanty, resident of house No.- 56, Ward No.- 16, Village- Dhobapalli, Post- Baragam, P.S.- Kotinada, Aska, Dist.- Ganjam, PIN- 761111, State- Odisha declare by this affidavit No.- 1606, Dtd.- 01.11.2025 that now onwards I shall be known as BATAKRUSHNA BASANTA MOHANTY for all future purposes. D-3069

I, Jagadish Sethi, S/o.- Madan Sethi, Resident of Solagadia, P.O.- Majhigadia, P.S.- Kaptipada, Dist.- Mayurbhanj, PIN- 757106 declare by this affidavit No. 363 dtd.- 25.11.2025 that the name of my son mentioned earlier in various documents as AUROASHRITA SETHI has been changed to AUROASHRIT SETHI. Henceforth, the latter one willbe executed. D-3063

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**
ଓଁ ସାଇରାମ



✓ବନବାସିନୀ ମହାପାତ୍ର (ବୁଲୀ)
ଆବିର୍ଭାବ ୦୭/୧୨/୧୯୪୦ | ତିରୋଧାନ ୩୧/୧୨/୨୦୨୫ (ପୌଷ ଦ୍ୱାଦଶୀ)
୧୭, ଗୌତମ ନଗର, ଭୁବନେଶ୍ୱର
ତୁମେ ଆମ ପାଇଁ ସବୁକିଛି। ସାରା ଜୀବନ ଆମ ସମସ୍ତଙ୍କ ଦାୟିତ୍ୱ ବୁଝି ବୁଝି ଶେଷରେ ଆମ ମାନଙ୍କୁ ଶୋକସାଗରରେ ଭସାଇଦେଇ ଅଫେରା ରାଇଜକୁ ଚାଲିଗଲ। ତୁମେ ବହୁତ ମନେ ପଡ଼ୁଛ। ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା। ସାଇରାମଙ୍କ ପାଦପଦ୍ମରେ ଥାଇ ଆମ ମାନଙ୍କୁ ସଦାସର୍ବଦା ଆଶୀର୍ବାଦ କରୁଥାଅ।
ଶୋକସନ୍ତପ୍ତ: ବାପୁ, ଲୀତୁ, କୀଶୋର, ପୁଷ୍ପ, ରୀନା, ସରୋଜ, ବାବାଲୀ, ବିବେକ ଓ ରୁଣାଲୀ ଏବଂ ପରିବାରବର୍ଗ
ଧ-୩୦୭୦

**ମନେ ପଡ଼ନ୍ତି**



✓ ଭାରତୀ ତ୍ରିପାଠୀ
ସ୍ୱାମୀ: ସ୍ୱର୍ଗତ ଶରତ ଚନ୍ଦ୍ର ତ୍ରିପାଠୀ
(ଜ୍ୟୋସ୍ନାପୁରୀ ଲାଇନ୍, ଲୋଚାପଡା ରୋଡ, ବ୍ରହ୍ମପୁର)
ଆବିର୍ଭାବ: ୦୬.୧୧.୧୯୪୪
ତିରୋଧାନ: ୩୦.୧୨.୨୦୨୫
ଆଜି ଦ୍ୱାଦଶାହ ଅବସରରେ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
ଶୋକ ସନ୍ତପ୍ତ ପରିବାର: କୁନି, ଟୁନା, ରୁନା, ମିନି, ବନ୍ଦି, ଅର୍ଚ୍ଚନା, ନିବେଦିତା, ମଧୁସ୍ମିତା, ବିଜୟ ଏବଂ ନାତି ନାତୁଣୀ ବର୍ଗ।
ଧ-୩୦୭୧

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ପ୍ରଶାନ୍ତ କୁମାର ମହାନ୍ତି
ବିଶିଷ୍ଟ ଶିକ୍ଷାବିତ
ଶାଳେଶ୍ୱର, ପାହାଳ
ଆବିର୍ଭାବ- ୦୮।୦୫।୧୯୬୩
ତିରୋଧାନ- ୩୧।୧୨।୨୦୨୫
ଆଜି ଆପଣଙ୍କ ତିରୋଧାନର ଏକାଦଶାହ ଦିବସରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ବନ୍ଧୁ ଜଗବନ୍ଧୁ ବିଦ୍ୟା ମନ୍ଦିର ପାହାଳ, ଭୁବନେଶ୍ୱର
ଧ-୭୧୨୪୬

**ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ରବୀନ୍ଦ୍ରନାଥ ରଥ
ଭୁବନେଶ୍ୱର
ଆବିର୍ଭାବ- ୨୭।୦୯।୧୯୪୨
ତିରୋଧାନ- ୧୯।୦୧।୧୯୯୬
ଆପଣଙ୍କ ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
-:ଶୋକସନ୍ତପ୍ତ:-
ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଓ ପରିବାରବର୍ଗ।
ଧ-୩୦୭୨

ଧରିତ୍ରୀ 52 Years
# ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଜାନୁଆରୀ ୧୦/୨୦୨୬ Bhubaneswar, Saturday, January 10/ 2026



କୋଲକାତାରେ ଶୁକ୍ରବାର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଟିଏମ୍‌ସି ନେତା ଓ କର୍ମୀଙ୍କ ସହ ବିକ୍ଷୋଭ ଶୋଭାଯାତ୍ରା କରୁଛନ୍ତି।

ପଲିଟିକାଲ କନ୍‌ସଲ୍ଟାନ୍ସି ସଂସ୍ଥା ଇଣ୍ଡିଆନ୍ ପଲିଟିକାଲ ଆକ୍ସନ କମିଟି (ଆଇ-ପିଏସି) ଅଫିସ ଏବଂ ଏହାର ସହପ୍ରତିଷ୍ଠାତା ପ୍ରତୀକ ଜୈନଙ୍କ ଘରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଚଢ଼ାଉକୁ ନେଇ କେନ୍ଦ୍ର ସହ ପଶ୍ଚିମବଙ୍ଗ ସରକାର ମୁହାଁମୁହିଁ ହୋଇଥିବାବେଳେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଶୁକ୍ରବାର ଭାଜପା ବିରୋଧରେ ଦୁର୍ନୀତି ଅଭିଯୋଗ ଆଣି କୋଲକାତାରେ ବିକ୍ଷୋଭ ରାଲି କରିଛନ୍ତି। ସେପଟେ ନୂଆଦିଲ୍ଲୀରେ ମଧ୍ୟ ଡେରେକ୍ ଓ'ବ୍ରାଏନ୍‌ଙ୍କ ନେତୃତ୍ୱରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପିମାନେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବିରୋଧୀଙ୍କ ମୁହଁ ବନ୍ଦ ପାଇଁ ଶାହା କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ଦୁରୁପଯୋଗ କରୁଥିବା ଦର୍ଶାଇ କେନ୍ଦ୍ର ବିରୋଧୀ ସ୍ଲୋଗାନ ଦେଉଥିବାବେଳେ ଟିଏମ୍‌ସି ଏମ୍‌ପିମାନଙ୍କୁ ଦିଲ୍ଲୀ ପୋଲିସ ଘୋଷାଡ଼ି ନେଇ ଭ୍ୟାନ୍‌ରେ ବସାଇଥିଲା। ସେମାନଙ୍କୁ ଅଟକ ରଖାଯାଇଥିବାବେଳେ ପଶ୍ଚିମବଙ୍ଗ କେନ୍ଦ୍ରକୁ ଉଚିତ ଶିକ୍ଷା ଦେବ ବୋଲି ଟିଏମ୍‌ସି ସାଂସଦ ମହୁଆ ମୋଇତ୍ର କହିଛନ୍ତି। ମୋଟାମୋଟି ଭାବେ ବେଆଇନ କୋଇଲା ଖଣି ଖନନ ସମ୍ପର୍କିତ ମନି ଲଣ୍ଡରିଂ ମାମଲାରେ ବିଧାନସଭା ନିର୍ବାଚନ ପୂର୍ବରୁ ଆଇ-ପିଏସି ଉପରେ ଇଡିର ଚଢ଼ାଉ କେନ୍ଦ୍ର ବନାମ ପଶ୍ଚିମବଙ୍ଗ ଲଢ଼େଇର ରୂପ ନେଇସାରିଛି। ଅନ୍ୟପକ୍ଷେ ଗୁରୁବାର ଚଢ଼ାଉବେଳେ ମମତା ବାଧାଦେବା ସହ ଆଇ-ପିଏସିର ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ନେଇଯାଇଥିବା ଅଭିଯୋଗ ଆଣି ଇଡି କଲିକତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଏ ସମ୍ପର୍କିତ ଏକାଧିକ ପିଟିଶନର ଶୁଣାଣି ବେଳେ ଜଷ୍ଟିସ୍ ଶୁଭ୍ର ଘୋଷ ଅତ୍ୟଧିକ ଭିଡ଼ ଜମିଥିବା ଦର୍ଶାଇ କୋର୍ଟରୁମ୍ ଛାଡ଼ି ଚାଲିଯାଇଛନ୍ତି। ଆଗକୁ ଛୁଟି ଥିବାରୁ ହାଇକୋର୍ଟରେ ବୁଧବାର ଏହାର ପରବର୍ତ୍ତୀ ଶୁଣାଣି ହୋଇପାରେ।

# କୋଲକାତାରୁ ଦିଲ୍ଲୀ ଦିଦିଙ୍କ ଲଢ଼େଇ

**କୋଲକାତା/ନୂଆଦିଲ୍ଲୀ,୯।୧**

ଆସନ୍ତା ମାର୍ଚ୍ଚ-ଏପ୍ରିଲ ଆଡ଼କୁ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ କେନ୍ଦ୍ରୀୟ ଏଜେନ୍ସି ଇଡି ତୃଣମୂଳ କଂଗ୍ରେସକୁ ରାଜନୈତିକ ସହାୟତା ପ୍ରଦାନ କରୁଥିବା ଆଇପିଏସି ଉପରେ ଗୁରୁବାର ଚଢ଼ାଉ କରିଥିଲା। ତେବେ ଟିଏମ୍‌ସି ସୁପ୍ରିମୋ ଉକ୍ତ ସଂସ୍ଥାର ମୁଖ୍ୟ ପ୍ରତୀକ ଜୈନଙ୍କ ଘରେ ଓ ଅଫିସରେ ପହଞ୍ଚି କେତେକ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ନେଇଯାଇଥିବା ଅଭିଯୋଗ ଆଣି ଇଡି କଲିକତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ମମତା ନିଜ ସାମ୍ବିଧାନିକ ପଦର ଦୁରୁପଯୋଗ କରି ଦୁର୍ନୀତିଗ୍ରସ୍ତଙ୍କ ବିରୋଧରେ ଚାଲିଥିବା ତଦନ୍ତରେ ବାଧା ଦେଉଥିବା ଇଡି ନିଜ ପିଟିଶନରେ ଦର୍ଶାଇଛି। ବେଆଇନ କୋଇଲା ଖଣି ଖନନ ମାମଲାରେ ମମତାଙ୍କ ସମ୍ପୃକ୍ତି ରହିଛି। ହାୱାଲା ଜରିଆରେ ଆସିଥିବା ଟଙ୍କାକୁ ଆଇ-ପିଏସି ଜରିଆରେ ଗୋଆ ବିଧାନସଭା ନିର୍ବାଚନରେ ଖର୍ଚ୍ଚ କରାଯାଇଥିଲା। ତେଣୁ ଏହି ହାଇପ୍ରୋଫାଇଲ ମାମଲାର ତଦନ୍ତ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଦ୍ୱାରା କରାଯିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଇଡି ଉକ୍ତ ରିଟ୍ ପିଟିଶନରେ ନିବେଦନ କରିଛି। ସେହିପରି ତଲାସି ବେଳେ ସେଠାରୁ ମମତା ନେଇଯାଇଥିବା ସମସ୍ତ ଡିଜିଟାଲ ଡିଭାଇସ, ଇଲେକ୍ଟ୍ରୋନିକ୍ ରେକର୍ଡ ଓ ଅନ୍ୟ ଦସ୍ତାବିଜଗୁଡ଼ିକୁ ତୁରନ୍ତ ହସ୍ତାନ୍ତର କରାଯାଉ ବୋଲି ମଧ୍ୟ ଏଜେନ୍ସି ଦାବି କରିଛି। ବିଚାରପତି କୋର୍ଟରୁମ୍‌ରେ ଅତ୍ୟଧିକ ଭିଡ଼ ହୋଇଥିବା ଦର୍ଶାଇ ଶୁଣାଣି ମଝିରୁ ଉଠିଚାଲିଯାଇଥିଲେ। ଆସନ୍ତା ସପ୍ତାହରେ ଏହା ଉପରେ ପୁଣି ଶୁଣାଣି ହୋଇପାରେ।

ଅନ୍ୟପକ୍ଷେ ହାଇକୋର୍ଟରେ ଶୁଣାଣି ଚାଲିଥିବାବେଳେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କୋଲକାତାର ଯାଦବପୁରରୁ ୧୦ କି.ମି. ଦୂର ହଜରା କ୍ରସିଂ ପର୍ଯ୍ୟନ୍ତ ଦଳୀୟ ନେତା ଓ କର୍ମୀଙ୍କ ସହ ବିଶାଳ ବିକ୍ଷୋଭ ଶୋଭାଯାତ୍ରା କରିଛନ୍ତି। ମମତା କହିଛନ୍ତି, ନିର୍ବାଚନରେ ଭାଜପା ସବୁ ପ୍ରକାର ଉପାୟ ଅବଲମ୍ବନ କରି ଜିତିବାକୁ ଚାହୁଁଛି। ଟିଏମ୍‌ସିର ନିର୍ବାଚନୀ ରଣନୀତି ଚୋରି କରି ଭାଜପାକୁ ସବୁ ଦସ୍ତାବିଜ ଦେବା ଇଡି ଚଢ଼ାଉ ପଛର ଉଦ୍ଦେଶ୍ୟ।

■ମମତାଙ୍କ ବିରୋଧରେ ସିବିଆଇ ତଦନ୍ତ ଦାବିକଲା ଇଡି

■ଶୁଣାଣି ମଝିରୁ ଉଠିଗଲେ ହାଇକୋର୍ଟ ବିଚାରପତି

■ଭାଜପାକୁ ଦେବା ପାଇଁ ଟିଏମ୍‌ସିର ନିର୍ବାଚନୀ ରଣନୀତି ଚୋରି କରିଛି ଇଡି: ମମତା

■ଶାହାଙ୍କ ଅଫିସ ସମ୍ମୁଖରୁ ଟିଏମ୍‌ସି ଏମ୍‌ପିଙ୍କୁ ଉଠାଇନେଲା ଦିଲ୍ଲୀ ପୋଲିସ

ସେ ମୁଖ୍ୟମନ୍ତ୍ରୀ ଭାବେ ନୁହେଁ, ବରଂ ଟିଏମ୍‌ସି ଅଧକ୍ଷା ଭୂମିକାରେ ଚଢ଼ାଉ ବେଳେ ହସ୍ତକ୍ଷେପ କରିଥିଲେ। ଏହା ଉପରେ ଭାଜପା ନେତା ରବିଶଙ୍କର ପ୍ରସାଦ କହିଛନ୍ତି, ମମତା ଦୁର୍ନୀତିରେ ବୁଡି ରହିଛନ୍ତି। ଇଡି ଅଫିସରଙ୍କୁ ଧମକ ଦେବା ନେଇ ତାଙ୍କୁ ଏହି ମାମଲାରେ ଅଭିଯୁକ୍ତ କରାଯିବା ଉଚିତ।

ମମତା କୋଲକାତାରେ ବିକ୍ଷୋଭ ଶୋଭାଯାତ୍ରା କରୁଥିବାବେଳେ ତାଙ୍କ ଦଳର ସାଂସଦମାନେ ଦିଲ୍ଲୀରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ଅଫିସ ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେହି ସମୟରେ ଟିଏମ୍‌ସି ଏମ୍‌ପି ଏବଂ ଦିଲ୍ଲୀ ପୋଲିସ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଟିଏମ୍‌ସି ଏମ୍‌ପି ଡେରେକ୍ ଓ'ବ୍ରାଏନ୍ ଏବଂ ମହୁଆ ମୋଇତ୍ରଙ୍କ ସମେତ ଅନ୍ୟ ସାଂସଦମାନେ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଥିବା କର୍ତ୍ତବ୍ୟ ଭବନକୁ ପ୍ରବେଶ ଉଦ୍ୟମ କରିଥିଲେ। ସେମାନେ ବିନା ଅନୁମତିରେ ବିକ୍ଷୋଭ କରୁଥିଲେ ଏବଂ ସୁରକ୍ଷା ଦୃଷ୍ଟିରୁ ସେମାନଙ୍କୁ ସେଠାରୁ ହଟାଇ ପାର୍ଲାମେଣ୍ଟ ଷ୍ଟ୍ରିଟ୍ ଥାନାକୁ ନିଆଯାଇଥିଲା। କିଛି ଘଣ୍ଟାର ଅଟକ ପରେ ଏମ୍‌ପିମାନଙ୍କୁ ପୋଲିସ ଛାଡ଼ି ଦେଇଥିଲା।




ଟିଏମ୍‌ସି ଏମ୍‌ପି ଡେରେକ୍ ଓ'ବ୍ରାଏନ୍‌ଙ୍କୁ ଦିଲ୍ଲୀ ପୋଲିସ ଉଠାଇ ନେଉଛି।

# ଏକାଠି ହେବେ ୨ ଏନ୍‌ସିପି

**ମୁମ୍ବାଇ,୯।୧**

ମହାରାଷ୍ଟ୍ର ପୌର ନିର୍ବାଚନ ପୂର୍ବରୁ ରାଷ୍ଟ୍ରୀୟ କଂଗ୍ରେସ ପାର୍ଟି (ଏନ୍‌ସିପି)ର ୨ ଗୋଷ୍ଠୀ ଏବେ ଏକାଠି ହୋଇଥିବା ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର ଶୁକ୍ରବାର କହିଛନ୍ତି। ଅଜିତ ଗୋଟିଏ ଗୋଷ୍ଠୀର ନେତୃତ୍ୱ ନେଉଥିବାବେଳେ ତାଙ୍କ ଦାଦା ଶରଦ ପାୱାରଙ୍କ ହାତରେ ଅନ୍ୟ ଗୋଷ୍ଠୀ ରହିଛି। ଏବେ ଏନ୍‌ସିପି(ଏସ୍‌ପି) ଏବଂ ଅଜିତ ଗୋଷ୍ଠୀ ଏକାଠି ହେବାକୁ ଚାହୁଁଥିବାରୁ ପାୱାର ଦାୟାଦଙ୍କ ମଧ୍ୟରେ ରହିଥିବା ଉତ୍ତେଜନାର ସମାଧାନ ହୋଇଥିବା ଅଜିତ କହିଛନ୍ତି।

ଶରଦ ପାୱାରଙ୍କ ଦ୍ୱାରା ପ୍ରତିଷ୍ଠିତ ଏନ୍‌ସିପିରୁ ଅଜିତ ପାୱାର ଓ ତାଙ୍କ ସମର୍ଥକମାନେ ୨୦୨୩ରେ ଅଲଗା ହୋଇ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ରେ ସାମିଲ ହୋଇଥିଲେ। ସଂଖ୍ୟାବଳ ଦୃଷ୍ଟିରୁ ଅଜିତଙ୍କ ନେତୃତ୍ୱାଧୀନ ଗୋଷ୍ଠୀକୁ ନିର୍ବାଚନ କମିଶନ ମୂଳ ଏନ୍‌ସିପି ମାନ୍ୟତା ଦେଇଥିଲେ। ରାଜନୀତିରେ କେହି ସ୍ଥିର ଶତ୍ରୁ ନୁହନ୍ତି ବୋଲି ଗୁରୁବାର ଅଜିତ ସ୍ଥାନୀୟ ଗଣମାଧ୍ୟମକୁ କହିଥିଲେ। ପୌର ନିର୍ବାଚନ ପରେ ପ୍ରତିଦ୍ୱନ୍ଦ୍ୱୀ ଏନ୍‌ସିପି ଗୋଷ୍ଠୀ ସ୍ଥାୟୀ ଭାବେ ଏକାଠି ହେବେ ବୋଲି ସେ ସଙ୍କେତ ଦେଇଥିଲେ। ସୂଚନାଯୋଗ୍ୟ, ଶିବସେନାରୁ ଓହରିଯାଇ ମହାରାଷ୍ଟ୍ର ନବନିର୍ମାଣ ସେନା ଗଠନ କରିଥିବା ରାଜ୍ ଠାକ୍‌ରେ ପୌର ନିର୍ବାଚନ ପୂର୍ବରୁ ଭାଇ ତଥା ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକ୍‌ରେଙ୍କ ସହ ହାତ ମିଳାଇଛନ୍ତି। ଉଭୟ ଦଳ ଏକାଠି ନିର୍ବାଚନ ଲଢ଼ିବାକୁ ଯାଉଛନ୍ତି।




# ୫ମ ତୈଳ ଟ୍ୟାଙ୍କରକୁ ଅଟକାଇଲା ଆମେରିକା

**ୱାଶିଂଟନ,୯।୧(ପି.ଟି.)**

କାରିବିଆନ୍ ସାଗରରେ ଆଉ ଏକ ତୈଳ ଟ୍ୟାଙ୍କରକୁ ଆମେରିକା ସୁରକ୍ଷା ବଳ ଅଟକାଇଛି। ଭେନେଜୁଏଲାକୁ ଯାତାୟାତ କରୁଥିବା ତୈଳ ଟ୍ୟାଙ୍କରଗୁଡ଼ିକୁ ଟ୍ରମ୍ପ୍ ପ୍ରଶାସନ ଟାର୍ଗେଟ କରିଆସୁଛି। ଆମେରିକା ନୌସେନା ଓ ତଟସୁରକ୍ଷା ବଳ ପକ୍ଷରୁ କାରିବିଆନ୍ ସାଗରରେ ମାସେ ହେଲା କାର୍ଯ୍ୟାନୁଷ୍ଠାନ ଜାରି ରହିଛି। ଏଠାରେ ଅପରାଧୀମାନଙ୍କ ପାଇଁ କୌଣସି ସ୍ଥାନ ନାହିଁ ବୋଲି ଆମେରିକା ସଦର୍ନ କମାଣ୍ଡ ପକ୍ଷରୁ ଘୋଷଣା କରାଯାଇଛି। ଓଲିନା ନାମକ ଜାହାଜକୁ ସେମାନେ ଜବତ କରିଥିବା ଘୋଷଣା କରିଛନ୍ତି। ଆମେରିକାର ଏକ ହେଲିକପ୍ଟର ଜାହାଜ ଉପରେ ଅବତରଣ କରୁଥିବାରୁ ଫଟୋ ସଦର୍ନ କମାଣ୍ଡ ପକ୍ଷରୁ ସୋସିଆଲ ମିଡିଆରେ ପୋଷ୍ଟ କରାଯାଇଛି। ଏହି ସମୟରେ ଆମେରିକା ସୈନ୍ୟମାନେ ଡେକ୍‌ରେ ତଲାସି ନେଉଥିବା ଦେଖାଯାଇଛି। ଆମେରିକା ସେନା ଦ୍ୱାରା ଜବତ ହେବାରେ ଓଲିନା ପଞ୍ଚମ ଟ୍ୟାଙ୍କର।

# ଇରାନରେ ବିକ୍ଷୋଭ, ଇଣ୍ଟରନେଟ୍ ବନ୍ଦ

**ଦୁବାଇ,୯।୧**

ଇରାନର ନିର୍ବାସିତ କ୍ରାଉନ୍ ପ୍ରିନ୍ସଙ୍କ ଡାକରାକ୍ରମେ ଶୁକ୍ରବାର ଦେଶବ୍ୟାପୀ ବିକ୍ଷୋଭକାରୀ ରାସ୍ତାକୁ ଓହ୍ଲାଇଛନ୍ତି। ସରକାର ଇଣ୍ଟରନେଟ୍ ଏବଂ ଅନ୍ତର୍ଜାତୀୟ ଟେଲିଫୋନ୍ କଲ୍ ବିଚ୍ଛିନ୍ନ କରିଦେଇଥିଲେ ମଧ୍ୟ ବିକ୍ଷୋଭ ଜାରି ରହିଛି। ଆକ୍ଟିଭିଷ୍ଟମାନଙ୍କ ଦ୍ୱାରା ଶେୟାର କରାଯାଇଥିବା ଶର୍ଟ ଅନ୍‌ଲାଇନ ଭିଡିଓଗୁଡ଼ିକରେ ବିକ୍ଷୋଭକାରୀ ଇରାନ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଉଥିବା ଦେଖାଯାଇଛି। ରାଜଧାନୀ ତେହରାନ ସମେତ ବିଭିନ୍ନ ସହରରେ ରାସ୍ତାଘାଟରେ ନିଆଁ ଜଳୁଛି। ଅନ୍ୟପକ୍ଷରେ ଆମେରିକା ଓ ଇସ୍ରାଏଲ୍‌ର ଆତଙ୍କବାଦୀ ଏଜେଣ୍ଟ ନିଆଁ ଲଗାଇବା ସହ ହିଂସାକୁ ଉସୁକାଉଥିବା ଇରାନ ସରକାରୀ ଗଣମାଧ୍ୟମ ଅଭିଯୋଗ କରିଛି। ଇରାନର ୮୬ ବର୍ଷୀୟ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲି ଖାମେନେଇ ଦେଇଥିବା ଏକ ସଂକ୍ଷିପ୍ତ ଭାଷଣ ସରକାରୀ ଟିଭିରେ ପ୍ରସାରିତ ହୋଇଛି। ବିକ୍ଷୋଭକାରୀଙ୍କ ବିରୋଧରେ ସରକାରଙ୍କ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ସେ ସଙ୍କେତ ଦେଇଛନ୍ତି। ବିକ୍ଷୋଭକାରୀ ଅନ୍ୟ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ଖୁସି କରାଇବାକୁ ଯାଇ ନିଜ ଦେଶର ରାସ୍ତାଘାଟକୁ ଧ୍ୱଂସ କରୁଛନ୍ତି। ଟ୍ରମ୍ପ୍‌ଙ୍କ ହାତ ରକ୍ତରଞ୍ଜିତ ବୋଲି ଖାମେନେଇ କହିଛନ୍ତି।

## ମୃତ୍ୟୁସଂଖ୍ୟା ୪୨

ଇରାନରେ ଅତ୍ୟଧିକ ମୁଦ୍ରାସ୍ଫୀତି ଏବଂ ଆର୍ଥିକ ସଙ୍କଟ ବିରୋଧରେ ଡିସେମ୍ବର ୨୮ରୁ ଲାଗି ରହିଥିବା ବିକ୍ଷୋଭ ଉଗ୍ରରୂପ ନେଇଛି। କ୍ରାଉନ୍ ପ୍ରିନ୍ସ ରେଜା ପହ୍ଲବୀଙ୍କ ଦ୍ୱାରା ଇରାନ ଜନସାଧାରଣ ପ୍ରଭାବିତ ହୋଇପାରୁଛନ୍ତି କି ନାହିଁ, ଏହି ବିକ୍ଷୋଭ ତାହାର ପ୍ରଥମ ପରୀକ୍ଷା। ରେଜାଙ୍କ ଅସୁସ୍ଥ ବାପା ୧୯୭୯ ଇସ୍‌ଲାମୀୟ ବିପ୍ଳବ ପୂର୍ବରୁ ଦେଶ ଛାଡ଼ି ପଳାଇଥିଲେ।

ପ୍ରାୟ ୨ ସପ୍ତାହ ହେଲା ଇରାନରେ ବିକ୍ଷୋଭ ଓ ହିଂସା ଲାଗିରହିଥିବାବେଳେ ଇତିମଧ୍ୟରେ ଅନ୍ୟୂନ ୪୨ ଜଣଙ୍କ ମୃତ୍ୟୁ ଘଟିଲାଣି। ୨,୨୭୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଅଟକ ରଖାଯାଇଥିବା ଆମେରିକାର ହ୍ୟୁମ୍ୟାନ୍ ରାଇଟ୍ସ ଆକ୍ଟିଭିଷ୍ଟସ୍ ନ୍ୟୁଜ୍ ଏଜେନ୍ସି ପକ୍ଷରୁ କୁହାଯାଇଛି। ବିକ୍ଷୋଭ ପାଇଁ କ୍ରାଉନ୍ ପ୍ରିନ୍ସ ଗୁରୁବାର ରାତିରେ ଡାକରା ଦେଇଥିଲେ। ଇରାନୀୟମାନେ ଏହାକୁ ଗୁରୁତର ସହ ନେଇ ଇସ୍‌ଲାମିକ୍ ରିପବ୍ଲିକ୍ ସରକାରଙ୍କୁ କ୍ଷମତାଚ୍ୟୁତ କରିବା ପାଇଁ ବହୁସଂଖ୍ୟାରେ ବିକ୍ଷୋଭରେ ସାମିଲ ହୋଇଛନ୍ତି। ଏହି ଖବର ଯେପରି ଦେଶ ବାହାରକୁ ନ ଯାଏ ସେଥିପାଇଁ ଇଣ୍ଟରନେଟ ସଂଯୋଗ ବିଚ୍ଛିନ୍ନ କରିଦିଆଯାଇଛି। ସୁରକ୍ଷା ବଳ ଦ୍ୱାରା ବିକ୍ଷୋଭକାରୀଙ୍କୁ ହତ୍ୟାକରିବା ପାଇଁ ଏଭଳି ପଦକ୍ଷେପ ନିଆଯାଇ ଥାଇପାରେ ବୋଲି କୁହାଯାଉଛି। ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କ ଭଳି ଇରାନ ସୁପ୍ରିମଲିଡରଙ୍କୁ ଆମେରିକା ଉଠାଇ ନେଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ତେବେ ସେ ସେଥିରୁ ବର୍ତ୍ତିବା ପାଇଁ ପଳାୟନର ସୁଯୋଗ ଖୋଜୁଛନ୍ତି ବୋଲି ଟ୍ରମ୍ପ୍ କହିଛନ୍ତି। ଖାମେନେଇ କହିଛନ୍ତି, ଟ୍ରମ୍ପ୍ ଅନେକ ହିଂସାରେ ଜଡ଼ିତ। ଇରାନର ଆଭ୍ୟନ୍ତରୀଣ ବ୍ୟାପାରରେ ଆମେରିକାର ହସ୍ତକ୍ଷେପ ବରଦାସ୍ତ କରାଯିବ ନାହିଁ।

# ନାଟୋ ସୀମାକୁ ଶତାଧିକ କ୍ଷେପଣାସ୍ତ୍ର ଛାଡ଼ିଲା ରୁଷିଆ

**ମସ୍କୋ/କିଭ୍,୯।୧**

ୟୁକ୍ରେନ୍ ଉପରେ ରୁଷିଆ ରାତିସାରା ଅନେକ ଶହ ମିଶାଇଲ ଛାଡ଼ିଛି। ଏହି ଆକ୍ରମଣରେ କିଭ୍‌ରେ ଅନ୍ୟୂନ ୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୫ ଆହତ ହୋଇଛନ୍ତି। ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଘର ଉପରେ ୟୁକ୍ରେନ୍ ପକ୍ଷରୁ କରାଯାଇଥିବା ଆକ୍ରମଣର ଜବାବରେ ଏହି ଟାର୍ଗେଟ କରାଯାଇଛି ବୋଲି ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ସୂତ୍ରରୁ ପ୍ରକାଶ। ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ୍ (ନାଟୋ) ସୀମା ସଂଲଗ୍ନ ଅଞ୍ଚଳରେ ରୁଷିଆ ପକ୍ଷରୁ ଓରେଶ୍‌ନିକ ହାଇପରସୋନିକ୍ ମିଶାଇଲ ମାଡ଼ କରାଯାଇଥିବା ୟୁକ୍ରେନ୍ ବହିର୍ବ୍ୟାପାର ମନ୍ତ୍ରୀ ଆଣ୍ଡ୍ରି ସିବିହା କହିଛନ୍ତି। ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି, ଓରେଶ୍‌ନିକ୍ ମିଶାଇଲ ଆକ୍ରମଣରେ ୧୩ ଦୂରଗାମୀ କ୍ଷେପଣାସ୍ତ୍ର, ୨୨ କ୍ରୁଜ୍ ମିଶାଇଲ ଓ ୨୪୨ ଡ୍ରୋନ୍ ନିୟୋଜିତ ଥିଲା।

# ଶୂନ ଡିଗ୍ରୀ ତଳେ କଶ୍ମୀର

**ଶ୍ରୀନଗର,୯।୧**

ସମଗ୍ର କଶ୍ମୀର ଉପତ୍ୟକାର ତାପମାତ୍ରା ଶୂନ ଡିଗ୍ରୀରୁ ବହୁ ତଳକୁ ଖସିଯାଇଛି। ଶ୍ରୀନଗରରେ ଗୁରୁବାର ସବୁଠୁ ଶୀତ ରାତି ଅନୁଭୂତ ହୋଇଛି। ଡାଲ୍ ହ୍ରଦର କେତେକ ଭାଗ ବରଫ ପାଲଟିଯାଇଛି। ଗୁରୁବାର ରାତିରେ ଶ୍ରୀନଗରରେ ବିଯୁକ୍ତ ୬.୦ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ପୂର୍ବ ରାତିରେ ତାପମାତ୍ରା ବିଯୁକ୍ତ ୫.୧ ଡିଗ୍ରୀ ସେଲ୍‌ସିୟସ୍ ଥିଲା ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଶୀତ ଋତୁରେ ସେଠାର ସ୍ୱାଭାବିକ ତାପମାତ୍ରାଠାରୁ ପାରଦ ୪.୧ ଡିଗ୍ରୀ ତଳକୁ ଖସିଛି। ହାଡ଼ଥରା ଶୀତ ଯୋଗୁ ଡାଲ୍ ହ୍ରଦର ଆଭ୍ୟନ୍ତରୀଣ ଅଂଶ ସମେତ ବହୁ ଜଳାଶୟ ବରଫ ପାଲଟିଯାଇଛି। ଦକ୍ଷିଣ କଶ୍ମୀରର ପହଲଗାମ୍ ଟୁରିଷ୍ଟ ରିସର୍ଟ ଜମ୍ମୁ-କଶ୍ମୀରର ସବୁଠୁ ଥଣ୍ଡା ସ୍ଥାନ ଯେଉଁଠି ସର୍ବନିମ୍ନ ତାପମାତ୍ରା ବିଯୁକ୍ତ ୭.୬ ଡିଗ୍ରୀ ରହିଛି। ଉତ୍ତର କଶ୍ମୀରର ବାରମୂଲ୍ଲା ଜିଲାରେ ଥିବା ଗୁଲ୍‌ମାର୍ଗସ୍ଥିତ ସ୍କାଇ ରିସର୍ଟରେ ରାତି ତାପମାତ୍ରା ବିଯୁକ୍ତ ୭.୨ ଡିଗ୍ରୀ ସେଲ୍‌ସିୟସ୍ ଅନୁଭୂତ ହୋଇଛି। ସେହିପରି କେନ୍ଦ୍ରୀୟ କଶ୍ମୀରର ଗଣ୍ଡେରବାଲ୍ ଜିଲା ଅନ୍ତର୍ଗତ ସୋନାମାର୍ଗ ଟୁରିଷ୍ଟ ରିସର୍ଟରେ ତାପମାତ୍ରା ବିଯୁକ୍ତ ୫.୪ ଡିଗ୍ରୀ ଓ କାଜିଗୁଣ୍ଡରେ ବିଯୁକ୍ତ ୬.୨ ଡିଗ୍ରୀ ରହିଛି। ଉପତ୍ୟକାର ସମତଳ ଅଞ୍ଚଳରେ ତୁଷାରପାତ ହୋଇଛି। ୨୧ ତାରିଖ ଯାଏ ପାଗ ଶୁଖିଲା କିନ୍ତୁ ମେଘୁଆ ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।



# ଓସ୍କାର ଦୌଡ଼ରେ କାନ୍ତାରା, ତନ୍ୱି ଦି ଗ୍ରେଟ୍

**ଲସ୍ ଏଞ୍ଜେଲ୍ସ,୯।୧**

ଚଳିତ ବର୍ଷର ଓସ୍କାର ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର ପାଇଁ ପ୍ରତିଯୋଗିତାରେ ସାମିଲ ହେବାକୁ ଯୋଗ୍ୟତା ଅର୍ଜନ କରିଥିବା ୨୦୧ଟି ଫିଚର ଫିଲ୍ମ ମଧ୍ୟରେ କନ୍ନଡ ଚଳଚ୍ଚିତ୍ର 'କାନ୍ତାରା: ଏ ଲିଜେଣ୍ଡ- ଚାପ୍ଟର ୧' ଏବଂ ହିନ୍ଦୀ ଚଳଚ୍ଚିତ୍ର 'ତନ୍ୱି ଦି ଗ୍ରେଟ୍' ରହିଛି। ଦି ଏକାଡେମୀ ଅଫ୍ ମୋଶନ ପିକ୍ସର ଆର୍ଟ୍ସ ଆଣ୍ଡ ସାଇନ୍ସ ପକ୍ଷରୁ ଏହା ଘୋଷଣା କରାଯାଇଛି। ୯୮ତମ ଏକାଡେମୀ ପୁରସ୍କାର ପାଇଁ ଯୋଗ୍ୟ ଚଳଚ୍ଚିତ୍ରଗୁଡ଼ିକର ତାଲିକା ଗୁରୁବାର ପ୍ରକାଶ ପାଇଥିଲା। ଆସନ୍ତା ୨୨ରେ ନାମାଙ୍କନ ଘୋଷଣା ହେବ। ୯୮ତମ ଏକାଡେମୀ ପୁରସ୍କାର ପାଇଁ ମୋଟ ୩୧୭ ଫିଚର ଫିଲ୍ମ ଯୋଗ୍ୟ ବିବେଚିତ ହୋଇଥିବାବେଳେ ସେଥିରୁ ୨୦୧ଟି ଚଳଚ୍ଚିତ୍ର ଶ୍ରେଷ୍ଠ ଚଳଚ୍ଚିତ୍ର ବର୍ଗରେ ଅତିରିକ୍ତ ଯୋଗ୍ୟତା ମାନଦଣ୍ଡ ପୂରଣ କରିଛନ୍ତି। ଅନୁପମ୍ ଖେର୍‌ଙ୍କ ନିର୍ଦ୍ଦେଶିତ ବହୁଭାଷୀ ଆନିମେଟେଡ୍ ଚଳଚ୍ଚିତ୍ର 'ମହାବତାର ନରସିଂହା' ଏବଂ ପ୍ରଥମ ଥର ଫିଲ୍ମ ନିର୍ମାତା ହୋଇଥିବା ଅବିଶାନ ଜୀବିନ୍ଥଙ୍କ ତାମିଲ ଟାଇଟଲ୍ 'ଟୁରିଷ୍ଟ ଫାମିଲି' ଏବଂ ରାଧିକା ଆପ୍‌ଟେ ଅଭିନୀତ 'ସିଷ୍ଟର ମିଡ୍‌ନାଇଟ୍' ଶ୍ରେଷ୍ଠ ଚଳଚ୍ଚିତ୍ର ପ୍ରତିଯୋଗିତାରେ ଭାଗ ନେବା ପାଇଁ ଯୋଗ୍ୟତା ଅର୍ଜନ କରିଛି।






4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ